ଧରିତ୍ରୀ
DHARITRI
୪୭
ବାଲେଶ୍ୱର, ଗୁରୁବାର, ନଭେମ୍ବର ୨୬/୨୦୨୦ (୧୬ ପୃଷ୍ଠା) | Balasore, Thursday, November 26/2020 | ★★★★
୪୭ଶ ଭାଗ ୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



## ନୂଆ ରୋଷେଇ ଶିଖୁଛନ୍ତି ସୋନାକ୍ଷୀ

କରୋନା କଟକଣା ଯୋଗୁ ସେ ସାଇନ୍ କରିଥିବା ଫିଲ୍ମର ସୁଟିଂ ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ । ସେଥିପାଇଁ ସୋନାକ୍ଷୀ ସିହ୍ନା ମମିଙ୍କଠାରୁ ନୂଆ ନୂଆ ରୋଷେଇ ଶିଖୁଛନ୍ତି । ୧୦

୧୬

## ବାର୍କଲେ ଆଇସିସିର ନୂଆ ଅଧ୍ୟକ୍ଷ

ନ୍ୟୁଜିଲାଣ୍ଡ କ୍ରିକେଟ ମୁଖ୍ୟ ଗ୍ରେଗ୍ ବାର୍କଲେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)ର ନୂଆ ସ୍ୱତନ୍ତ୍ର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ।





# ନ୍ୟୁଜିଲାଣ୍ଡ ଉପକୂଳରେ ୧୦୦ ତିମି ମୃତ

**ୱେଲିଂଟନ, ୨୫।୧୧**

ନ୍ୟୁଜିଲାଣ୍ଡ ପୂର୍ବ ଉପକୂଳଠାରୁ ପାଖାପାଖି ୮୦୦ କିଲୋମିଟର ଦୂର ଚାଥମ୍ ଆଇଲାଣ୍ଡରେ ପ୍ରାୟ ୧୦୦ ତିମି ଓ ୩ଟି ଡଲ୍ଫିନଙ୍କ ମୃତ୍ୟୁ ଘଟିଛି । ସେଠାରେ ୨୬ଟି ତିମି ବଞ୍ଚିଥିବାବେଳେ ସେଥିରୁ ଅଧିକାଂଶ ଦୁର୍ବଳ ହୋଇପଡ଼ିଥିବା ନ୍ୟୁଜିଲାଣ୍ଡ ସଂରକ୍ଷଣ ବିଭାଗ ପକ୍ଷରୁ କୁହାଯାଇଛି । ଚାଥମ୍ ଦ୍ୱୀପରେ ତିମିମାନଙ୍କର ମାସ୍ ଷ୍ଟ୍ରାଣ୍ଡିଂ ବା ବହୁସଂଖ୍ୟାରେ ଅଟକି ରହିବା ନୂଆ କଥା ନୁହେଁ । ସେମାନେ ସମୁଦ୍ର ଲହଡ଼ିରେ ଚାଲିଆସି ଉପକୂଳର କମ୍ ପାଣି ଥିବା ଅଞ୍ଚଳରେ ଅଟକି ଯାଇଥାନ୍ତି । ୧୯୧୮ରେ ଏହି କାରଣରୁ ହଜାରେ ତିମି ମରିଥିଲେ । କ'ଣ ପାଇଁ ତିମିଗୁଡ଼ିକ ଏତେ ସଂଖ୍ୟାରେ ଏକାଠି ହୁଅନ୍ତି, ତାହା ଏପର୍ଯ୍ୟନ୍ତ ରହସ୍ୟାବୃତ ହୋଇରହିଛି । ଗତ ସେପ୍ଟେମ୍ବରରେ ଅଷ୍ଟ୍ରେଲିଆ ଉପକୂଳର ଅଗଭୀର ଅଞ୍ଚଳକୁ ଚାଲିଆସି ଅନେକ ତିମି ମରିଥିଲେ ।

# ଅନ୍ତର୍ଜାତୀୟ ବିମାନ ସେବାକୁ ଅନୁମତି

**ନୂଆଦିଲ୍ଲୀ, ୨୫।୧୧ (ପି.ଟି.)**

**ଡିସେମ୍ବର ପାଇଁ କେନ୍ଦ୍ରର ନୂଆ ଗାଇଡ୍‌ଲାଇନ**
- ରାଜ୍ୟ ଚାହିଁଲେ ନାଇଟ୍ କର୍ଫ୍ୟୁ
- ଲକ୍‌ଡାଉନ୍‌କୁ ନା
- ୫୦ ପ୍ରତିଶତ ଦର୍ଶକରେ ଚାଲିବ ସିନେମା ହଲ୍
- ସୁଇମିଂ ପୁଲ୍‌ରେ କେବଳ ପ୍ରଶିକ୍ଷଣ ଓ କ୍ରୀଡ଼ାବିତ୍‌ଙ୍କୁ ଅନୁମତି

ଭାରତରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୨ ଲକ୍ଷ ଅତିକ୍ରମ କରିଥିବାବେଳେ କେତେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଆରମ୍ଭ ହୋଇଯାଇଛି । ସଂକ୍ରମଣ ବଢୁଥିବାରୁ କେନ୍ଦ୍ର ସରକାର ଡିସେମ୍ବର ପାଇଁ ନୂଆ ଗାଇଡ୍‌ଲାଇନ ଜାରି କରିଛନ୍ତି । ଏହା ଡିସେମ୍ବର ୧ରୁ ଲାଗୁ ହେବାକୁ ଯାଉଛି । ନୂଆ ଗାଇଡ୍‌ଲାଇନ ଅନୁଯାୟୀ କରୋନା ସଂକ୍ରମଣ ରୋକିବା ଲାଗି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ନାଇଟ୍ କର୍ଫ୍ୟୁ ଲାଗୁ କରିପାରିବେ । ତେବେ କଣ୍ଟେନମେଣ୍ଟ ଜୋନ୍ (ଆବଦ୍ଧାଞ୍ଚଳ) ବାହାରେ ଲକ୍‌ଡାଉନ ଘୋଷଣା ପାଇଁ କେନ୍ଦ୍ର ସରକାରଙ୍କ ସହ ପରାମର୍ଶ କରିବାକୁ ପଡ଼ିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବୁଧବାର କୁହାଯାଇଛି । ଅନ୍ୟପକ୍ଷରେ ଅନ୍ତର୍ଜାତୀୟ ବିମାନସେବାକୁ ଅନୁମତି ଦିଆଯାଇଛି । ମହାମାରୀ ଯୋଗୁ ମାର୍ଚ୍ଚ ୨୨ରୁ ଦେଶରେ ଅନ୍ତର୍ଜାତୀୟ ବିମାନସେବା ବନ୍ଦ ରହିଥିଲା ।

ଉତ୍ସବ ଋତୁ ଚାଲିଥିବାବେଳେ ଶୀତଦିନ ଆସିଯାଇଛି । କରୋନା ସଂକ୍ରମଣ ବଢ଼ିବା ଆଶଙ୍କା ଥିବାରୁ ଅଧିକ ସତର୍କ ରହିବା ଜରୁରୀ ହୋଇପଡ଼ିଛି । ମହାମାରୀରୁ ସମ୍ପୂର୍ଣ୍ଣ ବର୍ତ୍ତିବା ଲାଗି ଆବଦ୍ଧାଞ୍ଚଳ ପାଇଁ କଟକଣା କଡ଼ାକଡ଼ି କରାଯାଇଛି । ସଂକ୍ରମଣ ବଢୁଥିବା ଅଞ୍ଚଳରେ ପର୍ଯ୍ୟବେକ୍ଷଣ ଓ ଅଧିକ ପରୀକ୍ଷା ଉପରେ ଗୁରୁତ୍ୱ ଦିଆଯିବା ସହ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଆବଦ୍ଧାଞ୍ଚଳ ପାଇଁ ଜାରି ଗାଇଡ୍‌ଲାଇନ ଓ ଏସ୍‌ଓପିକୁ କଡ଼ାକଡ଼ି ପାଳନ କରିବାକୁ ହେବ । ସେହି ଅନୁଯାୟୀ ରାଜ୍ୟଗୁଡ଼ିକ ସ୍ଥିତିକୁ ଦେଖି ରାତ୍ରକାଳୀନ କର୍ଫ୍ୟୁ ଓ ଅନ୍ୟାନ୍ୟ କଟକଣା ଲଗାଇପାରିବେ । ସୂଚନାଯୋଗ୍ୟ, ଅଧିକ ସଂକ୍ରମିତ ରାଜ୍ୟ ଭାବେ ରାଜସ୍ଥାନ ସବୁ ଜିଲାରେ ୧୪୪ ଧାରା ଜାରି କରିବା ସହ କେତେକ ସହରରେ ନାଇଟ୍ କର୍ଫ୍ୟୁ ଲାଗୁ କରିଛି । ସେହିପରି ଗୁଜରାଟ ସରକାର ରାଜକୋଟ, ସୁରଟ ଓ ଭଦୋଦରାରେ ରାତ୍ରକାଳୀନ କର୍ଫ୍ୟୁ ଜାରି କରିଛନ୍ତି ।

ଗାଇଡ୍‌ଲାଇନ ଅନୁଯାୟୀ, ଆବଦ୍ଧାଞ୍ଚଳରେ କେବଳ ଜରୁରୀ କାର୍ଯ୍ୟ ପାଇଁ ଅନୁମତି ମିଳିବ । ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ ଜୋର୍‌ଦାର କରାଯିବ । ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବା ବ୍ୟତୀତ ଅନ୍ୟ କୌଣସି ଗାଡ଼ିକୁ ଉକ୍ତ ଅଞ୍ଚଳକୁ ଯିବାକୁ ଦିଆଯିବ ନାହିଁ । କରୋନା ରୋଗୀ ଘରେ କିମ୍ବା କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେବେ । ତେବେ କଣ୍ଟେନ୍‌ମେଣ୍ଟ ଜୋନ୍ ବାହାରେ ଅନ୍ୟ ସମସ୍ତ ଅଣଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ ଅନୁମତି ଦିଆଯାଇଛି । ସେହିକ୍ରମରେ ଅନ୍ତର୍ଜାତୀୟ ବିମାନସେବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅନୁମତି ଦେଇଛି । ସିନେମା ହଲ୍ ଓ ଥିଏଟର ୫୦ ପ୍ରତିଶତ ଲୋକଙ୍କୁ ନେଇ ଚାଲିପାରିବ । ସୁଇମିଂ ପୁଲ୍ କେବଳ ତାଲିମ ଓ କ୍ରୀଡ଼ାବିତ୍‌ଙ୍କ ଲାଗି ଖୋଲିବ । ସେହିପରି ପ୍ରଦର୍ଶନୀ ହଲ୍ କେବଳ ବ୍ୟବସାୟ ଉଦ୍ଦେଶ୍ୟରେ ଖୋଲାଯାଇପାରିବ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି । ସାମାଜିକ, ଧାର୍ମିକ, କ୍ରୀଡ଼ା, ଆମୋଦପ୍ରମୋଦ, ଶିକ୍ଷା ଭିତ୍ତିକ ତଥା ସାଂସ୍କୃତିକ ସମାବେଶ ଲାଗି ହଲ୍ ସାମର୍ଥ୍ୟର ସର୍ବାଧିକ ୫୦ ପ୍ରତିଶତ ଦର୍ଶକଙ୍କୁ ଅନୁମତି ମିଳିବ । ଆବଦ୍ଧ ସ୍ଥାନରେ ୨୦୦ରୁ ଅଧିକ ଲୋକଙ୍କୁ ଅନୁମତି ଦିଆଯିବ ନାହିଁ । ରାଜ୍ୟ ସରକାର ଚାହିଁଲେ ଏହି ସଂଖ୍ୟାକୁ କମାଇପାରିବେ । ମଧ୍ୟପ୍ରଦେଶ ଓ ହିମାଚଳପ୍ରଦେଶ ☞ପୃଷ୍ଠା-୪

# ଆଜି ଦେଶବ୍ୟାପୀ ଧର୍ମଘଟ

- କେନ୍ଦ୍ରର ଶ୍ରମିକ, ଚାଷୀମାରଣ ନୀତିକୁ ବିରୋଧ
- କଂଗ୍ରେସର ସମର୍ଥନ

**ଭୁବନେଶ୍ୱର, ୨୫।୧୧ (ବ୍ୟୁରୋ)**

କେନ୍ଦ୍ରର ଭାଜପା ସରକାର ଶ୍ରମିକମାନଙ୍କ ସ୍ୱାର୍ଥକୁ ଅଣଦେଖା କରି ପାର୍ଲାମେଣ୍ଟରେ ଆଣିଥିବା ଶ୍ରମିକକୋଡ୍‌କୁ ବାତିଲ, କୃଷକ ବିରୋଧୀ ଆଇନ ଏବଂ ରାଷ୍ଟ୍ରୀୟ ସମ୍ପତ୍ତିକୁ ଘରୋଇକରଣ କରିବା ବିରୋଧରେ ଗୁରୁବାର ୬ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ଯଥା ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚ୍‌ଏମ୍‌ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ ଆଦି ଧର୍ମଘଟ ଡାକରା ଦେଇଛନ୍ତି । ଏଥିସହିତ ଏହି ଧର୍ମଘଟରେ ଏଆଇଏଫ୍, ଟିୟୁସିସି, ବ୍ୟାଙ୍କ, ବୀମା, ରାଜ୍ୟ ସରକାରୀ କର୍ମଚାରୀ, କେନ୍ଦ୍ର କୋଇଲା, ପ୍ରତିରକ୍ଷା ଆଦି ସଂସ୍ଥାର ସଂଗଠନଗୁଡ଼ିକ ସାମିଲ ହୋଇଛନ୍ତି । ସଂଗଠନର ନେତାମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଅଫିସ ଆଗରେ ପିକେଟିଂ କରିବା ସହ ଶୋଭାଯାତ୍ରାରେ ବିରୋଧ ପ୍ରଦର୍ଶନ କରିବେ । ଆୟକର ଦେଉ ନ ଥିବା ପ୍ରତ୍ୟେକ ପରିବାରକୁ ମାସିକ ୭୫୦୦ ଟଙ୍କା, ୬ ମାସ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ଆଣ୍ଟିଅକ୍ସିଡାଣ୍ଟର ଭୂମିକା

# ଆଖିବୁଜିଲା କାଳିଆ

- ଦିଲ୍ଲୀ ଏମ୍ସରେ ଯୋଡ଼ାମୁଣ୍ଡ ଅସ୍ତ୍ରୋପଚାର ପରେ ଏସ୍‌ସିବିରେ ଚାଲିଥିଲା ଚିକିତ୍ସା
- ସେପ୍ଟିସେମିଆରେ ପୀଡ଼ିତ ଥିଲା

**ଭୁବନେଶ୍ୱର (ବ୍ୟୁରୋ)/ କଟକ ଅଫିସ୍ ୨୫।୧୧**



ମା'ଙ୍କ କୋଳରେ କାଳିଆ (ଫାଇଲ୍ ଫଟୋ)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ମିଲୁପଡ଼ା ଗ୍ରାମର ଯୋଡ଼ାମୁଣ୍ଡ ଶିଶୁ କାଳିଆର ବୁଧବାର ମୃତ୍ୟୁ ଘଟିଛି । କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ ଓ କଲେଜରେ ଚିକିତ୍ସାଧୀନ ଥିବା କାଳିଆର ଗତ ଦୁଇଦିନ ହେବ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଯିବାରୁ ତାକୁ ଭେଣ୍ଟିଲେଟରରେ ଭର୍ତ୍ତି କରାଯାଇଥିଲା । ତା'ର ହାତ, ଗୋଡ଼ ସବୁ ଫୁଲିଯିବା ସହିତ ନିଃଶ୍ୱାସ ପ୍ରଶ୍ୱାସ ଠିକ୍‌ରେ ହେଉ ନ ଥିଲା । ବୁଧବାର ସନ୍ଧ୍ୟାରେ ଅବସ୍ଥା ସଙ୍କଟାପନ୍ନ ହୋଇଯାଇଥିଲା । ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାର ଚିକିତ୍ସା ପାଇଁ ସ୍ୱତନ୍ତ୍ର ବିଶେଷଜ୍ଞ ଡାକ୍ତରୀଦଳ ଗଠନ କରାଯାଇଥିଲା । କିନ୍ତୁ କୌଣସି ଫଳ ମିଳି ନ ଥିଲା । ରାତି ୯ଟା ୧୦ମିନିଟ୍‌ରେ ତା'ର ମୃତ୍ୟୁ ହୋଇଥିଲା । କାଳିଆର ସେପ୍ଟିସେମିଆରେ ମୃତ୍ୟୁ ହୋଇଥିବା କଟକ ଏସ୍‌ସିବିର ଜରୁରିକାଳୀନ ଅଧିକାରୀ ଭୁବନାନନ୍ଦ ମହାରଣା ସୂଚନା ଦେଇଛନ୍ତି ।

କାଳିଆର ମୃତ୍ୟୁ ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ପ୍ରତିକ୍ରିୟା ରଖି କହିଛନ୍ତି, କାଳିଆ ମୃତ୍ୟୁ ଏକ ଦୁଃଖଦ ଘଟଣା । ସବୁ ପ୍ରକାର ଉଦ୍ୟମ ସତ୍ତ୍ୱେ ତାକୁ ବଞ୍ଚାଇ ରଖି ହେଲା ନାହିଁ । ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ମହାପାତ୍ର କହିଛନ୍ତି । ସୂଚନାଯୋଗ୍ୟ, କନ୍ଧମାଳ ଜିଲାର ଫିରିଙ୍ଗିଆ ବ୍ଲକ୍‌ର ଭୂୟାଁ କହଁର ଓ ପୁଷ୍ପାଞ୍ଜଳିଙ୍କ ଏହି ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆ । ଦୁହିଁଙ୍କ ମୁଣ୍ଡ ଜନ୍ମରୁ ଯୋଡ଼ି ହୋଇ ରହିଥିଲା । ରାଜ୍ୟ ସରକାରଙ୍କ ଉଦ୍ୟମରେ ☞ପୃଷ୍ଠା-୪

# ପରୀ ହତ୍ୟା ଘଟଣାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ

**ଭୁବନେଶ୍ୱର, ୨୫।୧୧ (ବ୍ୟୁରୋ)**

**ବିଧାନସଭାରେ ଉତ୍ତର ରଖିଲେ ଗୃହ ରାଷ୍ଟ୍ରମନ୍ତ୍ରୀ**
- ୪ ଅଭିଯୁକ୍ତଙ୍କ ପଲିଗ୍ରାଫ୍ ଟେଷ୍ଟ ହୋଇଛି
- ୩୪ ଜଣଙ୍କୁ ପଚରାଉଚରା କରାଯାଇଛି
- ଶବ ନଷ୍ଟ ହୋଇଯାଇଥିବାରୁ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ

ନୟାଗଡ଼ ଜିଲା ଯଦୁପୁର ଗ୍ରାମର ଅଶୋକ ସାହୁ ଏବଂ ସୌଦାମିନୀ ସାହୁଙ୍କ ୫ ବର୍ଷର ଝିଅ ପରୀ ହତ୍ୟା ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରିବ । ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର । ପରୀକୁ ନ୍ୟାୟ ମିଳୁ ନ ଥିବା ଅଭିଯୋଗରେ ମାତାପିତା ମଙ୍ଗଳବାର ବିଧାନସଭା ସମ୍ମୁଖରେ କିରୋସିନ ଢାଳି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ । ବିଧାନସଭା ସୁରକ୍ଷାକର୍ମୀ ଦମ୍ପତିଙ୍କୁ କାବୁକରି ପୋଲିସ ହେପାଜତକୁ ନେଇଥିଲେ । ଏହି ଘଟଣାକୁ ନେଇ ବିରୋଧୀ ଦଳ ସଦସ୍ୟମାନେ ବିଧାନସଭାରେ ହୋହଲ୍ଲା କରିଥିଲେ । ଏହି ଘଟଣା ଉପରେ ରୁଲିଂ ଦେବା ସହ ବିଧାନସଭାରେ ସରକାର ଉତ୍ତର ରଖିବାକୁ ଦାବି କରିଥିଲେ । ବିରୋଧୀଙ୍କ ହଟ୍ଟଗୋଳକୁ ଦେଖି ବାଚସ୍ପତି ଉକ୍ତ ଘଟଣା ଉପରେ ବିବୃତି ରଖିବାକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରାଷ୍ଟ୍ରମନ୍ତ୍ରୀ ବୁଧବାର ଅପରାହ୍ନରେ ନୟାଗଡ଼ ପରୀ ହତ୍ୟାକାଣ୍ଡ ଉପରେ ବିବୃତି ଦେଇ କହିଛନ୍ତି ଯେ, ଏଜି ଛକରୁ ସଚିବାଳୟ ମାର୍ଗ ଏକ ସାର୍ବଜନୀନ ରାସ୍ତା । ବିଧାନସଭାର ସୁରକ୍ଷା ପାଇଁ ସବୁ ପ୍ରସ୍ତୁତି ସହିତ ସୁରକ୍ଷାବଳୟର ପରିଦର୍ଶନ କରାଯାଇଛି । ନଭେମ୍ବର ୨୪ରେ ଯଦୁପୁର ଗ୍ରାମର ଅଶୋକ କୁମାର ସାହୁ ଏବଂ ତାଙ୍କ ସ୍ତ୍ରୀ ସୌଦାମିନୀ ସାହୁ ପୂର୍ବାହ୍ନ ୧୦ଟା ୪୫ ମିନିଟ୍‌ରେ ସଚିବାଳୟ ରାସ୍ତାର ବିଧାନସଭା ଅଭ୍ୟର୍ଥନା କକ୍ଷ ସମ୍ମୁଖରେ ଚାଦର ଘୋଡେଇ ହୋଇ ଆସି ସାଙ୍ଗରେ ବୋତଲରେ ଆଣିଥିବା ☞ପୃଷ୍ଠା-୪

# ମାଟ୍ରିକ, ଯୁକ୍ତ ୨ ପରୀକ୍ଷା: ଗାଇଡ୍‌ଲାଇନ୍ ଜଣାଅ

**ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର, ୨୫।୧୧ (ବ୍ୟୁରୋ)**

କୋଭିଡ୍-୧୯ ଯୋଗୁ ଗତ ୮ ମାସ ହେବ ରାଜ୍ୟରେ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି । ପାଠପଢ଼ା ବ୍ୟାହତ ହୋଇଛି । ପାଠପଢ଼ା ସହିତ ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷା କେବେ ହେବ ସେ ନେଇ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି । ୨୦୨୦-୨୧ ଶିକ୍ଷାବର୍ଷରେ ମାଟ୍ରିକ ଏବଂ ଯୁକ୍ତ ୨ ପରୀକ୍ଷା ସକାଶେ ସମୟ ନିର୍ଘଣ୍ଟ କରିବା ସହ ଏ ବାବଦରେ ଗାଇଡ ଲାଇନ ଜାରି କରିବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି । ଏ ନେଇ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି । ☞ପୃଷ୍ଠା-୪




# ୨୫ ବର୍ଷ ପଛକୁ ଘୁଞ୍ଚିବ ବୟସ



**ଅକ୍ସିଜେନ ବ୍ୟୁଟି ଟ୍ରିଟ୍‌ମେଣ୍ଟର ସଫଳତା ଦାବି କଲେ ଇସ୍ରାଏଲ୍ ବୈଜ୍ଞାନିକ**

ଗଡ଼ିଗଲା ସମୟ କେବେ ଫେରେନାହିଁ କି ଢଳିଯାଇଥିବା ବୟସ ପଛକୁ ଘୁଞ୍ଚେନାହିଁ କିନ୍ତୁ ଏହି ଅସମ୍ଭବକୁ ସମ୍ଭବ କରିଦେଖାଇଛନ୍ତି ଇସ୍ରାଏଲ୍‌ର ବୈଜ୍ଞାନିକମାନେ । ସେମାନେ ଏପରି ଏକ ଚମତ୍କାରୀ ଉପାୟ ବାହାର କରିଛନ୍ତି, ଯାହାକୁ ଆପଣାଇବା ଦ୍ୱାରା ଜଣେ ବ୍ୟକ୍ତି ୨୫ ବର୍ଷ ପଛକୁ ଫେରିପାରିବେ । ତେଲ ଆଭିଭ୍ ୟୁନିଭର୍ସିଟି ଓ ଶାମିର ମେଡିକାଲ୍ ସେଣ୍ଟର ପକ୍ଷରୁ ମିଳିତ ଭାବେ କରାଯାଇଥିବା ଗବେଷଣାରୁ ଏହି ସଫଳତା ମିଳିଥିବା ବୈଜ୍ଞାନିକମାନେ ଦାବି କରିଛନ୍ତି । ହାଇପର୍‌ବରିକ୍ ଅକ୍ସିଜେନ୍ ଟ୍ରିଟମେଣ୍ଟ (ଏଚ୍‌ବିଓଟି) ଜରିଆରେ ବାର୍ଦ୍ଧକ୍ୟ ରୋକାଯିବା ସହ ରୋଗ ମଧ୍ୟ ନିୟନ୍ତ୍ରଣ କରାଯାଇପାରୁଛି ବୋଲି ଗବେଷକମାନେ କହିଛନ୍ତି । ଏହି ଉଦ୍ଭାବନ ବିଶ୍ୱର ଯୁବ ବୈଜ୍ଞାନିକଙ୍କୁ ଅଧିକ ଗବେଷଣା ପାଇଁ ଖୋରାକ୍ ଯୋଗାଇଥିବାବେଳେ ବୟସାଧିକ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ମନରେ ନୂଆ ଆଶାର କିରଣ ଜଗାଇଛି ।

**ଜେରୁଜେଲମ୍, ୨୫।୧୧**

ଯାହା କେହି କରିପାରି ନ ଥିଲେ ଇସ୍ରାଏଲ୍‌ର ବୈଜ୍ଞାନିକମାନେ ତାହା କରିଦେଖାଇଛନ୍ତି । ସେମାନେ ବୟସକୁ ପଛକୁ ୨୫ ବର୍ଷ ପର୍ଯ୍ୟନ୍ତ ଘୁଞ୍ଚାଇବାର ଉପାୟ ବାହାର କରିଛନ୍ତି । ଗବେଷଣା ବେଳେ ଏକ ଚାମ୍ବରରେ ଉଚ୍ଚ ଚାପରେ ଅମ୍ଳଜାନ ପ୍ରୟୋଗ କରାଯାଇଥିଲା । ଏପରି କରିବା ଦ୍ୱାରା ସେମାନେ ଜାଣିବାକୁ ପାଇଲେ ଯେ, ବୟସ ବୃଦ୍ଧିକୁ ରୋକି ରୋଗକୁ ମଧ୍ୟ ଛଡ଼ାଯାଇପାରୁଛି । ଏଜିଂ ଜର୍ନାଲରେ ପ୍ରକାଶିତ ରିପୋର୍ଟ ଅନୁସାରେ ଅଧ୍ୟୟନରେ ୬୪ ବର୍ଷରୁ ଅଧିକ ବୟସ ହୋଇଥିବା ୩୫ ଜଣଙ୍କୁ ନିଆଯାଇଥିଲା । ଗବେଷଣାର ବିଷୟବସ୍ତୁ ଥିଲା ହାଇପରବରିକ୍ ଅକ୍ସିଜେନ୍ ଟ୍ରିଟମେଣ୍ଟ (ଏଚ୍‌ବିଓଟି) । ଭାଗ ନେଇଥିବା ☞ପୃଷ୍ଠା-୪


## ଏଚ୍‌ବିଓଟି କ'ଣ

ହାଇପରବରିକ୍ ଅକ୍ସିଜେନ ଟ୍ରିଟ୍‌ମେଣ୍ଟ (ଏଚ୍‌ବିଓଟି) ହେଉଛି ଏପରି ଏକ ଚିକିତ୍ସା, ଯାହା କରାଯିବାବେଳେ ଜଣେ ରୋଗୀଙ୍କୁ ପ୍ରେସରାଇଜ୍‌ଡ ଚାମ୍ବରରେ ରଖାଯାଏ । ଉକ୍ତ ଚାମ୍ବରରେ ଅମ୍ଳଜାନ ସ୍ତରକୁ ସ୍ୱାଭାବିକଠାରୁ ୩ରୁ ୪ ଗୁଣ ବୃଦ୍ଧି କରାଯାଇଥାଏ । ଶରୀରକୁ ଅତିରିକ୍ତ ଅମ୍ଳଜାନ ଦିଆଗଲେ ଗ୍ରୋଥ୍ ଫ୍ୟାକ୍ଟର ବା ଅଭିବୃଦ୍ଧି କ୍ଷେତ୍ର ଏବଂ ଉପଶମକାରୀ ଷ୍ଟେମ୍ ସେଲ୍ ବିକଶିତ ହୋଇଥାଏ । ଏଚ୍‌ବିଓଟିରେ ଡାକ୍ତରମାନେ ଶରୀରରେ ଥିବା ରକ୍ତର ପରିମାଣକୁ ଅସ୍ଥାୟୀ ଭାବେ ବଢ଼ାଇଥାଆନ୍ତି । ଏହା ତନ୍ତୁଗୁଡ଼ିକୁ ବଞ୍ଚାଇ ରଖିବା ପାଇଁ ସେଥିରେ ଅମ୍ଳଜାନ ସ୍ତରକୁ ବଜାୟ ରଖିବାରେ ସହାୟକ ହୋଇଥାଏ । ସଙ୍କୋଚନ, ମସ୍ତିଷ୍କ ବଥ ଓ ଗମ୍ଭୀର ରକ୍ତହୀନତାରେ ଆକ୍ରାନ୍ତ ରୋଗୀଙ୍କଠାରେ ଏଚ୍‌ବିଓଟି ଚିକିତ୍ସା କରାଯାଇଥାଏ । ରକ୍ତକଣିକାରେ ବାୟୁ ଫୋଟକା ଉଠିବା, ଉପଶମ ହେଉ ନ ଥିବା ଘା, ବିକିରଣ କ୍ଷତ ଓ ଦୃଷ୍ଟିହୀନତା ଆଦି ପାଇଁ ଏହି ଚିକିତ୍ସା ଫଳପ୍ରଦ ହୋଇଥାଏ ।



# ଅହମ୍ମଦ ପଟେଲଙ୍କ ପରଲୋକ

**ନୂଆଦିଲ୍ଲୀ, ୨୫।୧୧ (ପି.ଟି.)**



ବରିଷ୍ଠ କଂଗ୍ରେସ ନେତା ତଥା ଦଳର ମୁଖ୍ୟ ରଣନୀତିକାର ଅହମ୍ମଦ ପଟେଲଙ୍କର ବୁଧବାର ଭୋର ୩ଟା ୩୦ରେ ଗୁରୁଗ୍ରାମର ଏକ ହସ୍ପିଟାଲରେ ପରଲୋକ ହୋଇଯାଇଛି । ତାଙ୍କୁ ୭୧ ବର୍ଷ ହୋଇଥିଲା । ଅକ୍ଟୋବର ୧ରେ ସେ କରୋନା ଆକ୍ରାନ୍ତ ବୋଲି ଘୋଷଣା କରିଥିଲେ । କରୋନା ଯୋଗୁ ସେ ଗୁରୁତର ହୋଇପଡ଼ିବା ସହ ତାଙ୍କର ବିଭିନ୍ନ ଅଙ୍ଗ ଅକାମୀ ହୋଇଯାଇଥିଲା । ଗତ ୧୫ ତାରିଖରେ ତାଙ୍କୁ ଗୁରୁଗ୍ରାମର ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କର ପରଲୋକ ସମ୍ପର୍କରେ ପୁଅ ଫୈଜଲ ଟୁଇଟ୍ କରିବା ସହ କୋଭିଡ୍-୧୯ ନିୟମାବଳୀକୁ ମାନି ଗହଳିଠାରୁ ଦୂରେଇ ରହିବା ପାଇଁ ଶୁଭେଚ୍ଛୁମାନଙ୍କୁ ଅନୁରୋଧ କରିଛନ୍ତି ।

ବନ୍ଧୁ ମହଲରେ ଏପି ଭାବେ ଜଣାଶୁଣା ଅହମ୍ମଦ କଂଗ୍ରେସ ☞ପୃଷ୍ଠା-୪



୨୦୨୧ ଏପ୍ରିଲରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଭାଜପାର ଶକ୍ତିବୃଦ୍ଧି ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ଚିନ୍ତାରେ ପକାଇଛି। ଟିଏମ୍‌ସି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ବାଙ୍କୁଡ଼ାରେ ପ୍ରଥମ ଥର ଲାଗି ନିର୍ବାଚନ ପ୍ରଚାର ଆରମ୍ଭ କରି ଭାଜପା ଉପରେ ବର୍ଷିଛନ୍ତି। ଟିଏମ୍‌ସି ବିଧାୟକଙ୍କୁ କରାୟତ୍ତ କରିବା ଲାଗି ଭାଜପା ଅର୍ଥ ଯାଚୁଛି ବୋଲି ସେ ଅଭିଯୋଗ କରିଛନ୍ତି। ସାହସ ଅଛି ତ ମୋତେ ଗିରଫକରି ଦେଖାଅ, ଜେଲରେ ରହିଲେ ବି ନିର୍ବାଚନ ଜିତିବା ନିଶ୍ଚିତ ବୋଲି ମମତା ଦୃଢ଼ତାର ସହ କହିଛନ୍ତି।

# ପ୍ରଳୟ ଆଣୁଛି 'ନିଭାର'



ସାମୁଦ୍ରିକ ଝଡ଼ 'ନିଭାର' ସ୍ଥଳଭାଗ ଛୁଇଁବା ପୂର୍ବରୁ ତାମିଲନାଡୁର ମାମଲ୍ଲାପୁରମ୍ ସମୁଦ୍ରକୂଳର ଦୃଶ୍ୟ।

**ନୂଆଦିଲ୍ଲୀ,୨୫।୧୧**

- ୩ ସେନା ସଜାଗ
- ଲକ୍ଷାଧିକ ଲୋକ ସ୍ଥାନାନ୍ତର
- ଉପକୂଳରେ ସମୁଦ୍ରର କରାଳ ରୂପ
- ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ 'ନିଭାର' ପ୍ରଳୟ ନେଇ ଆସୁଛି। ଏହି ଝଡ଼ ତାମିଲନାଡୁ କିମ୍ବା ପୁଡୁଚେରୀରେ ବୁଧବାର ମଧ୍ୟରାତ୍ରି ଅଥବା ଗୁରୁବାର ଭୋରରେ ସ୍ଥଳଭାଗ ଛୁଇଁବାକୁ ଥିବାବେଳେ ଏହାର ପ୍ରଭାବରେ ସମୁଦ୍ର ଅଶାନ୍ତ ହୋଇଉଠିଛି। ୨୦୧୬ ଡିସେମ୍ବରରେ ଚେନ୍ନାଇ ଉପକୂଳରେ ଲ୍ୟାଣ୍ଡଫଲ୍ କରିଥିବା 'ବରଦାହ' ଝଡ଼ଠାରୁ ଏହା ଆହୁରି ଶକ୍ତିଶାଳୀ ହେବ ବୋଲି ଆଶଙ୍କା କରାଯାଉଛି। ଏଥିପାଇଁ ତାମିଲନାଡୁ, ପୁଡୁଚେରୀ ସମେତ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ ମଧ୍ୟ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସତର୍କତା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ବିମାନ ଓ ଟ୍ରେନ୍ ଚଳାଚଳକୁ ବାତିଲ କରାଯାଇଛି।

'ନିଭାର' ଆସିବା ପୂର୍ବରୁ ସମୁଦ୍ର ଅଶାନ୍ତ ହେବା ସହ ବର୍ଷା ଲାଗିରହିବାରୁ ଚେନ୍ନାଇର କେତେକ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଟି. ନଗର, କେକେ ନଗର, ଭେଲାଚେରୀ, ରୋୟାପୁରମ୍, ପୁଲିଆନ୍ଥୋପ ଭଳି ସହରର ଅନେକ ସ୍ଥାନରେ ସତର୍କତା ଦୃଷ୍ଟିରୁ ବିଦ୍ୟୁତ୍ କାଟ୍ କରାଯାଇଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ସେନା ପକ୍ଷରୁ ୧୪ଟି ରେସ୍କ୍ୟୁ ଟିମ୍‌କୁ ତାମିଲନାଡୁରେ ନିୟୋଜିତ କରାଯାଇଛି। ସେହିପରି ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ପକ୍ଷରୁ ୧୨ ଟିମ୍‌କୁ ୫ଟି ଜିଲାରେ ମୁତୟନ କରାଯାଇଛି। ନୌସେନା ଓ ବାୟୁସେନାକୁ ମଧ୍ୟ ଉଦ୍ଧାର କାର୍ଯ୍ୟରେ ଲଗାଯାଇଛି। ଲକ୍ଷାଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ନିଭାର ଥିରୁଭନ୍ନାମଲାଇ, ଭିଲୁପୁରମ୍, କଲ୍ଲାକୁରିଚି, ଅରିୟାଲୁର ଓ ପେରୁମ୍ବଲୁର ମଧ୍ୟରୁ କୌଣସି ଏକ ସ୍ଥାନରେ ଲ୍ୟାଣ୍ଡଫଲ କରିପାରେ। ଏହାର ପ୍ରଭାବରେ ଚେନ୍ନାଇ, ଚେଙ୍ଗାଲପେଟ, ଥିରୁଭଲ୍ଲୁର, କାଞ୍ଚିପୁରମ୍, ରାନୀପେଟ୍, କ୍ରିଷ୍ଣଗିରି, ଧରମପୁରୀ, ସଲେମ୍, ଏରୋଡ୍, ନାମାକ୍କଲ, ତ୍ରିଚି, ଥନଞ୍ଜାଭୁର, ତିରୁଭରୁର, ନାଗପଟ୍ଟିନମ୍ ଓ କରାଇକଲରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସତର୍କ କରାଯାଇଛି। ଲୋକଙ୍କୁ ଘରୁ ନ ବାହାରିବାକୁ କୁହାଯାଇଛି। ଝଡ଼ ଯୋଗୁ ୧୬ ଜିଲାରେ ବୁଧବାର ସରକାରୀ ଛୁଟି ଘୋଷଣା କରାଯାଇଥିବାବେଳେ ଏହାକୁ ଗୁରୁବାର ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଜିଲା ପ୍ରଶାସନଗୁଡ଼ିକ ପକ୍ଷରୁ ଜିଲାପାଳ ଓ ଉପଜିଲାପାଳଙ୍କ ଅଫିସରେ ଲୋକଙ୍କ ସୁବିଧା ପାଇଁ କଣ୍ଟ୍ରୋଲ ରୁମ୍ ପ୍ରତିଷ୍ଠା କରାଯାଇଛି। ଆମ୍ବୁଲାନ୍ସ ଓ ପୋଲିସ ସେବାକୁ ହାଇଆଲର୍ଟରେ ରଖାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେବଳ ଉପକୂଳ ଅଞ୍ଚଳରେ ୪୬୫ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। ଜରୁରୀ ସ୍ୱାସ୍ଥ୍ୟ ସେବା ପାଇଁ ଟୋଲ ଫ୍ରି ନମ୍ବର ୦୪୪-୨୮୮୮୧୦୫ (ଲ୍ୟାଣ୍ଡଲାଇନ୍) ଓ ୭୩୩୮୮୯୫୦୧୧ (ମୋବାଇଲ) ଜାରି କରାଯାଇଛି।

## ବାତ୍ୟାର ନାମକରଣ

'ନିଭାର' ହେଉଛି ଉତ୍ତର ଭାରତୀୟ ମହାସାଗର ବାତ୍ୟା ତାଲିକାରେ ସ୍ଥାନିତ ତୃତୀୟ ନାମ। ବଙ୍ଗୋପସାଗର ଓ ଆରବ ସାଗରରେ ସୃଷ୍ଟି ହେଉଥିବା ଉଷ୍ମମଣ୍ଡଳୀୟ ଝଡ଼ର ନାମକରଣ ସୂତ୍ରବଦ୍ଧ ଭାବେ କରିବା ପାଇଁ ଚଳିତବର୍ଷ ବିଶ୍ୱ ପାଣିପାଗ ସଙ୍ଗଠନ ଏବଂ ଜାତିସଂଘ ଅର୍ଥନୈତିକ ଓ ସାମାଜିକ କମିଶନ୍‌ର ଏସିଆ ତଥା ପ୍ରଶାନ୍ତ ମହାସାଗରୀୟ ବ୍ୟାପାର ବିଭାଗ ସହମତି ପ୍ରକାଶ କରିଥିଲେ। ପ୍ୟାନେଲର ସଦସ୍ୟ ରାଷ୍ଟ୍ର ବାଂଲାଦେଶ, ଭାରତ, ମାଳଦ୍ୱୀପ, ମ୍ୟାନ୍‌ମାର, ଓମାନ, ପାକିସ୍ତାନ, ଶ୍ରୀଲଙ୍କା, ଥାଇଲାଣ୍ଡ, ଇରାନ, କାତାର, ସାଉଦି ଆରବ, ୟୁଏଇ ଏବଂ ୟେମେନ ପ୍ରତ୍ୟେକ ଝଡ଼ ପାଇଁ ୧୩ଟି ଲେଖାଏ ନାମ ପ୍ରସ୍ତାବ ଦେଇଥିଲେ। ୨୦୨୦ ଏପ୍ରିଲରେ ଜାରି ତାଲିକାରେ ୧୩ ଝଡ଼ର ୧୬୯ ନାମକୁ ସାମିଲ କରାଯାଇଥିଲା। ଇରାନ ପକ୍ଷରୁ ପ୍ରସ୍ତାବିତ ନାମ 'ନିଭର'କୁ ବଛାଯାଇଥିଲା। ପାର୍ସୀ ଭାଷାରେ 'ନିଭାର' ଅର୍ଥ ଆଲୋକ। ଏହା ବୁଧବାର ସନ୍ଧ୍ୟାରେ ଅତି ସାମୁଦ୍ରିକ ଝଡ଼ର ରୂପ ନେଇ ସାରିଥିବାବେଳେ ପୁଡୁଚେରୀ କିମ୍ବା ତାମିଲନାଡୁରେ ସ୍ଥଳଭାଗ ଛୁଇଁପାରେ। ଏହା ପୁଡୁଚେରୀ ଓ ତାମିଲନାଡୁରେ ତାଣ୍ଡବ ଚରିପାରେ ବୋଲି ଆଶଙ୍କା କରାଯାଉଥିବାବେଳେ ଆନ୍ଧ୍ରପ୍ରଦେଶ ମଧ୍ୟ ପ୍ରଭାବିତ ହେବା ଆଶଙ୍କା କରାଯାଉଛି।

## ଏନ୍‌ଡିଆର୍‌ଏଫ୍ ପଠାଇଲା ୫୦ ଟିମ୍


ତାମିଲନାଡୁ ଓ ପୁଡୁଚେରୀରେ ଲକ୍ଷାଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ଏନ୍‌ଡିଆର୍‌ଏଫ୍ ମହାନିର୍ଦ୍ଦେଶକ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏନ୍‌ଡିଆର୍‌ଏଫ୍‌ର ୫୦ ଟିମ୍‌କୁ ଉଦ୍ଧାର କାର୍ଯ୍ୟ ପାଇଁ ନିୟୋଜିତ କରାଯାଇଛି। ସେଥିରୁ ୩୦ ଟିମ୍ ତାମିଲନାଡୁ, ପୁଡୁଚେରୀ ଓ ଆନ୍ଧ୍ର ପ୍ରଦେଶକୁ ପଠାଯାଇଥିବାବେଳେ ଅନ୍ୟ ୨୦ ଟିମ୍‌କୁ ବିଜୟୱାଡା(ଆନ୍ଧ୍ର), କଟକ(ଓଡ଼ିଶା) ଓ ଥ୍ରିସୁର(କେରଳ)ରେ ରଖାଯାଇଛି। ଚ୍ୟାଲେଞ୍ଜ ମୁକାବିଲା ପାଇଁ ଏନ୍‌ଡିଆର୍‌ଏଫ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ପ୍ରଧାନ କହିଛନ୍ତି।

## ବହୁ ଟ୍ରେନ୍ ବାତିଲ

ବାତ୍ୟା ନିଭାର ପାଇଁ ରେଲୱେ ୨୫ ଓ ୨୬ ତାରିଖରେ ଦକ୍ଷିଣ ଭାରତୀୟ ରାଜ୍ୟ ଦେଇ ଯାତାୟାତ କରୁଥିବା ଅନେକ ସ୍ୱତନ୍ତ୍ର ଟ୍ରେନ୍‌କୁ ବାତିଲ କରିଦେଇଛି। ଯାତ୍ରୀମାନଙ୍କୁ ଟିକେଟ ମୂଲ୍ୟ ସମ୍ପୂର୍ଣ୍ଣ ଫେରସ୍ତ କରାଯିବ ବୋଲି ରେଲୱେ ଘୋଷଣା କରିଛି। ୬ ମାସ ପର୍ଯ୍ୟନ୍ତ ଯାତ୍ରୀ କାଉଣ୍ଟରରେ ଟିକେଟ ଦେଖାଇ ସେମାନେ ଦେଇଥିବା ଟଙ୍କା ଫେରି ପାଇପାରିବେ। ଗୁରୁବାର ଭୋର ପୂର୍ବରୁ ବାତ୍ୟା ତାମିଲନାଡୁ ଓ ପୁଡୁଚେରୀ ଅତିକ୍ରମ କରିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ଚେନ୍ନାଇ ବିମାନବନ୍ଦର ବନ୍ଦ

ନିଭାର ପ୍ରଭାବରେ ୧୨୦ରୁ ୧୩୦ କିଲୋମିଟର ବେଗରେ ପବନ ବହିବାକୁ ଥିବାବେଳେ ଚେନ୍ନାଇ ବିମାନ ବନ୍ଦରକୁ ବୁଧବାର ରାତି ୭ଟାରୁ ଗୁରୁବାର ସକାଳ ୭ଟା ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଛି। ସେହିପରି ଚେନ୍ନାଇର ମେଟ୍ରୋ ସେବା ମଧ୍ୟ ବନ୍ଦ ରହିଛି। ତାମିଲନାଡୁର ୭ ଜିଲାରେ ବସ୍ ସେବା ବନ୍ଦ ଥିବାବେଳେ ଲୋକମାନଙ୍କୁ ଘରେ ରହିବା ପାଇଁ ମୁଖ୍ୟମନ୍ତ୍ରୀ ଇ.ପାଲାନିସ୍ୱାମୀ ପରାମର୍ଶ ଦେଇଛନ୍ତି।



'ନିଭାର' ଝଡ଼ର ଏହି ଉପଗ୍ରହ ଚିତ୍ରକୁ ଇଣ୍ଡିଆ ମେଟ୍ରୋଲୋଜିକାଲ୍ ଡିପାର୍ଟମେଣ୍ଟ (ଆଇଏମ୍‌ଡି) ପକ୍ଷରୁ ବୁଧବାର ଜାରି କରାଯାଇଛି।

## ଓସ୍କାର ଦୌଡ଼ରେ ମାଲୟାଲମ୍ ଚଳଚ୍ଚିତ୍ର 'ଜାଲିକାଟ୍ଟୁ'

**ନୂଆଦିଲ୍ଲୀ, ୨୫।୧୧(ପି.ଟି.):** ୯୩ତମ ଓସ୍କାର ଚଳଚ୍ଚିତ୍ର ପୁରସ୍କାରର ଅନ୍ତର୍ଜାତୀୟ ଫିଚର ଫିଲ୍ମ ବର୍ଗରେ ଭାଗନେବା ଲାଗି ମାଲୟାଲମ ଚଳଚ୍ଚିତ୍ର 'ଜାଲିକାଟ୍ଟୁ'କୁ ଭାରତର ଆନୁଷ୍ଠାନିକ ଏଣ୍ଟ୍ରି ଭାବେ ଚୟନ କରାଯାଇଛି। ଭାରତର ଚଳଚ୍ଚିତ୍ର ମହାସଂଘ (ଏଫ୍‌ଏଫ୍‌ଆଇ) ପକ୍ଷରୁ ଏହା ଘୋଷଣା କରାଯାଇଛି। ହିନ୍ଦୀ, ମରାଠୀ ଓ ଅନ୍ୟାନ୍ୟ ଭାଷାର ୨୭ଟି ଚଳଚ୍ଚିତ୍ର ମଧ୍ୟରୁ ଜାଲିକାଟ୍ଟୁକୁ ସର୍ବସମ୍ମତ ଭାବେ ବଛାଯାଇଛି। ଦକ୍ଷିଣ ଭାରତରେ ଜାଲିକଟ୍ଟୁ ଉତ୍ସବ ବେଳେ ଷଣ୍ଢକୁ କାବୁ କରିବା ଲାଗି ଚାଲୁଥିବା ପ୍ରତିଯୋଗିତା ବନ୍ଦ କରିବା ପାଇଁ ଏକ ସମ୍ପ୍ରଦାୟ ଆଗେଇ ଆସିଛନ୍ତି। ଏହି ଚଳଚ୍ଚିତ୍ର ମାଧ୍ୟମରେ ମାନବ ସମାଜ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଲୋକଲୋଚନକୁ ଅଣାଯାଇଥିବା ନିର୍ମାତା ତଥା ଏଫ୍‌ଏଫ୍‌ଆଇ ଜୁରୀ ବୋର୍ଡର ଅଧ୍ୟକ୍ଷ ରାହୁଲ ରାୱେଲ କହିଛନ୍ତି। ଓସ୍କାର ପ୍ରତିନିଧିତ୍ୱ ପାଇଁ ଆବେଦନ କରାଯାଇଥିବା ବିଭିନ୍ନ ଚଳଚ୍ଚିତ୍ର ମଧ୍ୟରେ ଥିଲା ଛପାକ୍, ଶକୁନ୍ତଳା ଦେବୀ, ଗୁଲାବୋ ସିତାବୋ, ଦି ସ୍କାଏ ଇଜ୍ ପିଙ୍କ୍, ବୁଲ୍‌ବୁଲ୍ ଏବଂ ଦି ଡିସିପ୍ଲ।

## ନୀତୀଶଙ୍କ ପାଇଁ ପୁଣି ଆଙ୍ଗୁଠି ଉତ୍ସର୍ଗ କଲେ ପ୍ରଶଂସକ

**ପାଟନା, ୨୫।୧୧(ପି.ଟି.):** ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଅନ୍ୟତମ ଉତ୍ସାହୀ ସମର୍ଥକ ଅନୀଲ ଶର୍ମା ପୁଣି ଥରେ ତାଙ୍କ ଆଙ୍ଗୁଠି ଉତ୍ସର୍ଗ କରିଛନ୍ତି। ନୀତୀଶ କ୍ରମାଗତ ଚତୁର୍ଥ ଥର ଲାଗି ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ଅନୀଲ ତାଙ୍କର ଚତୁର୍ଥ ଆଙ୍ଗୁଠି କାଟି ସ୍ଥାନୀୟ ଦେବୀଙ୍କୁ ଅର୍ପଣ କରିଛନ୍ତି। ପୂର୍ବରୁ ସେ ନୀତୀଶଙ୍କ ପାଇଁ ତିନୋଟି ଆଙ୍ଗୁଠି କାଟିସାରିଛନ୍ତି। ନୀତୀଶ ପୁଣି କ୍ଷମତାକୁ ଫେରିଲେ ସେ ଆଙ୍ଗୁଠି ବଳିଦେବେ ବୋଲି ଚେନ୍ନାଇରେ ମାଳୀ ଭାବେ କାର୍ଯ୍ୟ କରୁଥିବା ଅନୀଲ ପୂର୍ବରୁ ଗୋରିୟା ବାବାଙ୍କ ପାଖରେ ପ୍ରତିଜ୍ଞା କରିଥିଲେ।

## ଏଯାଏ ପ୍ରମାଣ ଗ୍ରହଣ କରିନି ପାକ୍

**ନୂଆଦିଲ୍ଲୀ, ୨୫।୧୧(ପି.ଟି.)**

**୨୬/୧୧ ଆକ୍ରମଣକୁ ୧୨ ବର୍ଷ**



୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣକୁ ୧୨ ବର୍ଷ ପୂରିଥିଲେ ସୁଦ୍ଧା ଭାରତ ପକ୍ଷରୁ ଦିଆଯାଇଥିବା ପ୍ରମାଣକୁ ପାକିସ୍ତାନ ଏଯାଏ ଗ୍ରହଣ କରିନାହିଁ। ଫଳରେ ପୀଡିତଙ୍କ ପରିବାର ସମ୍ପୂର୍ଣ୍ଣ ନ୍ୟାୟ ପାଇପାରି ନାହାନ୍ତି।

୨୦୦୮ ନଭେମ୍ବର ମାସର ଆଜିର ଦିନରେ ପାକିସ୍ତାନରୁ ୧୦ ଜଣ ଆତଙ୍କବାଦୀ ସମୁଦ୍ର ପଥରେ ଆସି ଭାରତର ଅର୍ଥନୈତିକ ରାଜଧାନୀ ମୁମ୍ବାଇ ମହାନଗରୀ ଉପରେ ଆକ୍ରମଣ କରିଥିଲେ। ସେମାନେ ଦୀର୍ଘ ୬୬ ଘଣ୍ଟା ଧରି ଆତଙ୍କ ଖେଳାଇଥିଲେ। ସେମାନଙ୍କ ଆକ୍ରମଣରେ ୧୬୬ ଜଣଙ୍କ ମୃତ୍ୟୁ ହେବା ସହ ୩୦୦ରୁ ଅଧିକ ଆହତ ହୋଇଥିଲେ। ଭାରତୀୟ ସୁରକ୍ଷା ବଳର କାର୍ଯ୍ୟାନୁଷ୍ଠାନରେ ୯ ଆତଙ୍କବାଦୀ ନିହତ ହୋଇଥିବାବେଳେ ଜୀବନ୍ତ ଧରାପଡ଼ିଥିବା ଅଜମଲ କସବଙ୍କୁ ବିଚାର ପରେ ଫାଶୀ ଦିଆଯାଇଛି। ସେହି ଅନୁଯାୟୀ କହିବାକୁ ଗଲେ ଭାରତ ଏହି ମାମଲାରେ ସମ୍ପୂର୍ଣ୍ଣ ନ୍ୟାୟ ଦେଇଛି, କିନ୍ତୁ ତାହା ଯଥେଷ୍ଟ ନୁହେଁ। ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଏହାର ପାକିସ୍ତାନୀ ପରିଚାଳକ ଲସ୍କର-ଇ-ତୋଇବା କମାଣ୍ଡର ହାଫିଜ ସୟିଦ ଏବଂ ଜାକିଉର୍ ହେରମନ ଲଖ୍‌ଭି ଏବେ ବି ମୁକୁଳାରେ ବୁଲୁଛନ୍ତି। ଭାରତ ଯଥେଷ୍ଟ ତଥ୍ୟ ପ୍ରମାଣ ଯୋଗାଇଥିଲେ ହେଁ ପାକିସ୍ତାନ ସରକାର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ତେଣୁ ୫୦ ପ୍ରତିଶତ ନ୍ୟାୟ ମିଳିଛି ବୋଲି ଉକ୍ତ ମାମଲା ଲଢ଼ିଥିବା ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଉଜ୍ଜ୍ୱଲ ନିକମ କହିଛନ୍ତି। ସେମାନଙ୍କୁ ଆଇନର କାଠଗଡ଼ାକୁ ଆଣିଲେ ପୂର୍ଣ୍ଣ ନ୍ୟାୟ ମିଳିବ ବୋଲି ସେ ମତ ଦେଇଛନ୍ତି। ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନୂଆଦିଲ୍ଲୀ କିଛିଦିନ ପୂର୍ବରୁ ଇସ୍‌ଲାମାବାଦ ନିକଟରେ ଦାବି କରିଥିଲା।

## ମେଘାନ୍‌ଙ୍କର ଗର୍ଭପାତ ହୋଇଥିଲା



**ଲଣ୍ଡନ, ୨୫।୧୧:** ବ୍ରିଟିଶ ଯୁବରାଜ ପ୍ରିନ୍ସ ହ୍ୟାରିଙ୍କ ସ୍ତ୍ରୀ ତଥା ଡଚେସ୍ ଅଫ୍ ସସେକ୍ସ ମେଘାନ ମାର୍କେଲଙ୍କର ଗତ ଜୁଲାଇରେ ଗର୍ଭପାତ ହୋଇଥିଲା। ଏ ସମ୍ପର୍କରେ ସେ ନ୍ୟୁୟର୍କ ଟାଇମ୍ସକୁ ସୂଚନା ଦେଇଛନ୍ତି। ସେମାନଙ୍କର ୧୮ ମାସର ପୁତ୍ର ସନ୍ତାନ ରହିଛି। ଗର୍ଭପାତ ହେଲେ ଅସହ୍ୟ ଦୁଃଖ ହୋଇଥାଏ କିନ୍ତୁ ଅଧିକାଂଶ ମହିଳା ଏନେଇ ମୁହଁ ଖୋଲି ନ ଥାନ୍ତି। ଅନେକ ମହିଳା ଏଭଳି ଦୁଃଖର ସମ୍ମୁଖୀନ ହେଉଥିଲାବେଳେ ସେମାନଙ୍କ ନୀରବତା ଭାଙ୍ଗିବା ପାଇଁ ସେ ନିଜ କାହାଣୀକୁ ଶେୟାର କରିଥିବା ମେଘାନ କହିଛନ୍ତି।

## କେରଳ ପୋଲିସ ଆଇନ ସଂଶୋଧନ ପ୍ରତ୍ୟାହାର ପାଇଁ ଅଧ୍ୟାଦେଶ ଆଣିବେ ସରକାର

**ଥିରୁଭାନନ୍ତପୁରମ୍, ୨୫।୧୧**

କେରଳ ସରକାର ପୋଲିସ ଆଇନରେ ବିବାଦୀୟ ସଂଶୋଧନକୁ ପ୍ରତ୍ୟାହାର କରିନେବା ପାଇଁ ନୂଆ ଅଧ୍ୟାଦେଶ ଆଣିବାକୁ ନିଷ୍ପତ୍ତି ନେଇଛନ୍ତି। ପୋଲିସ ଆଇନରେ ସଂଶୋଧନକୁ ରାଜନୈତିକ ଦଳ ସମେତ ବିଭିନ୍ନ ମହଲରୁ ଜୋର୍‌ଦାର ବିରୋଧ କରାଯାଇଥିଲା। ରାଜନୈତିକ ସହମତି ପରେ ଆଇନରେ ସଂଶୋଧନ ହେବ ବୋଲି ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ କହିଛନ୍ତି। ମଙ୍ଗଳବାର କ୍ୟାବିନେଟର ଏକ ସ୍ୱତନ୍ତ୍ର ବୈଠକ ବସି ପୂର୍ବ ଅଧ୍ୟାଦେଶକୁ ପ୍ରତ୍ୟାହାର ଲାଗି ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍‌ଙ୍କୁ ଅନୁରୋଧ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ପ୍ରତ୍ୟାହାର ଅଧ୍ୟାଦେଶ ଜାରି କରାଯିବ। କେରଳ ପୋଲିସ ଆଇନ, ୨୦୧୧ରେ ସଂଶୋଧନ କରାଯାଇ ସ୍ୱାଧୀନ ମତବ୍ୟକ୍ତ ଓ ଗଣମାଧ୍ୟମର ସ୍ୱାଧୀନତା କ୍ଷୁଣ୍ଣ କରିବା ଲାଗି ଧାରା ୧୧୮-ଏରେ ପୋଲିସକୁ ଅତ୍ୟଧିକ କ୍ଷମତା ଦିଆଯାଇଥିଲା। ବିରୋଧୀ ଦଳଗୁଡ଼ିକ ଏହାର ପ୍ରତିବାଦ କରିବା ସହ ବିଭିନ୍ନ ମହଲ ପ୍ରଶ୍ନ ଉଠାଇଥିଲେ। ସାଧାରଣରେ ଉତ୍ତେଜନା ପ୍ରକାଶ ପାଇବା ପରେ ସରକାର ଏହାକୁ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଛନ୍ତି।

## ବିଜୟ ସିହ୍ନା ବିହାର ବାଚସ୍ପତି

**ପାଟନା, ୨୫।୧୧**



**'ଲାଲୁ ଯାଦବ ଏନ୍‌ଡିଏ ବିଧାୟକଙ୍କୁ କିଣିବାକୁ ଚେଷ୍ଟା କରିଥିଲେ'**

ଭାଜପା ବିଧାୟକ ବିଜୟ କୁମାର ସିହ୍ନା ବିହାର ବିଧାନସଭାର ବାଚସ୍ପତି ଭାବେ ବୁଧବାର ନିର୍ବାଚିତ ହୋଇଛନ୍ତି। ଭଏସ୍ ଭୋଟ୍‌ରେ ମହାମେଣ୍ଟରୁ ବାଚସ୍ପତି ପ୍ରାର୍ଥୀ ହୋଇଥିବା ଆର୍‌ଜେଡି ବିଧାୟକ ଅଓ୍ୱଧ ବିହାରୀ ଚୌଧୁରୀ ପରାଜୟ ବରଣ କରିଛନ୍ତି। ଭଏସ୍ ଭୋଟ୍‌ରେ ବାଚସ୍ପତି ନିର୍ବାଚନକୁ ବିରୋଧ କରି ଗୃହରେ ଆର୍‌ଜେଡି ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ଆର୍‌ଜେଡି ନେତା ତେଜସ୍ୱୀ ଯାଦବ କାମଚଳା ବାଚସ୍ପତି ଜିତନ୍‌ରାମ୍ ମାନ୍‌ଝିଙ୍କୁ ରୁଲ୍‌ବୁକ୍ ଦେଖାଇ ବାଚସ୍ପତି ନିର୍ବାଚନରେ ଏହାକୁ ମାନିବା ଲାଗି କହିଥିବାବେଳେ ମାନ୍‌ଝି ଏହାକୁ ଅଗ୍ରାହ୍ୟ କରି କୌଣସି ଗୁପ୍ତଭୋଟ କରାଯିବ ନାହିଁ ବୋଲି କହିଥିଲେ। ଏଥିସହ ଜଣେ ଭାଜପା ସଦସ୍ୟ ଭାବେ ପ୍ରଥମ ଥର ଲାଗି ସିହ୍ନା ବିହାର ବାଚସ୍ପତି ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି।

ଅନ୍ୟପକ୍ଷରେ ବାଚସ୍ପତି ନିର୍ବାଚନକୁ ଆଖିଆଗରେ ରଖି ଆର୍‌ଜେଡି ସୁପ୍ରିମୋ ଲାଲୁପ୍ରସାଦ ଯାଦବ ଏନ୍‌ଡିଏ ବିଧାୟକଙ୍କୁ କିଣିବା ଲାଗି ଚେଷ୍ଟା କରିଥିଲେ ବୋଲି ଭାଜପା ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦି ଅଭିଯୋଗ କରିଛନ୍ତି। ସେ ଟୁଇଟର ମାଧ୍ୟମରେ ଦର୍ଶାଇଛନ୍ତି ଯେ, ଲାଲୁ ଯାଦବ ରାଞ୍ଚିରୁ ଏନ୍‌ଡିଏ ବିଧାୟକଙ୍କୁ ଫୋନ୍‌କରି ଭୋଟଦାନରୁ ବିରତ ରହିବାକୁ କହିଥିଲେ। ଏଭଳି କଲେ ତାଙ୍କୁ ମନ୍ତ୍ରୀପଦ ମିଳିବ ବୋଲି ସେ ପ୍ରତିଜ୍ଞା କରିଥିଲେ।

## ଆଜିଠୁ ୪୭୦ କୃଷକ ସଙ୍ଗଠନର ବିକ୍ଷୋଭ

**ଚଣ୍ଡିଗଡ଼, ୨୫।୧୧**

- କୃଷି ଆଇନକୁ ବିରୋଧ କରି 'ଦିଲ୍ଲୀ ଚଲୋ' ଡାକରା
- ହରିୟାଣା ସୀମାରେ ସହସ୍ରାଧିକ କୃଷକଙ୍କ ମେଳି



ପଞ୍ଜାବରୁ ଦିଲ୍ଲୀ ଅଭିମୁଖେ ବାହାରି ଥିବା କୃଷକଙ୍କୁ ହରିୟାଣା ସୀମାରେ ଅଟକ ରଖାଯାଇଛି।

କେନ୍ଦ୍ରର କୃଷି ବିଲ୍‌କୁ ବିରୋଧକରି ପଞ୍ଜାବ, ହରିୟାଣାର ସହସ୍ରାଧିକ କୃଷକ 'ଦିଲ୍ଲୀ ଚଲୋ' ଡାକରା ଦେବା ସହ ବିକ୍ଷୋଭ ଲାଗି ଆଗେଇ ଆସିଛନ୍ତି। ହରିୟାଣା ସୀମାରେ ଟ୍ରାକ୍ଟର, ଟ୍ରେଲର ସହ କୃଷକମାନେ ମେଳି ବାନ୍ଧିଥିବାବେଳେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭାଜପା ଶାସିତ ହରିୟାଣା ସରକାରଙ୍କ ପକ୍ଷରୁ ବିଧାନସଭା ନିକଟରେ ବିକ୍ଷୋଭ ଆଶଙ୍କାରେ ୧୪୪ ଧାରା ଲଗାଯାଇଛି। ଏଥିସହ ଶତାଧିକ କୃଷକ ନେତାଙ୍କୁ ମଧ୍ୟ ଗିରଫ କରାଯାଇଛି। ପଞ୍ଜାବରୁ ପ୍ରାୟ ୨ ଲକ୍ଷ କୃଷକ ଦିଲ୍ଲୀ ଅଭିମୁଖେ ବାହାରି ଥିବା ପୋଲିସ ସୂତ୍ରରୁ ପ୍ରକାଶ। ନଭେମ୍ବର ୨୬ରେ ଦିଲ୍ଲୀରେ ୪୭୦ କୃଷକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ କରାଯିବାର କାର୍ଯ୍ୟକ୍ରମ ରହିଛି।

ଭାରତୀୟ କିଶାନ ସଂଘ ସଭାପତି ବଲ୍‌ବୀର ସିଂ ରାଜେୱାଲ ଅଭିଯୋଗ କରିଛନ୍ତି ଯେ, ହରିୟାଣା ସରକାର ଆନ୍ତଃରାଜ୍ୟ ସୀମାକୁ ସିଲ୍‌କରି ପଞ୍ଜାବ କୃଷକଙ୍କୁ ଦିଲ୍ଲୀ ଆସିବାକୁ ଦେଉନାହାନ୍ତି। ଆମେ ହିମାଚଳ, ଜମ୍ମୁ-କଶ୍ମୀରକୁ ଯାଉଥିବା ରାସ୍ତାରେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରିବାକୁ ଚାହୁଁ। କୃଷକଙ୍କୁ ଦିଲ୍ଲୀ ଛଡ଼ା ନ ଗଲେ ବିକ୍ଷୋଭ ଜୋର୍‌ଦାର କରାଯିବା ସହ ଦିଲ୍ଲୀର ସବୁ ରାସ୍ତା ବନ୍ଦ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ସେପଟେ ପୋଲିସ ପ୍ରଶାସନ ଦିଲ୍ଲୀରେ କୃଷକଙ୍କ ବିକ୍ଷୋଭ ଲାଗି ଅନୁମତି ଦିଆଯିବ ନାହିଁ ବୋଲି କହୁଛି। ହରିୟାଣା ପୋଲିସ ମଧ୍ୟ ଏନେଇ ଆଡଭାଇଜରି ଜାରି କରିଛି। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ବନ୍ଦୋବସ୍ତ କରାଯାଇଥିବା ପୋଲିସ କହିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬,୦୩,୪୯,୨୬୦ | ୧୪,୧୯,୨୯୬ | ୪,୧୭,୪୦,୦୭୦ |
| ଭାରତ | ୯୨,୫୪,୩୭୪ | ୧,୩୫,୧୪୪ | ୮୬,୭୦,୮୩୧ |
| ଓଡ଼ିଶା | ୩,୧୬,୦୦୧ | ୧୬୮୭(+୫୩) | ୩,୦୮,୧୦୨ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଆଇଏଫ୍ଏସ୍ ଅଫିସରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

■ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଫସିଲେ ଅତିରିକ୍ତ ପିସିସିଏଫ୍

■ ଓଡ଼ିଶା ସମେତ ୪ ରାଜ୍ୟରେ ସମ୍ପତ୍ତି ଯାଞ୍ଚ

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଇଏଫ୍ଏସ୍ ଅଫିସର ତଥା ରାଜ୍ୟ ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ପାଠକଙ୍କ ଘରେ ଭିଜିଲାନ୍ସ ରେଡ୍ ହୋଇଛି। ଓଡ଼ିଶା ସମେତ ୪ ରାଜ୍ୟରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ସମ୍ପତ୍ତି ଯାଞ୍ଚ କରିଛି। ଭୁବନେଶ୍ୱରର ୫ ସ୍ଥାନ, ମୁମ୍ବାଇ ଓ ପୁଣେର ୭ ସ୍ଥାନ ସମେତ ବିହାର ଓ ରାଜସ୍ଥାନର ଏକାଧିକ ସ୍ଥାନରେ ଚଢ଼ାଉ କରାଯାଇଛି। ଏଥିରେ ରାଜ୍ୟ ଭିଜିଲାନ୍ସର ୧୫୦ରୁ ଊର୍ଦ୍ଧ୍ୱ ଅଧିକାରୀ ସାମିଲ ଥିଲେ। ଯାଞ୍ଚବେଳେ ବିପୁଳ ଆୟବହିର୍ଭୂତ ସମ୍ପତ୍ତି ମିଳିଥିବା ସୂଚନା ମିଳିଛି।

ଅତିରିକ୍ତ ପିସିସିଏଫ୍ ଅଭୟକାନ୍ତ ବିପୁଳ ପରିମାଣର ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଏହାକୁ ଆଧାର କରି କୋର୍ଟ ଦେଇଥିବା ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ଡିଭିଜନ ପକ୍ଷରୁ ବୁଧବାର ସକାଳୁ ତାଙ୍କ ଭୁବନେଶ୍ୱରସ୍ଥିତ ଘର ଓ ଅଫିସ ସମେତ ୫ ସ୍ଥାନରେ ଚଢ଼ାଉ କରାଯାଇଥିଲା। ସେହିପରି ଅନ୍ୟ ରାଜ୍ୟରେ ମଧ୍ୟ ଏକକାଳୀନ ଚଢ଼ାଉ ହୋଇଥିଲା। ଚଢ଼ାଉ ସ୍ଥାନ ମଧ୍ୟରେ ତାଙ୍କ ଅଫିସ, ସରକାରୀ ବାସଭବନ, ପୈତୃକ ଘର ଓ ସମ୍ପର୍କୀୟ ଅନ୍ତର୍ଭୁକ୍ତ। ତେବେ ଚଢ଼ାଉ ଜାରି ରହିଥିବାରୁ ଭିଜିଲାନ୍ସ ପକ୍ଷରୁ ସବିଶେଷ ତଥ୍ୟ ଦିଆଯାଇନାହିଁ।

ସୂଚନାଯୋଗ୍ୟ, କିଛିଦିନ ପୂର୍ବରୁ ଆଇଏଏସ୍ ଅଫିସର ବିଜୟ କେତନ ଉପାଧ୍ୟାୟଙ୍କ ଘରେ ଭିଜିଲାନ୍ସ ଚଢ଼ାଉ କରାଯାଇଥିଲା। ଯାଞ୍ଚରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବାର ପ୍ରମାଣ ମିଳିବା ପରେ ତାଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ଏବେ ଆଉଜଣେ ବଡ଼ବାବୁଙ୍କ ଘରେ ଭିଜିଲାନ୍ସ ରେଡ୍ ହୋଇଥିବାରୁ ସେ କେଉଁସବୁ ଦୁର୍ନୀତିରେ ସମ୍ପୃକ୍ତ ଅଛନ୍ତି ତାହାର ଖୋଳତାଡ଼ ଆରମ୍ଭ କରିଛି ଭିଜିଲାନ୍ସ।

# ଡିବିଏସ୍ ଇଣ୍ଡିଆ ସହ ମିଶିବ ଲକ୍ଷ୍ମୀବିଳାସ ବ୍ୟାଙ୍କ

**ମିଳିଲା କ୍ୟାବିନେଟ ମଞ୍ଜୁରୀ**

ନୂଆଦିଲ୍ଲୀ,୨୫।୧୧

ସଙ୍କଟ ଦେଇ ଗତି କରୁଥିବା ଘରୋଇ କ୍ଷେତ୍ର ଲକ୍ଷ୍ମୀବିଳାସ ବ୍ୟାଙ୍କର ଡିବିଏସ୍ ଇଣ୍ଡିଆ ଲିମିଟେଡ୍ (ଡିବିଆଇଏଲ୍) ସହ ମିଶ୍ରଣ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ସେହିଭଳି ଏହି ବ୍ୟାଙ୍କ ଉପରେ ଲାଗିଥିବା ମୋରାଟୋରିୟମ କଟକଣାକୁ ସରକାର ଉଠାଇଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏବେ ଲୋକମାନେ ସେମାନଙ୍କ ଜମା ଟଙ୍କା ଉଠାଣ କରିବା ନେଇ ଅନୁମତି ପ୍ରଦାନ କରାଯାଇଛି। ଏହା ୨୭ ନଭେମ୍ବରଠାରୁ ଲାଗୁ ହେବ। ଜମାକାରୀଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ସରକାର ଏଭଳି ନିଷ୍ପତ୍ତି ଗ୍ରହଣ କରିଥିବା କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ବୁଧବାର ସୂଚନା ଦେଇଛନ୍ତି। ଖବରଦାତା କାର୍ଯ୍ୟକ୍ରମରେ ସେ କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ଦ୍ୱାରା ୨୦ ଲକ୍ଷ ଜମାକାରୀଙ୍କୁ ଆଶ୍ୱସ୍ତି ମିଳିବ। ଏହାଦ୍ୱାରା ୪ ହଜାର କର୍ମଚାରୀଙ୍କ ଚାକିରି ମଧ୍ୟ ସୁରକ୍ଷିତ କରାଯାଇଥିବା ସେ ମତବ୍ୟକ୍ତ କରିଛନ୍ତି। ଲକ୍ଷ୍ମୀବିଳାସ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ିବା ଯୋଗୁ ଏହାକୁ ଡିବିଏସ୍ ସହ ମିଶ୍ରଣ କରିବା ଲାଗି ରିଜର୍ଭ ବ୍ୟାଙ୍କ ସରକାରଙ୍କୁ ପ୍ରସ୍ତାବ ଦେଇଥିଲା। ମୋରାଟୋରିୟମ ଲାଗୁ ହେବା କ୍ଷେତ୍ରରେ ଲକ୍ଷ୍ମୀ ବିଳାସ ବ୍ୟାଙ୍କ ତୃତୀୟ ବ୍ୟାଙ୍କ। ଏହା ପୂର୍ବରୁ ୨୦୧୯ ସେପ୍ଟେମ୍ବରରେ ପଞ୍ଜାବ ଆଣ୍ଡ ମହାରାଷ୍ଟ୍ର କୋଅପରେଟିଭ (ପିଏମ୍ସି) ବ୍ୟାଙ୍କ ଏବଂ ୨୦୨୦ ମାର୍ଚ୍ଚରେ ୟେସ୍ ବ୍ୟାଙ୍କ ଉପରେ ସମାନ କଟକଣା ଲାଗିଥିଲା।


# ଅନୁମତି ବାତିଲ କଲେ ସରକାର

**ରାଜଭବନ ନିକଟ ପେଟ୍ରୋଲ ପମ୍ପ ବିସ୍ଫୋରଣ ଘଟଣା**

ଭୁବନେଶ୍ୱର,୨୫।୧୧

ଭୁବନେଶ୍ୱର ରାଜଭବନ ନିକଟ ପେଟ୍ରୋଲ ପମ୍ପରେ ଗତ ଅକ୍ଟୋବର ୭ ତାରିଖରେ ଘଟିଥିବା ଭୟଙ୍କର ବିସ୍ଫୋରଣ ଘଟଣାରେ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏହାର ଅନୁମତି ବାତିଲ କରିଦିଆଯାଇଛି। ଏ ସଂକ୍ରାନ୍ତରେ ନଭେମ୍ବର ୧୭ରେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଅଫିସ୍ ଅର୍ଡର ନଂ. ୧୭୪୦୨ ଅନୁଯାୟୀ ଏଭଳି ପଦକ୍ଷେପ ନିଆଯାଇଛି। ବିସ୍ଫୋରଣ ଘଟିବା ପରେ ଅକ୍ଟୋବର ୮ରେ ଭୁବନେଶ୍ୱରସ୍ଥିତ ଡେପୁଟି ଚିଫ୍ କଣ୍ଟ୍ରୋଲ ଅଫ୍ ଏକ୍ସପ୍ଲୋସିଭ୍ର ଅଧିକାରୀଙ୍କ ତଦନ୍ତ ରିପୋର୍ଟ ଆଧାରରେ ଚିଠି ନଂ. P/EC/PR/1 4/160 (P45174)ରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ, ୟୁନିଟ୍ ୬ ମୌଜାର ଖାତା ନଂ. ୧୧୨, ପ୍ଲଟ ନଂ. ଇ/୧ରେ ଏ.ବି. ରିଟେଲ ଆଉଟଲେଟ୍ ସର୍ଭିସ୍ ଷ୍ଟେଶନ ସ୍ଥାପନ ଲାଗି ପତ୍ରସଂଖ୍ୟା ୧୪୩୦/ ୧୮।୬।୧୯୭୯ରେ ଏନ୍ଓସି ପ୍ରଦାନ କରାଯାଇଥିଲା।

ପ୍ରକାଶ ଯେ, ଅକ୍ଟୋବର ୭ରେ ଉକ୍ତ ପେଟ୍ରୋଲ ପମ୍ପରେ ବିସ୍ଫୋରଣ ଘଟି ୩୦୦ ଫୁଟ୍ ଉଚ୍ଚର ନିଆଁ ଜଳିବା ସହ ସମ୍ପୃକ୍ତ ଅଞ୍ଚଳରେ ଭୂକମ୍ପ ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଲୋକେ ଭୟଭୀତ ହୋଇଯାଇଥିଲେ। ପେଟ୍ରୋଲ ପମ୍ପରେ ଥିବା ୨୫ଜଣଙ୍କ ମଧ୍ୟରୁ ୧୦ଜଣ ଆହତ ହୋଇଥିଲେ। ୨ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ମେଡିକାଲରେ ପ୍ରାଣ ହରାଇଥିଲେ।



OFFICE OF THE COLLECTOR & DISTRICT MAGISTRATE, KHORDHA
(JUDICIAL SECTION)
Office order No-.....17402..... Dt-.17.11.2020

After considering the inspection report of the officer of the office of the Deputy Chief Control of Explosive, Bhubaneswar vide their letter No-P/EC /PR/1 4 /160 (P45174) dt.08.10.2020 the NOC issued vide No.1430/dt.18.6.1979 (as referred by the Deputy Chief Controller of Explosives, Bhubaneswar) for establishment of Petroleum class A,B Retail Outlet Service Station at Plot No- E/1, Khata No.112, Mouza-Unit-6, Rajbhawan, Bhubaneswar is hereby cancelled with immediate effect.

Collector & District Magistrate,
Khordha


Memo No-.....17403..... Dt-.17.11.2020
Copy to M/s Indian Oil Corporation Ltd., 2nd floor, Aloka Bharati, Sahidnagar, Bhubaneswar for information and necessary action.

Collector & District Magistrate,
Khordha

Memo No-.....17404..... Dt-.17.11.2020
Copy forwarded to the Joint Chief Controller of Explosives, East Circle Office, Kolkata / Deputy Chief Controller of Explosives, Bhubaneswar for information and necessary action.

Collector & District Magistrate,
Khordha

ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଚିଠି।




# ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ହେଉ

**କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଚିଠି**

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ):** ଓଡ଼ିଶାରେ ଆଉ ଏକ ଏମ୍ସ ପ୍ରତିଷ୍ଠା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖିଛନ୍ତି ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ। ସୁନ୍ଦରଗଡ଼ ଜିଲାରେ ରାଜ୍ୟର ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ ସେ ଚିଠିରେ ଉଲ୍ଲେଖ କରିଛନ୍ତି। ବିହାର ଓ ଅନ୍ୟ ରାଜ୍ୟ ପାଇଁ ଦ୍ୱିତୀୟ ଏମ୍ସ ପ୍ରସ୍ତାବ ବିଚାରାଧୀନ ରହିଛି। ତେଣୁ ସ୍ୱାସ୍ଥ୍ୟସେବା ଆବଶ୍ୟକତା ଦୃଷ୍ଟିରୁ ଓଡ଼ିଶା କଥା ବିଚାରକୁ ନିଆଯାଇ ଅନୁମତି ଦିଆଯାଉ ବୋଲି ସେ କହିଛନ୍ତି।

ସୁନ୍ଦରଗଡ଼ରେ ଏମ୍ସ ପାଇଁ ଭିତ୍ତିଭୂମି ରହିଛି। ରାଜ୍ୟ ସରକାର ଓ ଏନ୍ଟିପିସି ସହଭାଗିତାରେ ଏକ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମିତ କରାଯାଇଛି। ୫୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ୧୦୦ ଏମ୍ବିବିଏସ୍ ଛାତ୍ରୀଛାତ୍ରଙ୍କ ପଢ଼ିବା ନେଇ ଭିତ୍ତିଭୂମି ରହିଛି। ଏଥିସହିତ ଭିତ୍ତିଭୂମି ଥିବା ପ୍ରସ୍ତାବିତ ଅଞ୍ଚଳକୁ ରେଳ ଓ ବିମାନ ଯୋଗାଯୋଗ ସୁବିଧା ରହିଛି। ଏସବୁ ଭିତ୍ତିଭୂମି ଥିବା ଦର୍ଶାଇ ସୁନ୍ଦରଗଡ଼ରେ ଏମ୍ସ ପ୍ରତିଷ୍ଠା ପାଇଁ ମୁଖ୍ୟ ଶାସନ ସଚିବ ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ସ୍ଥାନୀୟ ଆଦିବାସୀ ଓ ପଶ୍ଚିମ ଓଡ଼ିଶାବାସୀ ଉପକୃତ ହେବେ ବୋଲି ସେ ତାଙ୍କ ଚିଠିରେ ଲେଖିଛନ୍ତି।

# କରୋନାରେ ମଲେଣି ୧,୬୮୭

■ କଟକକୁ ଟପିଲା ସୁନ୍ଦରଗଡ଼

■ ୭୩୦ ଆକ୍ରାନ୍ତ, ୭୨୮ ସୁସ୍ଥ

**ଭୁବନେଶ୍ୱର,୨୫।୧୧(ବ୍ୟୁରୋ):** ରାଜ୍ୟରେ ଶେଷ ୨୪ ଘଣ୍ଟାରେ ଆଉ ୧୬ଜଣଙ୍କର କରୋନାରେ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ସୁନ୍ଦରଗଡ଼ରେ ସର୍ବାଧିକ ୪ଜଣ ଥିବାବେଳେ ପୁରୀ ୩, ଖୋର୍ଦ୍ଧା ୨, ଅନୁଗୋଳ, ବରଗଡ଼, ଭଦ୍ରକ, କଟକ, ଢେଙ୍କାନାଳ, ଗଞ୍ଜାମ ଓ ଯାଜପୁରରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ମୋଟ ମୃତ୍ୟୁ ସଂଖ୍ୟା ୧,୬୮୭କୁ ବୃଦ୍ଧି ପାଇଛି। ସେପଟେ କରୋନା ମୃତ୍ୟୁରେ କଟକକୁ ଟପିଯାଇଛି ସୁନ୍ଦରଗଡ଼ ଜିଲା। କଟକରେ ମୃତ୍ୟୁ ସଂଖ୍ୟା ୧୩୪ ଥିବାବେଳେ ସୁନ୍ଦରଗଡ଼ରେ ୧୩୬ ଛୁଇଁଛି। ତେବେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨୮୩ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ୨୪୦ ମୃତକଙ୍କ ସହ ଗଞ୍ଜାମ ଦ୍ୱିତୀୟରେ ଥିବାବେଳେ ତୃତୀୟ ସ୍ଥାନକୁ ସୁନ୍ଦରଗଡ଼ ଚାଲି ଆସିଛି।

ଅନ୍ୟପକ୍ଷରେ ରାଜ୍ୟରେ ଆଉ ୭୩୦ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୪୧୯ଜଣ କ୍ୱାରାଣ୍ଟାଇନ ସେଣ୍ଟରର ଓ ୩୧୧ଜଣ ସ୍ଥାନୀୟ ଆକ୍ରାନ୍ତ ବୋଲି ଜଣାପଡ଼ିଛି। ମୟୂରଭଞ୍ଜ ଜିଲାରୁ ସର୍ବାଧିକ ୬୮ଜଣ ଥିବାବେଳେ ଖୋର୍ଦ୍ଧା ୬୫, ସୁନ୍ଦରଗଡ଼ ୫୭ ଓ ବାଲେଶ୍ୱରରୁ ୫୩ଜଣ ରହିଛନ୍ତି। ଅନ୍ୟସବୁ ଜିଲାରେ ଦୈନିକ ସଂକ୍ରମିତ ସଂଖ୍ୟା ୫୦ତଳକୁ ରହିଛି। କନ୍ଧମାଳ ଓ ବୌଦ୍ଧ ଜିଲାରେ ସର୍ବନିମ୍ନ ଜଣେ ଲେଖାଏ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତ ସଂଖ୍ୟା ୩,୧୬,୦୦୧ରେ ପହଞ୍ଚିଛି। ସେପଟେ ପ୍ରତିଦିନ ପରି ବୁଧବାର ମଧ୍ୟ ଅନେକ ଆକ୍ରାନ୍ତ ଆରୋଗ୍ୟ ଲାଭ କରିଛନ୍ତି। ମଙ୍ଗଳବାର ଆଉ ୭୨୮ଜଣ ସୁସ୍ଥ ହେବାପରେ ମୋଟ ଆରୋଗ୍ୟ ସଂଖ୍ୟା ୩,୦୮,୧୦୨କୁ ବୃଦ୍ଧି ପାଇଛି।




### ୩ ବିଶ୍ୱବିଦ୍ୟାଳୟ କୁଳପତି ପଦବୀ ପୂରଣ ପାଇଁ ବିଜ୍ଞପ୍ତି

**ଭୁବନେଶ୍ୱର, ୨୫।୧୧ (ବ୍ୟୁରୋ):** ରାଜ୍ୟର ଆଉ ୩ ବିଶ୍ୱବିଦ୍ୟାଳୟରେ କୁଳପତି ପଦବୀ ପୂରଣ ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରେଭେନ୍ସା, ସମ୍ବଲପୁର ଓ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ପାଇଁ ବୁଧବାର ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ଡିସେମ୍ବର ୨୧ ସୁଦ୍ଧା ପ୍ରାର୍ଥୀମାନେ ଆବେଦନ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଗତ ୨୩ତାରିଖ ଦିନ ୬ ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତି ଦେଇଥିଲେ। ସେଗୁଡ଼ିକ ହେଲା ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ।



**ଆଜିର ମନ୍ତବ୍ୟ**

"ଆର୍‌ଜେଡି ଅଧ୍ୟକ୍ଷ ଲାଲୁପ୍ରସାଦ ଯାଦବଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯାଇ ରାଞ୍ଚିରୁ ବିଦା କରାଯାଉ।
**-ବାବୁଲାଲ୍ ମାରାଣ୍ଡି, ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ**



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଆଦିଦେବ୍
ପରିବାରବର୍ଗ


କ୍ରିଷ୍ଟା କୁମାରୀ
ପରିବାରବର୍ଗ


ପ୍ରଭୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଅନ୍ତର୍ଜାତୀୟ ବିମାନ ...

ସରକାର ବିଭିନ୍ନ ଜିଲାରେ ଏଭଳି କଟକଣା ଲଗାଇଛନ୍ତି।

ଏହାବ୍ୟତୀତ ଗାଇଡ୍‌ଲାଇନରେ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରକ୍ଷାକରିବା, ହାତ ଧୋଇବା ଆଦିକୁ କଡ଼ାକଡ଼ି ପାଳନ ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ଏସବୁର ଉଲ୍ଲଂଘନ ପାଇଁ ରାଜ୍ୟଗୁଡ଼ିକ ଲୋକଙ୍କ ଉପରେ ଜରିମାନା ଲଗାଇପାରିବେ। ଗହଳି ସ୍ଥାନ, ବଜାର ଓ ସାଧାରଣ ପରିବହନରେ ସାମାଜିକ ଦୂରତ୍ୱ ରକ୍ଷା ଲାଗି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର (ଏସ୍‌ଓପି)କୁ କଡ଼ାକଡ଼ି ପାଳନ କରିବା ଲାଗି ରାଜ୍ୟଗୁଡ଼ିକୁ କୁହାଯାଇଛି।

## ପରୀ ହତ୍ୟା ଘଟଣାର ...

କିରୋସିନ ନିଜ ଉପରେ ଢାଳୁଥିବା ବେଳେ ବିଧାନସଭା ପାଇଁ ନିୟୋଜିତ ହୋଇଥିବା ସୁରକ୍ଷାକର୍ମୀଙ୍କ ନଜରକୁ ଆସିଥିଲେ। ତତ୍କ୍ଷଣାତ ପୋଲିସ କର୍ମଚାରୀମାନେ ସେମାନଙ୍କଠାରୁ ବୋତଲରେ ଥିବା କିରୋସିନ ଜବତକରି କୌଣସି ପ୍ରକାର ଆତ୍ମଦାହ କରିବା ପୂର୍ବରୁ ତାଙ୍କୁ ପୋଲିସ ହେପାଜତକୁ ନେଇଥିଲେ। ପରେ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ଫାଣ୍ଡିକୁ ନିଆଯାଇଥିଲା। ସେମାନଙ୍କୁ ପଚରାଉଚରା କରିବାରେ ଜଣାପଡ଼ିଲା ଯେ, ଅଶୋକ ସାହୁ ତାଙ୍କ ୫ ବର୍ଷର ଝିଅ ନିଖୋଜ ଥିବାର ଲିଖିତ ଭାବେ ଜଣାଇଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗ କ୍ରମେ ଗତ ଜୁଲାଇ ୧୪ରେ ଆଇପିସି ଦଫା ୩୬୩/୩୬୪/୩୦୨/୩୦୧ରେ ମାମଲା ରୁଜୁ ହୋଇଥିଲା। ସବ୍ ଇନ୍‌ସପେକ୍ଟର ଏସ.କେ. ଦାସଙ୍କୁ ତଦନ୍ତ ଭାର ଦିଆଯାଇଥିଲା। ଝିଅର ଅନୁସନ୍ଧାନ ପାଇଁ ଭିଏଚ୍‌ଏଫ୍ ବାର୍ତ୍ତା ମାଧ୍ୟମରେ ସମସ୍ତ ଥାନାକୁ ଜଣାଇ ଦିଆଯାଇ ସାକ୍ଷୀମାନଙ୍କୁ ପଚରାଉଚରା କରାଯାଇଥିଲା। କ୍ରିମିନାଲ ଇଣ୍ଟେଲିଜେନ୍ସ ଗେଜେଟ(ସିଆଇଜି)ରେ ପ୍ରକାଶନ ପାଇଁ ତୁରନ୍ତ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା। ସନ୍ଧାନୀ ପୋଲିସ କୁକୁର ମଧ୍ୟ ନିୟୋଜିତ କରାଯାଇଥିଲା। ଜୁଲାଇ ୨୩ ଅପରାହ୍ନ ୪ଟା ୨୦ ମିନିଟ୍‌ରେ ଅଭିଯୋଗକାରୀ ତାଙ୍କ ଘର ପଛପାଖ ପୋଖରୀର ଉତ୍ତରପଟ ବନ୍ଧରେ ତାଙ୍କ ଝିଅର ଶବ ପଚାଶଢ଼ା ଅବସ୍ଥାରେ ଏକ ଅଖା ଭିତରେ ବନ୍ଧାହୋଇ ପଡ଼ିଥିବାର ଦେଖିଥିଲେ। ସଦର ଥାନା ଇନ୍ସପେକ୍ଟର ରୀନାରାଣୀ ସାହୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ପାରିପାର୍ଶ୍ୱିକ ଅବସ୍ଥାରୁ ଜଣାଯାଏ ଯେ, ଦୁର୍ବୃତ୍ତମାନେ ଝିଅଟିକୁ ଅପହରଣ କରି ହତ୍ୟା କରିଛନ୍ତି। ତେଣୁ ମକଦ୍ଦମାଟିକୁ ଦଫା ୩୬୩/୩୬୪/୩୦୨/୨୦୧ ଆଇପିସିକୁ ରୂପାନ୍ତରିତ କରାଯାଇଥିଲା। ସଦର ଥାନା ଇନ୍ସପେକ୍ଟର ଉକ୍ତ ମାମଲାର ତଦନ୍ତ ଭାର ତୁରନ୍ତ ଏସ୍.ଆଇ ଏସ.କେ. ଦାସଙ୍କଠାରୁ ଗ୍ରହଣ କରିଥିଲେ। କ୍ରାମଇବ୍ରାଞ୍ଚର ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଦଳ ଜୁଲାଇ ୨୪ ପୂର୍ବାହ୍ନ ୯ଟାରେ ତଥ୍ୟ ପ୍ରମାଣ ସଂଗ୍ରହ ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ।

ନୟାଗଡ଼ ତହସିଲଦାର ଭିକାରୀ ସାହୁ, ଘରଲୋକ ଓ ଅନ୍ୟ ସାକ୍ଷୀମାନଙ୍କ ଉପସ୍ଥିତିରେ ଶବ ଅନୁସନ୍ଧାନ କରାଯାଇଥିଲା। ଏସ୍‌ସିବି ମେଡିକାଲ କଲେଜକୁ ଶବ ବ୍ୟବଚ୍ଛେଦ ପାଇଁ ଏସ୍କର୍ଟ ପାର୍ଟି ସହାୟତାରେ ପଠାଯାଇ ଏକ ଡାକ୍ତରୀ ଦଳଙ୍କ ଦ୍ୱାରା ଶବ ବ୍ୟବଚ୍ଛେଦ କରାଯାଇଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟରେ ଡାକ୍ତର ଦର୍ଶାଇଥିଲେ ଯେ, ଉକ୍ତ ଶବ ୫ରୁ ୬ ବର୍ଷର ନାବାଳିକାଙ୍କର ଥିଲା। ଶବ ପଚିଶଢ଼ି ଯାଇଥିବାରୁ ମୃତ୍ୟୁ ପୂର୍ବରୁ ଯୌନ ନିର୍ଯାତନା ଦିଆଯାଇଥିଲା କି ନାହିଁ ନିର୍ଦ୍ଧାରଣ କରାଯାଇ ପାରି ନ ଥିଲା। ଉକ୍ତ ନାବାଳିକାଙ୍କର ମୃତ୍ୟୁ ଗୋଟିଏ ସପ୍ତାହ ପୂର୍ବରୁ ହୋଇଥିଲା ବୋଲି ଶବ ବ୍ୟବଚ୍ଛେଦ ରିପୋର୍ଟରେ ଦର୍ଶାଯାଇଛି। ଏଥିସହିତ ଭୁବନେଶ୍ୱରଠାରେ ଥିବା ରାଜ୍ୟ ଫରେନସିକ୍ ସାଇନ୍ସ ଲାବରେଟୋରିରେ ଡିଏନ୍‌ଏ ପରୀକ୍ଷା କରି ମୃତ ଝିଅର ମାତାପିତାଙ୍କ ନମୁନା ସହ ମ୍ୟାଚ କରାଯାଇଥିଲା। ମୃତକ ଆବେଦନକାରୀଙ୍କ ଝିଅ ବୋଲି ପ୍ରମାଣିତ ହୋଇଥିଲା ।

ଏହି ଘଟଣାରେ ସନ୍ଦିଗ୍ଧ ୪ ଜଣଙ୍କ ପଲିଗ୍ରାଫ୍ ଟେଷ୍ଟ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କ କଲ୍ ରେକର୍ଡକୁ ତର୍ଜମା କରାଯାଇଛି। ନୟାଗଡ଼ ଜିଲାର ବିଭିନ୍ନ ବ୍ୟାଙ୍କରେ ସନ୍ଦିଗ୍ଧଙ୍କ ଆର୍ଥିକ କାରବାରକୁ ତନଖି କରାଯାଇଛି। ୩୪ ଜଣ ସନ୍ଦିଗ୍ଧ ଓ ଗ୍ରାମବାସୀଙ୍କୁ ପଚରାଉଚରା କରାଯାଇଥିଲା। ମକଦ୍ଦମାଟିକୁ ଏସ୍‌ଡିପିଓ ନୟାଗଡ଼ ତଦାରଖ କରୁଛନ୍ତି। ତାହା ବିଚାରାଧୀନ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

## ୨୫ ବର୍ଷ ପଛକୁ ...

ଲୋକଙ୍କୁ ସପ୍ତାହକୁ ୫ ଥର ଲେଖାଏ ଏଚ୍‌ବିଓଟି ଚିକିତ୍ସା କରାଯାଉଥିଲା। ଦିନକୁ ୯୦ ମିନିଟ ଧରି ଏହି ଉପଶମ ବ୍ୟବସ୍ଥା କରାଯାଉଥିଲା। ଏହିପରି ଭାବେ ୩ ମାସ ଧରି ଅକ୍ସିଜେନ୍ ଟ୍ରିଟ୍‌ମେଣ୍ଟ କରାଯିବା ପରେ ଜଣାପଡ଼ିଥିଲା ଯେ, ଏହି ଚିକିତ୍ସା ଯୋଗୁ ଗୁଣସୂତ୍ର (ଟେଲୋମର୍ସ) ନିୟନ୍ତ୍ରଣ ଜରିଆରେ ବୟସ୍କ ଶରୀରର କୋଷିକାଗୁଡ଼ିକୁ ବିକଶିତ କରାଯାଇ ପାରୁଛି। ଏଥିରେ ବୁଢ଼ା ହେବାକୁ ରୋକାଯାଇ ପାରୁଛି ଓ ରୋଗ ମଧ୍ୟ ଉପଶମ ହେଉଛି। ଗବେଷଣାର ନେତୃତ୍ୱ ନେଉଥିବା ପ୍ରଫେସର ଶାଇ ଏଫ୍ରାଟି କହିଛନ୍ତି, ବୟସ ବୃଦ୍ଧି ରୋକିବା କ୍ଷେତ୍ରରେ ଟେଲୋମିଟର ଶର୍ଟେନିଂ ହେଉଛି ଜୈବବିଜ୍ଞାନର ହୋଲି ଗ୍ରେଲ୍ (ଯିଶୁଖ୍ରୀଷ୍ଟଙ୍କ ଶେଷ ନୈଶ ଭୋଜନରେ ବ୍ୟବହୃତ ଥାଳି) ସଦୃଶ। ଏହାକୁ ପ୍ରୟୋଗ କରି ଲୋକଙ୍କୁ ସେମାନଙ୍କ ବର୍ତ୍ତମାନ ବୟସଠାରୁ ୨୫ ବର୍ଷ ପୂର୍ବ ଅବସ୍ଥାକୁ ଫେରାଇ ଅଣାଯାଇ ପାରୁଛି। ସାରା ବିଶ୍ୱର ଗବେଷକମାନେ ଟେଲୋମର ବିସ୍ତାର ପାଇଁ ସକ୍ଷମ କରୁଥିବା ଫାର୍ମାଲୋଜିକାଲ ଓ ପରିବେଶଗତ ଉପାୟ ଉଦ୍ଭାବନ ପାଇଁ ଉଦ୍ୟମ ଚଳାଇଥିବାବେଳେ ଆମ ଏଚ୍‌ବିଓଟି ପ୍ରୋଟୋକଲ୍ ଏହି ସଫଳତା ହାସଲ କରିଛି। ନିକଟରେ ଏକ ଅନୁରୂପ ଗବେଷଣାରେ ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି ଯେ, ଆଭ୍ୟନ୍ତରୀଣ ପ୍ରୋଟିନ୍ ବୟସ ବୃଦ୍ଧିକୁ ଅଟକାଇପାରେ। କେତେକ ମୂଷା ଶରୀରରେ ଏହାକୁ ପ୍ରୟୋଗ କରାଯାଇଥିଲା। ପରେ ସେହି ମୂଷାମାନଙ୍କୁ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ (ଆଇଏସ୍‌ଏସ୍)କୁ ପଠାଯାଇଥିଲା। ଜାପାନ ସ୍ପେସ୍ ଏଜେନ୍ସି ଜେଏକ୍ସଏ ଏବଂ ତୋହୋକୁ ୟୁନିଭର୍ସିଟିର ମିଳିତ ଉଦ୍ୟମରେ କରାଯାଇଥିବା ଏହି ଗବେଷଣାରେ ଆଇଏସ୍‌ଏସ୍‌ରେ ନ୍ୟୁକ୍ଲିୟର ଫ୍ୟାକ୍ଟର ଏରିଥ୍ରୋଇଡ୍ ୨ ବା ଏନ୍‌ଆର୍‌ଏଫ୍୨ ପ୍ରୋଟିନ ବିନା ସମ ପରିମାଣର ଖାଦ୍ୟ ଖାଇବା ଓ ପାଣି ପିଇବା ପରେ ମଧ୍ୟ ମୂଷାଗୁଡ଼ିକର ଓଜନ ବଢ଼ି ନ ଥିଲା। ଆଭ୍ୟନ୍ତରୀଣ ପ୍ରୋଟିନ ବୟସ ବୃଦ୍ଧି ପ୍ରକ୍ରିୟାକୁ ଧୀର କରିବା ସମ୍ଭାବନା ବହନ କରେ ବୋଲି ମୂଷାଙ୍କ ଶାରୀରିକ ପରିବର୍ତ୍ତନରୁ ଜଣାପଡ଼ିଥିଲା। ଆଲ୍‌ଜାଇମର୍ ଭଳି ଅକ୍ଷମତା ଯୋଗୁ ସୃଷ୍ଟି ହେଉଥିବା ବାର୍ଦ୍ଧକ୍ୟ ଅବସ୍ଥାର ଦୂରୀକରଣ ପାଇଁ ଔଷଧ ପ୍ରସ୍ତୁତିରେ ଏହି ଅଧ୍ୟୟନ ସହାୟକ ହେବ ବୋଲି କୁହାଯାଉଛି।

# ମାରାଡୋନାଙ୍କ ପରଲୋକ



ବୁଏନ୍ସ ଆରିଜ, ୨୫।୧୧: ଏକ ଦୁଃଖଦ ଘଟଣା କ୍ରମରେ ଆର୍ଜେଣ୍ଟିନା ଫୁଟବଲ କିମ୍ବଦନ୍ତୀ ଡିଏଗୋ ମାରାଡୋନା ମାତ୍ର ୬୦ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି। ବୁଧବାର ହୃଦ୍‌ଘାତ କାରଣରୁ ତାଙ୍କର ଦେହାନ୍ତ ହୋଇଛି। ପୂର୍ବରୁ ବୁଏନ୍ସ ଆରିଜରେ ଗତ ନଭେମ୍ବରରେ ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିବା କାରଣରୁ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା ଓ ଏହା ସଫଳ ହୋଇଥିଲା। ଫଳରେ ତାଙ୍କୁ ଘରକୁ ଯିବାକୁ ହସ୍ପିଟାଲ କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିଥିଲେ। ଜଣେ ସର୍ବାକାଳୀନ ଶ୍ରେଷ୍ଠ ଫୁଟବଲର ରୂପେ ପରିଗଣିତ ହେଉଥିବା ମାରାଡୋନାଙ୍କ ଦେହାନ୍ତରେ ସାରା ବିଶ୍ୱ କ୍ରୀଡ଼ାଜଗତରେ ଶୋକର ଛାୟା ଖେଳିଯାଇଛି। ମାରାଡୋନାଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ୧୯୮୬ ଫିଫା ବିଶ୍ୱକପ୍‌ରେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ଏକାଧିକ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସେ ବିଶ୍ୱ ଫୁଟବଲ ପ୍ରେମୀଙ୍କ ନିକଟରେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବେ।

**ପ୍ରଥମ ପୃଷ୍ଠାରୁ...**

## ଆଖିବୁଜିଲା କାଳିଆ

ଉଭୟଙ୍କ ଅସ୍ତ୍ରୋପଚାର ପାଇଁ ୨୦୧୭ ଜୁଲାଇ ୧୩ରେ ଦିଲ୍ଲୀ ଏମ୍ସ ନିଆଯାଇଥିଲା। ଅସ୍ତ୍ରୋପଚାର ପାଇଁ ଏକ ସ୍ୱତନ୍ତ୍ର ଡାକ୍ତରୀଦଳ ଗଠନ ହୋଇଥିଲା। ଦୁଇଟି ପର୍ଯ୍ୟାୟରେ ଅସ୍ତ୍ରୋପଚାର କରାଯାଇଥିଲା। ପ୍ରଥମଟି ଅଗଷ୍ଟ ୨୮ ଓ ଦ୍ୱିତୀୟଟି ଅକ୍ଟୋବର୨୫ରେ ହୋଇଥିଲା। ଅସ୍ତ୍ରୋପଚାର ପରେ ଜଗାର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା। କିନ୍ତୁ କାଳିଆର ସ୍ୱାସ୍ଥ୍ୟ ଠିକ୍ ନ ଥିଲା। ତେବେ ୨୦୧୯ ସେପ୍ଟେମ୍ବର ୭ତାରିଖରେ ଦିଲ୍ଲୀ ଏମ୍ସରୁ ସେମାନେ ଡିସ୍‌ଚାର୍ଜ ହୋଇଥିଲେ ଓ ୮ରେ ଓଡ଼ିଶା ପହଞ୍ଚିଥିଲେ। ଓଡ଼ିଶା ଫେରିବା ପରେ ଘରକୁ ନ ପଠାଯାଇ ଉଭୟଙ୍କୁ ଏସ୍‌ସିବିରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଆସିବା ଦିନଠାରୁ ଜଗା ପ୍ରାୟତଃ ସୁସ୍ଥ ରହିବା ସହ ୱାର୍ଡରେ ଖେଳାବୁଲା କରୁଥିଲା। କିନ୍ତୁ କାଳିଆ ପ୍ରାୟ ସମୟରେ ଶୋଇ ରହୁଥିଲା। ବାରମ୍ବାର ଜ୍ୱର, ବାତ ମାରୁଥିଲା। କାଳିଆକୁ ନାଜାଲ ଫିଡିଙ୍ଗ ଦିଆଯାଉଥିଲା। ଫଳରେ ବିଭିନ୍ନ ସମୟରେ କାଳିଆକୁ ଭେଣ୍ଟିଲେଟରରେ ରଖାଯାଇ ଚିକିତ୍ସା କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଯୋଡ଼ାମୁଣ୍ଡ ଜଗା କାଳିଆଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ୧ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରିବା ସହ ନିୟମିତ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଥିଲେ।

## ଅହମ୍ମଦ ପଟେଲଙ୍କ ...

ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କର ଏକାନ୍ତ ଘନିଷ୍ଠ ହେବା ସହ ଦୀର୍ଘଦିନ ଧରି ତାଙ୍କର ରାଜନୈତିକ ସମ୍ପାଦକ ଥିଲେ। ସେ ଦଳର ସଙ୍କଟମୋଚକ ଭାବେ ଅନେକ ଅସ୍ଥିର ସ୍ଥିତିରୁ ଦଳକୁ ମୁକୁଳାଇଥିଲେ। ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସେ ଅନ୍ୟ ଦଳ ଓ ନେତାମାନଙ୍କ ମଧ୍ୟରେ ସହମତି ଆଣିପାରୁଥିଲେ। ମୃଦୁଭାଷୀ ତଥା ସୁଶୀଳ ବ୍ୟକ୍ତି ଭାବେ ଜଣାଶୁଣା ଅହମ୍ମଦଙ୍କର ବିଭିନ୍ନ ମହଲରେ ବନ୍ଧୁ ରହିଛନ୍ତି। ସମ୍ପ୍ରତି ଗୁଜରାଟରୁ ରାଜ୍ୟ ସଭା ସଦସ୍ୟ ଥିବା ଅହମ୍ମଦ ୩ ଥର ଲୋକ ସଭାକୁ ଓ ୫ ଥର ଉଚ୍ଚ ସଦନକୁ ନିର୍ବାଚିତ ହୋଇଛନ୍ତି। ଏଥିସହିତ ସେ କଂଗ୍ରେସର କୋଷାଧ୍ୟକ୍ଷ ରହିଥିଲେ। ତାଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ଅନ୍ୟ ବରିଷ୍ଠ ନେତାଙ୍କ ସମେତ କେନ୍ଦ୍ରମନ୍ତ୍ରୀମାନେ ଶୋକବ୍ୟକ୍ତ କରିଛନ୍ତି।

ଅହମ୍ମଦ ପଟେଲଜୀଙ୍କ ପରଲୋକରେ ମର୍ମାହତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଦୀର୍ଘଦିନ ଧରି ସାଧାରଣ ଜୀବନରେ ରହିବା ସହ ସମାଜସେବା କରିଥିଲେ। କଂଗ୍ରେସକୁ ସୁଦୃଢ଼ କରିବାରେ ତାଙ୍କ ଭୂମିକା ସବୁବେଳେ ମନେ ରହିବ। ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ପରିବାର ସଦସ୍ୟଙ୍କୁ ପ୍ରଧାନମନ୍ତ୍ରୀ ସମବେଦନା ଜଣାଇଛନ୍ତି। ଜଣେ ସହକର୍ମୀଙ୍କୁ ହରାଇଲେ ବୋଲି ସୋନିଆ କହିଛନ୍ତି। ଅହମ୍ମଦଙ୍କର ସାରା ଜୀବନ କଂଗ୍ରେସ ପାଇଁ ଉତ୍ସର୍ଗୀକୃତ ଥିଲା। ସେ ଅତ୍ୟନ୍ତ ବିଶ୍ୱସ୍ତ, ଉତ୍ସର୍ଗୀକୃତ ଓ କର୍ତ୍ତବ୍ୟ ପ୍ରତି ପ୍ରତିଶ୍ରୁତିବଦ୍ଧ ଓ ସହାୟତା ପାଇଁ ସବୁବେଳେ ପ୍ରସ୍ତୁତ ଥିଲେ। ଏଭଳି ବିରଳ ଗୁଣ ତାଙ୍କୁ ଅନ୍ୟମାନଙ୍କଠାରୁ ପରିଚୟ ଦେଇଥିଲା ବୋଲି ସୋନିଆ କହିଛନ୍ତି। ଅହମ୍ମଦ ପଟେଲ କଂଗ୍ରେସର ଏକ ସ୍ତମ୍ଭ ଥିଲେ, ସେ ଦଳ ପାଇଁ ବଞ୍ଚିଥିଲେ ଓ ସବୁ ଅସୁବିଧା ବେଳେ ସେ ଦଳ ସହ ଛିଡ଼ା ହୋଇଥିଲେ ବୋଲି ରାହୁଲ ଗାନ୍ଧୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି।


**classifieds Everyday**
**0674-2580101, 2549302**

real estate

**SALE**

Ready to move 2BHK Flat near V2 Showroom Patrapada, BBSR. Contact- 9861037729, 9040337729. D-19048

ଭୁବନେଶ୍ୱର ସୁନ୍ଦରପଦା **Indus Engineering College backside** ସ୍ଥିତିବାନ ପ୍ଲଟ **Sqft.299/-** ମିଳୁଅଛି। **7848882166.** D-70113

Ready move 2BHK and 3BHK flats for sale at Patia/ Sailashree Vihar and Damana. 7008346486. D-70033

**2000sqft. 200mtr from bypass NH corner, boundarywall, gharabari plot sale infront of DAV Public School, Kantabada, Bhubaneswar. 7008634668.** D-70110

Hanspal duplex 45,00,000/-, homestead plot 1900/-, Aiginia-1700/-, Nakhara East College 550/-, Sundarpada- 600/- (Bank finance available) 9777236619. D-70111

ଭୁବନେଶ୍ୱର ଚନ୍ଦକାଛକରୁ **500mtr. near Nalanda** ଓ **BCST College** ପାଖରେ ଘର ଉପଯୋଗୀ **plot** ମିଳୁଛି। **Immediate registration/ possession. 8895492671, 9348870771.** D-70112

to-let

2BHK flat with parking at Lingipur, rent family Contact: 7894381416. D-59972

600sqft. fully furnished commercial space available on second floor at Goutam Nagar BMC main road, Bhubaneswar. Contact: 9937203178. D-67579

healthcare

Refreshing your mind & body with best therapy at Lotus Spa. 8018234866 D-69584

Swarna SPA newly open positively health benefits with expert therapist. 9556978408. D-70024

Thailand massage refreshment Bhubaneswar, Cuttack smart therapist. 9853999966, 9853999966. Homeservices9853999966@gmail.com D-18864

Get refreshment body massage by expert therapist contact for 7205084157. D-70025

Newly open full body massage SPA in Bhubaneswar. Contact: 7205058838. D-70027

Rejuvenate and Ayurvedic full body massage by smart therapist. 9348123330. D-70028

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**LOST**

I, Smt. Subasini Sahu, At/ PO- Maneswar, Dist- Sambalpur would inform that I have lost the sale deed and patta for the property located in Mouza Maneswar P.S- Sadar, Tahasil- Maneswar, Dist- Sambalpur, Chakka Khata No. 166, plot No. 334 measuring Ac 0.090 dec. We have tried our best to locate the same but could not find the same. I would like to state that I/We wish to avail a lone facility against mortgage of this property from the State Bank of India Kacheri road branch, branch code 0175, Sambalpur, Odisha. A FIR GD No. 10 dated 24.11.2020 has also been filed with police on with Sadar Police Station. D-69821


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମାଟ୍ରିକ, ଯୁକ୍ତ ୨ ପରୀକ୍ଷା...

ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, କୋଭିଡ-୧୯ ମହାମାରୀ ଯୋଗୁ ରାଜ୍ୟରେ ୨୦୨୦ ମାର୍ଚ୍ଚ ୧୭ରୁ ରାଜ୍ୟରେ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ଛାତ୍ରୀଛାତ୍ରମାନଙ୍କର ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ବର୍ଗର ଲୋକ ଓ ବିଶେଷଜ୍ଞଙ୍କ ସହ ଆଲୋଚନା କରିବା ପରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଆସନ୍ତା ଡିସେମ୍ବର ୩୧ ଯାଏ ବନ୍ଦ ରଖାଯାଇଛି। ଏହି ସମୟରେ ଅଧିକରୁ ଅଧିକ ଛାତ୍ରୀଛାତ୍ରଙ୍କ ନିକଟରେ ଡିଜିଟାଲ ମାଧ୍ୟମରେ ଶିକ୍ଷା ପହଞ୍ଚାଇବାକୁ ସରକାର ଚେଷ୍ଟା କରୁଛନ୍ତି। ମାତ୍ର ତାହା ସମସ୍ତ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚାଇବା ସମ୍ଭବ ହେଉନାହିଁ କିମ୍ବା ସେମାନଙ୍କୁ ବୋର୍ଡ ଓ ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ଦେବାକୁ ପ୍ରସ୍ତୁତ କରାଯାଇ ପାରୁନାହିଁ। ସ୍ପଷ୍ଟତା ଅନିଶ୍ଚିତତା ଭିତରେ ଥିବାରୁ ଚଳିତ ଶିକ୍ଷାବର୍ଷରେ ଦଶମ ଓ ଯୁକ୍ତ ୨ ବୋର୍ଡ ପରୀକ୍ଷାକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅନିଶ୍ଚିତତା ଭିତରେ ରହିଛନ୍ତି। ଏହା ଆମ ସମସ୍ତଙ୍କ ପାଇଁ କଷ୍ଟଦାୟକ ହୋଇଛି। ସମସ୍ତ ପ୍ରବେଶିକା ପରୀକ୍ଷା ଉଚ୍ଚ ଶିକ୍ଷା ସହ ଜଡ଼ିତ ରହିଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଗାଇଡଲାଇନ ସହ ସମୟ ନିର୍ଘଣ୍ଟ କରାଗଲେ ରାଜ୍ୟ ସରକାର ଏ ନେଇ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରିପାରିବେ। ଏହା ମଧ୍ୟ ଉତ୍କଣ୍ଠାର ସହ ଅପେକ୍ଷା କରିଥିବା ଛାତ୍ରୀଛାତ୍ରମାନେ ପରୀକ୍ଷା ତାରିଖ ଜାଣିବା ସହ ପ୍ରସ୍ତୁତି ମଧ୍ୟ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଦର୍ଶାଇଛନ୍ତି।

## ଆଜି ଦେଶବ୍ୟାପୀ ....

ପାଇଁ ମାସିକ ୧୦ କି.ଗ୍ରା. ଚାଉଳ/ଗହମ, ଗ୍ରାମାଞ୍ଚଳରେ ଶ୍ରମିକମାନଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବର୍ଦ୍ଧିତ ମଜୁରିରେ ୨୦୦ ଦିନ ପାଇଁ କାମ, ଶ୍ରମିକ ବିରୋଧୀ ୪ଟି ଶ୍ରମ କୋଡ୍ ଓ ଚାଷୀ ବିରୋଧୀ ୩ଟି ଫାର୍ମ ଆଇନକୁ ବାତିଲ କରିବା, ରେଳ, କୋଇଲା, ପ୍ରତିରକ୍ଷା ସମେତ ବ୍ୟାଙ୍କ, ବୀମା ଭଳି ଆର୍ଥିକ କ୍ଷେତ୍ର, ତୈଳ ଓ ବାଷ୍ପ ବନ୍ଦର ଆଦି ଲାଭଜନକ ରାଷ୍ଟ୍ରାୟତ୍ତ ଓ ସରକାରୀ ବିଭାଗଗୁଡ଼ିକର ବିକ୍ରି ଓ ଘରୋଇକରଣ ବନ୍ଦ କରିବା, ସମସ୍ତ ସରକାରୀ ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀଙ୍କୁ ପେନ୍‌ସନ ଦେବା ଆଦିରେ ଏହି ଧର୍ମଘଟ ଡାକରା ଦିଆଯାଇଛି। ରାଜ୍ୟରେ ବିଭିନ୍ନ ଶ୍ରମିକ ସଂଗଠନ ସହ ଏହି ଧର୍ମଘଟରେ କଂଗ୍ରେସ ସାମିଲ ହୋଇଛି। ଧର୍ମଘଟକୁ ସଫଳ କରିବାକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ସମସ୍ତ ଜିଲା କଂଗ୍ରେସ କମିଟି, ରାଜ୍ୟର ଛାମୁଆ ସଂଗଠନ, ପ୍ରକୋଷ୍ଠ ଓ ବିଭାଗର ସାହାଯ୍ୟ ଓ ସହଯୋଗ କାମନା କରିଛନ୍ତି।

# ୧୦ ଡିଗ୍ରୀ ତଳେ ଦୁଇ ସହର

**ଭୁବନେଶ୍ୱର,୨୫।୧୧(ବ୍ୟୁରୋ):**ରାଜ୍ୟରେ ଗତ କିଛିଦିନ ହେବ ଶୀତ ସାମାନ୍ୟ ବୃଦ୍ଧିପାଇଛି। ୧୦ ଡିଗ୍ରୀ ସେଲ୍‌ସିୟସ ତଳେ ଦୁଇଟି ସହର ଥିବା ବେଳେ ଅଧିକାଂଶ ସ୍ଥାନରେ ପାରଦ ୧୫ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୮.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସୋନପୁର ୯.୪, ଫୁଲବାଣୀ ୧୦.୫, ଅନୁଗୋଳ ୧୧, ବାରିପଦା ୧୨, କେନ୍ଦୁଝର ୧୨, ଝାରସୁଗୁଡା ୧୨.୨, ଭବାନୀପାଟଣା ୧୨.୨, ତାଳଚେର ୧୨.୩, କୋରାପୁଟ ୧୨.୬, ବୌଦ୍ଧ ୧୪, କଟକ ୧୪.୧, ଚାନ୍ଦବାଲି ୧୫.୧, ବାଲେଶ୍ୱର ୧୫.୩, ହୀରାକୁଦ ୧୫.୫, ସୁନ୍ଦରଗଡ଼ ୧୫.୫, ସମ୍ବଲପୁର ୧୫.୨, ଭୁବନେଶ୍ୱର ୧୬ ଏବଂ ପୁରୀରେ ସର୍ବନିମ୍ନ ତାପମାତ୍ରା ୧୬ .୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଅନ୍ୟ ପକ୍ଷରେ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ନିଭାର' ବୁଧବାର ରାତିରେ ତାମିଲନାଡୁ ଏବଂ ପୁଡୁଚେରୀ ଉପକୂଳ ଦେଇ କରାଇକାଲ ଓ ମାମଲାପୁରମ ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିଯାଇଛି। ଏହାର ପ୍ରଭାବରେ କୋରାପୁଟ, ମାଲାନଗିରି, ରାୟଗଡା, ଗଜପତି ଏବଂ ଗଞ୍ଜାମ ଜିଲାରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଯାତ୍ରାରେ ବନ୍ଧୁଙ୍କ ସହାନୁଭୂତି ସହ ଲକ୍ଷ୍ୟ ହାସଲ କରିବେ। ସହକର୍ମୀଙ୍କ ପରାମର୍ଶ ସାଙ୍ଗକୁ ଯେକୌଣସି ପ୍ରତିଯୋଗିତାରେ ମଧ୍ୟ ସଫଳତା ଯୋଗୁ ମନ ଖୁସି ରହିବ। ସନ୍ତାନଙ୍କ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ଜମିଜମା ବିବାଦ, ପଦୋନ୍ନତି, ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟ ଲାଭ ପ୍ରଭୃତି ସୁଫଳ ପାଇବେ।

**ବୃଷ**
ଆଜି ଆନୁଷ୍ଠାନିକ କାର୍ଯ୍ୟ କିମ୍ବା କର୍ମକ୍ଷେତ୍ରରେ ଅହେତୁକ ସମସ୍ୟା ସୃଷ୍ଟି ହେବ। ସକାଳୁ ସକାଳୁ ଅର୍ଥ ସମ୍ବନ୍ଧିତ ଶୁଭ ଖବର ପାଇ ଆନନ୍ଦିତ ହେବେ। ଉଦ୍ୟମର ସଫଳତା ପ୍ରାପ୍ତି ଦିଗରେ ଜଣେ ଗୌରବର୍ଣ୍ଣ ବ୍ୟକ୍ତି ସାହାଯ୍ୟ କରିବେ। ଅପରାହ୍ନରେ କଠିନ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି।

**ମିଥୁନ**
ଆଶାନୁଯାୟୀ ଅର୍ଥ ପ୍ରାପ୍ତି ସହ ଜମି କ୍ରୟ, ଚୁକ୍ତିପତ୍ର କ୍ଷେତ୍ରରେ ବ୍ୟୟ କରିବାର ସୂଚନା ରହିଛି। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଉପରିସ୍ଥ କର୍ମଚାରୀଙ୍କ ଅନୁକମ୍ପାରୁ ଦୂରଯାତ୍ରାର ସୁଯୋଗ ପାଇପାରନ୍ତି। ଶତ୍ରୁ, ରୋଗ ଓ ଋଣଭାରକୁ କମାଇବା ଦିଗରେ ଆନୁଷଙ୍ଗିକ ଅନୁକୂଳ ବାତାବରଣ ସୃଷ୍ଟି ହେବ।

**କର୍କଟ**
ଆଜି ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିବିଶେଷଙ୍କ ମାଧ୍ୟମରେ ଆଦର ଓ ସମ୍ମାନ ପ୍ରାପ୍ତି ହେବ। ପାରିବାରିକ, ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ରାଜନୈତିକ କ୍ଷେତ୍ର, ଆନୁଷ୍ଠାନିକ କିମ୍ବା ଗଠନମୂଳକ କାର୍ଯ୍ୟ ମନ୍ଥର ହେବ। ପୂର୍ବ ସମସ୍ୟାଗୁଡ଼ିକର ସମାଧାନ ପାଇଁ ତତ୍ପର ହୋଇପାରନ୍ତି।

**ସିଂହ**
ଅନ୍ୟମାନଙ୍କ ସମସ୍ୟା ଭିତରେ ନିଜକୁ ସାମିଲ୍ କରିବାକୁ ବାଧ୍ୟ ହୋଇପାରନ୍ତି। ମାନସିକ ଅସନ୍ତୁଳନରୁ ବ୍ୟସ୍ତତା ବୃଦ୍ଧି ପାଇବ। କିନ୍ତୁ ବିବାଦୀୟ ସ୍ଥିତିରେ, କଚେରି ମାମଲା, ପ୍ରତିଯୋଗିତାରେ ସଫଳତା ପାଇବେ। ନିଜ ପରିସରରେ କୌଣସି ଉଚ୍ଚବର୍ଗର ବ୍ୟକ୍ତିଙ୍କ ଦ୍ୱାରା କାମ ହାସଲ କରିବେ।

**କନ୍ୟା**
ଆଜି ଆତ୍ମୀୟମାନଙ୍କ ଗହଣରେ ଦିନଟି ସୁନ୍ଦର ଭାବରେ ଅତିବାହିତ ହେବ। ପକେଟ ଖାଲି ରହିବନି। ମଜାମଉଜକୁ ମନ ବଳିବ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବା ଯୋଗୁ ମନ ହଲଚଲ ହୋଇପାରେ। ମନକୁ ସୁହାଇଲା ଭଳି କଥା କହି ଅନ୍ୟକୁ ଆପଣାର କରିବେ।

**ତୁଳା**
ମନରେ ବିଭିନ୍ନ କଳ୍ପନା ଉଙ୍କିମାରି ଭାବପ୍ରବଣତାରେ ଭାସି ବୁଲିବେ । ଅଭାବ ନଥିଲେ ହେଁ ହାତ ଖାଲି ରହିବା ଫଳରେ ମନ ଭଲ ରହିବନି। ଇଚ୍ଛା ବିରୋଧରେ କାମ କରି ଅନୁତପ୍ତ ହୋଇପାରନ୍ତି। ଅବଶ୍ୟ ପୁତ୍ରକନ୍ୟାହେତୁକ ସୁଖ ମିଳିବା ସାଙ୍ଗକୁ ପରିବାରରେ ଶାନ୍ତି ବିରାଜମାନ କରିବ।

**ବିଛା**
ଈର୍ଷା କରୁଥିବା ଲୋକଙ୍କ ପରୋକ୍ଷ ଚୁପ୍‌ଚାପ୍ କଥା ମନରେ ଅସ୍ଥିରତା ସୃଷ୍ଟି କରିପାରେ। ଲେଖାପଢ଼ା, ଆନୁଷ୍ଠାନିକ କାମରୁ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସୁଧାରିବା ସକାଶେ ବନ୍ଧୁମାନେ ସାହାଯ୍ୟ କରିବେ।

**ଧନୁ**
ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବାର ଆଶା ରହିଛି । ସମୟେ ସମୟେ ଆପଣଙ୍କ ବିରକ୍ତିସୂଚକ କଠୋର ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ରାଜନୀତି, ସଭାସମିତି କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଖଳ ଲୋକଙ୍କ ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର**
ଆଜି ଘରେ ଯେମିତି ବାହାରେ ମଧ୍ୟ ସେମିତି ଆଦରସମ୍ମାନ ମଧ୍ୟରେ ମନ ଖୁସି ହୋଇଯିବ। ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ସଫଳତା ମିଳିପାରେ। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିବାରେ ସମର୍ଥ ହେବେ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**କୁମ୍ଭ**
କର୍ମକ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରି ସମସ୍ୟା ସୃଷ୍ଟି କରିପାରନ୍ତି । ପୈତୃକ ସମ୍ପତ୍ତିକୁ ନେଇ କଳହ ସୃଷ୍ଟି ହୋଇପାରେ। ବକେୟା ଅର୍ଥ ଆଦାୟକୁ ନେଇ କଳହର ଆଶଙ୍କା ରହିଛି । ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବାକୁ ବାଧ୍ୟ ହେବେ।

**ମୀନ**
ଆଜି ଅବୁଝା ସନ୍ତାନ, ଅନାଦର ଆମନ୍ତ୍ରଣ, ଅଯଥା ତର୍କଜନିତ ବ୍ୟସ୍ତତା ବୃଦ୍ଧି ପାଇବ। ଆର୍ଥିକ ଉନ୍ନତି, ପ୍ଲଟିଂ କାରବାର, ଅଗ୍ନି, ବିଦ୍ୟୁତ୍ ସମ୍ପର୍କିତ ବ୍ୟବସାୟ କ୍ଷେତ୍ରରୁ ଲାଭବାନ୍ ହେବେ। ପାରିବାରିକ ସ୍ଥିତି, ବନ୍ଧୁ ସମ୍ପର୍କ, ଯାତ୍ରା ଓ ସଭାସମିତି କ୍ଷେତ୍ର ଉତ୍ତମ ରହିବ। ଆଶା କରୁଥିବା ଦ୍ରବ୍ୟ ଲାଭକରି ଖୁସି ହେବେ।

ଆଜି କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ, ଗୁରୁବାର, ବୈଷ୍ଣବସମ୍ମତ ବ୍ୟୁଳିନୀ ଏକାଦଶୀ ଉପବାସ, ଚାତୁର୍ମାସ୍ୟା ଗୁରୁବାର ବ୍ରତ ଉଦ୍‌ଯାପନ, ଶ୍ରୀମନ୍ଦିରରେ ବାଙ୍କଚୂଡ଼ା ବେଶ, ତୁଳସୀ ବିବାହ, ଗରୁଡ଼ ଉତ୍ଥାପନୀ ଦ୍ୱାଦଶୀ, ନଭେମ୍ବର ୨୬ ତାରିଖ, ରାଶି ନକ୍ଷତ୍ର-ରେବତୀ/ମୀନ, ଧନୁରାଶିର ଘାତଚନ୍ଦ୍ର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୫ମି.ଗତେ ଘ୦୭।୩୩ ମଧ୍ୟେ, ଘ.୦୧।୨୩ ଗତେ ଘ.୦୨।୫୦ ମଧ୍ୟେ, ସନ୍ଧ୍ୟା ଘ.୦୫।୫୪ ଗତେ ଘ.୦୯।୨୩ ମଧ୍ୟେ ଅମୃତ ବେଳା। ଦିବା ଘ.୧୨।୫୬ ମି. ଗତେ ଘ.୦୨।୧୮ ମି. ମଧ୍ୟେ ରାହୁକାଳ।

# ନ୍ୟାୟ ଦାବିକଲା ଭାଜପା ମହିଳା ମୋର୍ଚ୍ଚା

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)**

ନୟାଗଡ଼ ଜିଲା ଯଦୁପୁର ଗ୍ରାମର ୫ବର୍ଷୀୟା ଶିଶୁ ପରୀ ହତ୍ୟାକାଣ୍ଡ ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କୁ ବଞ୍ଚାଇବା ଲାଗି ଶାସକ ଦଳ ଚାପ ପ୍ରୟୋଗ କରୁଥିବା ଅଭିଯୋଗ ଆଣିଛି ଭାଜପା ମହିଳା ମୋର୍ଚ୍ଚା। ଏହାର ପ୍ରତିବାଦରେ ବୁଧବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ କାର୍ଯ୍ୟାଳୟରୁ କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ବାହାରି ମାଷ୍ଟକ୍ୟାଣ୍ଟିନ ଛକରେ ପହଞ୍ଚି ନାରାବାଜି କରିଥିଲେ। ଜଣେ ନିଷ୍ପାପ ଶିଶୁକୁ ଅପହରଣ କରି ନିଆଯିବା ପରେ ନିର୍ମମ ଭାବେ ହତ୍ୟା କରାଯାଇଛି। ଅଭିଯୁକ୍ତଙ୍କ ସମ୍ପର୍କ ଶାସକ ଗୋଷ୍ଠୀ ସହିତ ରହିଥିବାରୁ କୋହଳ ମନୋଭାବ ପ୍ରଦର୍ଶନ କରାଯାଉଛି। ପୋଲିସ ଏଥିରେ ପରୋକ୍ଷରେ ସହାୟତା କରୁଛି। ପୀଡ଼ିତା ପରିବାରକୁ ନ୍ୟାୟ ନ ମିଳିଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ମହିଳା ମୋର୍ଚ୍ଚା ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ପ୍ରସଙ୍ଗରେ ଏସ୍‌ପି ଏବଂ ଥାନାଧିକାରୀଙ୍କ ନିଲମ୍ବନ ଦାବି କରିଛନ୍ତି ଦଳୀୟ କର୍ମକର୍ତ୍ତା।

**ପରୀ ହତ୍ୟାକାଣ୍ଡ**

# ଓଏଫ୍‌ଡିସି ସବ୍‌ଡିଭିଜନାଲ ମ୍ୟାନେଜରଙ୍କ ସନ୍ଦେହଜନକ ମୃତ୍ୟୁ

- ଉଚ୍ଚପଦସ୍ଥ ଅଧିକାରୀଙ୍କ ମାନସିକ ନିର୍ଯାତନା ଅଭିଯୋଗ
- ପ୍ରତିଶ୍ରୁତି ପରେ ଡାକ୍ତରଖାନାରୁ ଉଠିଲା ମୃତଦେହ

**ଲଖନପୁର, ୨୫।୧୧(ଡି.ଏନ୍.ଏ.)**

ଓଡିଶା ବନ ଉନ୍ନୟନ ନିଗମ(ଓଏଫ୍‌ଡିସି)ର ଝାରସୁଗୁଡ଼ା ଜିଲା ବନ ଉନ୍ନୟନ ନିଗମ ସବ୍ ଡିଭିଜନାଲ ମ୍ୟାନେଜର ବାସୁଦେବ ପାଲଙ୍କ ଗତ ମଙ୍ଗଳବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ଏନେଇ ମୃତକଙ୍କ ଝିଅ ତନୁଜା ଝାରସୁଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୮୬୩/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ମାନସିକ ନିର୍ଯାତନା ସହି ନ ପାରି ବାସୁଦେବଙ୍କ ମୃତ୍ୟୁ ଘଟିଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେମାନେ ଦାବି କରିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ଉପରୋକ୍ତ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ପରିବାର ଲୋକେ ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡି ନ ଥିଲେ। ଫଳରେ ୨ଦିନ ଧରି ବାସୁଦେବଙ୍କ ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ପଡି ରହିଥିଲା। ଖବରପାଇ ଝାରସୁଗୁଡ଼ା ଥାନା ଆଇଆଇସି ସାବିତ୍ରୀ ବଳ ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାର ସଦସ୍ୟଙ୍କୁ ବୁଝାଶୁଝା କରିଥିଲେ। ଓଏଫ୍‌ଡିସି ସମ୍ବଲପୁର ଡିଭିଜନର ଜେନେରାଲ୍ ମ୍ୟାନେଜର ଗୋଦାବରୀଶ ପଣ୍ଡା ଏହି ଘଟଣାର ବିଭାଗୀୟ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ମୃତକଙ୍କ ପରିବାରକୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ମୃତଦେହ ବୁଧବାର ବ୍ୟବଚ୍ଛେଦ ପାଇଁ ଯାଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତଦେହକୁ ତାଙ୍କ ନିଜ ଘର କଟକ ଜିଲା ସାଲେପୁରକୁ ପଠାଯାଇଛି।

ଏଭଳି ଦୁଃଖଦ ଘଟଣା ପରେ ବାସୁଦେବଙ୍କ ସାନ ଝିଅ ଲକ୍ଷ୍ମୀପ୍ରିୟା ଭାଙ୍ଗିପଡିଛନ୍ତି। ସେ ମାନସିକ ଭାରସାମ୍ୟ ହରାଇ ଡାକ୍ତରଖାନାରେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଚିକିତ୍ସା କରାଯିବା ପରେ ସେ ସୁସ୍ଥ ଅଛନ୍ତି। ସେ ଅଭିଯୋଗ କରିଛନ୍ତି, ଓଏଫ୍‌ଡିସିର ଜଣେ ଉଚ୍ଚପଦସ୍ଥ ଅଧିକାରୀ ତାଙ୍କ ବାପାଙ୍କୁ ବର୍ଷେ ହେଲା ମାନସିକ ନିର୍ଯାତନା ଦେଇଆସୁଥିଲେ। ସେଥିପାଇଁ ବାପା ମାନସିକ ଚାପରେ ରହୁଥିଲେ। ଏଭଳି ସ୍ଥିତିରେ ପ୍ରତିଦିନ ଭଳି ସେ ମଙ୍ଗଳବାର ଅଫିସକୁ ଯାଇଥିଲେ। ସମ୍ପୃକ୍ତ ଅଧିକାରୀ ତାଙ୍କୁ ନିଜ ବାସଭବନକୁ ଡାକିଥିଲେ। ସେଠାରେ ସେ ତାଙ୍କୁ ଗାଳିଗୁଲଜ କରିବା ସହ ଅତ୍ୟଧିକ ମାନସିକ ଯନ୍ତ୍ରଣା ଦେଇଥିଲେ। ଫଳରେ ସେ ଅଚେତ ହୋଇ ତଳେ ପଡିଯାଇଥିଲେ। ତା'ପରେ ବିଭାଗୀୟ କର୍ମଚାରୀମାନେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



ପୋଲିସ ଡାକ୍ତରଖାନାରେ ମୃତକଙ୍କ ପରିବାର ସଦସ୍ୟଙ୍କୁ ବୁଝାଶୁଝା କରୁଛି।




















ଆମ ହୃଦୟରେ କୃତଜ୍ଞତାର ଶୁଦ୍ଧ ଅଗ୍ନିଶିଖା ସର୍ବଦା ପ୍ରଜ୍ଜ୍ୱଳିତ ରହିବା ଉଚିତ। ତା'ହେଲେ ସେହି ଶିଖାର ଉଷ୍ମ, ଉଜ୍ଜ୍ୱଳ ଓ ମଧୁର ଆଲୋକରେ ଆମର ସମସ୍ତ ଅହଂକାର ଓ ଅଜ୍ଞାନ ମିଳେଇ ଯିବ। -ଶ୍ରୀମା



# ଆଣ୍ଟିଅକ୍ସିଡାଣ୍ଟର ଭୂମିକା



ମାନେକା ଗାନ୍ଧୀ

ଅକ୍ସିଡେଶନ (ଜାରଣ) ଏକ ରାସାୟନିକ କ୍ରିୟା। କୌଣସି ଏକ ପଦାର୍ଥ ଅକ୍ସିଜେନ ବା ଅମ୍ଳଜାନ ସଂସ୍ପର୍ଶରେ ଆସିଲେ ଏହା ସଂଗଠିତ ହୋଇଥାଏ। ଯଥା-ଆପଲ ଓ କଦଳୀ ଆଦି ଫଳର ଚୋପା ଛଡାଇ ତାହାକୁ ଖୋଲା ରଖିଦେଲେ ସେଗୁଡ଼ିକ ଧୂସର ବା ଲୁହା କଳଙ୍କି ରଙ୍ଗ ଭଳି ହୋଇଯାଏ। ଯେଉଁ ଅମ୍ଳଜାନ ଶରୀରରେ ଶକ୍ତି ସୃଷ୍ଟି କରିବା ପ୍ରକ୍ରିୟାରେ ସାହାଯ୍ୟ କରେ ଏବଂ ଜୀବାଣୁ ବିରୋଧରେ ଲଢେ ତାହା ମଧ୍ୟ ବେଳେବେଳେ ଜୀବନ ପ୍ରତି ସଙ୍କଟ ସୃଷ୍ଟି କରୁଥିବା ତତ୍ତ୍ୱ ସୃଷ୍ଟି କରିଥାଏ। ପ୍ରଶ୍ୱାସରେ ଗ୍ରହଣ କରୁଥିବା ଅମ୍ଳଜାନ ଖାଦ୍ୟର ଅକ୍ସିଡେଶନ କ୍ରିୟା ମାଧ୍ୟମରେ ଖାଦ୍ୟଅଣୁକୁ ବିଘଟନ କରି ଶକ୍ତି ଉତ୍ପନ୍ନ କରେ। ଶରୀରରେ ପ୍ରତିରୋଧକ ଶକ୍ତି ଜୀବାଣୁ ବିରୋଧରେ ଲଢେଇ କରିବା ସମୟରେ ମଧ୍ୟ ଅକ୍ସିଡେସନ କ୍ରିୟା ସଂଗଠିତ ହୋଇ ପ୍ରଦାହ ସୃଷ୍ଟି ହୋଇଥାଏ।

ଅକ୍ସିଡେଶନ କ୍ରିୟାରେ ଅମ୍ଳଜାନ ଅଣୁ ବିଭାଜନ ଘଟି ଏକକ ପରମାଣୁରେ ପରିଣତ ହୋଇଥାଏ,ଯେଉଁଥିରେ ବେଯୋଡ଼ ଇଲେକ୍‌ଟ୍ରୋନ ରହିଥାଏ। ଏହି ଏକକ ପରମାଣୁଗୁଡ଼ିକୁ ଫ୍ରି ରାଡିକାଲ୍ସ କୁହାଯାଏ। ଏଗୁଡ଼ିକ ଚାରିଆଡେ ବୁଲି ଅନ୍ୟ ଅଣୁରୁ ଇଲେକ୍‌ଟ୍ରୋନକୁ ଛଡାଇ ଆଣିବାକୁ ଚେଷ୍ଟା ଚଳାନ୍ତି। ସେମାନେ ଇଲେକଟ୍ରୋନ୍‌କୁ ନେଇଗଲେ ସେଲ୍ ବା କୋଷିକା ନଷ୍ଟ ହୋଇଯାଏ। ଫ୍ରି ରାଡିକାଲ୍ସ ହେଉଛି ଅକ୍ସିଡେଶନ ପ୍ରକ୍ରିୟାର ଶେଷ ଉତ୍ପାଦ। ଏଗୁଡ଼ିକୁ ଶରୀର ଅବଶୋଷଣ କରି ନ ଥାଏ ଏବଂ ସେମାନେ କୋଷିକା, ପ୍ରୋଟିନ୍ ଏବଂ ଡିଏନ୍‌ଏକୁ କ୍ଷତି କରିଥାନ୍ତି। ଥରେ ଫ୍ରି ରାଡିକାଲ୍ସ ଗଠିତ ହେଲେ ଏକ ଧାରାବାହିକ କ୍ରିୟା ଆରମ୍ଭ ହୋଇଯାଏ। ପ୍ରଥମ ଫ୍ରି ରାଡିକାଲଟି ଗୋଟିଏ ଅଣୁରୁ ଏକ ଇଲେକଟ୍ରୋନକୁ ଟାଣି ଆଣେ। ଏହାଦ୍ୱାରା ସେହି ଅଣୁ ଅସ୍ଥିର ହୋଇଯାଏ ଓ ତାହା ମଧ୍ୟ ଏକ ଫ୍ରି-ରାଡିକାଲ ପାଲଟିଯାଏ। ଫ୍ରି-ରାଡିକାଲ ପାଲଟିଥିବା ଅଣୁଟି ପୁଣି ଆଉ ଏକ ଅଣୁରୁ ଇଲେକଟ୍ରୋନକୁ ନେଇଯାଏ ଓ ତାହା ଅସ୍ଥିର ହୋଇ ଆଉ ଏକ ଫ୍ରି ରାଡିକାଲ ସୃଷ୍ଟି ହୁଏ। ଏହି କ୍ରିୟାରେ ପୂରା ସେଲ୍ ବା କୋଷିକାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ। ଶରୀରରେ ଫ୍ରିରାଡିକାଲ୍ସ ଅତ୍ୟଧିକ ବଢ଼ିଯାଏ ସେତେବେଳେ ଅକ୍ସିଡେଶନ ଜନିତ ଚାପ ବୃଦ୍ଧିପାଇଲେ ଅଧିକ କୋଷିକା ନଷ୍ଟ ହେବାକୁ ଲାଗେ। ଏହି ଚାପ ଯୋଗୁ ସେଲ ଏବଂ ଟିସ୍ୟୁ ନଷ୍ଟ ହୋଇ ହୃଦ୍‌ରୋଗ, କ୍ୟାନ୍‌ସର, ହୃଦ୍‌ଘାତ, ପ୍ରତିରୋଧ ଶକ୍ତି ହ୍ରାସ, ଶ୍ୱାସକ୍ରିୟା ଜନିତ ରୋଗ, ପାର୍କିନସନ ଓ ଅନ୍ୟ ପ୍ରଦାହ ସମ୍ବନ୍ଧିତ ସମସ୍ୟା ସୃଷ୍ଟି ହୋଇଥାଏ। କିନ୍ତୁ ପ୍ରକୃତିଦତ୍ତ ଆଣ୍ଟିଅକ୍ସିଡାଣ୍ଟ (ଫ୍ରିରାଡିକାଲ୍ସ ବିରୋଧରେ ଲଢେଇ କରୁଥିବା ତତ୍ତ୍ୱ) ଫ୍ରି ରାଡିକାଲ୍ସ ସମସ୍ୟାର ସମାଧାନ କରିଥାଏ।

କୋଷିକା ମଧ୍ୟରେ ଆଣ୍ଟିଅକ୍ସିଡାଣ୍ଟର ଉପସ୍ଥିତି ଯୋଗୁ ଫ୍ରି ରାଡିକାଲ୍ସ ଅଣୁରୁ ଇଲେକଟ୍ରୋନ ନେଇପାରେ ନାହିଁ କି ସେଲ୍‌ର କ୍ଷତି କରିପାରେନାହିଁ। ଆଣ୍ଟିଅକ୍ସିଡାଣ୍ଟ ନିଜକୁ ଅସ୍ଥିର ଅବସ୍ଥାକୁ ନ ନେଇ ଫ୍ରିରାଡିକାଲକୁ ଗୋଟିଏ ଇଲେକ୍‌ଟ୍ରୋନ ଦିଏ। ଏହାଯୋଗୁ ଫ୍ରି-ରାଡିକାଲର ଧାରାବାହିକ କ୍ରିୟା ବନ୍ଦ ହୋଇଯାଏ। ଆଣ୍ଟିଅକ୍ସିଡାଣ୍ଟ କୋଷିକାରୁ ଫ୍ରି-ରାଡିକାଲ ୱେଷ୍ଟ ବାହାର କରିଦିଏ। ଶରୀର ନିଜେ କିଛି ଆଣ୍ଟିଅକ୍ସିଡାଣ୍ଟ ସୃଷ୍ଟି କରୁଥିଲେ ମଧ୍ୟ ଫ୍ରି ରାଡିକାଲ୍ସର ପ୍ରଭାବ ଦୂର କରିବା ପାଇଁ ଖାଦ୍ୟରୁ ଆମକୁ ଏହା ଗ୍ରହଣ କରିବା ଦରକାର। ଫଳ ଓ ପରିବା ଖାଇଲେ କ୍ରୋନିକ୍ ଡିଜିଜ୍ ପ୍ରଭାବ ହ୍ରାସ ପାଏ ବୋଲି ହଜାର ହଜାର ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି। ମାଂସ , ପରିବା ଓ ଫଳ ଖାଇବା ସହ ଆଣ୍ଟିଅକ୍ସିଡାଣ୍ଟ ଏବଂ ଫୁସ୍‌ଫୁସ କାର୍ଯ୍ୟର କ'ଣ ସମ୍ପର୍କ ରହିଛି ତାହା ଜାଣିବା ଲାଗି ବୈଜ୍ଞାନିକମାନେ ଏକ ଅନୁଧ୍ୟାନ କରିଥିଲେ। ଏ ସମ୍ପର୍କିତ ତଥ୍ୟ ୟୁରୋପିଆନ ରେସ୍‌ପିରେଟୋରି ଜର୍ନାଲରେ ପ୍ରକାଶ ପାଇଥିଲା। ଅଧିକ ମାଂସ ଏବଂ କମ୍ ପରିବା ଓ ଫଳ ଖାଉଥିବା ବ୍ୟକ୍ତିଙ୍କ ଫୁସଫୁସ କାର୍ଯ୍ୟଦକ୍ଷତା କମିବା ଲକ୍ଷ୍ୟ କରାଯାଇଥିଲା। ଅଧିକ ଫଳ ଓ ପରିବା ଖାଉଥିବା ବ୍ୟକ୍ତିଙ୍କ ଫୁସ୍‌ଫୁସ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବା ସହ ଆଣ୍ଟିଅକ୍ସିଡାଣ୍ଟର ଶ୍ୱାସକ୍ରିୟା କ୍ଷମତା ଉପରେ ପ୍ରଭାବ ଦେଖାଯାଇଥିଲା।

ବିଭିନ୍ନ ପ୍ରକାର ଖାଦ୍ୟର ଆଣ୍ଟିଅକ୍ସିଡାଣ୍ଟ କ୍ଷମତା ବା ଶକ୍ତି ମାପ କରିବା ପାଇଁ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ ଆଣ୍ଡ୍ ଏଜିଂ (ଏନ୍‌ଆଇଏଚ୍) ଓଆର୍‌ଏସି (ଅକ୍ସିଜେନ ରାଡିକାଲ ଆବର୍ଜବାନ୍ସ କାପାସିଟି) ପଦ୍ଧତି ବିକାଶ କରିଛି। ଯେଉଁ ଖାଦ୍ୟର ଓଆର୍‌ଏସି ବା ରାଡିକାଲ ଅବଶୋଷିତ କରିବାର କ୍ଷମତା ବେଶି ସେଥିରେ ଆଣ୍ଟିଅକ୍ସିଡାଣ୍ଟ ସଂଖ୍ୟା ବେଶି ଓ ଫ୍ରିରାଡିକାଲ୍ସକୁ ପ୍ରଭାବହୀନ କରିବାରେ ଏହାର ସାମର୍ଥ୍ୟ ଅଧିକ। ବୈଜ୍ଞାନିକମାନଙ୍କ ମତରେ,ଶରୀର ପ୍ରଭାବୀ ଢଙ୍ଗରେ ଦିନକୁ ୩୦୦୦-୫୦୦୦ ଆଣ୍ଟିଅକ୍ସିଡାଣ୍ଟ ବା ଓଆର୍‌ଏସି ୟୁନିଟ୍ ଉପଯୋଗ କରିପାରେ। ଏହାଠାରୁ ଅଧିକ ହେଲେ କିଛି ଲାଭ ମିଳେନି ଏବଂ ଅଧିକ ଆଣ୍ଟିଅକ୍ସିଡାଣ୍ଟ କିଡନୀ ଦ୍ୱାରା ଶରୀରରୁ ବାହାରକୁ ବାହାରିଯାଏ। ଟୁଫ୍ଟସ୍ ୟୁନିଭର୍ସିଟି(ବୋଷ୍ଟନ, ମାସାଚ୍ୟୁସେଟସ)ର ୟୁଏସ୍ ଡିପାର୍ଟମେଣ୍ଟ ଅଫ୍ ଏଗ୍ରିକଲ୍‌ଚରର ରିସର୍ଚ୍ଚ ସର୍ଭିସର ଗବେଷକ ରୋନାଲ୍ଡ ପ୍ରିୟୋର କହନ୍ତି, ଅଧିକ ଓଆରଏସିଯୁକ୍ତ ଫଳ ଓ ପରିବା ଖାଇଲେ ଆଣ୍ଟି ଅକ୍ସିଡାଣ୍ଟରେ ୧୫-୨୦% ବୃଦ୍ଧି ହୋଇଥାଏ। ତେବେ ପ୍ଲାଜ୍‌ମା ଏବଂ ଟିସ୍ୟୁ ଆଣ୍ଟିଅକ୍ସିଡାଣ୍ଟ କ୍ଷମତା ବୃଦ୍ଧି କରିବା ଲାଗି ଦୈନିକ ଜଣେ ବ୍ୟକ୍ତି ଖାଦ୍ୟରେ ଗ୍ରହଣ କରୁଥିବା ଓଆର୍‌ଏସି ୟୁନିଟ୍‌କୁ ୩୦୦୦-୫୦୦୦ଯାଏ ବୃଦ୍ଧି କରିବା ଗୁରୁତ୍ୱପୂର୍ଣ୍ଣ। ଏହାଠାରୁ ଅଧିକ ପରିମାଣ ପ୍ରାୟତଃ ନିରର୍ଥକ। ସେହି କାରଣରୁ ରକ୍ତର ଆଣ୍ଟିଅକ୍ସିଡାଣ୍ଟ କ୍ଷମତାକୁ ଠିକ ଭାବେ ନିୟନ୍ତ୍ରିତ କରାଯାଏ। ଏଣୁ କେତେ ପରିମାଣର ଆଣ୍ଟିଅକ୍ସିଡାଣ୍ଟରୁ କେତେ ଲାଭ ପାଇହେବ ତା'ର ଏକ ସୀମା ଅଛି। ୫୦୦୦ ଓଆର୍‌ଏସି ୟୁନିଟ ଗ୍ରହଣ କେଲେ ଯେତିକି ଲାଭ ମିଳେ ୨୫୦୦୦ ୟୁନିଟ୍ ଏକାଥରକେ ଗ୍ରହଣ କଲେ ତାଠାରୁ କମ୍ ଲାଭ ମିଳିଥାଏ।

ଗୋଟିଏ ଖାଦ୍ୟର 'ଟୋଟାଲ ଆଣ୍ଟିଅକ୍ସିଡାଣ୍ଟ କାପାସିଟି' ବା ମୋଟ ଆଣ୍ଟିଅକ୍ସିଡାଣ୍ଟ କ୍ଷମତା ( ଟିଏସି)ରୁ ସେହି ଖାଦ୍ୟର ଓଆର୍‌ଏସି ଭାଲ୍ୟୁ ବା ମାନ ନିର୍ଦ୍ଧାରଣ କରାଯାଏ। ୨୦୧୦ରେ ନ୍ୟୁଟ୍ରିଶନାଲ ଜର୍ନାଲରେ ପ୍ରକାଶିତ ରିପୋର୍ଟରେ ଓଆର୍‌ଏସି ଭାଲ୍ୟୁ ନିର୍ଣ୍ଣୟ କରିବା ପାଇଁ ୩୧୦୦ ପ୍ରକାର ବିଭିନ୍ନ ଖାଦ୍ୟକୁ ୨୪ଟି ବର୍ଗରେ ବିଭକ୍ତ କରାଯାଇଛି। ଏଥିରେ କ୍ଷୀର,ଅଣ୍ଡା,ମାଛ ଓ ମାଂସର ଓଆର୍‌ଏସି ଭାଲ୍ୟୁ ସମ୍ପର୍କରେ ତଥ୍ୟ ପ୍ରକାଶ ପାଇଛି ଓ ଏହି ଖାଦ୍ୟଗୁଡ଼ିକର ଓଆର୍‌ଏସି ଭାଲ୍ୟୁ ବହୁତ କମ୍ ସ୍ତରରେ ରହିଛି। ମାଛ ଯାହାକୁ ସ୍ୱାସ୍ଥ୍ୟକର ଖାଦ୍ୟ ଭାବେ ଗ୍ରହଣ କରାଯାଏ ସେଥିରେ ଏହା ୩୦-୯୦ ମଧ୍ୟରେ ସୀମିତ। ଏପରି କି ଆଇସ୍‌ବର୍ଗ ଲେଟ୍ୟୁସରେ ସାଲମନଠାରୁ ୧,୪୦୦% ଅଧିକ ଆଣ୍ଟିଅକ୍ସିଡାଣ୍ଟ ରହିଥିବା ଦେଖାଯାଇଛି। ସେହିପରି ବିଭିନ୍ନ ପ୍ରକାର ମସଲା, ପରିବା ଓ ଫଳରେ ଥିବା ଓଆର୍‌ଏସି ଭାଲ୍ୟୁ ୟୁଏସ୍‌ଡିଏ ଏଗ୍ରିକଲଚର ରିସର୍ଚ୍ଚ ସର୍ଭିସ ଦ୍ୱାରା ପ୍ରକାଶ ପାଇଛି।

କୋଭିଡ୍ ମହାମାରୀ ସମୟରେ ରକ୍ତର ଅମ୍ଳଜାନ ପରିବାହୀ କ୍ଷମତା ଉପରେ ଆମ ପ୍ରତିରୋଧକ ଶକ୍ତି ନିର୍ଭର କରୁଛି। ଯଦି ଖାଦ୍ୟରେ ଓଆର୍‌ଏସି ଭାଲ୍ୟୁ ଅଧିକ ରହେ ତେବେ ରକ୍ତ ବେଶି ଅମ୍ଳଜାନ ବହନ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିପାରିବ। ପ୍ରାକୃତିକ ଖାଦ୍ୟ ଯଥା ମସଲା, ଫଳ ଓ ପରିବା, ଏପରି କି ଚାମଚେ ଅଦା,ତୁଳସୀ, ହଳଦୀର ଓଆର୍‌ସିଏ ଭାଲ୍ୟୁ ବେଶି। ଅଧିକ ଓଆର୍‌ଏସି ଭାଲ୍ୟୁ ଯୁକ୍ତ ଖାଦ୍ୟ ଗ୍ରହଣ କଲେ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ କ୍ୟାନ୍‌ସର, ସ୍ନାୟୁସମସ୍ୟା, ଡାଇବେଟିସ ଏବଂ ଅନ୍ୟ କ୍ରୋନିକ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ। ଏହି ପ୍ରକାର ଖଦ୍ୟ ମଧ୍ୟ ଆଇରନ,ଭିଟାମିନ ସି,ଜିଙ୍କ୍, ଓମେଗା-୩, ମ୍ୟାଗ୍ନେସିୟମ ଏବଂ ଭିଟାମିନ ଡି ରେ ଭରପୁର। ବ୍ରାହ୍ମୀ, ଅଶ୍ୱଗନ୍ଧା,ଶତାବରି,ମେଥି, ଅର୍ଜୁନାରିଷ୍ଟମ,ପିପରମିଣ୍ଟ, ଧନିଆ, କଳାଜିରାର ଓଆରଏସି ଭାଲ୍ୟୁ ଜାଣିବା ଲାଗି ଏବେ ଗବେଷଣା ଜାରି ରହିଛି।

ଅନ୍ୟ ଖାଦ୍ୟର ଓଆର୍‌ଏସି ମାନକୁ କ୍ଷୀର କମାଇଦିଏ କି ନାହିଁ ତାହା ଜାଣିବା ଲାଗି କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି ଯେ,ଚା'ରେ କ୍ଷୀର ମିଶାଇଲେ କ୍ଷୀରରେ ଥିବା କାସିନ ପ୍ରୋଟିନ୍ ଚା'ର ଆଣ୍ଟିଅକ୍ସିଡାଣ୍ଟର ଶକ୍ତି ହ୍ରାସ କରିଦିଏ। କ୍ଷୀର ଚକୋଲେଟର ଆଣ୍ଟିଅକ୍ସିଡାଣ୍ଟ ଶକ୍ତି ପ୍ରାୟ ୩୦ % କମାଇଦିଏ ବୋଲି ଏକ ଗବେଷଣାରୁ ମଧ୍ୟ ସ୍ପଷ୍ଟ ହୋଇଛି। କିନ୍ତୁ ଅନ୍ୟ ଏକ ଗବେଷଣା ଏହା ସହ ଏକମତ ନୁହେଁ। ଆଉ ମଧ୍ୟ ଜଣାପଡିଛି, କ୍ଷୀର ସହ ବ୍ଲୁବେରି ଖାଇଲେ ଏହା ତା'ର ଆଣ୍ଟିଅକ୍ସିଡାଣ୍ଟ ପ୍ରଭାବାକୁ ବନ୍ଦ କରିଦିଏ।

Email: gandhim@nic.in

# ଭେଜାଲ ଔଷଧ ସମସ୍ୟା



ଦିଲ୍ଲୀପ କୁମାର ମହାରଣା

ପୃଥିବୀରେ ନିମ୍ନ ଓ ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ବିକ୍ରି ହେଉଥିବା ପ୍ରତି ୧୦ଟି ଔଷଧ ମଧ୍ୟରୁ ଗୋଟିଏ ଭେଜାଲ ଓ ନିକୃଷ୍ଟମାନର ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟରୁ ପ୍ରକାଶ ପାଇଛି। ଏଥିରୁ ଜଣାପଡୁଛି ସେସବୁ ଦେଶଗୁଡ଼ିକରେ ଔଷଧର ମାନ ସମ୍ପର୍କରେ ପରିଚାଳନା ତଥା ତଦାରଖ ବ୍ୟବସ୍ଥା ଠିକ୍ ନୁହେଁ। ତା' ସାଙ୍ଗକୁ ସେସବୁ ଦେଶର ସରକାର ଯେ ଉପଯୁକ୍ତ ନିୟାମକ ବ୍ୟବସ୍ଥା ଏଥିପାଇଁ ରଖିନାହାନ୍ତି ତାହା ମଧ୍ୟ ସୂଚିତ ହେଉଛି। ନକଲି ଔଷଧ ଏକ ବିଶ୍ୱସ୍ତରୀୟ ପ୍ରସଙ୍ଗ ଭାବେ ବିଭିନ୍ନ ସମୟରେ ଉତ୍‌ଥାପିତ ହୋଇଆସିଛି। ଗରିବ ରାଷ୍ଟ୍ରଠାରୁ ଆରମ୍ଭକରି ଉନ୍ନତ ଦେଶ ପର୍ଯ୍ୟନ୍ତ ସମସ୍ତେ ଏଥିପ୍ରତି ସବୁବେଳେ ସତର୍କ ରହିବା ଲୋଡ଼ା।

ଅଟକଳ କରାଯାଇଛି ଯେ, ପୃଥିବୀରେ ଜାଲ୍ ଔଷଧ ବ୍ୟବସାୟର ଆକାର ୩୦ ବିଲିୟନ ଡଲାର ଓ ଏହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ବହୁଦିନ ଧରି ନମୁନା ଔଷଧ ସଂଗ୍ରହ ଉପରେ ଆଧାରିତ। ଏଥିରେ କୁହାଯାଇଛି ଯେ, ୧୦ ପ୍ରତିଶତ ଔଷଧ ନକଲି ବା ନିମ୍ନମାନର। ବହୁ ଜାଲ୍ ଔଷଧ ନିମୋନିଆ ଓ ମ୍ୟାଲେରିଆ ଚିକିତ୍ସା ପାଇଁ ଉଦ୍ଦିଷ୍ଟ। ଏଣୁ ଗରିବ ଦେଶଗୁଡ଼ିକରେ ଏହାର କ୍ଷତିକାରକ ପ୍ରଭାବ କେତେ ଅଧିକ ହେଉଥିବ ତାହା ଅନୁମେୟ। କେତେକ ନକଲି ଔଷଧ ମଧ୍ୟ ଆଣ୍ଟିବାୟୋଟିକ୍ ହୋଇଥିବାବେଳେ କେତେକ ଗର୍ଭନିରୋଧକ ବଟିକା ଓ ଅନ୍ୟ କେତେକ କ୍ୟାନ୍‌ସର ଔଷଧ। ଛୋଟପିଲାଙ୍କ କଫ୍‌ସିରପରେ ବି ଏହି ସମସ୍ୟା ରହୁଛି। ମ୍ୟାଲେରିଆ ଔଷଧ ଆଳୁ ଓ କର୍ନଷ୍ଟର୍ଚ୍ଚରୁ ତିଆରି ହେଉଛି। ଭେଜାଲ ଔଷଧ ଖାଇ ହଜାର ହଜାର ଲୋକ ମରୁଛନ୍ତି। ନିମୋନିଆ ଓ ମ୍ୟାଲେରିଆରେ ଏଥିଯୋଗୁ ଦେଢ଼ଲକ୍ଷ ଲୋକ ମୃତ୍ୟୁବରଣ କରୁଥିବା କୁହାଯାଉଛି। ଏହାଛଡ଼ା ଏହି ଔଷଧ ଖାଇବାରୁ ଆଣ୍ଟି ବ୍ୟାକ୍ଟେରିଆ ପ୍ରତିରୋଧ ସମସ୍ୟା ଉପୁଜୁଛି। ରୋଗୀଙ୍କୁ ବେଶିଦିନ ଚିକିତ୍ସିତ ହେବାକୁ ପଡୁଛି, ଯଦ୍ଦ୍ୱାରା ଅଯଥା ଖର୍ଚ୍ଚ ବଢୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି ଯେ, ଉପରୋକ୍ତ ସମସ୍ୟା ଆଫ୍ରିକାରେ ସବୁଠାରୁ ବେଶି। ତା' ପଛକୁ କ୍ରମାନ୍ୱୟରେ ୟୁରୋପ ଓ ଏସିଆର ସ୍ଥାନ। ତା' ସାଙ୍ଗକୁ ଏଥିରେ କୁହାଯାଇଛି ଯେ, ଗୋଟିଏ ଇଲାକାରୁ ନକଲି ଔଷଧ ଠାବ କରାଯିବାର ଅର୍ଥ ହେଲା ସେଠାରେ ତାହା ମିଳିବା ସହଜ ଥିଲା। ହୁଏତ ଅନ୍ୟ ଅଞ୍ଚଳର ଅବସ୍ଥା ସେପରି ଖରାପ ହୋଇଥାଇପାରେ। ସମସ୍ୟାର ଅନ୍ୟ ଏକ ଦିଗ ହେଲା ଔଷଧ ଭିତରେ ଭୁଲ୍ ଉପାଦାନ ଅଛି। ଔଷଧର ଡୋଜ୍ ମଧ୍ୟ ଠିକ୍ ନୁହେଁ ତଥା ସେସବୁର ସଂରକ୍ଷଣ ମଧ୍ୟ ଉପଯୁକ୍ତ ଭାବେ କରାହେଉନାହିଁ। ଇଣ୍ଟରନେଟ୍ ଜରିଆରେ ଔଷଧ ବିକ୍ରି ଯୋଗୁ ଭୁଲ ଔଷଧର ପ୍ରଚଳନ ହେଉଥିବା କୁହାଯାଉଛି। ଔଷଧର ମାନ ରକ୍ଷା ଓ ତାହା ନିରାପଦ ରହିବାର ଦାୟିତ୍ୱ ସମ୍ପୃକ୍ତ ଦେଶର ସ୍ୱାସ୍ଥ୍ୟ ବିଭାଗ କର୍ମକର୍ତ୍ତାଙ୍କର। ଅନେକ ଦେଶରେ ସ୍ୱାସ୍ଥ୍ୟ ଶାସନ ବ୍ୟବସ୍ଥା ଠିକ୍ ନୁହେଁ। ଔଷଧ ପରୀକ୍ଷା କରିବା ପାଇଁ ସୁବିଧା ଓ ଦକ୍ଷତା ମଧ୍ୟ ଅଧିକାଂଶ ସ୍ଥାନରେ ନାହିଁ। ଔଷଧ ବିକ୍ରି ଓ ଯୋଗାଣ ବ୍ୟବସ୍ଥାକୁ ଠିକ୍ ଭାବେ ତଦାରଖ କରାଯାଉନାହିଁ। ତ୍ରୁଟିପୂର୍ଣ୍ଣ ପରିଚାଳନା, ଦୁର୍ନୀତି ଓ ଦକ୍ଷତାର ଅଭାବ ପ୍ରତିବନ୍ଧକ ଭାବେ ଦେଖାଦେଉଛି। ଯଦିଓ ଏହି ସମସ୍ୟାରେ ଅଧିକ ଆକ୍ରାନ୍ତ ହୋଇଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ନାହିଁ ତଥାପି ନିମ୍ନମାନର ଔଷଧ ଦେଶର ଏକ ବଡ଼ ସମସ୍ୟା। ଦୁଇବର୍ଷ ତଳେ କେନ୍ଦ୍ର ସରକାରଙ୍କ ଔଷଧର ମାନ, ଗୁଣାତ୍ମକମାନ ପରୀକ୍ଷାରେ ଉପଯୁକ୍ତ ବିବେଚିତ ହୋଇନାହାନ୍ତି। ଏହି ହାର ମଧ୍ୟ ଅଧିକ। ପୁଣି କେତେକ ମତ ପ୍ରକାଶ ପାଉଛି ଯେ, ଅଳ୍ପ ନମୁନା ଉପରେ ଏହି ତଥ୍ୟ ଆଧାରିତ ହୋଇଥିବାରୁ ଓ ଯେଉଁ ମାନ ଉପରେ ପରୀକ୍ଷା କରାଯାଇଛି ତାହା ଉଚ୍ଚ ନଥିବା ଯୋଗୁ ଦେଶର ସମସ୍ୟା କ'ଣ କହିବା କଷ୍ଟକର। ଅନେକ ସମୟରେ ଭାରତୀୟ ଔଷଧ ଅନ୍ୟ ଦେଶରେ ପରୀକ୍ଷାବେଳେ ତ୍ରୁଟିଯୁକ୍ତ ବୋଲି ଜଣାପଡ଼େ। ଭାରତ ଏକ ବଡ଼ ଔଷଧ ଉତ୍ପାଦନକାରୀ ଦେଶ। ଏଣୁ ଏଠାରେ ମାନ ରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯିବା କଥା।

ଶିଖରପୁର ଉପରସାହି, କଟକ
E-mail: dillip777kumar@gmail.com

## ଏଇ ଭାରତରେ

ଯେଉଁ ବୟସରେ ଖେଳି ବୁଲିବା କଥା ସେହି ସମୟରେ ପରିବେଶ ଚିନ୍ତା କରୁଛନ୍ତି ତାମିଲନାଡୁର ପ୍ରସିଦ୍ଧି ସିଂ। ତାଙ୍କ ବୟସ ଏବେ ୭। ଏଇ କୁନି ପରିବେଶବିତ୍ ଆଗାମୀ ଦୁଇ ବର୍ଷ ମଧ୍ୟରେ ୧ ଲକ୍ଷ ଗଛ ଲଗାଇବାକୁ ଲକ୍ଷ୍ୟ ରଖିଛନ୍ତି। ଏବେ ସୁଦ୍ଧା ସେ ୧୩,୦୦୦ ଗଛ ଲଗାଇ ସାରିଲେଣି ଓ ରାଜ୍ୟରେ ୧୩ଟି ଫଳ ବଗିଚା କରିସାରିଛନ୍ତି। ତାଙ୍କ ସହ ସାମିଲ କୁନି ପରିବେଶ ଯୋଦ୍ଧାଙ୍କୁ ନେଇ ସେ ଏହା ସମ୍ଭବ କରିପାରିଛନ୍ତି। ତାଙ୍କୁ ମାତ୍ର ୨ ବର୍ଷ ବୟସ ହୋଇଥିବାବେଳେ ସେ ତାଙ୍କ ବାରିରେ ଅନେକ ଗଛ ଲଗାଇବା ସହ ଅଗଣାରେ ଏକ ଔଷଧୀୟ ବଗିଚା କରିଥିଲେ। କିନ୍ତୁ ୨୦୧୬ରେ ଭର୍ଦ୍ଧାରେ ବାତ୍ୟା ଯୋଗୁ ଗଛଗୁଡ଼ିକ ନଷ୍ଟ ହୋଇଯିବା ପରେ ସେ ତାଙ୍କ ସାଙ୍ଗମାନଙ୍କୁ ନେଇ ଏଭଳି ଅଭିଯାନ ଆରମ୍ଭ କରିଥିଲେ। ସେ ସ୍କୁଲରେ ଏକ ଫଳ ବଗିଚା କରିଛନ୍ତି। ତାଙ୍କ ଜନ୍ମଦିନରେ ସେ ଏଥିରେ ୧୦୦ଟି ଫଳଗଛ ଲଗାଇଥିଲେ। ସେ ପ୍ରତିବର୍ଷ 'ହାପିବାର୍ଥ ଡେ' ପରିବର୍ତ୍ତେ 'ଗ୍ରୀନ ବାର୍ଥ ଡେ' ପାଳନ କରନ୍ତି। ପ୍ରସିଦ୍ଧି ସ୍କୁଲ ,କଲେଜ, ସରକାରୀ ଜାଗାରେ ଗଛ ଲଗାଇବା ଲାଗି ଯୋଜନା କରିଛନ୍ତି। ପେପର, ପେନସିଲ, ବୁକମାର୍କସ ଆଦି ବିକ୍ରି କରିବା ତଥା ଯୋଗ କ୍ଲାସ ଆୟୋଜନ କରି ଲୋକମାନଙ୍କଠାରୁ ପାଣ୍ଠି ଯୋଗାଡ କରୁଛନ୍ତି। ପଡ଼ୋଶୀମାନଙ୍କଠାରୁ ଫଳ ମଞ୍ଜି ସଂଗ୍ରହ କରୁଛନ୍ତି। କରୋନା ମହାମାରୀ ସମୟରେ ସେ ଶନିବାର ଗଛ ଲଗାଉଛନ୍ତି। ଗଛ ଲାଗାଇବାକୁ ଅନଲାଇନ କ୍ଲାସ ମାଧ୍ୟମରେ ପିଲାମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। ଏବେ ପ୍ରସିଦ୍ଧିଙ୍କ ଅଭିଯାନରେ ସାମିଲ ହେବାକୁ ବହୁ ସଂସ୍ଥା ଆଗକୁ ଆସିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ନଭେମ୍ବର ୧୯୯୫

- ରୁଷିଆରେ ସାମରିକ ଶକ୍ତିର ପୁନର୍ବିନ୍ୟାସ ପାଇଁ ରାଷ୍ଟ୍ରପତି ବୋରିସ ୟେଲଟସିନ ପ୍ରଧାନମନ୍ତ୍ରୀ ଭିକ୍ଟର ଚେର୍ଣ୍ଣୋମିର୍ଦ୍ଦିନଙ୍କ ନେତୃତ୍ୱରେ ଏକ ରାଷ୍ଟ୍ରୀୟ କମିଶନ ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।
- ଗଜପତି ଜିଲାର ବିଭିନ୍ନ ଅଞ୍ଚଳରେ ଝାଡ଼ାବାନ୍ତି ରୋଗରେ ଆକ୍ରାନ୍ତ ହୋଇ ୧୬ ଜଣଙ୍କ ମୃତ୍ୟୁ।

## su | do | ku  ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | B | D | | 8 | | | | | | | 5 | | 2 | C |
| 6 | | 8 | | | | | B | | | | | | | |
| | A | | | | B | | | | C | | 9 | | 1 | 8 |
| 4 | | | C | | | | | | 0 | | 2 | 5 | A | 7 |
| 7 | C | | D | | | E | 5 | 4 | | | 8 | 0 | 6 | |
| | | 5 | 4 | | | | 3 | | | | | E | | 1 |
| A | | | | | | B | | | | 9 | 0 | | 7 | |
| E | 0 | 7 | | | | | | C | | 3 | | 2 | | |
| 3 | 1 | | | | 2 | | | A | 4 | | 7 | 6 | C | |
| | 8 | | | | 5 | | 9 | | D | C | | | | |
| | | | | 9 | | 2 | 6 | | | | | | | |
| 0 | 5 | A | | | | 7 | | | E | | D | | 4 | |
| | | | | 0 | | | 8 | 1 | | 2 | | | | |
| 1 | | | | | | | | | B | | 6 | | | A |
| | | 6 | A | | | 9 | | | | 0 | | | 8 | E |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | C | 4 | 6 | E | D | 0 | 3 | 2 | B | 8 | 5 | A | 7 | 1 |
| D | 0 | 5 | 7 | 8 | 1 | A | B | 9 | C | 3 | 2 | 4 | E | 6 |
| 2 | E | A | 0 | B | 4 | 7 | 5 | 8 | 9 | 1 | 6 | D | C | 3 |
| 3 | 1 | 7 | A | 5 | 2 | 6 | E | C | 0 | D | 4 | 8 | B | 9 |
| 6 | B | 8 | 3 | C | 9 | 4 | 1 | D | A | 7 | E | 2 | 0 | 5 |
| 4 | 8 | B | 1 | 7 | 0 | 5 | A | E | 2 | 9 | 3 | 6 | D | C |
| 1 | 3 | C | D | A | E | 2 | 9 | 6 | 4 | B | 0 | 5 | 8 | 7 |
| 7 | 6 | 2 | 5 | 9 | C | D | 0 | B | 8 | A | 1 | 3 | 4 | E |
| 5 | 9 | 0 | 8 | 3 | 6 | 1 | C | 4 | D | E | 7 | B | A | 2 |
| E | A | D | 2 | 4 | B | 3 | 8 | 7 | 6 | 5 | C | 9 | 1 | 0 |
| B | D | 6 | 4 | 1 | 7 | C | 2 | 3 | 5 | 0 | 8 | E | 9 | A |
| 8 | 5 | 1 | C | 2 | 3 | 9 | D | 0 | E | 4 | A | 7 | 6 | B |
| 0 | 2 | E | 9 | 6 | A | B | 4 | 5 | 7 | C | D | 1 | 3 | 8 |
| C | 7 | 3 | B | D | 8 | E | 6 | A | 1 | 2 | 9 | 0 | 5 | 4 |
| A | 4 | 9 | E | 0 | 5 | 8 | 7 | 1 | 3 | 6 | B | C | 2 | D |

ଗତକାଲିର ଉତ୍ତର

# ଭାରତୀୟ ସମ୍ବିଧାନ ଓ ରାଷ୍ଟ୍ରୀୟ ଏକତା

ପ୍ରଫେସର ସୂର୍ଯ୍ୟ ନାରାୟଣ ମିଶ୍ର

ଭାରତ ଏକ ପୁରାତନ ସଭ୍ୟତା, କିନ୍ତୁ ଗୋଟିଏ ନୂତନ ଦେଶ। ସମଗ୍ର ବିଶ୍ୱରେ ଏହା ସର୍ବବୃହତ୍ ଗଣତନ୍ତ୍ର। ଜନସଂଖ୍ୟା ଦୃଷ୍ଟିରୁ ଚାଇନା ପରେ ଭାରତ ଦ୍ୱିତୀୟ ସ୍ଥାନରେ। ପୌରାଣିକ ଯୁଗରୁ ଭାରତ ଗଣତନ୍ତ୍ର ବ୍ୟବସ୍ଥା ପ୍ରତି ସହବନ୍ଧିତ। ଏହାକୁ ଗଣତନ୍ତ୍ରର ଅନ୍ତୁଡ଼ିଶାଳ କହିଲେ ଅତ୍ୟୁକ୍ତି ହେବ ନାହିଁ। ଆଧୁନିକ ଜନମଙ୍ଗଳ ରାଷ୍ଟ୍ରର ବୀଜବପନ ମୌର୍ଯ୍ୟ ଶାସନ ସମୟରେ ଭାରତରେ ହୋଇଥିଲା। ଜନସମ୍ପର୍କ ଓ ପ୍ରସାରଣ କାର୍ଯ୍ୟକ୍ରମ ସମ୍ରାଟ ଅଶୋକ ଐତିହାସିକ କଳିଙ୍ଗ ଯୁଦ୍ଧ ପରେ ବୌଦ୍ଧଧର୍ମ ପ୍ରଚାର କାର୍ଯ୍ୟରୁ ଭାରତ ଭୂମିରେ ଆରମ୍ଭ କରିଥିଲେ। ବିଭିନ୍ନ ସମୟରେ ଭାରତ ଭ୍ରମଣରେ ଆସିଥିବା ବିଦେଶୀ ପରିବ୍ରାଜକମାନେ ତାଙ୍କ ବିବରଣୀରେ ଭାରତୀୟ ଐତିହ୍ୟ, ସଂସ୍କୃତି ଓ ମୂଲ୍ୟବୋଧକୁ ଉଚ୍ଚ ପ୍ରଶଂସା କରିଛନ୍ତି। କିନ୍ତୁ ବିଦେଶୀଙ୍କ ଲୋଲୁପ ଦୃଷ୍ଟିର ଶିକାର ହୋଇ ମଧ୍ୟପ୍ରାଚ୍ୟର ମୁସ୍‌ଲିମ, ମୋଗଲ ଓ ପରେ ବ୍ରିଟିଶ ଶାସନ ଅଧୀନରେ ବହୁ ଶତାବ୍ଦୀ ଧରି ଭାରତ ରହିଥିଲା। ବସ୍ତୁତଃ ୧୯୦ ବର୍ଷ ଏହା ବ୍ରିଟିଶ କର୍ତ୍ତୃତ୍ୱ ଅଧୀନରେ ରହିଲା। ୧୮୫୭ର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ପରେ ବ୍ରିଟିଶ ସରକାର ଇଷ୍ଟ ଇଣ୍ଡିଆ କମ୍ପାନୀଠାରୁ ଶାସନ ଭାର କାଢ଼ିଦେଇ ନିଜ ହାତରେ ରଖିଲେ ଓ ଭାରତୀୟମାନେ ଗଣତନ୍ତ୍ର ଶାସନାଧୀନ ଥିବା ଗ୍ରେଟ୍‌ବ୍ରିଟେନଠାରୁ ଅନୁରୂପ ସୁବିଧା ଓ ସହଯୋଗ ନ ପାଇ ଜାତୀୟ ଆନ୍ଦୋଳନର ପ୍ରକ୍ରିୟା ଆରମ୍ଭ କରିଥିଲେ। ସ୍ୱରାଜ ପାଇଁ ଦିଗ୍‌ଦର୍ଶନ ଦେଇଥିଲେ ଓ ବ୍ରିଟିଶ ଔପନିବେଶିକ ସରକାର ସଂସ୍କାର ଆଣିବାକୁ ବାଧ୍ୟ ହୋଇଥିଲେ। ବିଂଶ ଶତାବ୍ଦୀରେ ଦୁଇଟି ବିଶ୍ୱଯୁଦ୍ଧ ଗଣତନ୍ତ୍ରର ସୁରକ୍ଷା ପାଇଁ ହୋଇଥିଲା ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଭାରତ ଔପନିବେଶିକ ବ୍ୟବସ୍ଥାର ଅନ୍ତ କରାଇ ପ୍ରଥମେ ସ୍ୱାଧୀନରାଷ୍ଟ୍ର ହେଲା। ବିଶ୍ୱରେ ଏହାର ସ୍ୱାଧୀନତା ସଂଗ୍ରାମ ବିରଳ ଓ ଅହିଂସା ମାର୍ଗରେ ସ୍ୱାଧୀନତା ହାସଲ କରିବା ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ।

ଭାରତ ସ୍ୱାଧୀନ ହେବା ପୂର୍ବରୁ କ୍ଷମତା ହସ୍ତାନ୍ତର ଓ ଭବିଷ୍ୟତର ଶାସନ ପ୍ରଣାଳୀ ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା। କ୍ୟାବିନେଟ ମିଶନଙ୍କ ପରାମର୍ଶକ୍ରମେ ସମ୍ବିଧାନ ପ୍ରଣୟନ ସଭା ଗଠନ ହେଲା। ମୁସ୍‌ଲିମ ଲିଗ୍‌ର ଅସହଯୋଗ ସତ୍ତ୍ୱେ ଏହି ସଭା ୯ ଡିସେମ୍ବର ୧୯୪୬ ମସିହାରୁ ତାହାର କାର୍ଯ୍ୟ ଆରମ୍ଭ କରିଥିଲା। ଦେଶ ସ୍ୱାଧୀନ ହେବା ପରେ ଏହି ସଭାଟି ଉଭୟ ସମ୍ବିଧାନ ପ୍ରଣୟନ ଓ ଦେଶର ନୀତି ନିର୍ଦ୍ଧାରଣ ପାଇଁ ପ୍ରୋଭିଜନାଲ ପାର୍ଲାମେଣ୍ଟ ହିସାବରେ ଶାସନ କାର୍ଯ୍ୟ ପରିଚାଳନା କରିଲା।

ଦେଶ ସ୍ୱାଧୀନ ହେବା ସମୟରେ ବିଶ୍ୱର ରାଜନୈତିକ ସ୍ଥିତି ଓ ଭାରତ ଉପମହାଦେଶର ସାମାଜିକ, ଅର୍ଥନୈତିକ, ରାଜନୈତିକ ତଥା ସାଂସ୍କୃତିକ ଅବସ୍ଥା ସମ୍ବିଧାନ ପ୍ରଣେତାଙ୍କ ନିକଟରେ ବିଶେଷ ଆହ୍ୱାନ ଥିଲା। ଉପନିବେଶ ଶକ୍ତି ହିନ୍ଦୁ ଓ ମୁସଲମାନଙ୍କ ୧୮୫୭ ମସିହା ସମୟର ଏକତାକୁ ସହ୍ୟ କରିପାରିନଥିଲେ। ଫଳରେ ୧୮୬୭ର ସରକାରୀ ଭାଷା ନୀତି ଓ ଧର୍ମ ନାମରେ ବଙ୍ଗ ବିଭାଜନ ପ୍ରକ୍ରିୟା ଦ୍ୱାରା ବୃହତ୍ ବିଭାଜନର ମୂଳଦୁଆ ପକାଇଥିଲେ। ତେଣୁ ଧର୍ମ ଓ ଜାତି ଦୁଇଗୋଟି ପୁରାତନ ସାମାଜିକ ଅନୁଷ୍ଠାନ ନୂତନ ଚିନ୍ତାଧାରା ସୃଷ୍ଟି ନିମନ୍ତେ ସମ୍ବିଧାନ ପ୍ରଣେତାଙ୍କୁ ପ୍ରଭାବିତ କରିଥିଲା। ଦେଶ ବିଭାଜନ ସମୟରେ ସାମ୍ପ୍ରଦାୟିକ ହିଂସା, ଅନଗ୍ରସରତା, ନ୍ୟୂନ ସାକ୍ଷରତା ହାର, ରାଜନୈତିକ ଶିକ୍ଷାର ଅଭାବ ଓ ଆନ୍ତର୍ଜାତିକ ସ୍ତରରେ ଅସ୍ୱାଭାବିକ ସ୍ଥିତି ପ୍ରଭୃତି ନୂତନ ଚିନ୍ତାଧାରା ସୃଷ୍ଟି କରିବାକୁ ସାହାଯ୍ୟ କଲା। ଆମ ସଭ୍ୟତାର ବହୁ ପୁରାତନ ବିଭବ ହିସାବରେ ସହଯୋଗ, ସହନଶୀଳତା ଓ ସହଭାଗିତାକୁ ଆଧାର କରି ସେମାନେ ୨ ବର୍ଷ ୧୧ ମାସ ମଧ୍ୟରେ ବିଶ୍ୱର ବୃହତ୍ ସମ୍ବିଧାନର ପରିକଳ୍ପନା କରିଥିଲେ। ଏଥିପାଇଁ ବିଶ୍ୱର ପ୍ରଥମ ଲିଖିତ ସମ୍ବିଧାନ (ଆମେରିକା ଯୁକ୍ତରାଷ୍ଟ୍ରର), ୧୮୬୭ର କାନାଡା ସମ୍ବିଧାନ, ୧୯୦୦ର ଅଷ୍ଟ୍ରେଲିଆ ସମ୍ବିଧାନ ସହ ଜାପାନ, ଆୟର୍ଲାଣ୍ଡ, ବ୍ରିଟିଶ ସଂସଦୀୟ ବ୍ୟବସ୍ଥା ଓ ପରିଶେଷରେ ୧୯୩୫ ମସିହା ଭାରତ ଶାସନ ଆଇନକୁ ମୁଖ୍ୟ ଆଧାର ହିସାବରେ ପ୍ରଣେତାମାନେ ନେଇଥିଲେ। ସାମ୍ପ୍ରତିକ ପରିସ୍ଥିତି, ରାଷ୍ଟ୍ରୀୟ ଏକତା, ସର୍ବଧର୍ମ ସମ୍ଭବ, ସାମାଜିକ ନ୍ୟାୟ, ସମାନତା, ସ୍ୱାଧୀନତା ତଥା ଭ୍ରାତୃଭାବ ଭାରତର ସମ୍ବିଧାନ ପ୍ରଣୟନର ପୃଷ୍ଠଭୂମିରେ ପ୍ରମୁଖ ଭୂମିକା ନେଇଥିଲା। ପରିଶେଷରେ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ଏହି ଲିଖିତ ସମ୍ବିଧାନ ପ୍ରଣୟନ ସଭା ଦ୍ୱାରା ଗୃହୀତ ହେଲା। ୨୨ ଗୋଟି ବିଭାଗ, ୩୯୫ଟି ଧାରା ଓ ୮ଟି ପରିଚ୍ଛେଦକୁ ନେଇ ଏହି ସମ୍ବିଧାନ ପ୍ରସ୍ତୁତ ହୋଇଥିଲା। ବିଶେଷକରି ଭାରତର ସମ୍ବିଧାନ ପ୍ରସ୍ତୁତି ସମୟରେ ଆନ୍ତର୍ଜାତିକ ମାନବିକ ଅଧିକାର ଘୋଷଣାନାମା ହୋଇଥିଲା। ଏହି ବିଷୟଟି ଭାରତର ସମ୍ବିଧାନର ତୃତୀୟ ଭାଗ (ମୌଳିକ ଅଧିକାର) ଓ ଚତୁର୍ଥ ଭାଗ (ରାଜ୍ୟ ନିର୍ଦ୍ଦେଶାବଳୀ ନୀତି) ପ୍ରସ୍ତୁତିରେ ବିଶେଷ ସହାୟକ ହେଲା। ମୌଳିକ ଅଧିକାରଟି ନାଗରିକମାନଙ୍କର ଅଧିକାର ଓ ନିର୍ଦ୍ଦେଶାବଳୀ ନୀତି ରାଷ୍ଟ୍ରର କର୍ତ୍ତବ୍ୟକୁ ସାଧାରଣତଃ ବୁଝାଇଥାଏ। ସମ୍ବିଧାନର ପ୍ରାକ୍‌କଥନ ଓ ମୌଳିକ ଅଧିକାର ତଥା ରାଜ୍ୟର ନିର୍ଦ୍ଦେଶାବଳୀ ନୀତିକୁ ଏକାଠି ଅନୁଧ୍ୟାନ କଲେ ଭାରତ ସମ୍ବିଧାନର ମହନୀୟତା, ବିବିଧତା ମଧ୍ୟରେ ଏକତା ପ୍ରତି ଆହ୍ୱାନ, ରାଜନୈତିକ ଓ ସାଂସ୍କୃତିକ ଚିନ୍ତାଧାରାର ସକାରାତ୍ମକ ବିଶ୍ଳେଷଣ ତଥା ନୂତନ 'ରାଷ୍ଟ୍ରଗଠନ' ଓ 'ଦେଶ ଗଠନ' ନିମନ୍ତେ ନେତା, ନେତୃତ୍ୱ ଓ ନୀତି ପ୍ରଦାନ କରିବାରେ ଏହାର ଭୂମିକା ସ୍ପଷ୍ଟ ଜଣାପଡ଼େ।

ଏହା ଜବାହରଲାଲ ନେହେରୁଙ୍କ ଉଦାରବାଦୀ ଗଣତନ୍ତ୍ର ଚିନ୍ତାଧାରା, ବ୍ରିଟିଶ ଚକ୍ରାନ୍ତରୁ ସୃଷ୍ଟି ଦେଶ ବିଭାଜନ ସମୟର ଦୁର୍ଦ୍ଦିନକୁ ସଫଳ ମୁକାବିଲା କରିପାରିଥିବା ସର୍ଦ୍ଦାର ପଟେଲ, ସମ୍ବିଧାନକୁ ସାର୍ବଜନୀନ ଓ ବିଶ୍ୱସ୍ତରୀୟ କରିବା ଭୂମିକାରେ ଥିବା ଭୀମରାଓ ଆମ୍ବେଡକର ଓ ସର୍ବୋପରି ଭାରତର ଧର୍ମନିରପେକ୍ଷତାର ନିଦର୍ଶନ ମୌଲାନା ଆଜାଦ, ଦେଶର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶକୁ ଚରିତାର୍ଥ କରିବାକୁ ଓ ଦେଶର ସବୁ ଧର୍ମ, ଜାତି, ଭାଷା ଓ ଅଞ୍ଚଳକୁ ଏକାଠି କରିବାକୁ ସଫଳ ହୋଇପାରିଥିଲା। ବସ୍ତୁତଃ ବିଭାଜନ ପରେ 'ରାଷ୍ଟ୍ରଗଠନ' ପ୍ରାଥମିକତା ପାଇଥିଲା। ସେଥିପାଇଁ ଲୌହମାନବ ସର୍ଦ୍ଦାର ପଟେଲଙ୍କ ଅବଦାନ ଭୁଲି ହେବନାହିଁ। ତା'ପରେ 'ଦେଶ ଗଠନ' ପ୍ରକ୍ରିୟା ଉଭୟ ପାଶ୍ଚାତ୍ୟ ଓ ପ୍ରାଚ୍ୟର ଅନୁଭୂତିକୁ ପାଥେୟକରି ପଣ୍ଡିତ ନେହେରୁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା। ଯଦିଓ ସର୍ଦ୍ଦାର ପଟେଲ ୧୯୫୦ ମସିହା ଡିସେମ୍ବର ୧୫ ତାରିଖରେ ଇହଧାମ ତ୍ୟାଗ କରିଥିଲେ, ଦେଶକୁ ଏକାଠି କରିବା ପାଇଁ ତାଙ୍କର ବଳିଷ୍ଠ ଉଦ୍ୟମ ତଥା ଦୃଢ଼ ପ୍ରଶାସନିକ ଢାଞ୍ଚା ପାଇଁ ତାଙ୍କର ଇଚ୍ଛାଶକ୍ତି ତାଙ୍କ ମହନୀୟତାର ପରିଚୟ ଦିଏ। ସେହିପରି ଆମ ସମ୍ବିଧାନର ପ୍ରାକ୍ କଥନରେ ଏହି ସର୍ବୋଚ୍ଚ ଆଇନକୁ ଆମେ ଆମକୁ ପ୍ରଦାନ କରିଛୁ ଓ ଆମେ 'ସାର୍ବଭୌମ ଗଣତାନ୍ତ୍ରିକ ପ୍ରଜାତନ୍ତ୍ର' ବୋଲି ନୀତିଗତ ଭାବରେ ଗ୍ରହଣ କରିବା ସହ ରାଷ୍ଟ୍ରୀୟ ଏକତା ପାଇଁ ସର୍ବନିମ୍ନ ଆବଶ୍ୟକତା ନ୍ୟାୟ, ସମାନତା, ସ୍ୱାଧୀନତା ଓ ଭ୍ରାତୃଭାବ ପ୍ରତି ଅଙ୍ଗୀକାରବଦ୍ଧତା ରଖିବା ଲାଗି ବାବା ସାହେବ ଆମ୍ବେଡକରଙ୍କ ପ୍ରଚେଷ୍ଟା ଅତି ଉଚ୍ଚକୋଟୀର ଥିଲା।

ବିଶ୍ୱର ଏକ ଦୁର୍ଦ୍ଦିନ ସମୟରେ ଯେତେବେଳେ ବିଶ୍ୱଯୁଦ୍ଧର ନିଆଁ ଲିଭିନଥିଲା ଓ ଏକ ଅଜଣା ଶୀତଳଯୁଦ୍ଧର ଆରମ୍ଭ ହୋଇଥିଲା ସେତେବେଳେ ବ୍ରିଟିଶ ଅତ୍ୟାଚାର ଓ ଅନ୍ୟାୟରୁ ମୁକ୍ତି ପାଇ ନୂତନ କରି ସ୍ୱାଧୀନ ହୋଇଥିବା ଭାରତ ସାମ୍ପ୍ରଦାୟିକ ସଦ୍‌ଭାବ, ଭ୍ରାତୃଭାବ, ଦୃଢ଼ ଲୋକାଭିମୁଖୀ ଶାସନ, ଜନମଙ୍ଗଳ କାର୍ଯ୍ୟକ୍ରମ, ଦାରିଦ୍ର୍ୟ ଓ ଅନଗ୍ରସରତା ଦୂରୀକରଣ ଇତ୍ୟାଦି ମୁଖ୍ୟ ପ୍ରସଙ୍ଗଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବା ନିମନ୍ତେ ସାମାଜିକ, ସାଂସ୍କୃତିକ ତଥା ଅର୍ଥନୈତିକ ସ୍ୱାଧୀନତା ଅପେକ୍ଷା ରାଜନୈତିକ ସ୍ୱାଧୀନତାକୁ ବେଶିମାତ୍ରାରେ ଉପଭୋଗ କରିବା ପାଇଁ ବ୍ୟଗ୍ର ହେବାରୁ ବିଭିନ୍ନ ସମୟରେ ଏକତା ଲକ୍ଷ୍ୟଭ୍ରଷ୍ଟ ହୋଇଛି।

ରାଷ୍ଟ୍ରୀୟ ଏକତା ପାଇଁ ସୁସ୍ଥ ମାନସିକତାର ଆବଶ୍ୟକତା ଯଥେଷ୍ଟ ପରିମାଣରେ ଦରକାର। ଜାତୀୟ ସ୍ୱାର୍ଥ ଅପେକ୍ଷା ନିଜ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଲେ ରାଷ୍ଟ୍ରଗଠନ ପ୍ରକ୍ରିୟା ବାଧାପ୍ରାପ୍ତ ହେବ। ଆଞ୍ଚଳିକତା, ଜାତିଭେଦ, ଧର୍ମଗତ ବିଭେଦ ଓ ଭାଷା ବିବାଦ ଆମର ସାମଗ୍ରିକ ବିକାଶରେ ଅନ୍ତରାୟ ସାଜିବ। ଦେଶର ସମୃଦ୍ଧି ଦ୍ୱାରା ଆମ ସମସ୍ତଙ୍କର ବିକାଶ ଘଟିବ, ଦାରିଦ୍ର୍ୟ ଦୂର ହେବ, ସାମାଜିକ ସହୃଦୟତା ବୃଦ୍ଧିପାଇବ, ସାଂସ୍କୃତିକ ଚେତନାର ପୁନରୁଦ୍ଧାର ହେବ ଓ ପୁନଶ୍ଚ ଭାରତ ବିଶ୍ୱରେ ଶ୍ରେଷ୍ଠତ୍ୱ ଲାଭ କରିବ। ଏସବୁ କାର୍ଯ୍ୟାନ୍ୱିତ କରିବା ନିମନ୍ତେ ଭାରତର ସମ୍ବିଧାନ ଯଥେଷ୍ଟ ଉପାଦାନ ପ୍ରଦାନ କରିଛି।

ଆଜି ସମ୍ବିଧାନ ଦିବସର ଆହ୍ୱାନ ହେଉଛି ଯେ, ୭୦ ବର୍ଷ କାଳ ବିଶ୍ୱର ସର୍ବବୃହତ୍ ଓ ସର୍ବଜନବିଦିତ ଏହି ସର୍ବୋଚ୍ଚ ଆଇନ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଅଞ୍ଚଳ ଆଦି ଚିନ୍ତାଧାରାରୁ ଊର୍ଦ୍ଧ୍ୱକୁ ଯାଇ ଉଭୟ ରାଷ୍ଟ୍ର ଗଠନ ଓ ଦେଶ ଗଠନ ପ୍ରକ୍ରିୟାରେ ସମସ୍ତଙ୍କୁ ସାମିଲ ହେବା ପାଇଁ ପ୍ରେରିତ କରୁ। ଏହା କୌଣସି ବ୍ୟକ୍ତିବିଶେଷ ବା ରାଜନୈତିକ ଶକ୍ତିର କର୍ତ୍ତବ୍ୟ ବୋଲି ବିବେଚନା କରିବା ଅନୁଚିତ। ଆଜି ଏକତା ସୂତ୍ରରେ ସମସ୍ତଙ୍କୁ ବାନ୍ଧି ରଖିବା ପାଇଁ ଭାରତ ସରକାର ରାଜ୍ୟ-ରାଜ୍ୟ, ଭାଷା-ଭାଷା, ଅଞ୍ଚଳ-ଅଞ୍ଚଳ ମଧ୍ୟରେ ଦୂରତା ହ୍ରାସ କରିବାକୁ ବହୁ ମାର୍ଗଦର୍ଶିକା ପ୍ରଦାନ କରିଛନ୍ତି। ଏଥିପ୍ରତି ଧ୍ୟାନ ଦେବା ଓ ଏହାକୁ କାର୍ଯ୍ୟରେ ଲଗାଇବା ହିଁ ଆଜିର ଆହ୍ୱାନ। ଭାରତ କେବଳ ଗୋଟିଏ ଜନରାଜ୍ୟ ନୁହେଁ, ଏହା ଏକ ସଫଳ ଗଣତନ୍ତ୍ର ଓ ବିବିଧତା ମଧ୍ୟରେ ଏକତା ରଖୁଥିବା ବିଶ୍ୱର ପ୍ରାଚୀନ ସଭ୍ୟତା ମଧ୍ୟ।

## ଚିରନ୍ତନୀ

ଧାନକ୍ଷେତ ପରେ ବଉଦ ଭାସୁଛି
ସେ ଚାହିଁଛି ମୋର ଆଶାରେ,
ନୀଳ ଆକାଶରେ ଚାତକ ମିଶଇ
ମୋହରି ବିରହ ଦଶାରେ।
-(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପରିବାରରେ ବୁଢ଼ାଙ୍କ ଆଦର ନାହିଁ

ମହାଶୟ,

ବାର୍ଦ୍ଧକ୍ୟର ଭବିଷ୍ୟତ ନାହିଁ। କେବଳ ବର୍ତ୍ତମାନକୁ ନେଇ ବଞ୍ଚେ। ବାର୍ଦ୍ଧକ୍ୟକୁ କିଏ ବା କୃତଜ୍ଞତା ଜଣାଇବ ? କାହାର ବା ସମୟ ଅଛି ବୁଢ଼ା କଥା ଶୁଣିବାକୁ ? ମଣିଷ ଯେତେ ଚେଷ୍ଟା କଲେ ବାର୍ଦ୍ଧକ୍ୟରେ ତା'ର ଅତୀତକୁ ଖୋଜି ବସେ। ଜୀବନର ସମୟ ସ୍ରୋତରେ ସବୁ ସୋପାନକୁ ଅତିକ୍ରମ କରି ପହଞ୍ଚିଯାଏ ଶେଷ ସୋପାନରେ। ତା' ମଧ୍ୟାହ୍ନର ତେଜ ବାହାରକୁ ଦେଖାଯାଉନି ସତ, ମାତ୍ର ଭିତରେ ଯେମିତି ସବୁ କିଛି ଅଛି। ମନରେ ଅନେକ ଭାବନା ଭାସି ଆସେ। ଖୋଜି ବସେ କାହାକୁ ପାଇଲେ ତା' ମନକଥା କହି ପକେଇବ। ସେପଟେ ଲୋକମାନେ ବୁଢ଼ାଟିଏ ଦେଖିଲେ ଆଡେଇ ହୋଇ ଚାଲି ଯାଆନ୍ତି। ସେ ଜଣେ ବୁଢ଼ା। ବୁଢ଼ାର କିଛି କାମ ନାହିଁ ବୋଲି ତା' ପାଟି ଖଲ ଖଲ ହେଉଛି ଗପିବାକୁ। ଆଉ କ'ଣ କାହାର କିଛି କାମ ନାହିଁ। ଏମିତି କହି ସମସ୍ତେ ବୁଢ଼ାକୁ ଅନାଦର କରନ୍ତି। ଏକଥା କେବେ ଭାବି ନ ଥିଲା ବୁଢାଟି। ବାହାର କଥା ଛାଡ। ଆତ୍ମୀୟସ୍ୱଜନ ବି ବୁଢ଼ା ବୁଢା କହି ହେୟଜ୍ଞାନ କରୁଛନ୍ତି। ତା'ର ତେଜ କ୍ଷମତା ସବୁ ମଳିନ ପଡିଯାଇଛି। କିଏ ତା'ର ମୂଲ୍ୟ ବୁଝୁଛି। କିଏ ତା'ର ଅତୀତକୁ ମୂଲ୍ୟାୟନ କରୁଛି ? କେହି କରୁନାହିଁ। କାରଣ ସେ ବୁଢା... । ଆଜି ପରିବାରରେ ବୁଢ଼ାର ଆଦର ନାହିଁ। ସତେ ଯେମିତି ସେ ଅଲୋଡା ଅଖୋଜା ମଣିଷଟିଏ। ଏକଥା କେବେ ଭାବି ନ ଥିଲା ବୁଢ଼ାଟି।

-ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମହିଳାଙ୍କ ଘରେ ନିଆଁ ଲଗାଇଲେ ଦୁର୍ବୃତ୍ତ

**ପଦ୍ମପୁର,୨୫ା୧୧(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଦାମୋଦରପୁର ଗ୍ରାମର ଗୀତାରାଣୀ ଦାସଙ୍କ ଘରେ ମଙ୍ଗଳବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ତାଙ୍କ ଘରେ ଥିବା ଆବଶ୍ୟକୀୟ କାଗଜପତ୍ର ଓ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ନିଆଁ ଲାଗିବା ଦେଖି ଗୀତାରାଣୀ ଓ ତାଙ୍କ ଝିଅ ବାହାରକୁ ଆସି ପାଟି କରି ଗାଁ ଲୋକଙ୍କୁ ଡାକିଥିଲେ। ଅଗ୍ନିଶମ ବିଭାଗର ଫୋନ୍ ନ ଲାଗିବାରୁ ଯୋଗାଯୋଗ ହୋଇପାରି ନ ଥିଲା ବୋଲି କହିଛନ୍ତି। ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। ନିଆଁ ଲଗାଇ ଦୌଡ଼ି ପଳାଇ ଯାଉଥିବାର ଆର୍ତ୍ତ ଅଞ୍ଚଳର ଜଣେ ଯୁବକଙ୍କ ନାମରେ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଗୀତାରାଣୀ। ଏ ନେଇ ଥାନାରେ ମାମଲା (ନଂ.୩୧୪/୨୦) ରୁଜୁ କରାଯାଇଛି।

### ୨ ମୋବାଇଲ ଲୁଟେରା ଗିରଫ

**ଭଦ୍ରକ ଅଫିସ, ୨୫ା୧୧:** ଭଦ୍ରକ ଜିଆର୍‌ପି ୨ ମୋବାଇଲ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଥାନାଧିକାରୀ ସନ୍ତୋଷ କୁମାର ବାହିନୀପତିଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗିରଫ ଅଭିଯୁକ୍ତଦ୍ୱୟ ହେଲେ କେନ୍ଦ୍ରାପଡ଼ା ହାଡୁଆ ଅଞ୍ଚଳର କାମଦେବ ସାମଲ ଓ ଭଦ୍ରକ ପୁରୁଣାବଜାର ମିର୍ଜାପୁରର ଶେଖ୍ ଆଶିକ। ହାୱଡ଼ା ଯଶବନ୍ତପୁର ଟ୍ରେନରେ ଆସୁଥିବା ଜଣେ ଯାତ୍ରୀଙ୍କଠାରୁ ମୋବାଇଲ ଲୁଟ୍ କରି କାମଦେବ ଭଦ୍ରକ ଷ୍ଟେଶନରେ ଓହ୍ଲାଇ ପଡ଼ିଥିଲେ। ଷ୍ଟେଶନରେ କାର୍ଯ୍ୟରତ ଜିଆର୍‌ପି କର୍ମଚାରୀମାନେ ସନ୍ଦେହରେ କାମଦେବଙ୍କୁ କାବୁ କରି ତାଙ୍କ ନିକଟରୁ ମୋବାଇଲ ଜବତ କରିଥିଲେ। ସେହିପରି ଶେଖ୍ ଆଶିକ ପୁରୁଷୋତ୍ତମ ଏକ୍ସପ୍ରେସରେ ଆସୁଥିବା ଜଣେ ଯାତ୍ରୀଙ୍କ ମୋବାଇଲରେ ଆଲାର୍ମ ସେଟ୍ କରିବା ବାହାନାରେ ଲୁଟି ନେଇ ଭଦ୍ରକ ଷ୍ଟେଶନରେ ଓହ୍ଲାଇ ଦୌଡୁଥିବା ବେଳେ ଜିଆର୍‌ପି ଧରିଥିଲା। ଏ ନେଇ ଥାନାରେ ମାମଲା(ନଂ. ୫୮/୨୦) ଓ (ନଂ.୬୭/୨୦) ରୁଜୁ କରାଯାଇଛି।

### ନବଜାତ ଶିଶୁ ଯତ୍ନ ସପ୍ତାହ ପାଳିତ

**ଭଦ୍ରକ ଅଫିସ,୨୫ା୧୧:** ଭଦ୍ରକ ଜିଲା ଆଦାନୀ ଫାଉଣ୍ଡେଶନ ପକ୍ଷରୁ ନବଜାତ ଶିଶୁ ଯତ୍ନ ସପ୍ତାହ ପାଳିତ ହୋଇଯାଇଛି। ନବଜାତ ଶିଶୁମାନଙ୍କର ମା' ଏବଂ ପରିବାର ମଧରେ ସଚେତନତା, ନବଜାତ ଶିଶୁମାନଙ୍କ ସର୍ବେକ୍ଷଣ, ଯତ୍ନ, ଶୀତଦିନେ ନବଜାତ ଶିଶୁ ଓ ସ୍ତନ୍ୟପାନ କରାଉଥିବା ମା'ମାନଙ୍କ ପାଇଁ କୋଭିଡ୍ ଯତ୍ନ ଉପରେ ପରାମର୍ଶ, ଗୋଷ୍ଠୀ ଆଲୋଚନା ଆଦି କାର୍ଯ୍ୟକ୍ରମ କରାଯାଇଛି। ଆଦାନୀ ଧାମରା ବନ୍ଦର ପରିପାର୍ଶ୍ୱସ୍ଥ ୮ ପଞ୍ଚାୟତରେ ୭ ଦିନ ବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆଦାନୀ ଫାଉଣ୍ଡେଶନ ପକ୍ଷରୁ ମୋଟ ୬୮ ଗ୍ରାମରେ ଉପଯୁକ୍ତ ନୂତନ ଜନ୍ମ ଯତ୍ନ ବିଷୟରେ ସଚେତନତା ବାର୍ତ୍ତା ଦିଆଯାଇଥିଲା। ୨୭ଜଣ ସୁପୋଷଣ ସଙ୍ଗିନୀ ମାଧମରେ ୬୮ଟି ଗ୍ରାମର ପ୍ରାୟ ୩୦୬ ନବଜାତ ଶିଶୁଙ୍କ ମା' ଓ ୨୫୬ ଜଣ ସ୍ତନ୍ୟପାନ କରାଉଥିବା ମା'ଙ୍କୁ ଏହି କାର୍ଯ୍ୟକ୍ରମ ମାଧମରେ ସାମିଲ କରାଯାଇଥିବା କୁହାଯାଇଛି।

# ୨ ସପ୍ତାହ ପରେ ଫେରିଲା ଶୀତ

**କେନ୍ଦୁଝର,୨୫ା୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲାକୁ ପ୍ରାୟ ଦୁଇ ସପ୍ତାହ ପରେ ପୁଣି ଶୀତ ଫେରିଛି। ଜିଲାରେ ସବନିମ୍ନ ତାପମାତ୍ରା ୧୨ ଡିଗ୍ରୀରେ ପହଞ୍ଚିଥିବାରୁ ଗ୍ରାମାଞ୍ଚଳର ଲୋକେ ଅସୁବିଧାର ସମ୍ମୁଖୀନ ହେବାରେ ଲାଗିଲେଣି। ଗ୍ରାମାଞ୍ଚଳ ତଥା ପାହାଡ଼ିଆ ଅଞ୍ଚଳରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହୁଥିବାରୁ ଗରିବ ଶ୍ରେଣୀର ଲୋକେ ହଇରାଣ ହେଉଛନ୍ତି। ବିଶେଷ କରି ରାସ୍ତା କଡରେ ରାତି ବିତାଉଥିବା ଲୋକ ଏବଂ ପାହାଡିଆ ଅଞ୍ଚଳରେ ଭଙ୍ଗା ଦଦରା ଓ ମୁକୁଳା ଘରେ ରହୁଥିବା ଗରିବ ତଥା ବୃଦ୍ଧାବୃଦ୍ଧ ଥଣ୍ଡା ବୃଦ୍ଧି ପାଇଲେ ଅଧିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶୀତରୁ ରକ୍ଷା ପାଇବା ପାଇଁ ନିଆଁ ଜଳାଇ



ଶୀତରୁ ରକ୍ଷା ପାଇଁ ଲୋକେ ନିଆଁ ପୋଉଁଛନ୍ତି।

ଅନେକ ରାତି କାଟୁଛନ୍ତି। ନିଆଁ ଜଳାଇ ଶୋଇବା ଦ୍ୱାରା ଅନେକ ସମୟରେ ଅଘଟଣ ଘଟିବା ଆଶଙ୍କା ମଧ ରହୁଛି ।

ଗତ ୮ ତାରିଖରେ କେନ୍ଦୁଝରର ଚଳିତ ବର୍ଷର ସର୍ବନିମ୍ନ ତାପମାତ୍ରା ୧୩.୮ ଡିଗ୍ରୀ ରେକର୍ଡ କରାଯାଇଥିଲା ।

**କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୧୨ ଡିଗ୍ରୀ**

ପରେ ଏହା ବୃଦ୍ଧି ପାଇ ୨୧ ତାରିଖରେ ୧୯.୬ ଡିଗ୍ରୀରେ ପହଞ୍ଚିଥିଲା। ଏହା ପୁଣି ହ୍ରାସ ପାଇ ୨୫ ତାରିଖରେ ୧୨ ଡିଗ୍ରୀରେ ପହଞ୍ଚିଛି। ୨୨ ତାରିଖରେ ତାପମାତ୍ରା ୧୭ ଡିଗ୍ରୀ ଥିବା ବେଳେ ହଠାତ ହ୍ରାସ ପାଇ ୨୩ରେ ୧୩.୪ ଡିଗ୍ରୀ ହୋଇଥିଲା।୨୪ ତାରିଖରେ ତାପମାତ୍ରା ୧୨.୪ ଡିଗ୍ରୀ ଥିଲା। ଆକାଶରୁ ମେଘ ହଟିଲେ ତାପମାତ୍ରା ଆହୁରି କମିବ ଏବଂ ଶୀତ ବଢ଼ିବ ବୋଲି ଆକଳନ କରାଯାଉଛି। ଏଣୁ ପ୍ରଶାସନ ପକ୍ଷରୁ ଗଗରିବ ତଥା ଅସହାୟ ଲୋକଙ୍କୁ ଶୀତ ବସ୍ତ୍ର ଓ କମ୍ବଳ ବାଣ୍ଟିବାକୁ ଦାବି ହେଉଛି।

# ଓଲଟିଲା ବାଲି ବୋଝେଇ ଟ୍ରକ



ଦୁର୍ଘଟଣାଗ୍ରସ୍ତ ଟ୍ରକ।

**ଭଣ୍ଡାରିପୋଖରୀ, ୨୫ା୧୧ (ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ୧୬ନଂ. ଜାତୀୟ ରାଜପଥର ବସ୍‌ଷ୍ଟାଣ୍ଡଠାରେ ବୁଧବାର ଅପରାହ୍ନରେ ଏକ ବାଲି ବୋଝେଇ ଟ୍ରକ ଓଲଟି ପଡ଼ିଥିଲା। ଫଳରେ ରାଜପଥରେ କିଛି ସମୟ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ସୂଚନା ଅନୁସାରେ, ଅପରାହ୍ନ ପ୍ରାୟ ସାଢ଼େ ୨ଟା ବେଳେ ଟ୍ରକଟି ବାଲି ବୋଝେଇ କରି ଆଖୁଆପଦା ପଟୁ ବାଲେଶ୍ୱର ଅଭିମୁଖେ ଯାଉଥିଲା। ଭଣ୍ଡାରିପୋଖରୀ ବସ୍‌ଷ୍ଟାଣ୍ଡ ନିକଟ ସମବାୟ ବ୍ୟାଙ୍କ ସମ୍ମୁଖରେ ଗାଡ଼ି କୌଣସି କାରଣରୁ ରାସ୍ତା ମଝିରେ ଓଲଟି ପଡ଼ିଥିଲା। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରାଜପଥରେ ଗାଡ଼ି ଚଳାଚଳ ସ୍ୱାଭାବିକ କରିଥିଲା।

# ଧାରଣାରତ ୩ ସ୍ୱାସ୍ଥ୍ୟକର୍ମୀ ଗୁରୁତର




ଧାରଣାରେ ବସିଥିବା ସ୍ୱାସ୍ଥ୍ୟକର୍ମୀ।

**ବାରିପଦା ଅଫିସ,୨୫ା୧୧**

କରୋନା ମୁକାବିଲା ପାଇଁ ଚୁକ୍ତି ଭିତ୍ତିକ ନିଯୁକ୍ତି ପାଇଥିବା ମହିଳା ସ୍ୱାସ୍ଥ୍ୟକର୍ମୀମାନେ ୮ଦିନ ହେଲା ୨୪ ଘଣ୍ଟିଆ ଧାରଣା ଚାଲୁ ରଖିଛନ୍ତି । ବୁଧବାର ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ସେମାନେ ବିକ୍ଷୋଭ ପ୍ରଦର୍ଶନ ସହିତ ଦିନ ତମାମ ରାସ୍ତା ଅବରୋଧ କରି ଧାରଣା ଦେଇଥିଲେ। ଧାରଣାରତ ୩ ସ୍ୱାସ୍ଥ୍ୟକର୍ମୀଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ପୋଲିସ ମୃତୟନ ହୋଇଥିବା ବେଳେ ୩ମାସର ବକେୟା ଦରମା ପ୍ରଦାନ ସହିତ ପୁନଃ ନିଯୁକ୍ତି ଦାବିକୁ ନେଇ ବିକ୍ଷୋଭକାରୀମାନେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ବାରିପଦା ଉପଜିଲାପାଳ ପି. ଅନ୍ୱେଷା ରେଡ୍ଡି ସେମାନଙ୍କ ନିକଟରେ ପହଞ୍ଚି ୨୭ ତାରିଖ ସୁଦ୍ଧା ଦରମା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଜିଲା ପ୍ରଶାସନ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ନ ମିଳିବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ସ୍ୱାସ୍ଥ୍ୟକର୍ମୀମାନେ କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, କୋଭିଡ୍-୧୯ରେ ଚୁକ୍ତି ଭିତ୍ତିକ ନିଯୁକ୍ତି ପାଇଥିବା ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସରକାର କାର୍ଯ୍ୟରୁ ଅନ୍ତର କରଛନ୍ତି । ଏହାର ପ୍ରତିବାଦରେ ସେମାନେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୬ଦିନ ଧରି ଧାରଣା ଦେବା ପରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଫଳରେ ସେମାନେ ଗତ ସୋମବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଦିନରାତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଚାଲିବ ବୋଲି ସ୍ୱାସ୍ଥ୍ୟକର୍ମୀ ରୁନି ଦାସ, ଲୋପାମୁଦ୍ରା ମହାନ୍ତ, ନନ୍ଦିକା ମହାନ୍ତ, ସରିତା ଘୋଷ, ଦୀପିକା ମଣ୍ଡଳ, ଅନିମା ଦାସ, ଲକ୍ଷ୍ମୀ ମୁର୍ମୁ, ଶୁଭଦର୍ଶନୀ ଲେଙ୍କା ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ବାଙ୍ଗରା ନୋଡାଲ ଉପ୍ରା ସ୍କୁଲରୁ ଚୋରି

**ରସାଲପୁର,୨୫ା୧୧(ଡି.ଏନ.ଏ.)**

ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ବାଙ୍ଗରା ନୋଡ଼ାଲ ଉପ୍ରା ସ୍କୁଲରେ ମଙ୍ଗଳବାର ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସେଠାରେ ପହଞ୍ଚି ଅନୁଧାନ କରିବା ସହିତ ଚୋରମାନେ ଛାଡ଼ି ଦେଇଥିବା ଏକ ବ୍ୟାଗ୍ ସମେତ ଗୋଟିଏ ଲୁହାରଡ଼ ଓ ନାଲି ରଙ୍ଗର ଗାମୁଛାକୁ ଜବତ କରି ତଦନ୍ତ ଜାରି ରଖିଛି। ମଙ୍ଗଳବାର ରାତି ପ୍ରାୟ ୧୧ଟାରୁ ୧୨ଟା ସମୟରେ ଚୋରମାନେ ସ୍କୁଲର ମୁଖ୍ୟ ଗେଟ୍‌ରେ ତାଲା ଭାଙ୍ଗି ଭିତରେ ପଶି ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟରେ ଥିବା ଗଡ଼େରେଜ ଆଲମିରା ଭାଙ୍ଗି ଆନୁମାନିକ ୧୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ନେଇଥିବା ପ୍ରଧାନଶିକ୍ଷକ ପାତ୍ର ସିଂ ଏତଲାରେ ଦର୍ଶାଇଛନ୍ତି। ପ୍ରକାଶଥାଉକି, ଉକ୍ତ ସ୍କୁଲରୁ ବହୁବାର ଚୋରି ହେଉଥିବାବେଳେ ସ୍କୁଲ ପକ୍ଷରୁ ଥାନାରେ ଜଣାଇଥିଲେ ହେଁ ପୋଲିସ କାହାକୁ ଧରିବାରେ ସକ୍ଷମ ହୋଇ ନାହିଁ।

## କଂଗ୍ରେସର ସାଙ୍ଗଠନିକ ବୈଠକ

**ବାସୁଦେବପୁର,୨୫ା୧୧(ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ଓ ନଗର କଂଗ୍ରେସର ମିଳିତ ସହଯୋଗରେ ସ୍ଥାନୀୟ ସ୍ନେହା ରେସିଡେନ୍ସି ପରିସରରେ ଦଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନବନିଯୁକ୍ତ ଜିଲା ସଭାପତି ସୁବ୍ରତ ଦାସଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପୂର୍ବତନ ଜିଲା ସଭାପତି ଅଶୋକ ଦାସ, ପୂର୍ବତନ ବ୍ଲକ ଅଧକ୍ଷ ନିର୍ମଳ ଚନ୍ଦ୍ର ବେହେରା, ମଧୁସୂଦନ ଦାସ, ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳ, ନଗର କଂଗ୍ରେସ ସଭାପତି ଭକ୍ତରଞ୍ଜନ ପଟ୍ଟନାୟକ, ପୂର୍ବତନ ଜିଲାପରିଷଦ ସଭ୍ୟ ପ୍ରଭାତ ବାରିକ, ବରିଷ୍ଠ କଂଗ୍ରେସ ନେତା ଗୋପାଳ ରାୟ, ପୂର୍ବତନ ସରପଞ୍ଚ ଆଦିତ୍ୟ ଗିରି, ପିସିସି ମହିଳା ସେଲ୍‌ର ରାଜ୍ୟ ସମ୍ପାଦିକା ରୀନା ସ୍ୱାଇଁ, ଜୋନ୍ ସଭାପତି ନରେନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ଦିନରେ ସଙ୍ଗଠନ କିପରି ଅଧିକ ମଜଭୁତ ହେବ ସେ ବାବଦରେ ମତ ଦେଇ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନ ସମ୍ପର୍କରେ ମଧ ବୈଠକରେ ଆଲୋଚନା ହୋଇଥିଲା।

# ପୁରୁଷ ବନ୍ଧ୍ୟାକରଣ ସଚେତନତା

**ବାଲେଶ୍ୱର ଅଫିସ, ୨୫ା୧୧**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପୁରୁଷ ବନ୍ଧ୍ୟାକରଣ ପକ୍ଷ ପାଳନ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଜିଲା ସ୍ୱାସ୍ଥ୍ୟ ସମିତି ବାଲେଶ୍ୱର ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ସହକାରୀ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପରେଶ ଚନ୍ଦ୍ର ନନ୍ଦୀ ଅଧକ୍ଷତା କରି ପୁରୁଷ ବନ୍ଧ୍ୟାକରଣ ସମ୍ପର୍କରେ ଜନସଚେତନତା ସୃଷ୍ଟି ଉପରେ ଗୁରତ୍ୱାରୋପ କରିଥିଲେ। ଚଳିତବର୍ଷ ନଭେମ୍ବର ୨୧ତାରିଖରୁ ଡିସେମ୍ବର ୪ତାରିଖ ପର୍ଯ୍ୟନ୍ତ ପୁରୁଷ ବନ୍ଧ୍ୟାକରଣ ପକ୍ଷ ପାଳନ ହେଉଥିବା ବେଳେ ଏବର୍ଷର ବାର୍ତ୍ତା 'ପରିବାର ନିୟୋଜନରେ ପୁରୁଷଙ୍କ ଭାଗିଦାରୀ, ଜୀବନରେ ଆଣେ ସ୍ୱାସ୍ଥ୍ୟ ଓ ଖୁସିର ଲହରୀ' ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୁରୁଷ ବନ୍ଧ୍ୟାକରଣ ସଚେତନତା ପାଇଁ ପ୍ରତ୍ୟେକ ବ୍ଲକରେ ସଚେତନତା ରଥ ବୁଲି ଲୋକଙ୍କୁ ସଚେତନ କରିବା ସହିତ ପୋଷ୍ଟର, ଲିଫଲେଟ୍, ହୋର୍ଡିଂ ମାଧମରେ ମଧ ପ୍ରଚାର କରାଯିବ। ଏଥିସହିତ ପକ୍ଷ ପାଳନ ଅବସରରେ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର ମଧ କରାଯିବ। ଏହି ସଚେତନତା କାର୍ଯ୍ୟକ୍ରମରେ ଡା. ମମତା ସାହୁ, ଡିପିଏମ୍ ଅନୀଲ ମହାନ୍ତି, ଡିଏମ୍‌ଆରସିଏଚ୍ ଏଲିନା ସାମଲ, ଆଶା ପରାମର୍ଶଦାତା ସତ୍ୟଜିତ୍ ରାୟ ପ୍ରମୁଖ ଯୋଗ ଦେଇଥିବା ବେଳେ ସହକାରୀ ଜିଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ରମଣୀକାନ୍ତ ଭଞ୍ଜ ଧନ୍ୟବାଦ ଅର୍ପଣ କରିଥିଲେ।

## ଗାଡ଼ି ଧକ୍କାରେ ପରିବା ବ୍ୟବସାୟୀ ମୃତ

**ରୂପ୍‌ସା,୨୫ା୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା-ବୈଶିଙ୍ଗା ରାସ୍ତାର ବାମଡ଼ା ଲକ୍ଷ୍ମୀନାରାୟଣ ମଣ୍ଡପ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ପରିବା ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟବସାୟୀ ହେଲେ ରୂପ୍‌ସା ଥାନା ଆଙ୍କୋ ଗ୍ରାମର ପ୍ରଫୁଲ୍ଲ ରାଉଳ। ମଙ୍ଗଳବାର ସନ୍ଧ୍ୟାରେ ସେ ସାଇକେଲ ଯୋଗେ ପରିବା ଆଣିବା ପାଇଁ ଯାଉଥିଲା ବେଳେ ଦ୍ରୁତ ଗତିରେ ଯାଉଥିବା ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦।୨୦) ରୁଜୁ କରି ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଇଛି।

## ପ୍ରାଣୀ ଚିକିତ୍ସକଙ୍କ କଳାବ୍ୟାଜ୍ ପରିଧାନ



କଳାବ୍ୟାଜ୍ ପରିଧାନ କରିଥିବା ପ୍ରାଣୀ ଚିକିତ୍ସକମାନେ।

**ଭଦ୍ରକ ଅଫିସ,୨୫ା୧୧**

ରାଜ୍ୟ ପ୍ରାଣୀ ଚିକିତ୍ସକ ସେବା ସଂଘ ଡାକରାରେ ରାଜ୍ୟରେ କାର୍ଯ୍ୟରତ ସମସ୍ତ ପ୍ରାଣୀ ଚିକିତ୍ସକ ବିଭିନ୍ନ ଦାବି ପୂରଣ ପାଇଁ କଳାବ୍ୟାଜ୍ ପରିଧାନ କରିଛନ୍ତି। ପ୍ରାଣୀ ଚିକିତ୍ସକଙ୍କର ପ୍ରବେଶିକା ପଦ କନିଷ୍ଠ ଶ୍ରେଣୀ ପାହ୍ୟା ପ୍ରଦାନ କରିବା, ବିଭାଗକୁ ଇମରଜେନ୍ସି ବିଭାଗ ଘୋଷଣା, ବରିଷ୍ଠତା ଭିତ୍ତିରେ ଠିକ୍ ସମୟରେ ପଦୋନ୍ନତି, ଚିକିତ୍ସା କେନ୍ଦ୍ରରେ ପ୍ରାଣୀ ଚିକିତ୍ସକମାନଙ୍କୁ ଡାଟାଏଣ୍ଟ୍ରି କାମରେ ନିୟୋଜନ ନ କରିବା, ସମସ୍ତ ପ୍ରାଣୀ ଚିକିତ୍ସକଙ୍କୁ କୋଭିଡ୍-୧୯ ଯୋଦ୍ଧା ଭାବେ ଘୋଷଣା କରିବା ଆଦି ଦାବିକରିଗତ ୨୦ ତାରିଖଠାରୁ କଳାବ୍ୟାଜ୍ ପରିଧାନ କରି ଚିକିତ୍ସା ଚଳାଇ ଆସୁଛନ୍ତି। ସେହିପରି ଜିଲାର ସମସ୍ତ ବ୍ଲକରେ ପ୍ରାଣୀ ଚିକିତ୍ସକମାନେ ରାଜ୍ୟ ସଂଘକୁ ସମର୍ଥନ ଜଣାଇ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟରତ ଅଛନ୍ତି। ଉକ୍ତ ଦାବିଗୁଡ଼ିକୁ ଆସନ୍ତା ୨୭ ତାରିଖ ସୁଦ୍ଧା ପୂରଣ ନ କଲେ ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ସଂଘ ନିଷ୍ପତ୍ତି ନେଇଥିବା ଜିଲା ସଂଘର କାର୍ଯ୍ୟକର୍ତ୍ତା ଡା. ନିରାକାର ଜେନା ପ୍ରକାଶ କରିଛନ୍ତି।

# ଲିଙ୍ଗ ନିରୂପଣ ଅଧିନିୟମ ଉପଦେଷ୍ଟା କମିଟି ବୈଠକ




ବୈଠକରେ ଉପସ୍ଥିତ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟମାନେ।

**ବାଲେଶ୍ୱର ଅଫିସ,୨୫ା୧୧**

ବାଲେଶ୍ୱର ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଗର୍ଭସ୍ଥ ଭ୍ରୁଣର ଲିଙ୍ଗ ନିରୂପଣ ଅଧିନିୟମ ଅନ୍ତର୍ଗତ ଗଠିତ ଜିଲା ଉପଦେଷ୍ଟା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗତ ଜୁଲାଇ ମାସରେ ଅନୁଷ୍ଠିତ ବୈଠକର ବିବରଣୀ ଉପସ୍ଥାପନ କରାଯିବା ସହିତ ସେଥିରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତିକୁ କିଭଳି କାର୍ଯ୍ୟକାରୀ କରାଯାଇଛି ସେ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଏଥିସହିତ ଯେଉଁ ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ନେଇ ଲିଙ୍ଗ ନିରୂପଣ ଅଧିନିୟମ ଲାଗୁ କରାଯାଇଛି ତାହାକୁ କିଭଳି ସଫଳ କରାଯାଇପାରିବ ସେ ସମ୍ପର୍କରେ ଉପଦେଷ୍ଟା କମିଟିର ସଦସ୍ୟମାନେ ଆଲୋଚନା କରିଥିଲେ। କୌଣସି କ୍ଷେତ୍ରରେ ଯେପରି ଗର୍ଭସ୍ଥ ଭ୍ରୁଣର ଲିଙ୍ଗ ନିରୂପଣ କରା ନ ଯାଏ ତାହା ସୁନିଶ୍ଚିତ କରିବାକୁ ଆଇନ୍‌କୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ଉପରେ ଉପଦେଷ୍ଟା କମିଟିର ସଦସ୍ୟ-ସଦସ୍ୟାମାନେ ଜୋର୍ ଦେଇଥିଲେ। ପ୍ରତି ଅଲଟ୍ରାସାଉଣ୍ଡ କ୍ଲିନିକ ଓ ପରୀକ୍ଷା କେନ୍ଦ୍ରରେ ଲିଙ୍ଗ ନିରୂପଣ ଅଧିନିୟମ ସଂକ୍ରାନ୍ତରେ ପୋଷ୍ଟର ଓ ହୋର୍ଡିଂ ମାଧମରେ ସଚେତନତା ସୃଷ୍ଟି, ଅଲଟ୍ରାସାଉଣ୍ଡ ମେଶିନର ପଞ୍ଜୀକରଣ, ନବୀକରଣ ଓ ବିକ୍ରି ପାଇଁ ଆବେଦନ କରିଥିବା କ୍ଲିନିକ ସମ୍ପର୍କରେ ସମୀକ୍ଷା, ନୋଟିସ୍ ପାଇ ମଧ ଯେଉଁ କ୍ଲିନିକ କର୍ତ୍ତୃପକ୍ଷ ତାହାର ଉତ୍ତର ଦେଇନାହାନ୍ତି ଏବଂ ନିୟମରେ ଖିଲାପ କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ସେମାନଙ୍କର ପଞ୍ଜୀକରଣକୁ ବାତିଲ କରିବା ଇତ୍ୟାଦି ସମ୍ପର୍କରେ କୁହାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳ ସେନ ଜଗଦ୍ଦେବ ଉପଦେଷ୍ଟା କମିଟିର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ବୈଠକର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚଓ ଡା. ପରେଶ ଚନ୍ଦ୍ର ନନ୍ଦୀ, ଜିଲା ମୁଖ୍ୟ ଚିକିତ୍ସାଳୟ ସୁପରିଣ୍ଟେଣ୍ଡେଣ୍ଟ ତଥା ଡିଏମଓ ଡା. ମୃତ୍ୟୁଞ୍ଜୟ ମିଶ୍ର, ଭେଷଜ ବିଶେଷଜ୍ଞ ଡା. ସୁଶାନ୍ତ ମହାରଣା, ସମାଜସେବୀ ଡା. ମୀରା ପତି, ଡିପିଏମ ଅନୀଲ କୁମାର ମହାନ୍ତି, ଏପିପି ଭବଶଙ୍କର ସାହୁ, ହସ୍‌ପିଟାଲ ମ୍ୟାନେଜର ସଚ୍ଚିଦାନନ୍ଦ ପାଢୀ, ଡିଏମଆରସିଏଚ ଏଲିନା ସାମଲ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିବା ବେଳେ ଆସିଷ୍ଟାଣ୍ଟ ମ୍ୟାନେଜର (ଆଇଇସି) ସନ୍ତୋଷ କୁମାର ବେହେରା ଅଧିନିୟମର କାର୍ଯ୍ୟକାରିତା ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ।

# ସ୍ଥାନୀୟ ନିଯୁକ୍ତିକୁ ନେଇ ଆଲୋଚନା ବିଫଳ

**ଯୋଡା, ୨୫ା୧୧(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳର ଜଜାଙ୍ଗ ପଞ୍ଚାୟତ ଅଧୀନରେ ଥିବା ଜଜାଙ୍ଗ ଲୌହଖଣିରେ ବିଭିନ୍ନ ଦାବି କରି ୪ ପଞ୍ଚାୟତବାସୀଙ୍କ ସହ ଆଲୋଚନା ବିଫଳ ହୋଇଛି। ଜଜାଙ୍ଗ ସରପଞ୍ଚ ରତ୍ନମଣୀ ନାଏକ କହିଛନ୍ତି ଯେ, ଗତ ସୋମବାର ଠାରୁ ୪ଟି ପଞ୍ଚାୟତ ଯଥା ଜଜାଙ୍ଗ, ଜଳହରୀ, ଜୁରୁଡି, ପଳସାର ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଜଜାଙ୍ଗ ଲୌହଖଣିରେ ସ୍ଥାନୀୟ ନିଯୁକ୍ତି, ବେକାର ଶିକ୍ଷିତ ଯୁବତୀଯୁବକ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି, ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ପୁନଃନିଯୁକ୍ତି, ଆଦି ଦାବି କରି ଖଣି କମ୍ପାନୀକୁ ଅବଗତ କରିଥିଲେ। ମାତ୍ର ଖଣି କର୍ତ୍ତୃପକ୍ଷ ଅଞ୍ଚଳବାସୀଙ୍କ ଦାବି ପୂରଣ ନେଇ ଆଲୋଚନା କରି ନ ଥିଲା। ଫଳରେ ଅସନ୍ତୋଷ ପଞ୍ଚାୟତବାସୀ ଏକତ୍ରିତ ହୋଇ ଖଣିର ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ । ପୋଲିସ ପ୍ରଶାସନ ପକ୍ଷରୁ ବଡବିଲ



ଆଲୋଚନା ବୈଠକରେ ଉପସ୍ଥିତ ଅଧିକାରୀ ଓ ପୋଲିସ କର୍ମକର୍ତ୍ତା।

ଏସ୍‌ଡିପିଓ, ଯୋଡା ଥାନା ଆଇଆଇସି, ବାମେବାରୀ ଥାନା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ଧାରଣାର ନେତୃତ୍ୱ ନେଉଥିବା ୪ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କୁ ବୁଝାଶୁଝା କରିଥିଲେ ଏବଂ ଏହାର ସମାଧାନ ପାଇଁ ବୁଧବାର ଆଲୋଚନା ବୈଠକ କରାଯିବାର ପ୍ରତିଶ୍ରୁତି ଦେଇଥିଲେ। ବୁଧବାର ଯୋଡା ଥାନାରେ ହୋଇଥିବା ଆଲୋଚନା ବୈଠକରେ ବଡବିଲ ଏସଡିପିଓ ହିଂମାଂଶୁ ବେହେରା, ଯୋଡା

**ଅନିଶ୍ଚିତତା ମଧରେ ପଞ୍ଚାୟତବାସୀଙ୍କ ଭବିଷ୍ୟତ**

ଥାନା ଆଇଆଇସି ରାଇସେନ ମୁର୍ମୁ, ବାମେବାରୀ ଥାନା ଆଇଆଇସି ରାଜେନ୍ଦ୍ର ସ୍ୱାଇଁ, କମ୍ପାନୀର ୩ଜଣ ବରିଷ୍ଠ ଅଧିକାରୀଙ୍କ ସମେତ ଯୋଡା ବ୍ଲକ ଅଧକ୍ଷା ସୁକୁମାରୀ ଦେହୁରୀ, ସରପଞ୍ଚମିତା ମୁଣ୍ଡା, ସୁଜାତା ହେମ୍ବ୍ରମ, ରତ୍ନମଣୀ ନାଏକ, ନିରୁପମା ନାଏକ ଓ ସମିତି ସଭ୍ୟ ଇନ୍ଦିରା ପାତ୍ର, ପ୍ରଦୀପ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ହେଲେ କୌଣସି ଦାବି ପୂରଣ ନେଇ କୌଣସି ସମାଧାନ କିମ୍ବା ନିଷ୍ପତ୍ତି ହୋଇପାରି ନ ଥିବା ସରପଞ୍ଚମାନେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ। ଯେପର୍ଯ୍ୟନ୍ତ ପଞ୍ଚାୟତବାସୀଙ୍କ ଦାବି ପୂରଣ ନେଇ ଖଣି କମ୍ପାନୀ ପକ୍ଷରୁ ସ୍ପଷ୍ଟ ନିଷ୍ପତ୍ତି ନିଆ ନ ଯାଇଛି ଧାରଣାକୁ ଆଗାମୀ ଦିନରେ ଜାରି ରଖାଯିବ ବୋଲି ସେମାନେ କହିଥିଲେ।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ

**ଖୁଣ୍ଟା,୨୫।୧୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଖୁଣ୍ଟା ଅବକାରୀ ଥାନା ଓ ମୋବାଇଲ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଦେଶୀମଦ ପ୍ରସ୍ତୁତି ପାଇଁ ମହଜୁଦ ଥିବା ବିପୁଳ ପରିମାଣର ପୋଚ ନଷ୍ଟ କରିବା ସହ ଦେଶୀମଦ ଜବତ କରିଛି। କେନ୍ଦୁଆମୁଣ୍ଡି ଗ୍ରାମରେ ଏକ ବେଆଇନ ଭାଟି ଉପରେ ଚଢ଼ାଉ ପରେ ୧୦୫୦ କେ.ଜି ପୋଚ ନଷ୍ଟ ସହ ୧୦୪ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି ଅତାନଟି ଗ୍ରାମର ଏକ ଭାଟିରୁ ୭୫ ଲିଟର ଦେଶୀ ଜବତ ସହ ୬୦୦ କେ.ଜି ପୋଚ ନଷ୍ଟ କରାଯାଇଛି। ଏଥି ସହ ବହୁ ମଦରନ୍ଧା ସରଞ୍ଜାମ ଜବତ ହୋଇଛି। ଅବକାରୀ ଇନିସ୍ପେକ୍ଟର ଅଭିରାମ ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

### ପୋଖରୀରେ ବୁଡ଼ି ଶିଶୁପୁତ୍ର ମୃତ

**ବୈଁସିଙ୍ଗା,୨୫।୧୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବୈଁସିଙ୍ଗା ଥାନା ଅଧୀନ ନୟାବସନ୍ତପୁର ଗ୍ରାମର ଏକ ପୋଖରୀରେ ବୁଡ଼ି ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ ପ୍ରଶାନ୍ତ ବେହେରାଙ୍କ ୨ବର୍ଷର ପୁଅ ବୋଲି ସୂଚନା ମିଳିଛି। ଅଗଣାରେ ଖେଳୁଥିବା ବେଳେ ପରିବାର ଲୋକଙ୍କ ଅଗୋଚରରେ ସେ ନିକଟସ୍ଥ ଏକ ପୋଖରୀରେ ବୁଡ଼ି ଯାଇଥିଲେ। ଦୀର୍ଘ ସମୟ ଖୋଜାଖୋଜି ପରେ ପୋଖରୀରୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନା ନିଆଯାଇଥଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୫୦/୨୦) ରୁଜୁ କରିଛି।

### ପୋଖରୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ଭଣ୍ଡାରିପୋଖରୀ,୨୫।୧୧ (ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପାଖରୀ ଥାନା ଅଧୀନ ଦକ୍ଷିଣବାଡ଼ ପଞ୍ଚାୟତ ଉତ୍ତରବାଡ଼ ଗ୍ରାମର ଏକ ପୋଖରୀରୁ ଜଣେ ମହିଳାଙ୍କ ମୃତଦେହ ବୁଧବାର ସନ୍ଧ୍ୟାରେ ଉଦ୍ଧାର କରାଯାଇଛି। ମୃତଦେହ ଗ୍ରାମର ଡଲି ଜେନାଙ୍କର ହୋଇଥିବା ଜଣାପଡ଼ିଛି। ଖବର ପାଇ ସ୍ଥାନୀୟ ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛନ୍ତି। ଏ ନେଇ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ.୨୩/୨୦) ରୁଜୁ କରାଯାଇ ତଦନ୍ତ ଚାଲିଛି। ସୂଚନା ଥାଉକି, ମୃତା ଡଲିଙ୍କର ବର୍ଷକର ଏକ ଝିଅ ଅଛି।

### ସରପଞ୍ଚଙ୍କ ବିୟୋଗରେ ମନ୍ତ୍ରୀଙ୍କ ଶୋକ

**ଖଇରା,୨୫।୧୧(ଡି.ଏନ.ଏ):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରଡାଙ୍ଗ ପଞ୍ଚାୟତର ସରପଞ୍ଚ ହରିହର କୁଣ୍ଡୁ(୬୧)ଙ୍କର ବୁଧବାର ସକାଳେ ହୃଦଘାତରେ ପରଲୋକ ହୋଇଯାଇଛି। ମଙ୍ଗଳବାର ରାତିରେ ତାଙ୍କୁ ଅସୁସ୍ଥତା ଅନୁଭବ ହୋଇଥିଲା। ପରିବାର ଲୋକେ ତାଙ୍କୁ ବୁଧବାର ଭଦ୍ରକ ଡାକ୍ତରଖାନା ନେବା ପରେ ଚିକିତ୍ସା ସମୟରେ ଆଖିବୁଜିଥିଲେ। ତାଙ୍କ ମୃତ୍ୟୁ ଖବରପାଇ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣୀଗ୍ରାହୀ, ଖଇରା ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଗୋଳିହା ସରପଞ୍ଚ ପୁଷ୍ପଲତା ଘଡେଇ, ଝିଙ୍କିରିଆ ସମିତି ସଭ୍ୟ କୈଳାସ ମାଝୀ, ସରପଞ୍ଚ ମଧୁସୁଦନ ମାଝୀ, ନନ୍ଦୁର ସରପଞ୍ଚ ସୁରେନ୍ଦ୍ର ନାୟକଙ୍କ ସମେତ ବିଭିନ୍ନ ସ୍କୁଲର ଶିକ୍ଷକ ମାନେ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କର ମୃତ ଶୋଭାଯାତ୍ରାରେ ପଞ୍ଚାୟତ ପରିକ୍ରମା କରାଯିବା ପରେ ସନ୍ଧ୍ୟାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ବଢ଼ୁଛି କାଦଗଡ଼ ଧନିଆପତ୍ରର ଚାହିଦା

**ନରେଶ ଚନ୍ଦ୍ର ପଟ୍ଟନାୟକ**
**କେନ୍ଦୁଝର, ୨୫।୧୧**



- ଶୀତଳଭଣ୍ଡାର ନାହିଁ କି ବଜାର ବ୍ୟବସ୍ଥା ନାହିଁ
- ମିଳୁନି ଉପଯୁକ୍ତ ପ୍ରୋତ୍ସାହନ

କେନ୍ଦୁଝର ସଦର ବ୍ଲକର କାଦଗଡ଼ ଗ୍ରାମ ପନିପରିବା ଚାଷ ପାଇଁ ବେଶ ଜଣାଶୁଣା। କଟକରେ ଏଠାକାର ଧନିଆ ପତ୍ରର ଚାହିଦା ଅଧିକ ରହିଛି। କାଦଗଡ଼ ଧନିଆ ପତ୍ର କହିଲେ ବେପାରୀ ନେବା ପାଇଁ ଆଗେଇ ଆସନ୍ତି। ବିନା ସରକାରୀ ପ୍ରୋତ୍ସାହନରେ ଚାଷୀମାନେ ଧନିଆ ଚାଷ କରି ପତ୍ରକୁ କଟକ ପଠାଇଥାନ୍ତି। ଦୈନିକ ଦେଢ଼ରୁ ଚାରି କୁଇଣ୍ଟାଲ ପର୍ଯ୍ୟନ୍ତ ଧନିଆପତ୍ର ବସ୍ ଯୋଗେ ପଠାଇଥାନ୍ତି। କଟକର ଛତ୍ରବଜାରର ବେପାରୀମାନେ ବସ୍‌ରୁ ଏହି ପତ୍ର ସଂଗ୍ରହ କରିଥାନ୍ତି। ସେମାନେ ଏହାକୁ ବିଭିନ୍ନ ସ୍ଥାନକୁ ପଠାଇ ବ୍ୟବସାୟ କରିଥାନ୍ତି।

କାଦଗଡ଼ର ଚନ୍ଦ୍ରଭାନୁ ଦେହୁରୀ ପ୍ରାୟ ୩ ଏକର ଜମିରେ ଧନିଆ ଚାଷ କରିଛନ୍ତି। ସେ ଆଗରୁ ଖଣିରେ କାମ କରୁଥିଲେ। ଖଣି ବନ୍ଦ ହୋଇଯିବା ପରେ ଚାଷରେ ମନୋନିବେଶ କରି ଏବେ ଜଣେ ସଫଳ ଚାଷୀ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ଧନିଆ ପତ୍ର କିଲୋ ୧୦୦ ଟଙ୍କାରେ ବିକ୍ରି କରୁଥିବା ସେ କହିଛନ୍ତି। ଚନ୍ଦ୍ରଭାନୁଙ୍କ ଭଳି ତାଙ୍କ ସାହିର ୨୦ରୁ ଊର୍ଦ୍ଧ୍ୱ ଚାଷୀ ଏହି ଚାଷ କରୁଛନ୍ତି। ଚଳିତ ବର୍ଷ କରୋନା ଲକ୍ ଡାଉନ ପାଇଁ କେହି ଧନିଆ ଚାଷ କରି ନ ଥିଲେ। ପିକଅପ ଭ୍ୟାନରେ ପଠାଇବା ନେଇ ବେପାରୀଙ୍କ ସହ କଥାବାର୍ତ୍ତା କରିବା ପରେ ସେ ଏହି ଚାଷ କରିଥିଲେ ବୋଲି ଚନ୍ଦ୍ରଭାନୁ କହିଛନ୍ତି। ଗତବର୍ଷ ୨ ଲକ୍ଷ ଟଙ୍କା ଏହି ଚାଷରୁ ପାଇଥିଲେ ବୋଲି ସେ କୁହନ୍ତି। ଏହି ଚାଷ ୩ ମାସ କରିଥାନ୍ତି। ବାଲିଯାତ୍ରା ପର୍ଯ୍ୟନ୍ତ ଧନିଆ ପତ୍ର ବାହାରକୁ ପଠାଇଥାନ୍ତି। ତା ପରେ ସେ ଅଞ୍ଚଳରେ ଧନିଆ ପତ୍ର ବାହାରିଥାଏ। ଏଣୁ ଏଠାରୁ ଆଉ ପଠାଯାଏ ନାହିଁ। ଏହା ପରେ ବିଲାତି, ବାଇଗଣ, ପାଳଙ୍ଗ ଆଦି ଚାଷ କରିଥାନ୍ତି। ଅନ୍ୟ ସମୟରେ କେନ୍ଦୁଝର ସହର ତଥା ଅନ୍ୟାନ୍ୟ ଅଞ୍ଚଳକୁ ପନିପରିବା ପଠାଇଥାନ୍ତି।

ସାନମାଛକାନ୍ଦଣା ନାଳରୁ ପାଣି ମୋଟରରେ ଉଠାଇ ଜଳସେଚନ କରି ସେ ଚାଷ କରିଥାନ୍ତି। ବିହନ(ମଞ୍ଜି) ବାହାର ମାର୍କେଟରୁ କିଣିଥାନ୍ତି। ମଞ୍ଜି କିଲୋ ୩୦୦ ଟଙ୍କା ପଡ଼େ। ଅନେକ ସମୟରେ ବିହନ ଏଠାରେ ନ ମିଳିଲେ ନଗଦ ଟଙ୍କା ଦେଇ ଭୁବନେଶ୍ୱରରୁ ଆଣିବାକୁ ପଡ଼େ। ଗୋଟିଏ ଏକରରେ ସମସ୍ତ ଖର୍ଚ୍ଚ ଯାଇ ଦେଢ ମାସରେ ପାଖାପାଖି ଦେଢ ଲକ୍ଷ ଟଙ୍କା ଲାଭ କରୁଥିବା ସେ କୁହନ୍ତି। ପିଲା ଦିନରୁ ଚାଷ କରିଆସୁଥିଲେ ହେଁ ୨୦ ବର୍ଷ ହେଲା ଏହି ଧନିଆ ଚାଷ କରିଆସୁଛନ୍ତି। ଚାଷରେ ଭଲ ଲାଭ ଅଛି। ବଜାର ବ୍ୟବସ୍ଥା ନ ଥିବାରୁ ଅନେକ ସମୟରେ ପନିପରିବା ନଷ୍ଟ ହେଉଛି। ଫଳରେ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏଣୁ ପ୍ରଶାସନ ପନିପରିବା ସାଇତି ରଖିବା ପାଇଁ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବା ସହ ବିକ୍ରିବଟା ପାଇଁ ବ୍ୟବସ୍ଥା କଲେ ବହୁ ଚାଷୀ ଉପକୃତ ହୋଇ ପାରନ୍ତେ। କେବଳ ସେ ନୁହେଁ କାଦଗଡ ଗ୍ରାମର ବିଦ୍ୟାଧର ଦେହୁରୀ, କ୍ଷୀରୋଦ କୁମାର ଅମାନ୍ତ, ନବୀନ ଅମାନ୍ତ, ଛବିନ ଅମାନ୍ତ, ମୂରଲୀଧର ଅମାନ୍ତ ସମେତ ବହୁ ଚାଷୀ ଏହି ଚାଷ କରି ବେଶ ଦୁଇ ପଇସା ରୋଜଗାର କରୁଛନ୍ତି।

# ଗୋରୁ ବୋଝେଇ ଗାଡ଼ି ଜବତ, ୪ ଗିରଫ



ଜବତ ଗୋରୁ ବୋଝେଇ ଗାଡ଼ି।

**ରାଇରଙ୍ଗପୁର,୨୫।୧୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ୨୨୦ନଂ. ଜାତୀୟ ରାଜପଥର କାଦୁଆଣି ଛକ ନିକଟରୁ ମଙ୍ଗଳବାର ରାତିରେ ପୋଲିସ ଏକ ଗୋରୁ ବୋଝେଇ ଗାଡ଼ି ଜବତ କରିଛି। ଜବତ ଗାଡ଼ିରୁ ୩୮ଟି ଗୋରୁ ଉଦ୍ଧାର ହୋଇଥିବା ବେଳେ ଚାଳକ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ ଟାଫୁ, ସେକ୍ ଆଫସର, ସେକ୍ ବାରିକ୍ ଉଦ୍ଦିନ, ସେକ୍ ୱାସିକ। ସମସ୍ତଙ୍କ ଘର କଟକ ଜିଲା ସାଲେପୁର ଥାନା ଅଞ୍ଚଳରେ ବୋଲି ପୋଲିସ ସୂଚନା ଦେଇଛି। ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ବେଳେ ପାଟ୍ରୋଲିଂ ପୋଲିସ ଏହି ଟ୍ରକ୍‌କୁ ଜବତ କରିଥିଲା। ହାଟବାଦଡ଼ା ଗୋରୁ ହାଟରେ ଏହି ଗୋରୁଗୁଡ଼ିକୁ ବିକ୍ରି ଉଦ୍ଦେଶ୍ୟରେ ନିଆଯାଉଥିବା ତଦନ୍ତରୁ ଜଣାପଡ଼ିଛି। ଏନେଇ ପୋଲିସ ଏକ ମାମଲା(ନଂ.୧୫୪/୨୦) ରୁଜୁ କରିଛି। ଉଦ୍ଧାର ହୋଇଥିବା ଗୋରୁଗୁଡ଼ିକୁ ରାଇରଙ୍ଗପୁର ସ୍ଥିତ ଗୋଶାଳାରେ ରଖାଯାଇଛି।

# ରୋଗୀ କଲ୍ୟାଣ ସମିତିର ସମୀକ୍ଷା



ବୈଠକରେ ଯୋଗ ଦେଇଥିବା ଅଧିକାରୀମାନେ।

**ଭଣ୍ଡାରିପୋଖରୀ, ୨୫।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବୁଧବାର ବିରୋଳି, ରଣଜିତ ଓ ଜଗନ୍ନାଥପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ କମଳାକାନ୍ତ ସ୍ୱାଇଁ ଏଥିରେ ଅଧକ୍ଷତା କରିଥିଲେ। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ରଶ୍ମିରେଖା ପୃଷ୍ଟି, ଗୋଷ୍ଠୀ ସମ୍ପ୍ରସାରଣ ଅଧିକାରୀ ଅନିତାରାଣୀ ରାଉତ, ରଞ୍ଜିତ ବରାଳ, ଡା. ଅରୁଣ ନାୟକ, ଡା. ହୃଦୟ ପ୍ରଧାନ, ଡା. ତପନ ବେହୁରିଆ, ପ୍ରଧାନ ଶିକ୍ଷକ ରବୀନ୍ଦ୍ର ମହାରଣା, ଅଜୟ ଜେନା ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ସରକାରୀ ଅନୁଦାନର ବାର୍ଷିକ ବ୍ୟୟ ବଜେଟ, ଆଗାମୀ ବର୍ଷର କାର୍ଯ୍ୟକ୍ରମ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଡାକ୍ତରଖାନା ପରିସରରେ ପାନୀୟ ଜଳ ବ୍ୟବସ୍ଥା, ଆଲୋକୀକରଣ, ହର୍ବାଲ ଗାର୍ଡେନ ସହ ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟ ବୃଦ୍ଧି, ପରିଚ୍ଛନ୍ନତା ଏବଂ ଚୋରି ରୋକିବାକୁ ରାତ୍ରିକାଳୀନ ଜଗୁଆଳି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେବା କ୍ଷେତ୍ରରେ କୋହଳ ମନୋଭାବକୁ ବରଦାସ୍ତ କରାଯିବ ନାହିଁ ବୋଲି ବୈଠକରେ କୁହାଯାଇଥିଲା।

# ମହିଳାଙ୍କୁ ପନିପରିବା ଚାଷ ତାଲିମ

**ବନ୍ତ,୨୫।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଗଣିଜାଙ୍ଗସ୍ଥିତ ଉଦ୍ୟାନ ବିଭାଗ ନର୍ସରୀଠାରେ ବୁଧବାର ମିଶନ ଶକ୍ତି ଓ ଉଦ୍ୟାନ ବିଭାଗ ଆନୁକୂଲ୍ୟରେ ମହିଳାମାନଙ୍କୁ ପନିପରିବା ଚାଷ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ଆୟୋଜିତ ଶିବିରରେ ରାଣୀତାଲ କୃଷି ବିଜ୍ଞାନକେନ୍ଦ୍ରର ବରିଷ୍ଠ ତଥା ମୁଖ୍ୟ ବୈଜ୍ଞାନିକ ଡ.ଅରବିନ୍ଦ ଦାସ, ଭଦ୍ରକ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଉର୍ମିଳା ମହାପାତ୍ର, ସହକାରୀ କୃଷି ଉଦ୍ୟାନ ଯନ୍ତ୍ରୀ ପ୍ରଲିପ୍ତା ପାଣି, ତିହିଡ଼ି ବ୍ଲକର ଅଧିକାରୀ ପ୍ରିୟଙ୍କା ରାଉତ, ବାସୁଦେବପୁରର ଅଧିକାରୀ ସୋନାଲି ସାହୁ, ବନ୍ତର ସହକାରୀ ଉଦ୍ୟାନ କୃଷି ଅଧିକାରୀ ପାୟଲ ଚୌଧୁରୀ ଓ ମିଶନ ଶକ୍ତିର ବି ପି ସି ଚିରଞ୍ଜୀବ ଦାସ ଯୋଗ ଦେଇଥିଲେ। ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ପନିପରିବା ଚାଷ ମାଧ୍ୟମରେ କିପରି ଜୀବିକା ନିର୍ବାହ କରିପାରିବେ ସେ ସମ୍ପର୍କରେ ସେମାନେ ତାଲିମ ପ୍ରଦାନ କରିଥିଲେ। ୧୦ଟିସ୍ୱୟଂସହାୟକଗୋଷ୍ଠୀର ୨୦ଜଣ ମହିଳା ଭାଗ ନେଇଥିଲେ।

# ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ହେଲେ ତାପସ

**ବାଲେଶ୍ୱର ଅଫିସ,୨୫।୧୧**



ତାପସ ପାଣିଗ୍ରାହୀ।

ବିଜୁଜନତା ଦଳ ପକ୍ଷରୁ ବାଲେଶ୍ୱର ଜିଲାର ସମସ୍ତ ଛାମୁଆ ସଙ୍ଗଠନର କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଏଥିରେ ବାଲେଶ୍ୱର ଜିଲାର ଦକ୍ଷ ଯୁବନେତା ତାପସ ପାଣିଗ୍ରାହୀଙ୍କୁ ମୁଖ୍ୟମନ୍ତ୍ରୀ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଚୟନ କରିଛନ୍ତି।

ତାପସ ପାଣିଗ୍ରାହୀ ବିଗତ ୧୦ବର୍ଷ ହେବ ବିଜୁ ଜନତା ଦଳରେ କାମ କରିଆସୁଥିଲେ। ସେ ୨୦୧୨ରୁ ୨୦୧୫ ଯାଏ ବାଲେଶ୍ୱର ଜିଲା ଛାତ୍ର ବିଜେଡିର ଉପସଭାପତି, ୨୦୧୫ରୁ ୨୦୧୭ ଯାଏ ଛାତ୍ର ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ, ୨୦୧୭ରୁ ୨୦୨୦ ଯାଏ ଛାତ୍ର ବିଜେଡିର ବାଲେଶ୍ୱର ଜୋନ୍ ସଭାପତି ଭାବେ କାର୍ଯ୍ୟରତ ଥିଲେ। ଏଭଳି ପଦୋନ୍ନତି ପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଜୁ ଯୁବ ଜନତା ଦଳର ଇନ୍‌ଚାର୍ଜ ପ୍ରଣବ ବଳବନ୍ତରାୟ, ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଡ. ବ୍ୟୋମକେଶ ରାୟ, ପର୍ଯ୍ୟଟନମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବାଲେଶ୍ୱର ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ସମେତ ଜିଲାର ସମସ୍ତ ବିଧାୟକମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଗାମୀ ଦିନରେ ଦଳର ସେ ଯୁବ ସଙ୍ଗଠନକୁ ଜିଲା ସମେତ ରାଜ୍ୟରେ କେମିତି ମଜଭୁତ ହେବ ସେଥିପ୍ରତି ଧ୍ୟାନ ଦେବେ ବୋଲି କହିଛନ୍ତି।

# ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କାର କାଠ ଜବତ

**ଖଇରା,୨୫।୧୧(ଡି.ଏନ.ଏ)**



ବନ ବିଭାଗ ଅଧିକାରୀମାନେ କାଠ ଜବତ କରି ଆଣୁଛନ୍ତି।

ବଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବରଦା ଗ୍ରାମରେ କୁପାରୀ ବନ ବିଭାଗ ଚଢ଼ାଉ କରି ୪୦ ସିଫ୍ଟ କାଠ ଜବତ କରିଛି। ଜବତ ଆମ୍ବ,ପଣସ ଇତ୍ୟାଦି କାଠର ଆନୁମାନିକ ମୂଲ୍ୟ ୫୦ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ। କାଠବେପାରୀମାନେ ଖସି ପଳାଇ ଯାଇଥିବା ବିଭାଗ ସୂଚନା ଦେଇଛି। ଭଦ୍ରକ ଅଞ୍ଚଳର କିଛି ଚୋରା କାଠ ବ୍ୟବସାୟୀ ଏହି ଗ୍ରାମରେ କାଠ ରଖି ଦୀର୍ଘଦିନ ହେବ କାରବାର ଚଳାଇଥିଲେ। ମଙ୍ଗଳବାର ପୂର୍ବାହ୍ନରେ ବନବିଭାଗ ଅଧିକାରୀମାନେ ବିଶେଷ ସୁତ୍ରରୁ ଖବର ପାଇ ଚଢ଼ାଉ କରିଥିଲେ।

# ବନ୍ଦରେ ସାମିଲ ହେବ ଗ୍ରାମୀଣ ଡାକସେବକ ସଂଘ

**ବାରିପଦା ଅଫିସ, ୨୫।୧୧**

୨୬ ତାରିଖରେ ହେବାକୁ ଥିବା ଭାରତବନ୍ଦ ଡ଼ାକରାରେ ଅଖିଳ ଭାରତ ଗ୍ରାମୀଣ ଡ଼ାକସେବକ ସଂଘ ସାମିଲ ହେବ। ଏ ନେଇ ମୟୂରଭଞ୍ଜ ଡ଼ିଭିଜନାଲ ସମ୍ପାଦକ ଅର୍ଜ୍ଜୁନ ମହାନ୍ତଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାର ଓ ଡ଼ାକ ବୋର୍ଡ଼ ମିଳିତ ଭାବେ ଗ୍ରାମୀଣ ଡ଼ାକ କର୍ମଚାରୀଙ୍କୁ ଶୋଷଣ କରି ଚାଲିଥିବା ନେଇ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ଅଭିଯୋଗ କରିଥିଲେ। ଗ୍ରାମୀଣ ଡ଼ାକ କର୍ମଚାରୀ ବିଭାଗର ମେରୁଦଣ୍ଡ ହୋଇଥିଲେ ହେଁ ବିଭାଗ ତା'ର ୧୬୪ବର୍ଷ ପୂର୍ତ୍ତି ପାଳନ କରିବା ସତ୍ତ୍ୱେ ଅଦ୍ୟାବଧି କର୍ମଚାରୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରାଯାଇନି। ୩ ପର୍ଯ୍ୟାୟରେ ଅର୍ଥାତ ୧୨, ୨୪ ଓ ୩୬ବର୍ଷରେ ପଦୋନ୍ନତି ଦେବା, ବର୍ଷକୁ ୧୮୦ଦିନର ଛୁଟି ପ୍ରଦାନ, ସ୍ୱାସ୍ଥ୍ୟଗତ ବୀମା ପ୍ରଦାନ, ବନ୍ଦ ଥିବା ଡ଼ିଏ ପ୍ରଦାନ, ଉତ୍ସବ ସମୟରେ ଅଗ୍ରୀମ ପ୍ରାପ୍ୟ, ଜଣକିଆ ପୋଷ୍ଟମାଷ୍ଟରଙ୍କୁ କମ୍ପାଉଣ୍ଡ ଡ୍ୟୁଟି ଭତ୍ତା ପ୍ରଦାନ, ଖାଲିଥିବା ଡ଼ାକ ସହାୟକ ପଦବୀ ପାଇଁ ୨୦ପ୍ରତିଶତ ସଂରକ୍ଷଣ, ଚାକିରି ବୟସର ସର୍ବନିମ୍ନ ସୀମା ୩୫ବର୍ଷରୁ ୪୦କୁ ବୃଦ୍ଧି ଆଦି ଦାବି କରିଛନ୍ତି। ଏଣୁ ବନ୍ଦ ଡ଼ାକରାରେ ସମସ୍ତେ ସାମିଲ ହେବା ସହିତ ଆଗାମୀ ଦିନରେ ଅନିର୍ଦ୍ଧିଷ୍ଟ କାଳ ଧର୍ମଘଟ ଡ଼ାକରା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

# ଉନ୍ନତ କୃଷି ଯନ୍ତ୍ରପାତିର ବ୍ୟବହାର ସମ୍ବନ୍ଧୀୟ ତାଲିମ

**କେନ୍ଦୁଝର, ୨୫।୧୧(ଡି.ଏନ୍.ଏ.)**


ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ କୃଷି ଶ୍ରମ ବିଜ୍ଞାନ ଓ ସୁରକ୍ଷା ସମ୍ବନ୍ଧୀୟ ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଓ କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦୁଝରର ମିଳିତ ଉଦ୍ୟମରେ କେନ୍ଦୁଝର ଜିଲାର ଭଗାମୁଣ୍ଡା ଗ୍ରାମଠାରେ ମହିଳାଙ୍କ ଶ୍ରମ ଲାଘବ ନିମନ୍ତେ ଉନ୍ନତ କୃଷି ଯନ୍ତ୍ରପାତି ବିଷୟରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପର ଗବେଷଣା ଯନ୍ତ୍ରୀ ଡଃ ସନ୍ତୋଷ କୁମାର ମହାନ୍ତି ଯୋଗଦେଇ ବିଭିନ୍ନ ଉନ୍ନତ କୃଷି ଯନ୍ତ୍ରପାତି ଯଥା ଧାନ ଅମଳଯନ୍ତ୍ର, ଉନ୍ନତ ଦାଆ, ତିନିଧାଡିଆ ଧାନ ରୁଆ ଯନ୍ତ୍ର, ମକା ମଞ୍ଜି ଛଡା ଯନ୍ତ୍ର ଇତ୍ୟାଦି ବିଷୟରେ ସବିଶେଷ ଆଲୋଚନା କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର କେନ୍ଦୁଝରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ଃ ସୁକାନ୍ତ କୁମାର ସାହୁ ଏବଂ କୃଷି ଯାନ୍ତ୍ରିକ ବୈଜ୍ଞାନିକ ଇଂ କାର୍ତ୍ତିକ ଚନ୍ଦ୍ର ସେଠୀ ଭାଗନେଇ କୃଷିର ଆଧୁନିକକରଣରେ କୃଷି ବିଜ୍ଞାନ କେନ୍ଦ୍ରର ଭୂମିକା ବିଷୟରେ ଆଲୋକପାତ କରିଥିଲେ।




ମହିଳାମାନଙ୍କୁ ତାଲିମ ଦିଆଯାଉଛି।

# ୧୫ ଦିନ ମଧ୍ୟରେ ନାତିକୁ ନ ଦେଖିଲେ ଧାରଣା

**ସିମୁଳିଆ,୨୫।୧୧(ଡି.ଏନ.ଏ.)**



ଖବରଦାତା ସମ୍ମିଳନୀରେ ଚାଇଲ୍ଡ ଲାଇନ ସଦସ୍ୟଙ୍କ ସହିତ ସୁକୁମାର ଓ ବାସନ୍ତୀ ଜେନା।

ଆସନ୍ତା ୧୫ ଦିନ ମଧ୍ୟରେ ୫ ବର୍ଷର ନାତିକୁ ନ ଦେଖିଲେ ଥାନା ସମ୍ମୁଖରେ ଧାରଣା ଦେବେ ବୋଲି ଏକ ଖବରଦାତା ସମ୍ମିଳନୀରେ ଜେଜେ ଓ ଜେଜେମା କହିଛନ୍ତି। ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅବର୍ଖୁଣା ପଞ୍ଚାୟତ ରାମକୃଷ୍ଣପୁର ଅଞ୍ଚଳର ବାସନ୍ତୀ ଜେନା ଓ ତାଙ୍କ ସ୍ୱାମୀ ସୁକୁମାର ଜେନା ଏ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

ସେମାନଙ୍କ କହିବା ଅନୁଯାୟୀ, ୨୦୧୪ରେ ତାଙ୍କ ପୁଅ ପ୍ରଫୁଲ୍ଲ ଓ କାଞ୍ଚପଡ଼ା ପଞ୍ଚାୟତ ଗୋପୀବିନ୍ଧା ଗ୍ରାମର ଗୌରାଙ୍ଗ ଜେନାଙ୍କ ଝିଅ ରୀନାରାଣୀ ପରସ୍ପରକୁ ପ୍ରେମ କରୁଥିଲେ। ସେମାନେ ଫେରାର ହୋଇଯାଇଥିଲେ। ୨୦୧୫ରେ ସେମାନଙ୍କର ବିବାହ ହୋଇଥିଲା। ପରେ ସେମାନଙ୍କର ଶିଶୁପୁତ୍ର ଜନ୍ମ ନେଇଥିଲା। ତେବେ ପାରିବାରିକ କଳହକୁ କେନ୍ଦ୍ରକରି ରୀନାରାଣୀ ନିଜ ଶାଢ଼ିରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଏହାକୁ ନେଇ ଉଭୟ ପରିବାର ଆଇନର ଆଶ୍ରୟ ନେଇଥିଲେ। ପରେ ପ୍ରଫୁଲ୍ଲ ୪ମାସ ଜେଲରେ ରହି ବେଲ୍‌ରେ ଆସିବା ସହିତ ମାମଲା ଚାଲୁ ରହିଛି। ପ୍ରଫୁଲ୍ଲ ଏବେ ଭୁବନେଶ୍ୱରରେ କାର୍ଯ୍ୟରତ ଥିବାବେଳେ ଉକ୍ତ ଶିଶୁପୁତ୍ର ନିଜ ଅଜା ଆଇଙ୍କ ପାଖରେ ରହୁଥିଲେ। ତେବେ ଭଦ୍ରବ୍ୟକ୍ତିଙ୍କ ଲିଖିତ କ୍ରମେ ସେମାନେ ନାତିକୁ ଦେଖିପାରିବେ ବୋଲି ଦର୍ଶାଯାଇଥିବା ବେଳେ ନାତିର କିନ୍ତୁ ପତ୍ତା ନାହିଁ। ନାତିକୁ କେଉଁଆଡ଼େ ପଠାଇ ଦିଆଯାଇଥିବା ସୁକୁମାର ଓ ବାସନ୍ତୀ ପୋଲିସ, ଜିଲାପାଳ, ଏସ୍‌ପି ଓ ଚାଇଲ୍ଡ ଲାଇନକୁ ଜଣାଇଥିଲେ। ଅପରପକ୍ଷେ ଚାଇଲ୍ଡ ଲାଇନ ପକ୍ଷରୁ ଗତ ୧୪।୧୦।୨୦ରେ ସିମୁଳିଆ ପୋଲିସ ସମେତ ଶିଶୁ ମଙ୍ଗଳ କମିଟି ଓ ଶିଶୁ ସୁରକ୍ଷା କମିଟିକୁ ପତ୍ର ସଂଖ୍ୟା–୮୬/୨୦ରେ ସୂଚନା ଦିଆଯାଇଥିବା ଚାଇଲ୍ଡଲାଇନର ଟିମ୍ ମେମ୍ବର ପଞ୍ଚାନନ ତ୍ରିପାଠୀ ଓ ଜ୍ୟୋତିପ୍ରକାଶ କର କହିଛନ୍ତି। ଏକ ଟିମ୍ ଗଠନ ମାଧ୍ୟମରେ ଶିଶୁପୁତ୍ରଙ୍କୁ ଉଦ୍ଧାର ପାଇଁ ଥାନାଧିକାରୀ ପର୍ଶୁରାମ ସାହୁ ସୂଚନା ଦେଇଛନ୍ତି।

# ସିଡିଏମ୍ଓ ଅଫିସ୍ ଘେରିଲେ ଚୁକ୍ତି ଭିତ୍ତିକ ସ୍ୱାସ୍ଥ୍ୟକର୍ମୀ

**ବାଲେଶ୍ୱର ଅଫିସ,୨୫।୧୧**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍ଓ)ଙ୍କ ଅଫିସ୍‌କୁ ବୁଧବାର ପୂର୍ବାହ୍ନରେ କୋଭିଡ୍-୧୯ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଘେରାଉ କରାଯାଇଥିଲା। ୩ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଧାରଣା ଦିଆଯିବା ନେଇ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ମହାମାରୀ କରୋନା ସଂକ୍ରମଣକୁ ରୋକିବା ପାଇଁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସେମାନଙ୍କୁ ପ୍ରଥମେ ୩ମାସ ପାଇଁ ଅସ୍ଥାୟୀ ନିଯୁକ୍ତି କରାଯାଇଥିଲା। ପରିସ୍ଥିତିକୁ ନଜରରେ ରଖି ୬ମାସ ପର୍ଯ୍ୟନ୍ତ ଏହାକୁ ବୃଦ୍ଧି କରାଯାଇଥିଲା। ଏହି ସମୟରେ ସେମାନେ ନିଜ ଜୀବନକୁ ଜଳାଞ୍ଜଳି ଦେଇ ଗାଁକୁ ଗାଁ ଓ ଘରକୁ ଘର ବୁଲି ରୋଗ ନିରୂପଣ କରିବା, ଔଷଧ ବଣ୍ଟନ କରିବା ଓ ସୂଚାରୁ ରୂପେ ବିଭିନ୍ନ ରିପୋର୍ଟ ପ୍ରସ୍ତୁତ କରି ନିର୍ଦ୍ଦିଷ୍ଟ ସମୟରେ ପେଠ କରିବା ଭଳି ବିଭିନ୍ନ କାର୍ଯ୍ୟ ସମ୍ପନ୍ନ କରିଆସୁଥିଲେ।



ସିଡିଏମ୍ଓଙ୍କ ଅଫିସ୍ ସମ୍ମୁଖରେ ଧାରଣାରତ ସ୍ୱାସ୍ଥ୍ୟକର୍ମୀ।

ଏଥିରେ ବହୁ ସ୍ୱାସ୍ଥ୍ୟକର୍ମୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ମାତ୍ର ଏପର୍ଯ୍ୟନ୍ତ ସେମାନଙ୍କୁ ପାରିଶ୍ରମିକ ମିଳିନାହିଁ। କିନ୍ତୁ ଏହାରି ମଧ୍ୟରେ ବାଲେଶ୍ୱର ସ୍ୱାସ୍ଥ୍ୟ ବିଭାଗ ଚିଠି (ନଂ. ୧୭୨୭୨) ଅନୁଯାୟୀ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରିଛି। ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ସରକାରଙ୍କଠାରେ ଦାବି କରାଯାଇଛି। ସିଡିଏମ୍ଓ ଦୁଲାଳ ସେନ ଜଗଦେବଙ୍କ ଜରିଆରେ ସ୍ୱାସ୍ଥ୍ୟ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଭବାନୀ ନାୟକ, ସୁଚିସ୍ମିତା ଦାସ, କ୍ଷୀରାବ୍ଧି ତନୟା ପଣ୍ଡା, ପରିସ୍ମିତା ପରିଡ଼ା, ଜୟନ୍ତୀ ପାଣିଗ୍ରାହୀ, ପ୍ରିୟଙ୍କା ଦେ, ତନୁଶ୍ରୀ ଜୀ, ନମିତା ଦାସ, ଅର୍ଚ୍ଚନା ସାହୁ, ସୁଚିତ୍ରା ଜେନା ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ସ୍ୱାସ୍ଥ୍ୟକର୍ମୀ ଧାରଣାରେ ବସିଥିଲେ।

# ବନ୍ଦ ହେବ ୨୪୦ ସ୍କୁଲ

**କେନ୍ଦୁଝର, ୨୫।୧୧ (ସ୍ୱ.ପ୍ର.)**

କମ ଉପସ୍ଥାପନ ଥିବା ସ୍କୁଲ ଗୁଡିକୁ ବନ୍ଦ କରିବା ଏବଂ ଏକ କି.ମି. ବ୍ୟବଧାନରେ ଏକାଧିକ ସ୍କୁଲକୁ ମିଶ୍ରଣ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିବା ବେଳେ ଏଭଳି ନିଷ୍ପତ୍ତିକୁ ନେଇ କେନ୍ଦୁଝର ଜିଲାର ବିଭିନ୍ନ ଅଞ୍ଚଳରେ ଛାତ୍ରୀଛାତ୍ର, ଅଭିଭାବକ ତଥା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଅନେକ ଅଞ୍ଚଳରେ ଏହାକୁ ଖୋଲାଖୋଲି ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଛାତ୍ରୀଛାତ୍ରମାନେ ସ୍କୁଲ ଫେରାଇବା ଦାବିରେ ଆନ୍ଦୋଳନରେ ସାମିଲ ହୋଇଥିବା ବେଳେ ଏଭଳି ନିଷ୍ପତ୍ତିକୁ ନେଇ ଅଭିଭାବକ ତଥା ଗ୍ରାମବାସୀ ମାନେ ବିରୋଧ ଆରମ୍ଭ କରିଛନ୍ତି। ଅନେକ ସ୍ଥାନରେ ନିଜ ଗ୍ରାମ ସ୍କୁଲରେ ଅନ୍ୟ ପାଖ ଗ୍ରାମ ସ୍କୁଲକୁ ମିଶ୍ରଣ କରିବାକୁ ମଧ୍ୟ ଦାବି ହେଉଛି। କେନ୍ଦୁଝର ଜିଲାରେ ଏହି କ୍ରମରେ ୨୪୦ ସ୍କୁଲ ଚିହ୍ନଟ କରାଯାଇଛି। ତେବେ ଏହାକୁ ନେଇ ବିଧାନସଭାରେ ଆଲୋଚନା ଚାଲିଥିବା ବେଳେ ପରବର୍ତ୍ତୀ ନିଷ୍ପତ୍ତି ସରକାର କଣ ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏବେ ୧୫ରୁ କମ ଛାତ୍ରୀଛାତ୍ର ଥିବା ସ୍କୁଲ ଚିହ୍ନଟ କରାଯାଉଥିବାରୁ ଏହି ବନ୍ଦ ହେବା ସ୍କୁଲ ସଂଖ୍ୟା କମିବା ଆଶଙ୍କା ରହିଛି।

# ଅପହୃତା ନାବାଳିକା ଉଦ୍ଧାର

**ଔପଦା, ୨୫।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହର ପ୍ରଲୋଭନ ଦେଖାଇ ଗତ ୧୯ ତାରିଖରେ ଅପହରଣ କରିନେଇଥିବା ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ। ମଙ୍ଗଳବାର ରାତିରେ ପୋଲିସ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ ଗିରଫ କରିଛି। ସେ ହେଲେ ଡାହିସାହି ଗ୍ରାମର ଦୀପୁ ବାଗ୍। ପୋଲିସ ଚଢ଼ାଉବେଳେ ଖସିଯିବାକୁ ଉଦ୍ୟମ କରୁଥିବା ଅପହରଣକାରୀଙ୍କ ସହ ପୋଲିସର ଧସ୍ତାଧସ୍ତି ହୋଇଥିଲା। ଶେଷରେ ଅପହରଣକାରୀଙ୍କୁ ପୋଲିସ କାବୁକରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୯୩/୨୦୨୦) ରୁଜୁ କରି ବୁଧବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ସଂକ୍ଷେପରେ

### ନଳକୂଅରୁ ପାଣି ନେବାକୁ ମାରପିଟ୍

**ପଦ୍ମପୁର,୨୫।୧୧(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଗୋପବନ୍ଧୁନଗର ପଞ୍ଚାୟତ ଗଦି ଗ୍ରାମରେ ନଳକୂଅରୁ ପାଣି ନେବାକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ମାରପିଟ୍ ହୋଇଛି। ଏଥିରେ ୨ ଜଣ ଆହତ ହୋଇଛନ୍ତି। ଜଣେ ଗୁରୁତର ଜିଲା ମୁଖ୍ୟ ଚିକିତ୍ସାଳୟରେ ଓ ଅନ୍ୟ ଜଣେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ମନୋରଞ୍ଜନ ମୁଦୁଲିଙ୍କ ଅଭିଯୋଗ କ୍ରମେ କଷିଆ ସାମୁଦ୍ରିକ ଥାନାରେ ମାମଲା(ନଂ.୭୬/୨୦) ଓ ସୂର୍ଯ୍ୟମଣି ମୁଦୁଲିଙ୍କ ଅଭିଯୋଗକ୍ରମେ ମାମଲା(ନଂ. ୭୭/୨୦) ରୁଜୁ ହୋଇଛି।

### ଶିଶୁ ଚରିତ୍ର ଓ ବ୍ୟକ୍ତିତ୍ୱ ବିକାଶକୁ ଗୁରୁତ୍ୱ

**ଭଦ୍ରକ ଅଫିସ,୨୫।୧୧:** ସୋସାଇଟି ଫର୍ ଉଇକର କମ୍ୟୁନିଟି ଦ୍ୱାରା ପରିଚାଳିତ ଆସିଆନା ଓପନ୍ ସେଲ୍‌ଟର ହୋମ୍‌ରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ସହଯୋଗରେ ଶିଶୁ ଅଧିକାର ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକ ସଭାପତିତ୍ୱ କରିଥିଲେ। ପିଲାମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ ଶିଶୁମାନଙ୍କ ଚରିତ୍ର ଓ ବ୍ୟକ୍ତିତ୍ୱ ବିକାଶ ଉପରେ ଶିକ୍ଷାର ପ୍ରଭାବ ସମ୍ପର୍କରେ କହିଥିଲେ। ସୁରକ୍ଷା ଅଧିକାରୀ ବିଶ୍ୱନାରାୟଣ ପଣ୍ଡା କୋଭିଡ୍ ପରିସ୍ଥିତିରେ ଶିଶୁମାନଙ୍କର ମାନସିକ ପ୍ରଭାବକୁ କିପରି ନିୟନ୍ତ୍ରଣ କରାଯାଇପାରିବ ସେ ସଂକ୍ରାନ୍ତରେ ବକ୍ତବ୍ୟ ରଖିଥିଲେ। ଆସିଆନାର ସମ୍ପାଦିକା ସୋଫିଆ ଶେଖ୍ ଶିଶୁ ଶ୍ରମିକ ଓ ଶିକ୍ଷା ଅଧିକାର ଉପରେ ଗୁରୁତ୍ୱାରୋପ କରିଥିଲେ।

### ଶ୍ରୀରାମ ମନ୍ଦିର ଶିଳାନ୍ୟାସ
### ଯୋଗଦେବେ କେନ୍ଦ୍ରମନ୍ତ୍ରୀ, ଏମ୍‌ପି

**ବାରିପଦା ଅଫିସ,୨୫।୧୧:** ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ଭୁଗୁଡାକଟା ଟେମ୍ପଲ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ୨୭ତାରିଖରେ ଶ୍ରୀରାମ ମନ୍ଦିରର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉକ୍ତ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ମୟୂରଭଞ୍ଜ ଏମ୍‌ପି ଇଂ. ବିଶ୍ୱେଶ୍ୱର ଟୁଡୁ, ବାରିପଦା ବିଧାୟକ ପ୍ରକାଶ ସୋରେନ ପ୍ରମୁଖ ଉପସ୍ଥିତ ରହିବେ ବୋଲି ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀଧର ହାବଡା ପ୍ରକାଶ କରିଛନ୍ତି।

# ଜଳ, ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ପଦ୍ମପୁର,୨୫।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ପଞ୍ଚାୟତ ସମିତିର ଜଳ ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆଧାର କାର୍ଡ ସଂଶୋଧନ, ଯୋଗାଣ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମତ୍ସ୍ୟ ବିଭାଗ, ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟ ରହିଥିବା ବେଳେ ବିଭିନ୍ନ କାର୍ଯ୍ୟ ପାଇଁ ପ୍ରତ୍ୟେହ ହଜାର ହଜାର ଲୋକ ଏଠାକୁ ଆସିଥାନ୍ତି। ବ୍ଲକ କାର୍ଯ୍ୟାଳୟ ପରିସରରେ ଏକମାତ୍ର ଶୌଚାଳୟ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗି ଯାଇଥିବା ବେଳେ ଅପରିଷ୍କାର ହୋଇ ତାଲା ପଡ଼ି ରହିଛି। ଫଳରେ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ଚିନ୍ତାମଣି ସଭାଗୃହ ଓ ଶହୀଦ ସ୍ମୃତି ସ୍ତମ୍ଭ ନିକଟରେ ପରିସ୍ରା କରୁଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀ ମହଲ ପକ୍ଷରୁ କୁହାଯାଇଛି। ବ୍ଲକ ଅଫିସ୍ ପରିସରରେ ୨୦୧୨ରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ତାହା ଖରାପ ହୋଇ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ଫଳରେ କାର୍ଯ୍ୟାଳୟକୁ ଆସୁଥିବା ଲୋକ ପାଣି ପିଇବା ପାଇଁ ହଇରାଣ ହେଉଛନ୍ତି। ୩୬ଟି ପଞ୍ଚାୟତର ଲୋକ ଏହା ଉପରେ ନିର୍ଭର କରୁଥିବା ବେଳେ ଏଭଳି ଅବ୍ୟବସ୍ଥା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବିଡିଓ ପ୍ରଣବ କୁମାର ବେହେରା କୁହନ୍ତି, ପାନୀୟ ଜଳ ପ୍ରକଳ୍ପର ମରାମତି କରାଯିବା ସହ ଶୌଚାଳୟ ତିଆରି ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ। ବ୍ଲକ କାର୍ଯ୍ୟାଳୟ ପରିସରରେ କୌଣସି ସରକାରୀ କର୍ମଚାରୀ ପରିସ୍ରା କରୁଥିବା ଜଣାପଡ଼ିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER, KANTABANJI (R&B) DIVISION**
E-mail.eerbkbj@rediffmail.com
No. B-457:- FAX No.06657-220216, Cell No. 9937190564
**E-Procurement Notice**
**Bid Identification No. 05 / KBJ / 2020-21**

| | | | |
|---|---|---|---|
| 1 | Name of the work: | : | **06 (One)** No of Building Works (Composite tender). |
| 2 | Estimated cost: | : | Varies from Rs. 57.45 lakhs to Rs.65.21 lakhs |
| 3 | Period of completion: | : | Varies from 02 (Two) Calendar Months. |
| 4 | Date and time of availability of bid document in the portal: | : | 11.00 hours of 26.11.2020 to 17.00 hours of 14.12.2020 |
| 5 | Last date/Time for receipt of bid in the portal: | : | 17.00 hour of 14.12.2020 |
| 6 | Name and address of the Officer Inviting Bid: | : | Executive Engineer, Kantabanji (R&B) Division |
| 7 | Date & Venue of Opening of the Single & Double Cover Bid and Technical Bid (Cover 1) of Double cover Bid. | : | On 15.12.2020 at 11.30 AM in the Office of the Executive Engineer, Kantabanji (R&B) Division |

Further details can be seen from the e-procurement portal **https://tendersorissa.gov.in**
**Executive Engineer, Kantabanji (R&B) Division**
OIPR-34099/11/0006/2021



ଉଦ୍ୟାନ କୃଷି ଯୋଜନାରେ ନୂତନ ଫଳବଗିଚା, ସୁରକ୍ଷିତ ଚାଷ, ଅମଳର ପରବର୍ତ୍ତୀ ଯତ୍ନ, ଉଦ୍ୟାନ କୃଷି ଯନ୍ତ୍ରପାତି କ୍ରୟ ଇତ୍ୟାଦିରେ ପ୍ରୋତ୍ସାହନ ପାଇବା ପାଇଁ ନିକଟସ୍ଥ ଉଦ୍ୟାନ କୃଷି କର୍ମଚାରୀଙ୍କ ସହ ଯୋଗାଯୋଗ କରନ୍ତୁ।

**ସ୍ୱା./- ସହକାରୀ ଉଦ୍ୟାନ ନିର୍ଦ୍ଦେଶକ**
**ଜଗତ୍‌ସିଂହପୁର**



**କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ., କେନ୍ଦ୍ରାପଡ଼ା**

- ଓଡ଼ିଶା ସରକାରଙ୍କ ଦ୍ୱାରା ସୋସାଇଟି କାର୍ଯ୍ୟ ପରିସର ଅବିଭକ୍ତ କଟକ ଜିଲ୍ଲା ଯଥା: କେନ୍ଦ୍ରାପଡ଼ା ସମେତ ଜଗତ୍‌ସିଂହପୁର, ଯାଜପୁର ଓ କଟକ ଜିଲ୍ଲା ମଧ୍ୟରେ ସୀମିତ।
- ସଞ୍ଚୟ ଜମା (Saving Collection Account)ରେ ବାର୍ଷିକ ୪.୦୦% ସୁଧ Daily Balance ଉପରେ ଦିଆଯାଏ।
- ସ୍ଥାୟୀ ଜମା (Fixed Deposit)ରେ ୧ ବର୍ଷ ଓ ୩ ବର୍ଷରୁ କମ୍ ପାଇଁ ବାର୍ଷିକ ୮.୫୦%, ୩ ବର୍ଷ ଓ ୫ ବର୍ଷରୁ କମ୍ ୮.୭୫% ଏବଂ ୫ ବର୍ଷ ଓ ତଦୂର୍ଦ୍ଧ୍ୱ ପାଇଁ ୯.୦୦% ସୁଧ ଦିଆଯାଏ।
- ବିଜୁ ପଟ୍ଟନାୟକ ବିକାଶପତ୍ର @ ୯.୦୦% ସୁଧ ହାରରେ ୭ ବର୍ଷ ୧୦ ମାସରେ ୨ ଗୁଣ ହୁଏ।
- ଅବସରପ୍ରାପ୍ତ ସାମରିକ କର୍ମଚାରୀ, ଭିନ୍ନକ୍ଷମ ବ୍ୟକ୍ତି, ସ୍ୱାଧୀନତା ସଂଗ୍ରାମୀ, କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅଧିସ୍ୱୀକୃତ ସାମ୍ବାଦିକ ଓ ବରିଷ୍ଠ ନାଗରିକ (Senior Citizen)ଙ୍କ ଜମା ଉପରେ ୦.୫% ଅଧିକ ସୁଧ ଦିଆଯାଏ।
- ସ୍ୱଳ୍ପ ସମୟ ଓ ସହଜ କିସ୍ତିରେ ଋଣ ପ୍ରଦାନ କରାଯାଏ।
- କେନ୍ଦ୍ରାପଡ଼ା ପୌରାଞ୍ଚଳର ମୁଖ୍ୟରାସ୍ତା ସଂଲଗ୍ନ ବିଦ୍ୟୁତ ବିଭାଗ ଅଫିସ ସନ୍ନିକଟ କଜଳା ମୌଜାରେ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜମିରେ ସୋସାଇଟିର ସ୍ଥାୟୀ ଅଫିସ୍ ଗୃହନିର୍ମାଣ କାର୍ଯ୍ୟ ଆରମ୍ଭ।
- ଗ୍ରାହକମାନଙ୍କ ପାଇଁ ସମିତିରେ ଟଙ୍କା ଦେଣନେଣ କାରବାର ସମ୍ପୂର୍ଣ୍ଣ କରମୁକ୍ତ।
- ମାର୍ଶାଘାଇ, ପଟ୍ଟାମୁଣ୍ଡାଇ, ରାଜକନିକା, ରାମନଗର, ଗରଦପୁର, ରାଜନଗର, ସାନମଙ୍ଗଳା ଛକ, ଆଳି, ସାଲେପୁର, ପାରାଦ୍ୱୀପ, ଜଗତ୍‌ସିଂହପୁର, ଯାଜପୁର ଟାଉନ୍, ରାହାମା, ଚୌଦ୍ୱାର, ଜଗତ୍‌ପୁର ଓ ବାଲିଚନ୍ଦ୍ରପୁରଠାରେ ଶାଖା ସୁଚାରୁରୂପେ କାର୍ଯ୍ୟ କରୁଅଛି।

ପ୍ରହ୍ଲାଦ ସାହୁ, ସମ୍ପାଦକ, ମୋ: ୯୪୩୯୪୩୭୫୦୬
Sri Kulamani Padhi, O.C.S. (I), D.R.C.S. (Credit), O/o. R.C.S., Odisha, Administrator



**Bhubaneswar Municipal Corporation**
*Progress through Partnership for better Bhubaneswar*
Notice No.: 62728 Date: 24.11.2020
XXII (L) - 39/2019
**Corrigendum-1 Extension of Submission Date for Auction Sale Notice for Package of / Individual Parking Lots in BMC area**

**No. C-229:-** In reference to the Auction Sale Notice for Parking of / Individual Parking Lots in BMC area, Tender No. 55689 dated 28.10.2020, the scheduled date of submission of Tender Paper is 24.11.2020, has been extended to 1.12.2020 (upto 5.00 PM). Subsequently, the dates for opening of Tender Paper is scheduled on 7.12.2020 at 4.00 P.M.
The details of the tender are available in BMC/ Zone Office notice boards and BMC Website-http://bmc.gov.in.

**Sd./- Deputy Commissioner (Revenue)**
**Bhubaneswar Municipal Corporation**
OIPR-13002/11/0057/2021



**GOVERNMENT OF ODISHA, "e"-PROCUREMENT NOTICE**
**OFFICE OF THE EXECUTIVE ENGINEER, KHARIAR (R&B) DIVISION, KHARIAR**
E-mail: eeroads.khr@rediffmail.com
No. 5175 Date 19.11.2020
**Invitation For Bids**
**Bid Identification No. E.E. (RNB) KHARIAR- 04 / 2020-21**

| | | |
|---|---|---|
| 1 | The Executive Engineer, Khariar (R&B) Division, Khariar on behalf of Governor of Odisha, invites percentage rate bids in double cover system in **ONLINE MODE** only. | |
| 2 | Nature of work | Building Work. |
| 3 | No. of work | 1 No. Building Work. |
| 4 | Tender Paper cost | Rs. 10,000/- to be remitted online only |
| 5 | Class of Contractor | As specified in the notice for the respective Work. |
| 6 | Availability of Bid Documents in the website | 10.00 hours of 01.12.2020 to 17.00 hours of 16.12.2020 |
| 7 | Date of opening of Technical Bid | Dt. 17.12.2020 at 11:30 hours |
| 8 | EMD/Bid Security | As specified in the notice to be remitted online only |
| 9 | The Bidders shall have to participate in ONLINE bidding only. Further details can be seen from the website: https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

No. B-455 **Sd./- K. K. Panda, Executive Engineer, Khariar (R&B) Division**
OIPR-34062/11/0004/2021



**ORMAS** DDU-GKY Deen Dayal Upadhyaya Grameen Kaushalya Yojana, Empowering India • Powering the World

**ଦିନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା**
**File No. DRDA-28014/4/2020-ORMAS SEC-DRDA-DRDA**

ଏହି ଯୋଜନାରେ ଗ୍ରାମାଞ୍ଚଳର ୧୮ରୁ ୩୫ ବର୍ଷ ପର୍ଯ୍ୟନ୍ତ ଗ୍ରାମୀଣ ଯୁବକ ଓ ଯୁବତୀମାନଙ୍କୁ ମାଗଣାରେ ତାଲିମର ସୁଯୋଗ ଦିଆଯିବା ସହ ନିଶ୍ଚିତ ନିଯୁକ୍ତି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଏବଂ ଅନୁସୂଚିତ ଜାତି ଓ ଜନଜାତି ପରିବାରର ଯୁବକ ଓ ଯୁବତୀମାନଙ୍କୁ ଅଗ୍ରାଧିକାର ଦିଆଯିବ।

**ଜାଣିରଖନ୍ତୁ, ଏହି ସୁଯୋଗ ସରକାରୀ ଚାକିରି ନିମନ୍ତେ ଉଦ୍ଦିଷ୍ଟ ନୁହେଁ।**

ଏ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ନିକଟସ୍ଥ ବ୍ଲକ କାର୍ଯ୍ୟାଳୟ ଏବଂ ଜିଲ୍ଲା ସ୍ତରୀୟ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା/ଓର୍‌ମାସ ଜଗତ୍‌ସିଂହପୁର ସହ ଯୋଗାଯୋଗ କରନ୍ତୁ।

ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା/ଓର୍‌ମାସ/ଓଡ଼ିଶା ଜୀବିକା ମିଶନ, ଜଗତ୍‌ସିଂହପୁର
**Sd./- Dy. C.E.O., ORMAS, Jagatsinghpur**



**ସମନ୍ୱିତ ଜନଜାତି ଉନ୍ନୟନ ସଂସ୍ଥା, କନ୍ଧମାଳ, ଫୁଲବାଣୀ**

- ଫୋକସ ଏରିଆ ବିକାଶ ପ୍ରକଳ୍ପ (FADP): ଓଡ଼ିଶା ସରକାରଙ୍କର ଏକ ନୂତନ ଯୋଜନା। ଏହି ଯୋଜନା ମାଧ୍ୟମରେ ଜନଜାତିମାନଙ୍କର ଚିରସ୍ଥାୟୀ ଜୀବନ ଜୀବିକାର ବିକାଶ ନିମନ୍ତେ ୱାଡି, କୃଷି ଓ ପନିପରିବା ଚାଷ, କୁକୁଡା ପାଳନ, ମାଛଚାଷ, ମହୁଚାଷ ଏପରି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।
- ଆଇ.ଟି.ଡି.ଏ., ଫୁଲବାଣୀ ମୁଖ୍ୟ କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା ଓଡ଼ିଶା ଜନଜାତି ଜଙ୍ଗଲ ଜମି ବିକାଶ ଯୋଜନା ଜଙ୍ଗଲ ଅଧିକାର ଆଇନ-୨୦୦୬ ଦ୍ୱାରା ପରିଚାଳନା କରାଯାଉଛି। ୫୭,୮୧୮ ଜନଜାତି ବ୍ୟକ୍ତିବିଶେଷଙ୍କୁ ଜଙ୍ଗଲ ଜମି ଅଧିକାର ଦିଆଯାଇଛି। ପୁନଶ୍ଚ ୨୨୨୧ ରାଜସ୍ୱ ଗ୍ରାମକୁ ଜଙ୍ଗଲ ଅଧିକାର ନିୟମ ଅନୁସାରେ ଗୋଷ୍ଠୀଗତ ଅଧିକାର ଦିଆଯାଇଛି।
- ଆଇ.ଟି.ଡି.ଏ., ଫୁଲବାଣୀ ଦ୍ୱାରା ୪୬ଗୋଟି ଏକଶତ ବିଶିଷ୍ଟ ଜନଜାତି ବାଳିକାଙ୍କ ପାଇଁ 'ଛାତ୍ରୀନିବାସ' ନିର୍ମାଣ କରାଯାଇଛି। ସେହିପରି ୫ ଗୋଟି ୨ ଶତ ବିଶିଷ୍ଟ ହଷ୍ଟେଲ କମ୍ପ୍ଲେକ୍ସ, ୬ ଗୋଟି ୧ ଶତ ବିଶିଷ୍ଟ ହଷ୍ଟେଲ, ଜଗଜୀବନରାମ ଛାତ୍ରାବାସ ଯୋଜନା ଏବଂ ୨ ଗୋଟି ଆଶ୍ରମ ହାଇସ୍କୁଲ ନିର୍ମାଣ କରାଯାଇଛି। ଏତଦ୍‌ବ୍ୟତୀତ ଅତିରିକ୍ତ ଶ୍ରେଣୀଗୃହ, ଷ୍ଟାଫ୍ ଗୃହ, ପାଚେରି ନିର୍ମାଣ, ପିଇବା ପାଣି, ବିଦ୍ୟୁତୀକରଣ, ଚେକ୍ ଡ୍ୟାମ୍, କଲଭର୍ଟ ନିର୍ମାଣ, ଜଳସେଚନ ଇତ୍ୟାଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।
- ୫୦ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ (SHG)ମାନଙ୍କୁ କୁକୁଡା ପାଳନ ନିମନ୍ତେ ତାଲିମ ପ୍ରଦାନ, ମାଛଚାଷ ଓ ଜନଜାତି ଚାଷୀମାନଙ୍କୁ ଡିଜେଲ୍ ପମ୍ପ ସେଟ୍ କିଣିବା ପାଇଁ ସହାୟତା, ହଳଦୀ, ଆଳୁ, ମକ୍କା ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଉଛି।
- ଜନଜାତି ବର୍ଗର ଯୁବକ/ଯୁବତୀଙ୍କ ଆତ୍ମନିର୍ଭରଶୀଳ ପାଇଁ ସିଲେଇ, କମ୍ପ୍ୟୁଟର ପ୍ରଶିକ୍ଷଣ, ମୋବାଇଲ ରିପାରିଂ, ଯାନବାହନ ଚାଳନା ତାଲିମ ଭଳି ବିଭିନ୍ନ ତାଲିମ ଦେବା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

ସ୍ୱା./-ପ୍ରକଳ୍ପ ପ୍ରଶାସକ
ଜନଜାତି ଉନ୍ନୟନ ସଂସ୍ଥା, ଫୁଲବାଣୀ



See Career Appointment on every **Wednesday & Saturday**



**OFFICE OF THE EXECUTIVE ENGINEER RURAL WORKS DIVISION No-I, KEONJHAR**
**"e" Procurement Notice for Road Works**
No. O-615 **Identification No. Online NCB - 05/2020-21**

1. Name of the Work : As per Annexure in Website.
2. Total Number of Work : As per Annexure in Website.
3. Estimated Cost : As per Annexure in Website.
4. Class of Contractor : As per Annexure in Website.
5. Period of Completion : As per Annexure in Website.

| Procurement Officer | Bid Identification No. | Availability of tender on-line for bidding | | Last Date & Time of seeking Tender Clarification | Date & Time of Opening of Tender in O/o the E.E.R.W. Division-I, Keonjhar. | Expected Date & Time of Lottery (in case need to be conducted) |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-I, Keonjhar | Road Works N.C.B. No- 05/2020-21 | Dt.26.11.2020 at 11.00 A.M. | Dt.11.12.2020 up to 5.00 PM | Dt. 10.12.2020 at 5.00 P.M. | Dt. 14.12.2020 at 11.00 A.M. | Dt. 18.12.2020 at 11.00 A.M. |

Further details can be seen from the Website **www.tenderorissa.gov.in**
OIPR-25110/11/0007/2021 **Sd./- Executive Engineer, R.W. Division, Keonjhar**



**DISTRICT FISHERIES OFFICER, JAGATSINGHPUR**
E-mail: dfojspur@gmail.com
**APPLICATION FOR AVAILING ASSISTANCE FOR DIFFERENT SCHEME COMPONENTS UNDER PRADHAN MANTRI MATSYA SAMPAD YOJANA (PMMSY)**


Applications are hereby invited from Individuals/Fish Farmers/ SHGs/PFCSs/Aqua entrepreneurs, etc. of Jagatsinghpur district for the following scheme components under PMMSY.
**1. Establishment of State of the Art Fish Feed Plant and Mini Fish Feed Plant, 2. Establishment of New Fresh Water Finfish Hatcheries, 3. Modernisation of Existing Cold Storage/Ice Plants, 4. Construction of New Cold Storage/Ice Plants, 5. Financial Assistance to Traditional Fishermen for Acquisition of Deep Sea Fishing vessels to modernise and strengthen value chain, 6. Estabilshment of Need Based New Brackish Water Hatchery (Shell Fish and Fin Fish).**
The guidelines of the Schemes and application format may be downloaded from the website of the Directorate of Fisheries, Odisha, Cuttack at **www.odishafisheries.nic.in**. Filled in application form along with self-contained detailed project report and other documents shall be submitted through following e-mail only.
e-Mail for Sl. No. 1 & 2: **pmmsyapplications.inland@gmail.com**
e-Mail for Sl. No. 3, 4 & 5: **pmmsyapplications.marine@gmail.com**
e-Mail for Sl. No. 6: **pmmsyapplications.bw@gmail.com**
Application(s) without any relevant document would be summarily rejected. The Director of Fisheries, Odisha reserves the right to alter the last date of submission of the application and also can reject any or all the applications without assigning any reason thereof.

**Sd./- Dist. Fisheries Officer**
**Jagatsinghpur**



**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର**
**(ଶିଶୁ ସୁରକ୍ଷା ୟୁନିଟ)**
ସଂଖ୍ୟା: DCPU/JPR/ ତାରିଖ: ୨୦.୧୦.୨୦୨୦
**ବିଜ୍ଞପ୍ତି**

No. g-27: ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଯାଜପୁର ଜିଲ୍ଲାର ଦୁଇଟି ସ୍ଥାନରୁ ଦୁଇ ଜଣ ଅସହାୟ ଶିଶୁଙ୍କୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟି, ଯାଜପୁରଙ୍କ ନିକଟରେ ଉପସ୍ଥାପିତ କରାଯାଇଅଛି। ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶକ୍ରମେ ଉକ୍ତ ପିଲାମାନଙ୍କୁ ନିମ୍ନଲିଖିତ ଶିଶୁ ପରିଚର୍ଯ୍ୟାକାରୀ ଅନୁଷ୍ଠାନରେ ଅସ୍ଥାୟୀ ଭାବରେ ରଖାଯାଇଅଛି। ଯଦି ସେମାନଙ୍କ ପିତା-ମାତା, ନିକଟ ସମ୍ପର୍କୀୟ, ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ଯାଜପୁର, ଫୋନ- ୨୨୨୧୩୧, ମୋ- ୯୩୩୭୮୧୦୪୯୭ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର, ଫୋନ- ୦୬୭୨୮-୨୨୩୬୨୨, ୯୪୩୭୨୯୭୭୨୨ଙ୍କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣପତ୍ର ଦାଖଲକରି ଉକ୍ତ ପିଲାମାନଙ୍କୁ ନେବାପାଇଁ ଦାବି ଉପସ୍ଥାପନ କରିପାରିବେ। ଯଥା ସମୟସୀମା ମଧ୍ୟରେ ଯଦି କୌଣସି ଦାବି ଉପସ୍ଥାପନ ନ ହୁଏ, ତେବେ ଉକ୍ତ ଶିଶୁଙ୍କୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫, ସେକ୍ସନ ୩୮ (୧) ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଦାୟମୁକ୍ତ ଘୋଷଣା କରାଯିବ।

| ଶିଶୁର ନାମ | ଲିଙ୍ଗ | ବୟସ | ଉଦ୍ଧାର କରାଯାଇଥିବା ସ୍ଥାନ | CWC କେସ୍ ନଂ. ଓ ତାରିଖ | ବର୍ତ୍ତମାନ ରହୁଥିବା ସ୍ଥାନ | ଫଟୋ |
|---|---|---|---|---|---|---|
| ଅଭିନବ | ପୁଅ | ୨ ମାସ | ଦାନଗଦି ବଜାରର ମୁକୁନ୍ଦ ମହାକୁଡ଼ଙ୍କ ବାଡ଼ିରୁ ଦାନଗଦି ଫାଣ୍ଡି ଅଧିକାରୀଙ୍କ ଦ୍ୱାରା | ୮୨/ ୦୭.୦୯.୨୦୨୦ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ଉତ୍କଳ ବାଳାଶ୍ରମ, ଯାଜପୁର |  |
| କୁମାରୀ ଗୁନୁ @ ବୁନୁ ଜେନା | ଝିଅ | ୪ ବର୍ଷ | ବ୍ୟାସନଗର ବସ୍ତି, ଯାଜପୁର ରୋଡ୍‌ର କୃଷ୍ଣ ଜେନା ଓ ମଲ୍ଲି ଜେନାଙ୍କ ନିକଟରୁ | ୪୩/ ୨୮.୫.୨୦୨୦ | |  |

OIPR-24163/11/0002/2021 ସ୍ୱା./- ଜିଲ୍ଲାପାଳ, ଯାଜପୁର



No. CAD-816
idco Your power to grow, ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**
**Tender Call Notice No. File No.- H.O./P&C/EST-E-960/03/2015 (P-VI)/ 15933 Dated:- 24.11.2020**
**NOTICE INVITING TENDER THROUGH e-Procurement**

**Name of the Work:-** Supply, Installation, Testing and Commissioning of 13 Passenger Microprocessor based elevator of Administrative Building at Paradeep Plastic Park, Paradeep
**Period of completion:-** 02 (Two) calendar months

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No. **P&C/EST/E-52/2020-21** | Dt. 03.12.2020 at 12.00 hrs. | Dtd. 17.12.2020 up to 17.00 hrs. |

Further details can be seen from the e-Procurement Portal **www.Tendersodisha.gov.in** and Corrigendum if any will not be published in newspapers and can only be seen in the **e-procurement portal** as well as in **IDCO website**.
OIPR-14003/11/0080/2021 **Sd./- Chief General Manager (P&C), IDCO, Bhubaneswar**

# ରୋଷେଇ ଶିଖୁଛନ୍ତି ସୋନାକ୍ଷୀ

ବସିବାଠାରୁ କାଶିବା ଭଲ। ଦେଖୁନାହାନ୍ତି, ସେ ସାଇନ୍ କରିଥିବା ଫିଲ୍ମର ଶୁଟିଂ ଆରମ୍ଭ ହୋଇନାହିଁ। ତେଣୁ ଘରେ ବସି ରହିବା ଅପେକ୍ଷା ସେ ଗୋଟିଏ କାମରେ ମନୋନିବେଶ କରିଛନ୍ତି। ତାହା କ'ଣ ଜାଣନ୍ତି ? ନୂଆ ନୂଆ ରୋଷେଇ ଶିଖୁଛନ୍ତି। ହଁ, ସେ ହେଲେ ସୋନାକ୍ଷୀ ସିହ୍ନା। ଏ ବିଷୟରେ ସେ କହନ୍ତି, 'ଏବେ ତ ମୋ ହାତରେ ୨-୩ ସପ୍ତାହ ସମୟ ଅଛି। ତେଣୁ ଏହି ସମୟ ଭିତରେ ମୁଁ ନୂଆ ନୂଆ ରୋଷେଇ ଶିଖିବାକୁ ସ୍ଥିର କରିଛି। ଏ ନେଇ ମୋତେ ମମି ଯଥେଷ୍ଟ ସାହାଯ୍ୟ କରୁଛନ୍ତି। ବର୍ତ୍ତମାନ ତ କରୋନା ସମୟ। ନହେଲେ ସାଙ୍ଗମାନଙ୍କର ଏକ ଗେଟ୍ ଟୁଗେଦର କରିବାକୁ ଇଚ୍ଛା ଥିଲା। ମୁଁ ରୋଷେଇ କରିଥିବା ନୂଆ ଖାଦ୍ୟର ମଜା ସେମାନେ ନେଇଥାଆନ୍ତେ। ପିଲାଦିନରୁ ମୋର ଖାଦ୍ୟ ପ୍ରତି ଦୁର୍ବଳତା ରହିଛି। ମନଲୋଭା ଖାଦ୍ୟ ଦେଖିଲେ ତାହାକୁ ନ ଖାଇଲେ ମୋ ମନ ଶାନ୍ତି ହୋଇ ନ ଥାଏ।'






# ଅସୀତା ଯାହା ଚାହୁଁଥିଲେ..

ଅସୀତା ଯାହା ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। ବେଶ୍ କେତୋଟି ଓଡ଼ିଆ ସିନେମାର ଅଭିନୟ କରିବା ପରେ ଏବେ ତାଙ୍କ ହାତରେ ଆଉ କେତୋଟି ଅଫର ରହିଛି। ବିଶେଷଭାବରେ ଭୂମିକାଟି ଯେପରି ହେଉ ନା କାହିଁକି ତାହାକୁ ତୁଲାଇବାକୁ ସେ ନିଜକୁ ସବୁବେଳେ ମାନସିକ ସ୍ତରରେ ପ୍ରସ୍ତୁତ କରିନେଇଥାଆନ୍ତି। ନିଜ କ୍ୟାରିୟର ବିଷୟରେ ଅସୀତା ଶତପଥୀ କହନ୍ତି, ''ଆଲବମ୍, ଭଜନରେ ଅଭିନୟ କରିବା ପରେ ମୁଁ ୨୦୧୫ରେ ଓଡ଼ିଆ ସିନେମାରେ ଏଣ୍ଟ୍ରି କରିଥିଲି। ମୋ ପ୍ରଥମ ସିନେମାଟି ଥିଲା 'ଚିରକୁଟ'। ତା'ପରେ ଓଡ଼ିଆ ଚଳଚ୍ଚିତ୍ର 'ବାଳ', 'ପରଦେଶୀ ଚଢ଼େଇ' ଧାରାବାହିକ 'ନୂଆବୋହୂ, ସିନ୍ଦୂରବିନ୍ଦୁ, ଦିବ୍ୟଦୃଷ୍ଟି, ନଣନ୍ଦ ପୁଟୁଳି, ତୋ ପାଇଁ ମୁଁ, ସାବିତ୍ରୀ, ସୁଭଦ୍ରାରେ ଅଭିନୟ କରିସାରିଛି। ଏହାବ୍ୟତୀତ କେତୋଟି ଟେଲିଫିଲ୍ମ ଏବଂ ମଞ୍ଚ ନାଟକରେ ମଧ୍ୟ ଆକ୍ଟିଂ କରିଛି। ଏଗୁଡ଼ିକରେ ମୋତେ ଭିନ୍ନ ଭିନ୍ନ ଭୂମିକା ମିଳିଛି। ଗୋଟିଏ ଚରିତ୍ରରେ ମୁଁ ବାନ୍ଧି ହୋଇ ରହିବାକୁ ଚାହେଁନା। ମୋ ମତରେ ଭିନ୍ନ ଭିନ୍ନ ରୋଲ୍ ଜଣେ କଳାକାରର ଅଭିନୟ ଦକ୍ଷତାର ପରିଚୟ ଦେଇଥାଏ। ଆଜି ଆକ୍ଟିଂ ଲାଇନରେ ମୁଁ ଯେଉଁ ସଫଳତା ପାଇଛି ସେଥିପାଇଁ ମୋ ସ୍ୱାମୀଙ୍କ ପ୍ରେରଣାକୁ କେବେ ଭୁଲିପାରିବି ନାହିଁ।''


# ଘାରିଛି ପ୍ରେମ ନିଶା

ଜଗା କଲେଜରେ ପଢ଼େ। ନିଜେ ଅସୁବିଧାରେ ପଡିଲେ ମଧ୍ୟ ଅନ୍ୟମାନଙ୍କୁ ସାହାଯ୍ୟର ହାତ ବଢ଼ାଇବାକୁ ପଛାଏ ନାହିଁ। ହେଲେ କଲେଜରେ ପଢ଼ିବା ସମୟରେ ତାକୁ ନିଜର ପ୍ରେମ ଜାଲରେ ବାନ୍ଧି ଦେଇଛି ରାଗିଣୀ ନାମ୍ନୀ ସୁନ୍ଦରୀ ଝିଅଟିଏ। ହେଲେ ଲଭ୍ ଚକ୍କରରେ ପଡିବାକୁ ଚାହେଁନା ଜଗା। ତେବେ ଜଗାକୁ ନେଇ ରାଗିଣୀ ଯେଉଁ ସ୍ୱପ୍ନ ଦେଖିଛି ତାହା ସଫଳ ହେଉଛି ତ ? ପ୍ରଥମେ ପ୍ରେମ ବିଷୟରେ କିଛି ଜାଣି ନ ଥିବା ଜଗା, ରାଗିଣୀକୁ ପ୍ରେମିକା ଭାବରେ ଗ୍ରହଣ କରୁଛି ତ ? ଏପରି ପ୍ରଶ୍ନର ଉତ୍ତର ରହିଛି ନିର୍ମାଣାଧୀନ ଓଡ଼ିଆ ସିନେମା 'ଅଟୋଗ୍ରାଫ-ଏ ସାଇନ୍ ଅଫ ଲଭ୍'। ତେବେ ଏଭଳି ପ୍ରେମ କାହାଣୀରେ ଅଟୋଗ୍ରାଫ୍‌ର ଭୂମିକା କ'ଣ ତାହା ସିନେମାଟି ଦେଖିଲେ ହିଁ ଜାଣିପାରିବେ। ଏ.ଆର. ରହମନ ଏବଂ ପ୍ରସନ୍ନ ଦ୍ୱିବେଦୀଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ରମେଶ ରାଉତ। ଖାସ୍ କଥା ହେଲା, ଦୀପକଙ୍କ ଅପୋଜିଟ୍‌ରେ ଏଥିରେ ସ୍କ୍ରିନ୍ ଶେୟାର କରିଛନ୍ତି ମଡେଲିଂରୁ ବଡ ପରଦାରେ ପାଦ ରଖିବାକୁ ଯାଉଥିବା ନବାଗତା ସ୍ୱାତୀ। ଦୀପକ-ସ୍ୱାତୀ ଯୋଡି ବ୍ୟତୀତ ପିଣ୍ଟୁ ନନ୍ଦ, ପ୍ରତିଭା ପଣ୍ଡା, ଜୀବନ ପଣ୍ଡା, ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ ନାୟକ, ଅଶୋକ ଦାସ, ଗୁଣ୍ଟୁ, ଶକ୍ତି ବରାଳ ପ୍ରମୁଖ କଳାକାର।

## ପରଦା ପଛରେ

# ଦର୍ଶକଙ୍କ ମାନସିକତା ମୋ ପାଇଁ ବଡ଼ କଥା

ପ୍ରଥମଥର ପାଇଁ ସେ ଓଡ଼ିଆ ସିନେମା ନିର୍ମାଣ କ୍ଷେତ୍ରରେ ପାଦ ଦେବେ। ଏ ନେଇ ପ୍ରାରମ୍ଭିକ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। କେବଳ ସେତିକି ନୁହେଁ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି କାହାଣୀଟିଏ ମଧ୍ୟ ଖୋଜି ପାଇଛନ୍ତି। ସେ ହେଲେ ନବାଗତ ପ୍ରଯୋଜକ ସଫଦର୍ ହାସିମ। ନିଜର ଆଭିମୁଖ୍ୟ ସମ୍ପର୍କରେ ସେ କହନ୍ତି, ''ଆଜିକାଲିର ସମାଜରେ ଅନେକ ଛୋଟ ବଡ଼ ଘଟଣା ଘଟୁଛି, ଯାହାକୁ ଆଧାର କରି ସୁନ୍ଦର ଓଡ଼ିଆ ସିନେମା ନିର୍ମାଣ କରିହେବ। ଅସଲ କଥା ହେଲା ସମାଜସେବା ହେଉଛି ମୋ ଜୀବନର ସବୁଠାରୁ ବଡ଼ ବ୍ରତ। ଏଥିରୁ ମୁଁ ଅନେକ କିଛି ଶିଖିଛି। ଲୋକମାନଙ୍କ ସହ ମିଶିବା ପରେ ସେମାନଙ୍କର ଉତ୍ସାହ ମୋତେ ଆଜି ସିନେମାଟିଏ ନିର୍ମାଣ କରିବାକୁ ପ୍ରେରଣା ଯୋଗାଇଛି। ପିଲାଦିନରୁ ମୋର ସମାଜସେବା ପ୍ରତି ଆଗ୍ରହ ଥିଲା। ଏକ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇଛି। ସଂଘର୍ଷମୟ ଜୀବନରେ ଅନେକ ଘାତ ପ୍ରତିଘାତ ଆସିଛି। ହେଲେ ସେଗୁଡିକୁ ମୁଁ ସାହସର ସହ ସାମ୍ନା କରିଛି। କରୋନା ପାଇଁ ଲକ୍‌ଡାଉନ୍ ଏବଂ ଅନ୍‌ଲକ୍ ସମୟରେ ମୁଁ ନିଜକୁ ସମାଜସେବା ସହ ଅଧିକ ଜଡିତ ରଖିଥିଲି। ଏହି ସମୟରେ ସିନେମାଟିଏ ନିର୍ମାଣ କରିବାକୁ ଚିନ୍ତାଧାରା ମୋ ମନରେ ଉଦ୍ରେକ ହୋଇଥିଲା। ବିଶେଷଭାବରେ ସମାଜସେବାକୁ ଆଧାରକରି ଏହି ଫିଲ୍ମର କାହାଣୀ ଗତିଶୀଳ।'' ତେବେ ନିଜ ଲକ୍ଷ୍ୟରେ ସଫଦର କେତେ ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।



ସଫଦର୍ ହାସିମ

# ଅତୀତରୁ...

- କାନ୍ତି କୁମାରଙ୍କ ପ୍ରଯୋଜନାରେ ନିର୍ମିତ ହୋଇଥିଲା ଓଡ଼ିଆ ସିନେମା 'ଝିଲିମିଲି'। ଏହାର ନିର୍ଦ୍ଦେଶନା ଦେଇଥିଲେ କେ.ଏଚ୍.ଡି. ରାଓ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ଅକ୍ଷୟ ମହାନ୍ତି। ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶ୍ରୀରାମ ପଣ୍ଡା ଏବଂ ମହାଶ୍ୱେତା ରାୟ।
- ଉତ୍ତମ ମହାନ୍ତି, ମହାଶ୍ୱେତା ରାୟ, ତନ୍ଦ୍ରା ରାୟ, ବିଜୟ ମହାନ୍ତି, ଜୟୀରାମ ସାମଲଙ୍କୁ ନେଇ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର 'ପତିପତ୍ନୀ'। ସୁଭଦ୍ରା ଆର୍ଟ ପିକଚର୍ସ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା ଡି. ଅହଲ୍ୟା ଦେବୀ କରିଥିବା ବେଳେ ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ ଏମ୍.ଏସ୍. କୋଟ୍ଟା ରେଡ୍ଡି।
- ପୌରାଣିକ ଚଳଚ୍ଚିତ୍ର 'ସାକ୍ଷୀ ଗୋପୀନାଥ'ରେ ପ୍ରଦୀପ ସାମନ୍ତରାୟ, ମାଳା ବୋଷ, ଦୁଃଖୀରାମ ସ୍ୱାଇଁ, ଗ୍ଲୋରିଆ ମହାନ୍ତି ପ୍ରମୁଖ କଳାକାର ଅଭିନୟ କରିଥିଲେ।


# ବଲିଉଡ୍ ହାଲ୍‌ଚାଲ୍

- ଅଭିଷେକ କପୁରଙ୍କ ଆଗାମୀ ଫିଲ୍ମ 'ଚଣ୍ଡିଗଡ଼ କି ଆସୀକ୍'ର ନାୟିକା ଭୂମିକାରେ ଅଭିନୟ କରିବେ ବାଣୀ କପୁର।
- ଅଜୟ ଦେବଗନଙ୍କ ପ୍ରଯୋଜନା ଏବଂ ନିର୍ଦ୍ଦେଶନାରେ ନିର୍ମିତ ହେବାକୁ ଯାଉଛି ନୂଆ ସିନେମା 'ମେ ଡେ'। ଏଥିରେ ଅଜୟଙ୍କ ବ୍ୟତୀତ ଅମିତାଭ ବଚ୍ଚନ ଏବଂ ରକୁଲପ୍ରୀତ୍ ସିଂ ଅଭିନୟ କରିବେ।
- ଶାହରୁଖ ଖାଁଙ୍କୁ ନେଇ ନିର୍ମିତ ହେବାକୁ ଯାଉଥିବା 'ପଠାନ୍'ର ଶୁଟିଂ ବମ୍ବେରେ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏଥିରେ ତାଙ୍କର ନାୟିକା ସାଜିଛନ୍ତି ଦୀପିକା ପାଦୁକୋନ୍।
- ଅଜୟ ଦେବଗନ ଏବଂ ସଞ୍ଜୟ ଦତ୍ତଙ୍କୁ ନେଇ ପ୍ରସ୍ତୁତ ହେବାକୁ ଯାଉଥିବା ନୂଆ ଅନଟାଇଟଲ୍‌ଡ ଫିଲ୍ମର ଫିମେଲ ଲିଡ୍‌ରେ ଅଭିନୟ କରିବେ ନୋରା ଫତେଇ।
- ଆମୀର ଖାଁଙ୍କ ଅଭିନୀତ 'ଲାଲ୍ ସିଂ ଚଡ଼ା'ରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି କରୀନା କପୁର।





ନୋରା



# ଆକ୍ସନ ନିଶାରେ ରାଜବୀର

ନବାଗତ ରାଜବୀର । ନୂଆ ଓଡ଼ିଆ ସିନେମା 'ଅରୁନ୍ଧତୀ'ରେ ତାଙ୍କୁ ମିଳିଛି ଏକ ଚ୍ୟାଲେଞ୍ଜିଂ ଭୂମିକା। ଏଥିରେ ତାଙ୍କୁ କେବଳ ଆକ୍ସନ ନୁହେଁ, ରୋମାଣ୍ଟିକ ରୋଲ୍‌ରେ ମଧ୍ୟ ଦର୍ଶକ ଦେଖିବାକୁ ପାଇବେ। ଏହି ଫିଲ୍ମ ସମ୍ପର୍କରେ ଭୁବନେଶ୍ୱରସ୍ଥ ମଳିପଡାରେ ଜନ୍ମିତ ରାଜବୀର କହନ୍ତି, ''ସାଧାରଣତଃ ଜଣେ ପୁରୁଷର ସଫଳତା ପଛରେ ନାରୀର ହାତ ଥାଏ। ହେଲେ ଜଣେ ନାରୀର ସଫଳତା ପଛରେ ଜଣେ ପୁରୁଷର କିପରି ଭୂମିକା ରହୁଛି ତାହା ଏହି ସିନେମାରେ ଦେଖିବାକୁ ମିଳିବ। ପୁରୁଷଟିର ହୃଦୟ ସିନା କଠୋର, ହେଲେ ତା' ଭିତରେ ଜଣେ ସରଳ ମଣିଷ ଲୁଚିରହିଛି। ଏହି ରୋଲ୍ ପାଇଁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି। କାରଣ ଏହି ଫିଲ୍ମରେ ମୋ ରୋଲ୍‌ରେ ରୋମାନ୍ସ ବ୍ୟତୀତ ଅଧିକ ଆକ୍ସନ ରହିଛି। ତେଣୁ ପ୍ରତିଦିନ ୩-୪ ଘଣ୍ଟା ଜିମ୍‌ରେ କଟାଇବାକୁ ପଡୁଛି। ତା' ସହ ଡାଏଟିଂ ପ୍ରତି ଧ୍ୟାନ ଦେଉଛି। ବର୍ତ୍ତମାନ ମୁଁ ଆମ ଇଣ୍ଡଷ୍ଟ୍ରିରେ ନୂଆ। ତେଣୁ ଏହି ଭୂମିକାଟିକୁ ମୁଁ ଏକ ଚ୍ୟାଲେଞ୍ଜ ଭାବରେ ନେଇଛି।'' ରମେଶ ରାଉତଙ୍କ ନିର୍ଦ୍ଦେଶନା ଏବଂ ଅଜିତାଭ ମଲ୍ଲିକ ଏବଂ ମୋନିକା ଦାସଙ୍କ ପ୍ରଯୋଜନାରେ ନିର୍ମିତ ହେବାକୁ ଯାଉଥିବା ଏହି ଫିଲ୍ମରେ ରାଜବୀରଙ୍କ ନାୟିକା ସାଜିଛନ୍ତି ଏଲିନା ସାମନ୍ତରାୟ।

# ନୀରବତା ପରେ..

କଥାରେ ଅଛି ବଡ଼ ପରଦାଠୁ କିଛି ମାସ ଦୂରେଇ ରହିବା ପରେ ପୁଣି ଥରେ ଏଣ୍ଟ୍ରି କଲେ ତାହା ଏକରକମ ଦମ୍‌ଦାର ହୋଇଥାଏ। ବାସ୍, ନିଜର ଆକ୍ଟିଂ ଲାଇଫରେ ଆଉ ଏକ ଟର୍ନିଂ ପଏଣ୍ଟ ଆଣିବାକୁ ପୂରା ଦମ୍‌ରେ ଲାଗିପଡିଛନ୍ତି। ସେ ହେଲେ ବିଜ୍ଜୁ ବଡ଼ଜେନା। ପୂର୍ବରୁ ବେଶ୍ କେତୋଟି ସିନେମାରେ ତାଙ୍କୁ ନେଗେଟିଭ ଚରିତ୍ରରେ ଦେଖିବାକୁ ମିଳିଛି। କେବଳ ସେତିକି ନୁହେଁ, କେତେକ ଚରିତ୍ରକୁ ଦର୍ଶକ ଏ ପର୍ଯ୍ୟନ୍ତ ମନେ ରଖିଛନ୍ତି। ଏବେ ଏକାଥରେ ତାଙ୍କ ହାତରେ ରହିଛି ୪ଟି ସିନେମା ଏବଂ ତିନୋଟି ସିନେମା ନେଇ କଥାବାର୍ତ୍ତା ଚାଲୁ ରହିଛି। ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହେଉଥିବା 'ପ୍ରେମ ପାଇଁ ମହାଭାରତ'ରେ ଶକୁନି ଚରିତ୍ରରେ ଅବତୀର୍ଣ୍ଣ ହୋଇଥିଲେ ସେ। ଅନ୍ୟପକ୍ଷରେ ସୁଧାକର ବସନ୍ତଙ୍କ ନିର୍ଦ୍ଦେଶିତ 'ସାଥୀ ତୁ ଫେରିଆ'ରେ ପଜିଟିଭ ଭୂମିକା ତାଙ୍କୁ ବେଶ୍ ମାଇଲେଜ ଦେଇଥିଲା। ଏହାବ୍ୟତୀତ ସୁଧାଂଶୁ ଜେନାଙ୍କ ପ୍ରଯୋଜିତ ଏବଂ ଏନ. ପାଢ଼ୀ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ପାଗଳ ମୁଁ ତୋ ପାଇଁ'ରେ ମୁଖ୍ୟ ଖଳନାୟକ ସାଜିଛନ୍ତି ସେ। ଏହାବ୍ୟତୀତ ଶୁଟିଂ ଚାଲିଥିବା ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶିତ ଫିଲ୍ମ 'ସବୁ ଏ ଲଭ୍ ପାଇଁ' ତାଙ୍କୁ ମିଳିଛି ମନଲାଖି ଭୂମିକା। ଅପରପକ୍ଷରେ ରମେଶ ରାଉତଙ୍କ ଆଗାମୀ ସିନେମା 'ଅଟୋଗ୍ରାଫ ଏ ସାଇନ୍ ଅଫ ଲଭ୍'ରେ ମଧ୍ୟ ସେ ଅଭିନୟ କରୁଛନ୍ତି। ତେବେ କିଛି ମାସର ବ୍ୟବଧାନ ପରେ ବଡ଼ ପରଦାରେ ବିଜ୍ଜୁ କି କମାଲ କରୁଛନ୍ତି ତାହା ଫିଲ୍ମଗୁଡ଼ିକ ରିଲିଜ ହେଲେ ହିଁ ଜଣାପଡ଼ିବ।



ବିଜ୍ଜୁ ବଡ଼ଜେନା

# ଅନୁତାପ କରୁଛନ୍ତି ଅନନ୍ୟା

ଅନନ୍ୟା ପାଣ୍ଡେ ଏବେ ଅନୁତାପ କରୁଛନ୍ତି। ହେଲେ କ'ଣ ହେବ ? ବୋହିଗଲା ପାଣି ଆଉ ଧନୁରୁବାହାରିଯାଇଥିବାତୀରକ'ଣଫେରିଆସେ ? ଅସଲ କଥା ହେଲା, ନିକଟରେ ଅନନ୍ୟାଙ୍କୁ ଏକ ନୂଆ ସିନେମାରେ ଅଭିନୟ କରିବାକୁ ଅଫର ମିଳିଥିଲା। ନିଜ ଭୂମିକା ବିଷୟରେ ଜାଣିବା ପରେ ଖୁସିରେ ଉଛୁଳି ଉଠିଥିଲେ ସେ। ହେଲେ ଏହି ଫିଲ୍ମରେ ସଂଯୋଜିତ ହେବାକୁ ଥିବା ଏକ ଆଇଟମ୍ ନମ୍ବର ତାଙ୍କର ଟେନ୍‌ସନ ବଢ଼ାଇ ଦେଇଥିଲା। ସେପଟେ ଦେଖିଲା ବେଳକୁ ଏହି ଗୀତର ସଂଯୋଗ କାହାଣୀ ସହ ରହିଛି। କିନ୍ତୁ ଏପରି ଗୀତରେ ନାଚିବାକୁ ରାଜି ହୋଇ ନଥିଲେ ଅନନ୍ୟା। କେବଳ ସେତିକି ନୁହେଁ, ଅଫରଟିକୁ ମଧ୍ୟ ହାତଛଡ଼ା କରିଥିଲେ। ହେଲେ ଏବେ ସେପରି ନିଷ୍ପତ୍ତିକୁ ନେଇ ଅନୁତାପ କରୁଛନ୍ତି ସେ। 'ଅଫରଟିକୁ ରେଡ୍ ସିଗ୍‌ନାଲ ଦେଖାଇବା ପରେ ଏବେ ମୁଁ ଭାବୁଛି ଯେ ସେପରି ଡିସିସନ ବିଷୟରେ ଭଲ ଭାବରେ ଚିନ୍ତା କରିଥିଲେ ହୋଇଥାଆନ୍ତା। ହେଲେ ଏବେ ଆଉ କିଛି କରିହେବ ନାହିଁ। ସାମାନ୍ୟ ଭୁଲ ପାଇଁ ଭଲ ଭୂମିକାଟିଏ ହାତରୁ ଖସିଗଲା ବୋଲି କହନ୍ତି ଅନନ୍ୟା।'

## ପାରାଦୀପ, ଇବ୍ ଭ୍ୟାଲି ଅତି ପ୍ରଦୂଷିତ

ଭୁବନେଶ୍ୱର,(ବ୍ୟୁରୋ): ରାଜ୍ୟରେ ପାରାଦୀପ ଓ ଇବ୍ ଉପତ୍ୟକା(ଭ୍ୟାଲି) ଅତି ପ୍ରଦୂଷିତ ଅଞ୍ଚଳ। ୨୦୧୮ରେ ସମନ୍ୱିତ ପ୍ରଦୂଷଣ ଇଣ୍ଡେକ୍ସ ଆଧାରରେ ଉକ୍ତ ଦୁଇ ଅଞ୍ଚଳକୁ ଅତି ପ୍ରଦୂଷିତ ବୋଲି ଘୋଷଣା କରାଯାଇଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଜେଡି ସଭ୍ୟ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି। ତେବେ ପରିବେଶ ପ୍ରଦୂଷଣ ରୋକିବା ଲାଗି ସବୁଜ ଟିକସ ଆଦାୟ କରିବାର କୌଣସି ବ୍ୟବସ୍ଥା ନାହିଁ। ପ୍ରଦୂଷଣକାରୀ ସଂସ୍ଥା ନିଜ ଖର୍ଚ୍ଚରେ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା କରି ଥାଆନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

## ମହାପ୍ରଭୁଙ୍କର ହେଲା ମହାସ୍ନାନ

### ପଞ୍ଚକ ଆରମ୍ଭରୁ ବିଭ୍ରାଟ

ପୁରୀ ଅଫିସ, ୨୫।୧୧: ପଞ୍ଚକ ଆରମ୍ଭରୁ ଶ୍ରୀମନ୍ଦିରରେ ବିଭ୍ରାଟ ଘଟିଛି। ଜଣେ ପାଣିଆ ଆପଟ ସେବକ ମହାପ୍ରଭୁଙ୍କୁ ଛୁଇଁ ଦେବାରୁ ମହାସ୍ନାନ ହୋଇଛି। ଏଥିପାଇଁ ନୀତିକାନ୍ତିରେ ବିଳମ୍ବ ଘଟିଛି। ମହାପ୍ରସାଦ ବାହାରିବାରେ ଅହେତୁକ ବିଳମ୍ବ ଯୋଗୁ ଭକ୍ତ ଓ ହବିଷିଆଳିମାନେ ହନ୍ତସନ୍ତ ହୋଇଛନ୍ତି। ଆଗକୁ ପଞ୍ଚକର ଆହୁରି ୫ଦିନ ବାକିଥିବାବେଳେ ମହାପ୍ରଭୁଙ୍କ ନାଗାର୍ଜୁନ ବେଶ ରହିଛି। ତେଣୁ ନୀତିକାନ୍ତି କିପରି ଶୃଙ୍ଖଳିତ କରାଯିବ ସେ ନେଇ ସନ୍ଧ୍ୟାରେ ଜିଲାପାଳ ଏବଂ ଏସ୍‌ପି ପ୍ରମୁଖ ସେବାୟତମାନଙ୍କ ସହ ଆଲୋଚନା କରିଛନ୍ତି। ବୁଧବାର ମହାପ୍ରଭୁ ଲକ୍ଷ୍ମୀନାରାୟଣ ବେଶରେ ବିଭୂଷିତ ହୋଇଥିଲେ। ସକାଳୁ ନୀତିକାନ୍ତି ଠିକ୍‌ଠାକ ଚାଲିଥିଲା। ଅପରାହ୍ନ ପ୍ରାୟ ସାଢେ ୧ଟାରେ ଜଣେ ପାଣିଆ ଆପଟ ସେବକ ମହାପ୍ରଭୁଙ୍କୁ ସ୍ପର୍ଶ କରି ମୁଣ୍ଡିଆ ମାରିବା ସହ ତୁଳସୀ ଆଣିଥିଲେ। ମହାପ୍ରଭୁଙ୍କୁ ଛୁଇଁ ଦେବାରୁ ସେହିଠାରେ ହିଁ ନୀତି ଅଟକିଥିଲା। ଠାକୁରଙ୍କ ବେଶ ଓଲାଗି କରାଯିବା ସହ ମହାସ୍ନାନ କରାଯାଇଥିଲା। ପରେ ପୁଣି ଲକ୍ଷ୍ମୀନାରାୟଣ ବେଶ କରିବା ସମ୍ଭବ ହୋଇ ନ ଥିଲା। କାରଣ ଏହି ବେଶ କରି ପୁଣି ଓଲାଗି କରିବାକୁ ଆହୁରି ଅଧିକ ସମୟ ଲାଗିଥାନ୍ତା। ତେଣୁ ମହାସ୍ନାନ ପରେ ଠାକୁରଙ୍କର ଅନ୍ୟାନ୍ୟ ନୀତି କରାଯାଇଥିଲା। କିନ୍ତୁ ଏଥିପାଇଁ ନୀତିରେ ବିଳମ୍ବ ହୋଇଥିଲା। ଅପରାହ୍ନ ସାଢେ ୧ଟାରେ ମହାପ୍ରସାଦ ବାହାରିବାକୁ ସମୟ ନିର୍ଘଣ୍ଟ ହୋଇଥିବାବେଳେ ସାଢେ ୪ଟା ପରେ ବାହାରିଥିଲା ଫଳରେ ଭକ୍ତ ଏବଂ ହବିଷିଆଳିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ବର୍ତ୍ତମାନ ଭକ୍ତଙ୍କୁ ଶ୍ରୀମନ୍ଦିର ଭିତରକୁ ଛଡ଼ାଯାଉ ନାହିଁ। ଏଭଳି ସ୍ଥିତିରେ ଠାକୁରଙ୍କ ମହାସ୍ନାନ ହେବା ଦୁର୍ଭାଗ୍ୟର ବିଷୟ ବୋଲି ଭକ୍ତ ମହଲରେ ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଶ୍ରୀମନ୍ଦିର କମାଣ୍ଡର ରବି ମିଶ୍ର କହିଛନ୍ତି, ସମ୍ପୃକ୍ତ ସେବକ ଜାଣି ନ ପାରି ଛୁଇଁ ଦେଇଥିଲେ। ଏଥିପାଇଁ ମହାସ୍ନାନ ହେବାରୁ ନୀତି ବିଳମ୍ବ ହେଲା। ଘଟଣା ବିଷୟରେ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀଙ୍କୁ ମୌଖିକ ଭାବେ ଜଣାଇ ଦିଆଯାଇଛି। ଗୁରୁବାର ରିପୋର୍ଟ କରାଯିବ।

# ଲଘୁ ଖଣିଜ ନିର୍ଦ୍ଦେଶାଳୟ: ଆରମ୍ଭରୁ ଦୁର୍ବଳ

ଯାଜପୁର ଅଫିସ,୨୫।୧୧

- ମିଳିମିଶି ଚାଲିଛି ଲଘୁ ଖଣିଜ ଦ୍ରବ୍ୟ ଲୁଟ୍
- ସ୍ୱଳ୍ପମିଆଦୀ ଲିଜ୍ ଉଚ୍ଛେଦ ହେଲାନି

ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କ୍ରମେ ୧୩।୮।୨୦୧୯ରେ ସ୍ୱତନ୍ତ୍ର ଲଘୁଖଣିଜ ନିର୍ଦ୍ଦେଶାଳୟ ଗଠିତ ହୋଇଛି। ରାଜ୍ୟର ଲଘୁଖଣିଜ ପଦାର୍ଥଗୁଡିକର ସୁବିନିଯୋଗ ଓ ପରିଚାଳନା ଏହାର ଲକ୍ଷ୍ୟ। ଲୋକସେବା ଭବନରେ ଏହି ନିର୍ଦ୍ଦେଶାଳୟ କାର୍ଯ୍ୟ କରୁଛି। ଏଥିରେ ନିର୍ଦ୍ଦେଶକଙ୍କ ସମେତ ୨୯ଟି ପଦବୀ ସୃଷ୍ଟି କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ଯୁଗ୍ମ ନିର୍ଦ୍ଦେଶକ(ଆଡ୍‌ମିନ), ଯୁଗ୍ମ/ଡେପୁଟି/ସହକାରୀ ନିର୍ଦ୍ଦେଶକ (ଟେକ୍ନିକାଲ ମାଇନିଂ), ଯୁଗ୍ମ ନିର୍ଦ୍ଦେଶକ(ଟେକ୍ନିକାଲ-ଡବ୍ଲୁଆର) ଓ ଯୁଗ୍ମ/ଡେପୁଟି ନିର୍ଦ୍ଦେଶକ (ଟେକ୍ନିକାଲ ଏନଫୋର୍ସମେଣ୍ଟ) ପଦବୀ ନିଯୁକ୍ତି ହୋଇନାହାନ୍ତି। ଫଳରେ ନିର୍ଦ୍ଦେଶାଳୟ ଆରମ୍ଭରୁ ଦୁର୍ବଳ ହୋଇପଡ଼ିଛି। ଗ୍ରାମାଞ୍ଚଳର ମୂଲ୍ୟବାନ ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ ପରିମାଣକୁ ଅବଲୋକନ କଲେ ଲଘୁଖଣିଜ ନିର୍ଦ୍ଦେଶାଳୟ ନ ଥିଲା ଭଳି ମନେହେଉଛି। ଏଥିଯୋଗୁ ଲଘୁ ଖଣିଜ ଦ୍ରବ୍ୟ ଭରପୂର ଥିବା ତହସିଲ ଅଞ୍ଚଳକୁ ତହସିଲଦାର ଭାବେ ନିଯୁକ୍ତି ପାଇବାକୁ ଏକପ୍ରକାର ପ୍ରତିଯୋଗିତା ହେଉଛି। ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପରେ ସରକାରଙ୍କ ନୀତିନିୟମ, ପ୍ରତିଶ୍ରୁତି ସବୁ ଚପିଯାଉଛି। ଫଳରେ ଖୁବ୍ ଅଳ୍ପ ଦିନରେ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ଶୂନ୍ୟ ହୋଇଯିବ ବୋଲି ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି।

ଲଘୁ ଖଣିଜ ନିର୍ଦ୍ଦେଶାଳୟ ହେଉଛି ରାଜସ୍ୱ ଓ ପରିଚାଳନା ବିଭାଗ ଅନ୍ତର୍ଗତ ଏକ ସମନ୍ୱିତ ନିର୍ଦ୍ଦେଶାଳୟ (ଇଣ୍ଟିଗ୍ରେଟେଡ୍ ଡାଇରେକ୍ଟୋରେଟ)। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ଶାସନ ସଚିବ ନିଜ ମୂଳ ପଦବୀ ସହ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହାବ୍ୟତୀତ ଓଡ଼ିଶା ସଚିବାଳୟ ସେବାର ୪ ଜଣ ସହକାରୀ ଉପବିଭାଗ ଅଧିକାରୀ ନିର୍ଦ୍ଦେଶାଳୟରେ ସାମୟିକ ଭାବେ ନିଯୁକ୍ତି ହୋଇଛନ୍ତି। ଏହି ନିର୍ଦ୍ଦେଶାଳୟରେ ନିର୍ଦ୍ଦେଶକଙ୍କ ସମେତ ୬ ଜଣ ଯୁଗ୍ମ ଓ ଡେପୁଟି ନିର୍ଦ୍ଦେଶକ ରହିଛନ୍ତି। ଯେଉଁଥିରେ ଓଡ଼ିଶା ପୋଲିସର ଡିଏସ୍‌ପି ର୍‍ୟାଙ୍କ, ଓଡ଼ିଶା ଫରେଷ୍ଟ ସର୍ଭିସ୍‌ର ଆସିଷ୍ଟାଣ୍ଟ କଞ୍ଜରଭେଟର ର୍‍ୟାଙ୍କ ସମେତ ଆସିଷ୍ଟାଣ୍ଟ ମାଇନିଂ ଅଫିସର ର୍‍ୟାଙ୍କ, ଜିଓଲୋଜିଷ୍ଟ ଓ ନିର୍ବାହୀ ଯନ୍ତ୍ରୀ ର୍‍ୟାଙ୍କର ଗୋଟିଏ ଲେଖାଏ ପଦବୀ ରହିଛି। ଏହାବାଦ୍ ୨ ସେକ୍ସନ ଅଫିସର, ୪ ଆସିଷ୍ଟାଣ୍ଟ ସେକ୍ସନ ଅଫିସର, ୧୦ ଜୁନିୟର ମାଇନିଂ ଅଫିସର, ୪ ଷ୍ଟେନୋ ଓ ଗୋଟିଏ ପିଏ ପଦବୀ ରହିଛି। ଏମାନଙ୍କ ଦରମା ବାବଦକୁ ବାର୍ଷିକ ଦେଢ଼ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହେଉଛି। କିନ୍ତୁ ରାଜ୍ୟରେ ଥିବା ଲଘୁ ଖଣିଜ ଦ୍ରବ୍ୟର ସିଂହଭାଗ ଅର୍ଥ ଲୁଟ୍ ହେଉଥିବାବେଳେ ପ୍ରାୟ ୨୫ ପ୍ରତିଶତ ରାଜସ୍ୱ ଆକାରରେ ଜମା ହେଉଛି ବୋଲି ଅଭିଯୋଗ ହୋଇଛି।

ଯାଜପୁର ଜିଲାକୁ ଉଦାହରଣ ଭାବେ ନିଆଯାଇପାରେ। ଜିଲାର ଧର୍ମଶାଳା, ଦର୍ପଣୀ, କୋରେଇ, ଦାନଗଦି ଓ ସୁକିନ୍ଦା ତହସିଲ ଅଞ୍ଚଳରେ ଆରୁଆ, କୋହ୍ଲା, ଯାବରା, ବାଜବାଟି, ଚାରିଗୋଠ, ରାହାଡ଼ପୁର, ଉଙ୍କାରୀ, ଚଢେଇଧରା, ବିଛାଖଣ୍ଡି, ଅଞ୍ଜୀରା, ବାଘୁଆ, ଲୁଣିବର, ବରଦା, ସାହାନିଡ଼ିହ, କରଡ଼ାପାଲ, ବୈରୀମାଲ, ନିମାପାଲି, ଖରଡ଼ିଡ଼ିହ, ଗୋପପୁର, ପିମ୍ପୁଡ଼ିଆ, ରଗଡ଼ି, ମାନତିରା ପ୍ରଭୃତି ପାହାଡ଼ରେ ପାଖାପାଖି ୧୦୦ ଗ୍ରାନାଇଟ୍, ମୋରମ, ବୋଲଡର କ୍ୱାରି ରହିଛି। ଏହାସହ ନଦୀନାଳ ଭରା ଜିଲାରେ ବ୍ରାହ୍ମଣୀ, ବୈତରଣୀ, ବୁଢ଼ା, ବିରୂପା, ଖରସ୍ରୋତାରେ ଶତାଧିକ ବାଲି ଖାଦାନ କାର୍ଯ୍ୟ କରୁଛି। ବିଭିନ୍ନ କଳ କାରଖାନା ପ୍ରତିଷ୍ଠା ପାଇଁ ବ୍ୟାପକ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଗତ ୨୦ ବର୍ଷ ହେଲା ଗେଟି, ପଥର, ମୋରମ, ମେଟାଲ ଓ ବାଲିର ଚାହିଦା ବହୁଗଣା ବୃଦ୍ଧି ପାଇଛି। ଫଳରେ ବହୁ କମ୍ପାନୀ ନୀତିନିୟମ ଉଲ୍ଲଂଘନ କରି ଏବଂ ଆଇନକୁ ଫାଙ୍କି ଲଘୁ ଖଣିଜଦ୍ରବ୍ୟ ଉତ୍ତୋଳନକୁ ଜୋର୍‌ଦାର କରିଛନ୍ତି। ଏହାର ସୁଯୋଗ ନେଇ ମାଫିଆମାନେ ବେଆଇନ ଖଣିଜ ଦ୍ରବ୍ୟ ଲୁଟି ନେଇ ରାତାରାତି କୋଟିପତି ହେଉଛନ୍ତି। ଆଇନଜୀବୀ ଉଦୟନାଥ ସାହୁ କୁହନ୍ତି, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତ ଖଣି ଲିଜ୍ ୫ ବର୍ଷିଆ ଦୀର୍ଘମିଆଦୀ ସୂତ୍ରରେ ଦିଆଯିବା ବାଧ୍ୟତାମୂଳକ। ତଥାପି କୌଣସି ନ୍ୟାୟିକ ହସ୍ତକ୍ଷେପ ନ ନେଇ ବିଭିନ୍ନ ସଂସ୍ଥାକୁ ସ୍ୱଳ୍ପମିଆଦୀ ଲିଜ୍ ଦେଇ ବ୍ୟାପକ ମାତ୍ରାରେ ଅନେକ ପ୍ରକାର ଲଘୁଖଣିଜ ଦ୍ରବ୍ୟ ଉତ୍ତୋଳନ କରାଯାଉଛି ବୋଲି ଆଇନଜୀବୀ ସାହୁ କହିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କ ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ୍ ଉଠାଇ ନଥିଲେ।

## କନିଷ୍ଠ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ବଲାଙ୍ଗୀର ଅଫିସ, ୨୫।୧୧

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଗିରିଶ କୁମାର ପାତ୍ରଙ୍କ ଅଫିସ ଓ ବଲାଙ୍ଗୀର ସହରରେ ଥିବା ଆବାସରେ ବୁଧବାର ଭିଜିଲାନ୍ସ ବିଭାଗ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିଲା। ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲାକୁ ନେଇ ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ଟିମ୍ କନିଷ୍ଠ ଯନ୍ତ୍ରୀ ପାତ୍ରଙ୍କ ଘର ଓ ଅଫିସ ସର୍ଚ୍ଚ କରିଥିଲେ। ଭିଜିଲାନ୍ସ ପକ୍ଷରୁ ପାତ୍ରଙ୍କ ସମ୍ପତ୍ତି ୧ କୋଟି ୧୯ ଲକ୍ଷ ୧୮ ହଜାର ଟଙ୍କା ବୋଲି ଆକଳନ କରାଯାଇଛି। ବଲାଙ୍ଗୀରରେ ପାତ୍ରଙ୍କ ୪୨ ଲକ୍ଷ ୩୯ ହଜାର ଟଙ୍କାର ଦୁଇଟି ଘର, ବଲାଙ୍ଗୀର, ପାଟଣାଗଡ ଓ ବ୍ରହ୍ମପୁରରେ ୪.୭୧ ଲକ୍ଷ ଟଙ୍କାର ୫ଟି ପ୍ଲଟ୍, ୬୨.୧୬ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ପୋଷ୍ଟ ଅଫିସ ଡିପୋଜିଟ ଓ ବୀମା ପଲିସି, ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଗହଣା, ୮୬ ହଜାର ନଗଦ ଟଙ୍କା ଓ ୭ଲକ୍ଷର ଆସବାବପତ୍ର ରହିଛି। ବଲାଙ୍ଗୀର ଭିଜିଲାନ୍ସ ଡିଏସପି କାଦମ୍ବିନୀ ସାମଲଙ୍କ ନେତୃତ୍ୱରେ ଭିଜିଲାନ୍ସ ଚଢ଼ାଉ କରାଯାଇଥିଲା।

# ବାଘଛାଲ, ଦାନ୍ତ, ନଖ ଜବତ: ୩ ଗିରଫ

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)/ ବରଗଡ଼ ଅଫିସ

ରାଜ୍ୟରେ ବନ୍ୟପ୍ରାଣୀ ଶିକାର ଓ ଚୋରା ଚାଲାଣ ର୍‍ୟାକେଟ ସକ୍ରିୟ ରହିଛି। ଗତ କିଛିଦିନ ତଳେ ରାଜଧାନୀ ଭୁବନେଶ୍ୱରରେ ଚାଲାଣ ପାଇଁ ରହିଥିବା ବାଘଛାଲକୁ ଜବତ କରାଯାଇଥିଲା। ବୁଧବାର ବରଗଡ଼ ଜିଲାରୁ ଆଉ ଏକ ର୍‍ୟାକେଟର ପର୍ଦ୍ଦାଫାସ ହୋଇଛି। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍, ୱାଇଲ୍ଡଲାଇଫ୍ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ, ବରଗଡ଼ ବନଖଣ୍ଡ ଓ ସ୍ଥାନୀୟ ପୋଲିସ ମିଳିତ ଚଢ଼ାଉ କରି ଭଟ୍‌ଲି ଛକରୁ ଏକ କଲରାପତରିଆ ବାଘଛାଲ, ୪ ବାଘ ଦାନ୍ତ ଓ ଭାଲୁ କିମ୍ବା ବାଘର ୧୧ ନଖ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୩ଜଣ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ଖଜୁରିଆ ଗାଁର ସତ୍ୟବାନ ସାହୁ, ସୌକି ଥେଟୁଆ ଓ ମୌତ ଭୁଏ। ଗିରଫ ସମସ୍ତଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରାବେଳେ ର୍‍ୟାକେଟ ସମ୍ପର୍କରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ବନ୍ୟପ୍ରାଣୀ ଚୋରା ଚାଲାଣ ଉପରେ କ୍ରାଇମବ୍ରାଞ୍ଚ କଡ଼ା ନଜର ରଖିଛି। ବାଘ ଛାଲ କାରବାର ନେଇ ଖବର ମିଳିବା ପରେ ର୍‍ୟାକେଟକୁ ଧରିବା ଏକ ଟିମ୍ ବରଗଡ଼ ଯାଇଥିଲା। ଟିମ୍‌ର ଜଣେ ଅଧିକାରୀ ନିଜେ ଗ୍ରାହକ ସାଜି ସେସବୁକୁ କିଣିବା ପାଇଁ ଯୋଗାଯୋଗ କରିଥିଲେ। ୩ଲକ୍ଷ ଟଙ୍କାରେ ଡିଲ୍ ହୋଇଥିଲା। ତେବେ ଯୋଜନା ଅନୁସାରେ ତାହାକୁ କିଣିବା ବାହାନାରେ ଅଭିଯୁକ୍ତଙ୍କୁ ଧରିବା ସହ ସମସ୍ତ ସାମଗ୍ରୀ ଜବତ କରିଥିଲେ। ତେବେ ଜବତ ବାଘଛାଲର ମୁଣ୍ଡ ପାର୍ଶ୍ୱରେ ଗୋଲାକାରର ଏକ କଣା ଥିବାରୁ ତାକୁ ଗୁଳି କରି ଶିକାର କରାଯାଇଥିବା ସନ୍ଦେହ କରାଯାଉଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗିରଫ ହୋଇଥିବା ସତ୍ୟବାନ ସାହୁ ୨୦୧୮ ଦେବ୍ରିଗଡ଼ରେ ମହାବଳ ଶିକାରର ମୁଖ୍ୟ ଅଭିଯୁକ୍ତ ଥିଲେ। ଜେଲରୁ ଜାମିନରେ ଆସି ପୁଣି ଏହି ବେଆଇନ କାରବାର ଚଳାଇଥିଲେ।

**ଗୁଳି କରି ଶିକାର କରାଯାଇଥିବା ସନ୍ଦେହ**



# କୋଭିଡ୍ ଯୋଗୁ ରାଜ୍ୟକୁ ଫେରିଛନ୍ତି ୧୦ ଲକ୍ଷ ଶ୍ରମିକ

ଭୁବନେଶ୍ୱର,୨୫।୧୧(ବ୍ୟୁରୋ)

**ଶ୍ରମିକଙ୍କୁ ଆଣିବା ପାଇଁ ସରକାର ଖର୍ଚ୍ଚ କରିଛନ୍ତି ୯ କୋଟି**

କୋଭିଡ୍-୧୯ ଯୋଗୁ ରାଜ୍ୟକୁ ୧୦,୭,୩୩୦ଜଣ ଶ୍ରମିକ ଫେରି ଆସିଛନ୍ତି। ସେମାନଙ୍କ ଜୀବିକା ଉପାର୍ଜନ ପାଇଁ ସରକାର ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଯୋଜନା ମାଧ୍ୟମରେ ରୋଜଗାର ସୁଯୋଗ ସୃଷ୍ଟି କରିବା ଲାଗି ବହୁବିଧ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ତେବେ କେତେ ଶ୍ରମିକ ପୁନର୍ବାର ନିଜର କର୍ମସ୍ଥଳୀକୁ ଫେରିଛନ୍ତି ତାହାର ତଥ୍ୟ ନାହିଁ। ବିଜେଡି ସଭ୍ୟ ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶ୍ରମ ଓ ନିୟୋଜନ ମନ୍ତ୍ରୀ ସୁଶାନ୍ତ ସିଂ ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ଏଥିସହିତ ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, କୋଭିଡ୍-୧୯ ଆରମ୍ଭରେ ରାଜ୍ୟକୁ ୮ ଲକ୍ଷ ୬୩ ହଜାର ପ୍ରବାସୀ ଶ୍ରମିକ ଫେରିଛନ୍ତି। ସେମାନଙ୍କୁ ଆଣିବା ପାଇଁ ସ୍ୱତନ୍ତ୍ର ଟ୍ରେନ୍ ଭଡ଼ା ବାବଦରେ ରାଜ୍ୟ ସରକାର ୯ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

# ସରପଞ୍ଚ-ମନ୍ତ୍ରୀଙ୍କ କଥୋପକଥନ ନେଇ ଚର୍ଚ୍ଚା

ନୟାଗଡ଼ ଅଫିସ,୨୫।୧୧

**ପରୀ ହତ୍ୟା ମାମଲା**

- ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକରି ଭାଜପାର ବିକ୍ଷୋଭ
- କ୍ରାଇମବ୍ରାଞ୍ଚ ତଦନ୍ତକୁ ପରୀ ମା'ବାପାଙ୍କ ସ୍ୱାଗତ

ନୟାଗଡ଼ ଜିଲାର ୫ ବର୍ଷିୟା ନାବାଳିକା ପରୀ ହତ୍ୟାକାଣ୍ଡକୁ ନେଇ ବର୍ତ୍ତମାନ ସବୁଆଡେ ଚର୍ଚ୍ଚା। ବିଧାନସଭାରେ ଏହି ଘଟଣାକୁ ନେଇ ଶାସକ ଦଳ ଉପରେ ବିରୋଧୀ ବର୍ଷୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁଙ୍କ ନାଁ ଏଥିରେ ଯୋଡି ହୋଇଛି। ଏପରି ସ୍ଥିତିରେ ବୁଧବାର ଏକ ଭାଇରାଲ ଅଡିଓକୁ ନେଇ ନୂଆ ଅଭିଯୋଗ ସାମ୍ନାକୁ ଆସିଛି। ଏଥିରେ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ସରପଞ୍ଚ ସୌମ୍ୟରଞ୍ଜନ ପ୍ରଧାନ ଓ ମନ୍ତ୍ରୀ ଅରୁଣ ସାହୁଙ୍କ କଥୋପକଥନ ଥିବା କୁହାଯାଉଛି, ଯାହାକୁ ନେଇ ଘଟଣା ଭିନ୍ନ ଦିଗକୁ ଗତି କରିବା ଆରମ୍ଭ କରିଛି। ତେବେ ଏହି ଅଡିଓର ସତ୍ୟାସତ୍ୟକୁ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି। ବୁଧବାର ଏହି ଘଟଣାରେ ଭାଜପା ଆନ୍ଦୋଳନକୁ ଓହ୍ଲାଇଛି। ପ୍ରଥମେ ଦଳୀୟ କର୍ମକର୍ତ୍ତା ନୟାଗଡ଼ ଟ୍ରାଫିକ ଛକରେ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିବା ପରେ ଜିଲା କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପୂର୍ବତନ ନୟାଗଡ଼ ଏନ୍‌ଏସି ଅଧ୍ୟକ୍ଷ ପ୍ରହଲାଦ ବରାଡ, ଭାଜପା ନେତା ଶ୍ରୀକାନ୍ତ ଖଟେଇ, ସନ୍ତୋଷ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ସମାବେଶରେ ମନ୍ତ୍ରୀ ସାହୁଙ୍କୁ ସମାଲୋଚନା କରାଯାଇଛି। ଏହି ଘଟଣାର ହତ୍ୟାକାରୀଙ୍କୁ ମନ୍ତ୍ରୀ ସୁରକ୍ଷା ଦେଉଥିବା ଅଭିଯୋଗ ଉଠାଯାଇ ତାଙ୍କ ଇସ୍ତଫା ଦାବି କରାଯାଇଛି। ଅନ୍ୟପଟେ ଏହି ପ୍ରସଙ୍ଗରେ ମନ୍ତ୍ରୀ ସାହୁଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ। ସେହିପରି ବିରୋଧୀଙ୍କ ପକ୍ଷରୁ ଏସ୍‌ପି, ଏସ୍‌ଡିପିଓ, ଆଇଆଇସି, ତଦନ୍ତକାରୀ ଅଧିକାରୀଙ୍କ ବଦଳି ଦାବି କରାଯାଇଛି। ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି। ଅନ୍ୟପକ୍ଷେ ପରୀ ହତ୍ୟାକାଣ୍ଡର କ୍ରାଇମବ୍ରାଞ୍ଚ ତଦନ୍ତ ହେବ ବୋଲି ବିଧାନସଭାର ଶୀତକାଳୀନ ଅଧିବେଶନରେ ବୁଧବାର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିବୃତି ଦେବା ପରେ ପରୀର ମା' ସୌଦାମିନୀ ଓ ବାପା ଅଶୋକ କୁମାର ସାହୁ ଏହାକୁ ସ୍ୱାଗତ କରିଛନ୍ତି। ଉଭୟେ କହିଛନ୍ତି, ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ ପରେ କ୍ରାଇମବ୍ରାଞ୍ଚ ତଦନ୍ତ ଆଦେଶ ଦିଆଯାଇଛି। ଏଥିରେ ନ୍ୟାୟ ନ ମିଳିଲେ ସିବିଆଇ ତଦନ୍ତ ପାଇଁ ଦାବି କରିବୁ। ତେବେ ପରୀ ମାମଲା ଉପରେ ଭାଇରାଲ ହୋଇଥିବା ମନ୍ତ୍ରୀ ଓ ଲକ୍ଷ୍ମୀପ୍ରସାଦ ସରପଞ୍ଚଙ୍କ ଫୋନ କଲ୍ ନେଇ ଜିଲାରେ ଆଲୋଚନା ଜୋର ଧରିଛି।

ଭାଇରାଲ ଅଡିଓରେ ମନ୍ତ୍ରୀ କୁଆଡେ ସରପଞ୍ଚଙ୍କୁ କହୁଛନ୍ତି, 'ଏଇ ଯୁ କଥାଗୁଡାକ କରୁଛ ତାହା କ'ଣ ଭଲ କରୁଛ। ତୁ ଯେତିକି କହୁଛୁ ପରୀର ମା'ବାପା ସେତିକି କରୁଛନ୍ତି। ମୁଁ ସବୁ ଜାଣିଛି, ଚୁପ ଅଛି। ତୁ ଟିକେ ଲିମିଟେଶନ ବାହାରକୁ ଚାଲି ଗଲୁଣି। ତୁ କରାଉଛୁ ବୋଲି ସେ କହୁଛି। ଏଇଟା କ'ଣ ଠିକ୍ କଥା ହେଉଛି। ମୁଁ ତ ତତେ କେତେବେଳେ କିଛି କହିନି ବରଂ ପ୍ରଶଂସା କରିଛି। ତତେ ଭଲ କହିଛି। ତୋ ଲୋକ ହୋଇ କ'ଣ ସେ ମନକୁ କହୁଛି। ମୁଁ ଏତେ ଖରାପ ଲୋକ ନୁହେଁ ଯେ କାହା କଥାରେ ଡାଇଭର୍ଟ ହୋଇଯିବି। ମୁଁ ଟିଭି ଦେଖି ତୋତେ କହୁଛି। ଯାହା ହେଉଛି ତାହା କ'ଣ ତୋ ବିନା ପରାମର୍ଶରେ ହେଉଛି କି। ଦୟାକରି ଏଇଟା ବନ୍ଦ କର, ନ ହେଲେ ସମ୍ମାନ ଦେବିନି ଓ ସମ୍ପର୍କ କାଟିଦେବି।'

ନୟାଗଡ଼ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ କୁହନ୍ତି, ଭାଜପା ପକ୍ଷରୁ ପରୀ ହତ୍ୟାକାଣ୍ଡ ନେଇ ସ୍ମାରକପତ୍ର ପାଇଛୁ। ଏ ନେଇ ଜିଲାପାଳ ଓ ଏସ୍‌ପିଙ୍କୁ ଅବଗତ କରାଇବି। ଭାଜପା ନେତ୍ରୀ ଇରାନୀ ରାୟ କହନ୍ତି, ପରୀ ଇସ୍ୟୁକୁ ନେଇ କ୍ରାଇମବ୍ରାଞ୍ଚ ତଦନ୍ତ କରାଯିବ। ତେବେ ମନ୍ତ୍ରୀ ସରପଞ୍ଚଙ୍କୁ ଫୋନରେ ଯେଉଁ ଧମକ ଦେଇଛନ୍ତି ସେ ନେଇ କିଛି କରାଯାଇ ନାହିଁ। ଆମେ ଆନ୍ଦୋଳନକୁ ଆହୁରି ତୀବ୍ର କରିବୁ।



ନୟାଗଡ଼ ଟ୍ରାଫିକ ଛକରେ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଉଛି।

## ଓଡ଼ିଶା ଉଠା ଜଳସେଚନ ନିଗମ

(ଓଡ଼ିଶା ସରକାରଙ୍କ ଏକ ସଂସ୍ଥା)

ଏନ୍-୧୭/୨, ନୂଆପଲ୍ଲୀ, ଭୁବନେଶ୍ୱର-୧୨, website: www.odishalift.co.in

### ବିଜୁ କୃଷକ ବିକାଶ ଯୋଜନା ଅନ୍ତର୍ଗତ ୨୦୨୧-୨୦୨୨ ଆର୍ଥିକବର୍ଷ ପାଇଁ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ ନିମନ୍ତେ Online ଦରଖାସ୍ତ ଆହ୍ୱାନ

No. CAD-814:- ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ, ଉଠା ଜଳସେଚନ ନିଗମ ଜରିଆରେ ରାଜ୍ୟର ସମସ୍ତ ଜିଲ୍ଲା ମାନଙ୍କରେ ଯେଉଁଠି କେନାଲ ଜଳସେଚନର ସୁବିଧା ପହଞ୍ଚି ପାରୁନାହିଁ ସେଠାରେ ଭୂତଳ ଓ ଭୂପୃଷ୍ଠ ଜଳକୁ ଚାଷ କାର୍ଯ୍ୟରେ ସୁବିନିଯୋଗ କରିବା ନିମନ୍ତେ ବିଜୁ କୃଷକ ବିକାଶ ଯୋଜନା (BKVY) ମାଧ୍ୟମରେ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ (Community Lift Irrigation Project) ସ୍ଥାପନ ଦ୍ୱାରା ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଉଅଛି। ରାଜ୍ୟ ସରକାରଙ୍କ ପାଣି ପଞ୍ଚାୟତ ଅଧିନିୟମ (Act) ୨୦୦୨ ଓ ନିୟମ (Rule) ୨୦୦୩ ଅନୁସାରେ ଏହି ପ୍ରକଳ୍ପଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରକଳ୍ପର ହିତାଧିକାରୀମାନଙ୍କ ଦ୍ୱାରା ଗଠିତ ହୋଇଥିବା ପାଣି ପଞ୍ଚାୟତମାନଙ୍କୁ ନ୍ୟସ୍ତ କରାଯାଇଥାଏ । ଅଦ୍ୟାବଧି ରାଜ୍ୟରେ ପ୍ରାୟ 30,316 ଗୋଟି ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପର ପାଣି ପଞ୍ଚାୟତ ଗଠନ କରାଯାଇଅଛି ଓ 28,117 ଗୋଟି ପ୍ରକଳ୍ପକୁ ପାଣି ପଞ୍ଚାୟତମାନଙ୍କୁ ହସ୍ତାନ୍ତର କରାଯାଇ ଉଭୟ ଖରିଫ ଓ ରବି ଚାଷ ପାଇଁ ଜଳସେଚନର ବ୍ୟବସ୍ଥା କରାଯାଇଅଛି ।

- ଭୂପୃଷ୍ଠ ଜଳ ଯଥା ନଦୀ, ନାଳ ଇତ୍ୟାଦିର ପ୍ରବାହ ଯେଉଁ ଅଞ୍ଚଳରେ ରହିଛି ସେଠାରେ ଗୋଷ୍ଠୀ ଉଠା ଜଳସେଚନ ନଦୀ ପ୍ରକଳ୍ପ (River Lift) ସ୍ଥାପନ କରାଯାଇ ପ୍ରତ୍ୟେକ ପ୍ରକଳ୍ପ ଦ୍ୱାରା ଅନ୍ୟୁନ ୨୦ରୁ ୪୦ ହେକ୍ଟର ଅଣ ଜଳସେଚିତ ଚାଷଜମିକୁ ଜଳସେଚନର ବ୍ୟବସ୍ଥା କରାଯାଉଅଛି ।
- ଭୂତଳ ଜଳସ୍ତର ପର୍ଯ୍ୟାପ୍ତ ପରିମାଣରେ ମହଜୁଦ ଥିବା ଅଞ୍ଚଳରେ (କୋରେଇ, ବାହାନଗା, ବାଲିଆପାଳ ବ୍ଲକ ବ୍ୟତୀତ) ଗୋଷ୍ଠୀ ଉଠା ଜଳସେଚନ Tube Well ପ୍ରକଳ୍ପ ସ୍ଥାପନ କରାଯାଇ ପ୍ରତ୍ୟେକ ପ୍ରକଳ୍ପ ଦ୍ୱାରା ଅନ୍ୟୁନ ୧୨ରୁ ୨୦ ହେକ୍ଟର ଅଣ ଜଳସେଚିତ ଚାଷଜମିକୁ ଜଳସେଚନର ବ୍ୟବସ୍ଥା କରାଯାଇପାରୁଛି ।
- ଏହି ପ୍ରକଳ୍ପ ସ୍ଥାପନ ନିମନ୍ତେ ୭ ଜଣରୁ ଅଧିକ ହିତାଧିକାରୀ ରହିବା ଆବଶ୍ୟକ ଓ ସରକାରଙ୍କ ନିୟମ ଅନୁସାରେ ପାଣି ପଞ୍ଚାୟତ ପଞ୍ଜୀକୃତ କରି ପ୍ରକଳ୍ପର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବା ପାଇଁ ସହମତି ପ୍ରକାଶ କରିବା ଜରୁରୀ ଅଟେ ।
- ଏହି ପ୍ରକଳ୍ପଗୁଡ଼ିକର ଆନୁମାନିକ ଅଟକଳ ମୂଲ୍ୟ ୧୮ ଲକ୍ଷରୁ ୬୦ ଲକ୍ଷ ଟଙ୍କା ଅଟେ ।

ଆସନ୍ତା ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ବିଜୁ କୃଷକ ବିକାଶ ଯୋଜନା ଅଧୀନରେ ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ ସ୍ଥାପନ ନିମନ୍ତେ ଆବେଦନ କରିବା ପାଇଁ ଉଠା ଜଳସେଚନ ନିଗମ ଦ୍ୱାରା ଏକ online portalର ଶୁଭାରମ୍ଭ କରାଯାଇଅଛି। ଚାଷୀ ଭାଇମାନେ ଏକତ୍ରିତ ହୋଇ ନିଜ ଘରେ ବସି mobile phone ଦ୍ୱାରା, ଗ୍ରାମରେ ଥିବା ଜନ ସହାୟତା କେନ୍ଦ୍ର, ଗ୍ରାମ ପଞ୍ଚାୟତ ଅଫିସ କିମ୍ବା ଯେକୌଣସି cyber cafeକୁ ଯାଇ ପ୍ରକଳ୍ପ ସ୍ଥାପନ ନିମନ୍ତେ ନିଗମର website: www.odishalift.co.inରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ online ରେ ପୂରଣ କରି ପ୍ରକଳ୍ପ ସ୍ଥାପନ ପାଇଁ ପଞ୍ଜୀକୃତ କରିପାରିବେ

ଏହି online ଦରଖାସ୍ତ ଦାଖଲ କରିବା ପ୍ରକ୍ରିୟା ଆସନ୍ତା ତା୦୧.୧୨.୨୦୨୦ରିଖଠାରୁ ତା୧୫.୦୧.୨୦୨୧ ପର୍ଯ୍ୟନ୍ତ ଖୋଲା ରହିବ । ଚାଷୀ ଭାଇମାନେ ଏହି ଯୋଜନାର ପର୍ଯ୍ୟାପ୍ତ ସୁଯୋଗ ନେବାକୁ ଆହ୍ୱାନ କରାଯାଉଅଛି ।

OIPR-32135/11/0018/2021

ସ୍ୱା./- ପରିଚାଳନା ନିର୍ଦ୍ଦେଶକ

# ‘ସୀମା ସୁରକ୍ଷା ପାଇଁ ସରକାର ଚେଷ୍ଟିତ’

**ଭୁବନେଶ୍ୱର,୨୫।୧୧(ବ୍ୟୁରୋ)** ପଡ଼ୋଶୀମାନଙ୍କ ସହ ଓଡ଼ିଶାର ସୀମା ବିବାଦ ପ୍ରସଙ୍ଗକୁ ନେଇ ବୁଧବାର ବିଧାନସଭାରେ ସରଗରମ ପରିସ୍ଥିତି ସୃଷ୍ଟି ହୋଇଛି। ସୀମା ବିବାଦର ସ୍ଥାୟୀ ସମାଧାନ ପାଇଁ ସରକାର ଆନ୍ତରିକତା ଦେଖାଉ ନ ଥିବା ବିରୋଧୀ ଅଭିଯୋଗ କରିଥିବା ବେଳେ ବିବାଦ ସମାଧାନ ପାଇଁ ଲଗାତର ଆଲୋଚନା ଚାଲିଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି କହିଛନ୍ତି। ପଡ଼ୋଶୀ ରାଜ୍ୟଗୁଡ଼ିକ ସହ ସୀମାବିବାଦ ପ୍ରସଙ୍ଗରେ ବୁଧବାର ବିରୋଧୀ ଗୃହରେ ମୁଲତବୀ ପ୍ରସ୍ତାବ ଆଗତ କରିଥିବାବେଳେ ମନ୍ତ୍ରୀ ଏହା ଉପରେ ଉତ୍ତର ରଖିଛନ୍ତି। କୋରାପୁଟ ଜିଲା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ୨୧ଟି ଗାଁକୁ ନେଇ ବିବାଦ ରହିଛି। ଏହା ଆପାତତଃ ସମାଧାନ ହୋଇଯାଇଛି। ପଶ୍ଚିମବଙ୍ଗ ସହ ବାଲେଶ୍ୱରର ୯ଟି ରାଜସ୍ୱ ଗ୍ରାମକୁ ନେଇ ବିବାଦ ରହିଛି। ଓଡ଼ିଶା ସୀମାରେ ପଶ୍ଚିମବଙ୍ଗର ବେଆଇନ ବାଲି ଉଠାଣକୁ ଏନ୍‌ଜିଟିର ହସ୍ତକ୍ଷେପ ଦ୍ୱାରା ରୋକାଯାଇଛି। ଝାଡ଼ଖଣ୍ଡ, ଛତିଶଗଡ଼ ଓ ପଶ୍ଚିମବଙ୍ଗ ସହ ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର ଓ ନୂଆପଡ଼ା ଜିଲାରେ ସାମାନ୍ୟ ସୀମା ବିବାଦ ରହିଛି। ଗଜପତି ଓ ଗଞ୍ଜାମ ଜିଲାର କିଛି ଗ୍ରାମରେ ଆନ୍ଧ୍ରପ୍ରଦେଶ ସହ ସୀମା ବିବାଦ ରହିଛି। ଜିଲାପାଳ ଓ ଆର୍‌ଡିସିଙ୍କ ତତ୍ତ୍ୱାବଧାନରେ ବିବାଦ ସମାଧାନ ପାଇଁ ଉଦ୍ୟମ ଚାଲିଛି। ସୁବର୍ଣ୍ଣରେଖା ନଦୀ କୂଳବର୍ତ୍ତୀ ଗ୍ରାମଗୁଡ଼ିକର ସୀମା ଚିହ୍ନଟ ପାଇଁ ଗତ ମାର୍ଚ୍ଚ ୧୩ରେ ରାଜ୍ୟ ସରକାର ଏକ ସର୍ଭେ ଟିମ୍ ଗଠନ କରି ଖୁବ୍‌ଶୀଘ୍ର ସୀମା ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଅଧିକାରୀମାନେ ଲଗାତର ଘଟଣାର ତଦାରଖ କରୁଛନ୍ତି। ୨୦୧୯ ନଭେମ୍ବରରେ ସୀମା ବିବାଦକୁ ନେଇ ଗୃହ କମିଟି ବସିଥିଲା। ଉକ୍ତ କମିଟିର ପରାମର୍ଶକ୍ରମେ ସମସ୍ତ ପଦକ୍ଷେପ ନିଆଯାଇଛି। କୋଟିଆରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ଏବେସୁଦ୍ଧା ୧,୬୨୭ ଆଧାର କାର୍ଡ ପ୍ରଦାନ କରାଯାଇଛି। ୨୧୭୦ ଆଦିବାସୀଙ୍କୁ ପଟ୍ଟା ବଣ୍ଟନ କରାଯାଇଛି। ସୀମାରେ ରହୁଥିବା ସମସ୍ତ ଅଧିବାସୀ କିଭଳି ସୁରକ୍ଷିତ ରହିବେ ଓ ଉନ୍ନତିମୂଳକ କାର୍ଯ୍ୟ କିଭଳି ବଳବତ୍ତର ରହିବ, ସେନେଇ ସରକାର ସଚେତନ ଅଛନ୍ତି ବୋଲି ମନ୍ତ୍ରୀ କହିଥିଲେ।

### ଗୃହରେ ଉଠିଲା ସୀମା ବିବାଦ ପ୍ରସଙ୍ଗ
### ୫୦ବର୍ଷରେ ୧% ବିବାଦର ସମାଧାନ ହୋଇନି: ଭାଜପା

ମୁଲତବୀ ପ୍ରସ୍ତାବ ଆଗତ କରି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଥିଲେ, ଗତ ୫୦ବର୍ଷରେ ରାଜ୍ୟରେ ୧% ସୀମା ବିବାଦର ସମାଧାନ ହୋଇପାରିନି। ସୀମା ବିବାଦକୁ ସରକାର ଗୁରୁତର ସହ ନେଉନାହାନ୍ତି। ବିଚ୍ଛିନ୍ନାଞ୍ଚଳବାସୀଙ୍କ ପାଇଁ ଓଡ଼ିଶା ସରକାର କିଛି କରିନାହାନ୍ତି। ସୀମାରେ ଆନ୍ଧ୍ରପ୍ରଦେଶର ଦାଦାଗିରି ଦିନକୁ ଦିନ ବଢୁଛି। ଉଭୟ ରାଜ୍ୟର ସରକାରଙ୍କ ଦ୍ୱାରା ସୀମା ବିବାଦକୁ ନେଇ ଯୁଗ୍ମ ତଦନ୍ତ କରାଯାଇଛି। ହେଲେ ତଦନ୍ତ ରିପୋର୍ଟକୁ ଗୃହରେ ଉପସ୍ଥାପନା କରାଯାଉନାହିଁ। ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଓ ଆନ୍ଧ୍ରପ୍ରଦେଶ ସହ ରାଜ୍ୟର ୧୪ଟି ଜିଲାର ୯୬ଟି ଗ୍ରାମକୁ ନେଇ ଏବେ ସୀମା ବିବାଦ ଲାଗି ରହିଛି। ମୁଖ୍ୟମନ୍ତ୍ରୀ ଏହାର ସ୍ଥାୟୀ ସମାଧାନ ପାଇଁ ପଡ଼ୋଶୀ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରନ୍ତୁ। ଆବଶ୍ୟକ ପଡ଼ିଲେ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରନ୍ତୁ ବୋଲି ମାଝି କହିଥିଲେ। ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ସୀମା ବିବାଦ ଚରମ ସୀମାରେ ପହଞ୍ଚିଥିବା ଅଭିଯୋଗ ଆଣିଥିଲେ। ଓଡ଼ିଶା ଧୀରେ ଧୀରେ ସଙ୍କୁଚିତ ହେବାକୁ ଲାଗିଛି। ଓଡ଼ିଶା ସରକାରଙ୍କ ତରଫରୁ ଠୋସ୍ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ପଡ଼ୋଶୀଙ୍କ ଦାଦାଗିରି ବଢୁଛି। ଏଭଳି ସ୍ୱର୍ଣ୍ଣକାତର ଘଟଣାରେ ସରକାର ଚୁପ୍ ନ ରହି ସର୍ବଦଳୀୟ କମିଟି ଗଠନ କରି ସୀମା ବିବାଦର ସମାଧାନ କରିବାକୁ ବିଷ୍ଣୁ ଦାବି କରିଥିଲେ। ଭାଜପା ବିଧାୟକ କେ. ନାରାୟଣ ରାଓ ଘଟଣାର ସ୍ଥାୟୀ ସମାଧାନ ପାଇଁ ଦାବି କରିଥିଲେ। ସୀମା ବିବାଦ ସମାଧାନ କରିବାକୁ ଗଠନ ହୋଇଥିବା ବିଧାନସଭା ଗୃହ କମିଟିର ବୈଠକ ଗତ ୩ବର୍ଷ ହେଲା ବସିନି। ଗୃହ କମିଟି ମାଧ୍ୟମରେ ତୁରନ୍ତ ସୀମା ବିବାଦର ସମାଧାନ କରିବାକୁ ସେ କହିଥିଲେ। ସୀମାନ୍ତବର୍ତ୍ତୀ ଜିଲା ଗ୍ରାମଗୁଡ଼ିକ ସହ ସରକାର ଯୋଗାଯୋଗ ରକ୍ଷା କରିବାକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଥିଲେ। ପ୍ରତିବର୍ଷ ଗୃହ କମିଟି ସଦସ୍ୟମାନେ ସୀମାନ୍ତରେ ଥିବା ୧୪ଟି ଜିଲାକୁ ବରାବର ଗସ୍ତ କରିବା ସହ ରିପୋର୍ଟ ଗୃହରେ ଉପସ୍ଥାପନ କରିବାକୁ ସେ କହିଥିଲେ।

ବିରୋଧୀ ଦଳ ନେତା ନରସିଂହ ମିଶ୍ର ଆଲୋଚନାରେ ଅଂଶଗ୍ରହଣ କରି ଷଢ଼େଇକଳା ଓ ଖରସୁଆଁ ପ୍ରସଙ୍ଗ ଉଠାଇଥିଲେ। ଷଢ଼େଇକଳା ଓ ଖରସୁଆଁ ଓଡ଼ିଶାର ଅଂଶ ହୋଇଥିଲେ ବି ସରକାର ଉଭୟ ଅଞ୍ଚଳକୁ ଅନ୍ୟ ରାଜ୍ୟ ହାତରେ ଟେକି ଦେଇଛନ୍ତି। କେବଳ ଷଢ଼େଇକଳା ଓ ଖରସୁଆଁ ନୁହେଁ, ଓଡ଼ିଶାର ଯେଉଁ ଅଞ୍ଚଳକୁ ପଡ଼ୋଶୀ ରାଜ୍ୟମାନେ ଜବରଦଖଲ କରିନେଇଛନ୍ତି ସରକାର ତାକୁ ଫେରାଇ ଆଣିବାର ଉଦ୍ୟମ ମଧ୍ୟ କରୁନାହାନ୍ତି ବୋଲି ସେ କହିଥିଲେ। ଦୃଷ୍ଟି ଆକର୍ଷଣ ମାଧ୍ୟମରେ ବିଜେଡି ବିଧାୟକ କିଶୋର ମହାନ୍ତି ସୀମାବର୍ତ୍ତୀ ଜିଲାଗୁଡ଼ିକରେ ଜିଲାପାଳଭାବେ ଓଡ଼ିଆ ଆଇଏଏସ୍ ଅଫିସରମାନଙ୍କୁ ନିଯୁକ୍ତି ଦେବାକୁ କହିଥିଲେ। ବିଧାନସଭା ଗୃହ କମିଟିକୁ ଠିକ୍‌ଭାବେ କାର୍ଯ୍ୟକ୍ଷମ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିଭଳି ବିଜେଡି ବିଧାୟକ ଅଶ୍ୱିନୀ କୁମାର ପାତ୍ର, ପ୍ରୀତମ ପାଢ଼ୀ, ଦେବେଶ ଆଚାର୍ଯ୍ୟ ପ୍ରମୁଖ ନିଜ ନିଜ ଅଞ୍ଚଳରେ ସୀମା ବିବାଦ ସମାଧାନ ପାଇଁ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ।

# ତଦନ୍ତ ନିର୍ଦ୍ଦେଶ ଦେଲେ ଏସ୍‌ପି

**ପାଟଣା,୨୫।୧୧(ସ୍ୱ. ପ୍ର.):** ରାଜ୍ୟର କେତେକ ଥାନାରେ ପୋଲିସର ଥାର୍ଡଡିଗ୍ରୀକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ କେନ୍ଦୁଝର ଜିଲା ପାଟଣା ଥାନାରେ ଜଣେ ନାବାଳକଙ୍କୁ ଦୁଇ ପୋଲିସ ଅଧିକାରୀ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଜିଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ମିତ୍ରଭାନୁ ମହାପାତ୍ର ଘଟଣାର ତଦନ୍ତ କରି ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ ଘଟଗାଁ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ଡିପିଓ ମଲ୍ଲିକ ପାଟଣା ଥାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗର ଦିନକ ପରେ ପୋଲିସ ମାଡ଼ ମାରିଥିବା ଘଟଣାକୁ ସମ୍ପୃକ୍ତ ନାବାଳକ ଅସ୍ୱୀକାର କରଛନ୍ତି। ପୋଲିସ ମାଡ଼ରେ ନୁହେଁ ସ୍କୁଟିରୁ ପଡ଼ି ତାଙ୍କ ଗୋଡ଼ ଭାଙ୍ଗି ଯାଇଥିବା ଗଣମାଧ୍ୟମ ଆଗରେ କହିଛନ୍ତି। ଏଥିନେଇ ଏହି ଘଟଣା ଏବେ ଭିନ୍ନମୋଡ଼ ନେଇଛି।

### ଥାନାରେ ଥାର୍ଡ ଡିଗ୍ରୀ ଅଭିଯୋଗ
### ମତ ବଦଳାଇଲେ ନାବାଳକ

ସୂଚନା ଅନୁଯାୟୀ, ପାଟଣା ଥାନା କାମେଶ୍ୱରପୁର ଗ୍ରାମ ବାଉଁଶଡ଼ିହା ସାହିରେ ଗତ ୧୭ ତାରିଖ ରାତିରେ ଦୁଇ ଜଣଙ୍କ ଘରୁ ୩ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଲୁଟ୍‌ପାଟ କରିଥିଲେ। ଏହି ଘଟଣାରେ ସମ୍ପୃକ୍ତ ନାବାଳକଙ୍କୁ ପାଟଣା ପୋଲିସ ଥାନାକୁ ଡ଼ାକି ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଏସ୍‌ପି ମହାପାତ୍ରଙ୍କୁ ପଚାରିବାରୁ ଏସ୍‌ଡିପିଓ ତଦନ୍ତ ରିପୋର୍ଟ ଦେବାପରେ ଯାହାକିଛି କହିହେବ ବୋଲି କହିଛନ୍ତି। ତଦନ୍ତ ଅଧିକାରୀ ଏସ୍‌ଡିପିଓ ମଲ୍ଲିକଙ୍କୁ ପଚାରିବାରୁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ଜାରି ରହିଛି। ସମ୍ପୃକ୍ତ ନାବାଳକଙ୍କୁ ଉକ୍ତ ଦିନ ଥାନାକୁ ଡକା ଯାଇଥିବା ଜଣା ପଡ଼ିଛି। ସିସିଟିଭି ଫୁଟେଜ ଓ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଅବସ୍ଥାକୁ ନେଇ ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

# ଆଜିଠାରୁ ଆଲୋଚନା ପାଇଁ ଧାର୍ଯ୍ୟ ହେବ ସମୟ

**ଭୁବନେଶ୍ୱର,୨୫।୧୧(ବ୍ୟୁରୋ):** ବିଧାନସଭାରେ ବୁଧବାର ବିରୋଧୀ ଆଣିଥିବା ମୁଲତବୀ ପ୍ରସ୍ତାବ ଆଲୋଚନା ବେଳେ ଅଧାରୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗୃହ ଛାଡ଼ିଥିଲେ। ସୀମା ବିବାଦ ପ୍ରସଙ୍ଗରେ ଆସିଥିବା ମୁଲତବୀ ପ୍ରସ୍ତାବରେ ପ୍ରଥମେ ବିରୋଧୀ ଦଳ ଭାଜପାର ସଦସ୍ୟମାନେ କହିଥିଲେ। ତେବେ ୯୦ମିନିଟ ସମୟରୁ ଭାଜପାର ୪ଜଣ ସଦସ୍ୟ ୫୦ମିନିଟ୍ କହିଥିବାବେଳେ କଂଗ୍ରେସ ସଦସ୍ୟଙ୍କୁ ୩୦ ମିନିଟ୍ ଦେବାକୁ ନରସିଂହ ମିଶ୍ର ସର୍ତ୍ତରଖି ଆଲୋଚନା ଆରମ୍ଭ କରିଥିଲେ। ହେଲେ ୧୬ ମିନିଟ୍ କହିବା ପରେ ବାଚସ୍ପତି ତାଙ୍କୁ ବକ୍ତବ୍ୟ ଶେଷ କରିବାକୁ କହିଥିଲେ। ବଳକା ମାତ୍ର ୨୪ମିନିଟରେ କଂଗ୍ରେସର ୨ ଏବଂ ଦୃଷ୍ଟି ଆକର୍ଷଣ ନୋଟିସ୍ ଆଣିଥିବା ବିଜେଡିର ୩ଜଣ ସଦସ୍ୟଙ୍କୁ ମିଶାଇ ମନ୍ତ୍ରୀ ଉତ୍ତର ଦେବା ସମ୍ଭବ ନୁହେଁ ବୋଲି ବାଚସ୍ପତି କହିବାରୁ ନରସିଂହ ଏଥିରେ ଅସନ୍ତୋଷ ପ୍ରକାଶ କରି ଗୃହ ଛାଡ଼ିଥିଲେ। ତାଙ୍କସହ କଂଗ୍ରେସର ଅନ୍ୟ ସଦସ୍ୟ ମଧ୍ୟ ଗୃହ ଛାଡ଼ି ପଳାଇଥିଲେ। ପରେ ନରସିଂହଙ୍କୁ ବୁଝାଇ ଗୃହକୁ ଫେରାଇ ଆଣିବାକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ ସିଂ ଆରୁଖ ଯାଇଥିଲେ ମଧ୍ୟ ସେ ଆସି ନ ଥିଲେ। ଗୁରୁବାରଠାରୁ ମୁଲତବୀ ପ୍ରସ୍ତାବ ଆଲୋଚନାବେଳେ ଦଳଗୁଡ଼ିକ ମଧ୍ୟରେ ସମୟ ଧାର୍ଯ୍ୟ ହେବ ବୋଲି ବାଚସ୍ପତି କହିଥିଲେ।

### ଗୃହ ଛାଡ଼ିଲେ ନରସିଂହ

# ଅହମ୍ମଦ ପଟେଲଙ୍କୁ ପିସିସିର ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୨୫।୧୧(ବ୍ୟୁରୋ):** ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର କୋଷାଧ୍ୟକ୍ଷ ତଥା ବରିଷ୍ଠ କଂଗ୍ରେସ ନେତା ଅହମ୍ମଦ ପଟେଲଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଛି। ଏହି ଦିଂବଗତ ନେତାଙ୍କ ସ୍ମୃତିରେ ୩ଦିନ ଲାଗି ସମସ୍ତ ଜିଲା କଂଗ୍ରେସ କାର୍ଯ୍ୟାଳୟର ଦଳୀୟ ପତାକାକୁ ୩ଦିନ ଲାଗି ଅର୍ଦ୍ଧନମିତ କରାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ମୃତିସଭାରେ ବହୁ କାର୍ଯ୍ୟକର୍ତ୍ତା ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଅହମ୍ମଦ ପଟେଲ ଦୀର୍ଘ ୪୦ ବର୍ଷ ଧରି ଦଳକୁ ଦିଗ୍‌ଦର୍ଶନ ଦେଇ ଆସୁଥିଲେ। ସମସ୍ୟା ସମାଧାନରେ ସେ ପାରଙ୍ଗମ ଥିଲେ। ତାଙ୍କ ମୃତ୍ୟୁ ଦଳ ପାଇଁ ଅପୂରଣୀୟ କ୍ଷତି ବୋଲି ପିସିସି ସଭାପତି କହିଛନ୍ତି।

ଧରିତ୍ରୀର ଜନ୍ମବାର୍ଷିକୀ ଉପଲକ୍ଷେ ଆନ୍ତରିକ ଅଭିନନ୍ଦନ। ଏ ଅବସରରେ ପାଙ୍ଗିଡି ଗ୍ରାମ ପଞ୍ଚାୟତର ସମସ୍ତ ପ୍ରିୟ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।
ଶ୍ରୀ ସୁଶାନ୍ତ କୁମାର ଆପଟ୍ଟ
ସରପଞ୍ଚ
ପାଙ୍ଗିଡି ଗ୍ରାମପଞ୍ଚାୟତ (ବୁଗୁଡା ବ୍ଲକ)

ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବରେ ଆନ୍ତରିକ ଶୁଭେଚ୍ଛା। ଧରିତ୍ରୀ ଏକ ଲୋକପ୍ରିୟ ଦୈନିକ ଖବରକାଗଜ। ଏହାର ଉତ୍ତରୋତ୍ତର ଉନ୍ନତି ଆମର କାର୍ଯ୍ୟ। ଗଛ ଲଗାଅ – ଦେଶ ବଞ୍ଚାଅ।
ଶ୍ରୀ ବି. ଗୋପାଳ ପାତ୍ର
ପ୍ରକୃତି ମିତ୍ର ପୁରସ୍କାରପ୍ରାପ୍ତ ତଥା ସୁନାମଧନ୍ୟ କ୍ରୀଡ଼ା ଶିକ୍ଷକ (ବୁଗୁଡା)

ଧରିତ୍ରୀ ଖବରକାଗଜର ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ଆନ୍ତରିକ ଅଭିନନ୍ଦନ। ପୋଲସରା ବିଧାନ ସଭା ନିର୍ବାଚନ ମଣ୍ଡଳୀର ମୋର ସୁଖ ଦୁଃଖର ସାଥୀ ପ୍ରିୟ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।
ଶ୍ରୀ ପ୍ରଭାକର ପଣ୍ଡା
(ଯୁବ ସମାଜସେବୀ) ଉପସଭାପତି
ଘୁମୁସର ଜିଲ୍ଲା ଭାଜପା
ଗଞ୍ଜାମ, ପୋଲସରା

ଧରିତ୍ରୀର ସ୍ୱନକ୍ଷତ୍ର ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ। ଏ ଅବସରରେ ଖୋଳଖାଳି ଗ୍ରାମପଞ୍ଚାୟତର ପ୍ରିୟ ଭାଇ, ଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା।
ସୂର୍ଯ୍ୟମଣି ଗୌଡ଼ା
ସରପଞ୍ଚ
ଖୋଳଖାଳି ଗ୍ରାମପଞ୍ଚାୟତ (ବୁଗୁଡା ବ୍ଲକ)

ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ। ପୋଗଲୁଣ୍ଡି ଗ୍ରାମପଞ୍ଚାୟତର ସର୍ବସାଧାରଣଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା।
ଶ୍ରୀ ବିଜୁଳି ଜେନା
ସରପଞ୍ଚ
ପୋଗଲୁଣ୍ଡି ଗ୍ରାମପଞ୍ଚାୟତ (ବୁଗୁଡା ବ୍ଲକ)

ଧରିତ୍ରୀ ଖବରକାଗଜର ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା। ଗୋଲିଆ ଗ୍ରାମପଞ୍ଚାୟତର ସମସ୍ତ ପ୍ରିୟ ଜନସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ।
ଶ୍ରୀମତୀ ମନୋରମା ପ୍ରଧାନ
ସରପଞ୍ଚ
ଗୋଲିଆ ଗ୍ରାମପଞ୍ଚାୟତ (ବୁଗୁଡ଼ା ବ୍ଲକ)

ଧରିତ୍ରୀର ଜନ୍ମବାର୍ଷିକୀ ଉପଲକ୍ଷେ ଅଭିନନ୍ଦନ। ଏହାର ଚଲାପଥ କୁସୁମିତ ହେଉ। ଆସ ପଢିବା, ଦେଶ ଗଢିବା।
ଶ୍ରୀ ଦେବହରି ଚୌଧୁରୀ
ପ୍ରଧାନ ଶିକ୍ଷକ, ତାକରଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ (ବୁଗୁଡା)

Good Wishes to the Birth Anniversary of Dharitri Oriya Daily
SOVANIYA PUBLIC SCHOOL
Admission Started from
Nursery to Class VIII (2021-22)
Online classes Successfully running
Sri U. Aurobinda Patro, M.D.
SOVANIYA PUBLIC SCHOOL
Motabadi Road (Buguda)

ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ପାଳନ ଅବସରରେ ଅଭିନନ୍ଦନ। କରଚୁଲି ଗ୍ରାମପଞ୍ଚାୟତର ସର୍ବସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।
ଶ୍ରୀ ଧୋବା ପ୍ରଧାନ
ସରପଞ୍ଚ
କରଚୁଲି ଗ୍ରାମପଞ୍ଚାୟତ (ବୁଗୁଡା ବ୍ଲକ)

ଧରିତ୍ରୀ ଖବରକାଗଜର ଜନବାର୍ଷିକୀ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ। ଏ ଅବସରରେ ବୁଗୁଡା ବ୍ଲକର ସମସ୍ତ ଜନସାଧାରଣଙ୍କୁ ଜି.ଆର.ଏସ୍. ସଂଘ ତରଫରୁ ଆନ୍ତରିକ ଶୁଭେଚ୍ଛା।
ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ
ସଭାପତି
ବୁଗୁଡା ବ୍ଲକ ଗ୍ରାମ ରୋଜଗାର ସେବକ ସଂଘ (ବୁଗୁଡା)

ଧରିତ୍ରୀର ଜନ୍ମବାର୍ଷିକୀ ଉପଲକ୍ଷେ ଆନ୍ତରିକ ଶୁଭେଚ୍ଛା। ଏ ଅବସରରେ ବୁଗୁଡ଼ା ବ୍ଲକ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
ଶ୍ରୀ ବିକ୍ରମାଦିତ୍ୟ ଆରୁଖ
ବୁଗୁଡା ବ୍ଲକ ବିଜେଡି ଉପସଭାପତି
ଗୋଳାବନ୍ଧ ସେବା ସମବାୟ ସମିତି ସଭାପତି (ବୁଗୁଡା)

ଧରିତ୍ରୀ ଖବରକାଗଜର ଜନ୍ମବାର୍ଷିକୀ ଉପଲକ୍ଷେ ଆନ୍ତରିକ ଅଭିନନ୍ଦନ। ଏ ଅବସରରେ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରିୟ ଭାଇ, ଭଉଣୀ, ଗୁରୁଜନମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା।
କୃଷ୍ଣଚନ୍ଦ୍ର ମହାପାତ୍ର (ରିଙ୍କୁ)
ଜିଲ୍ଲା ଭାଜପା ଯୁବମୋର୍ଚ୍ଚା ସଂପାଦକ
ଘୁମୁସର ଜିଲ୍ଲା

ଓଁ ଜୟ ସଦ୍‌ଗୁରୁ
ଧରିତ୍ରୀ ଖବରକାଗଜର ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା। ଏହାର ଚଲାପଥ କୁସୁମିତ ହେଉ। ମାନବ ସେବା ହିଁ ମାଧବ ସେବା
ଶ୍ରୀ ସନ୍ତୋଷ କୁମାର ବିଶ୍ୱାଳ
ସଭ୍ୟ ଓ ସମାଜସେବୀ
ଦିବ୍ୟଦର୍ଶନ ଜରାଶ୍ରମ, ବରଣ ତୋଟା (କତକଲା) ଆଦିପୁର
କାଳଷଣ୍ଡପୁର (ଆସିକା)

ଧରିତ୍ରୀ ଖବରକାଗଜର ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା। ବୁଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣଙ୍କୁ ଏ ଅବସରରେ ମୋର ଆନ୍ତରିକ ଅଭିନନ୍ଦନ।
ଶ୍ରୀ କେ. ତ୍ରିଲୋଚନ ଦୋରା
ବିଧାୟକ ପ୍ରତିନିଧି
ବୁଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ (ବୁଗୁଡା)

ଦୈନିକ ଖବରକାଗଜ ଧରିତ୍ରୀ ରାଜ୍ୟର ଏକ ପ୍ରମୁଖ ଛାପା ଗଣ ମାଧ୍ୟମ ଆଜି ୪୭ଟି ସଫଳ ବର୍ଷକୁ ଛୁଇଁଛି। ଏ ଅବସରରେ ଆମେ ଏହି ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଏବଂ ଏହି ଖବର କାଗଜର ପୃଷ୍ଠପୋଷକତା କରି ଆସୁଥିବା ଅଗଣିତ ପାଠକ ବନ୍ଧୁମାନଙ୍କ ସମେତ ଆମ ସହରର ସମସ୍ତ ଧରିତ୍ରୀ ପ୍ରେମୀ ଏବଂ ପ୍ରିୟ ସମସ୍ତ ଜନସାଧାରଣଙ୍କୁ ଅଜସ୍ର ଶୁଭକାମନା ଏବଂ ଆନ୍ତରିକ ଅଭିନନ୍ଦନ ଜଣାଉଛୁ। ପ୍ରଭୁ ଶ୍ରୀଜଗନ୍ନାଥ ସମସ୍ତଙ୍କୁ ଖୁବ୍ ଶୀଘ୍ର କରୋନା ମହାମାରୀରୁ ରକ୍ଷା କରନ୍ତୁ। ଧନ୍ୟବାଦ।
ଶ୍ରୀ ଇଂ ସୁବ୍ରତ ପଟ୍ଟନାୟକ
ପ୍ରାକ୍ତନ ଉପନଗରପାଳ
ବୁଗୁଡ଼ା ଏନ୍.ଏ.ସି.
ଶ୍ରୀମତୀ ସସ୍ମିତା ପଟ୍ଟନାୟକ
ପ୍ରାକ୍ତନ ନଗରପାଳ
ବୁଗୁଡ଼ା ଏନ୍.ଏ.ସି.

ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ଅଭିନନ୍ଦନ। ବୁଗୁଡା ଏନ୍‌ଏସିର ସର୍ବସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା।
ଶ୍ରୀ କେଦାରନାଥ ମହାରଣା
ସାଧାରଣ ସମ୍ପାଦକ
ଘୁମୁସର ଜିଲ୍ଲା ଭାଜପା ଯୁବମୋର୍ଚ୍ଚା (ବୁଗୁଡା)

ଧରିତ୍ରୀ ଖବରକାଗଜର ଜନ୍ମବାର୍ଷିକୀ ଉପଲକ୍ଷେ ଆନ୍ତରିକ ଶୁଭେଚ୍ଛା। ଏ ଅବସରରେ ପୋଲସରା ବିଧାନ ସଭା ନିର୍ବାଚନ ମଣ୍ଡଳୀର ସମସ୍ତ ପ୍ରିୟ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ।
ଶ୍ରୀ ଗୋକୁଳାନନ୍ଦ ମଳିକ
ଘୁମୁସର ଜିଲ୍ଲା ଭାଜପା ସଭାପତି ବୁଗୁଡା ବ୍ଲକ ପୂର୍ବତନ ଅଧ୍ୟକ୍ଷ (ବୁଗୁଡା)

ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଉତ୍ସବ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା। ଏ ଅବସରରେ ବୁଗୁଡା ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଆନ୍ତରିକ ଅଭିନନ୍ଦନ।
ଶ୍ରୀ କାର୍ତ୍ତିକ କୁମାର ମଙ୍ଗାଳ
ଭାଜପା ଯୁବମୋର୍ଚ୍ଚା ସଭାପତି
ମାଣିତରା ମଣ୍ଡଳ (ବୁଗୁଡ଼ା)

## କବିତା

### ଦୋଷ କେବଳ ବାଟର

ଇଂ. ସରୋଜ ମହାପାତ୍ର

ଆଗେ ବର୍ଷା ହେଲେ
ବଢ଼ି ହେଉଥିଲା ଗାଁରେ
ଏବେ ସହରରେ
ବେଙ୍ଗ ମୂତିଲେ ବନ୍ୟା,
ଭାସେ ନଗର, ବିହାର...

ଦେଲା ଲୋକ ପାର୍
ନେଲା ଲୋକ କହେ ନାଚାର୍।
ଦାୟୀ କିଏ, ଦୋଷ କାହାର
ଆ' ବନ୍ଧୁକ ଥୋଇବା
ମୁକୁଳା ପଡ଼ିଛି କାନ୍ଧ ନଗର ନିଗମର।

ଆବେଦନ, ଅନୁମୋଦନରେ
କେତେ ଥାଏ ଦୂରବସ୍ଥାର ସମାଧାନ
ବୁଝିଥିବା ମଣିଷଟି
ବୈଧତାର ଦର୍ଶନ ବଖାଣି
ଛଳନା କରେ...

ସହର ବି ବେଳେବେଳେ
ଆଖି ମଳିମଳି କାନ୍ଦେ,
ପାଶବିକତା ବଢ଼ିଲେ
ଭାବେ ପ୍ରିୟ ମଣିଷଟି କେତେ ଅବୁଝା

ଅମାନବିକତାର ବରଗଛ ତଳେ
ମାନବିକତାର ଛାଇ ଖୋଜେ।

ଉଚ୍ଛେଦ ଏକ ପ୍ରକ୍ରିୟା
ଜବରଦଖଲ ଏକ ବ୍ୟାଧି...
କହୁଣିକୁ ପାଏନା ମୁହଁ,
ବୋହିଯାଏ ନେଡ଼ିରୁ ଗୁଡ଼
ଗର୍ଭରେ ଧରି ପାଣି, ଖୋଜାଯାଏ
ପିତୃତ୍ୱର ଅଧିକାର...

ସେଦିନ ବି ବର୍ଷା ହେଉଥିଲା
ଅଚିନ୍ତା ନିଦରେ ଶୋଇ ପାରୁ ନଥିଲେ
ସେମାନେ
ପମ୍ପସେଟ୍ ପାଇଁ ଟିପାଖାତାରେ ନ ଥିଲା
କଣ୍ଟ୍ରୋଲରୁମ୍ ନମ୍ବର...

ଆଦେଶ ଦେଲା ତଦନ୍ତର
ତଦନ୍ତ ହେଲା...
ନିର୍ଯାସ ହେଲା ସେଇ ଗୋଟିଏ
ପାଦ ଠିକ୍, ଚାଲି ଠିକ୍
ଦୋଷ କେବଳ ବାଟର।

ମୋ-୭୦୦୮୧୬୭୩୨୧

ଗୀତି-କବିତା

### ତୁମେ ସକାଳର ଶ୍ୟାମ ଦୂର୍ବା

ଧନଞ୍ଜୟ ସ୍ୱାଇଁ

ତୁମେ ମାଲୁଣୀ ମୁଁ ଫୁଲ ଡାଲାର ସେ
ସଜତୋଳା ଫୁଲ ଭଳି
ତୁମେ ଛୁଇଁଦେଲେ ପାହାନ୍ତି ପହର
ପୀଡ଼ା ମୁଁ ଯାଅଇ ଭୁଲି ॥୦॥

ତୁମେ ସକାଳର ଶ୍ୟାମଳ ଦୂର୍ବା
ମୁଁ କଅଁଳ କାକର ଟୋପା
ତୁମରି ପାବନ ପୁଲକ ପରଶେ
(ମୁଁ) ଝରୁଥାଏ ଥୋପାଥୋପା
ଫେରନ୍ତି ମେଘର ଲେଉଟାଣି ତୁମେ
(ମୁଁ) ବନ୍ଧ୍ୟା ମାଟିର ଅଳି
ମୁଁ... ସଜତୋଳା ଫୁଲଭଳି... ॥୧॥

ତୁମେ ମୁଗ୍ଧମଧୁମାସ ମୋ'ଲାଗି
(ମୁଁ) ବଉଳ ଶେଯର ପିକ
ତୁମେ ଥିଲେ ସବୁ ଅରତୁ ବି ରତୁ
ବୈଶାଖ ବି ବାସନ୍ତିକ
ତୁମେ ମୁଲାୟମ ମହମର ମେଘ (ମୁଁ)
ତଳେ ତୁମ ଛାଇ ଭଳି
ମୁଁ... ସଜତୋଳା ଫୁଲଭଳି... ॥୨॥

ମୋ-୯୪୩୭୦୦୦୬୩୬

## କାଳକାଳକୁ



"କିଛି ଗୋପନୀୟତା ନ ଥିବା ହେଉଛି ମହାନ୍ ଗଳ୍ପର ଗୋପନୀୟତା।"

– ଅରୁନ୍ଧତୀ ରାୟ

**ଅରୁନ୍ଧତୀ ରାୟ**ଙ୍କ ଜନ୍ମ ୨୪ ନଭେମ୍ବର ୧୯୬୧ରେ, ମେଘାଳୟର ଶିଲଂରେ। ଉପନ୍ୟାସ ଓ ନିବନ୍ଧ ରଚନାରେ ସିଦ୍ଧହସ୍ତା ଏହି ଲେଖିକା ମାନବାଧିକାର ଓ ପରିବେଶ ବ୍ୟାପାରରେ ଜଣେ ଛାମୁଆ କର୍ମୀ। ତାଙ୍କର ସବୁଠୁଁ ପ୍ରସିଦ୍ଧ ଉପନ୍ୟାସ ହେଉଛି ୧୯୯୭ରେ ପ୍ରକାଶିତ "The God of Small Things." ଇଂଲିଶ୍ ଉପନ୍ୟାସ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ମିଳିଛି 'ମ୍ୟାନ୍ ବୁକର୍ ପ୍ରାଇଜ୍' ୧୯୯୭ରେ। ୨୦୦୪ରେ ପାଇଛନ୍ତି 'ସିଡ୍‌ନୀ ଶାନ୍ତି ପୁରସ୍କାର'। ସେ କହନ୍ତି: ଲେଖିବା ପାଇଁ ବାୟୁମଣ୍ଡଳରେ ଅଜସ୍ର ଭାବନା ଓ ଅଶେଷ କଥା ପୂର୍ଣ୍ଣ ହୋଇ ରହିଛି।

ଅତୀତର ବହି

# କବିତାକଳାପ: ପ୍ରଥମ ଆଧୁନିକ କବିତା ସଂକଳନ


ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ


**ଓଡ଼ିଆ ଅସ୍ମିତାର ପ୍ରତୀକ ଗୋବିନ୍ଦ ରଥ। ଓଡ଼ିଆ ସ୍ୱାଭିମାନର ବଳିଷ୍ଠ ପ୍ରତିଭୂ ସେ। ଯେତେବେଳେ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକର ଅଭାବ ଥିଲା, ସେତିକିବେଳେ ସେ ଅଜସ୍ର ପୁସ୍ତକ ରଚନା କରି ଓ ପ୍ରକାଶ କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଥିଲେ। ତେଣୁ ଫକୀରମୋହନ ନିଜର ଯୁଗାନ୍ତକାରୀ ପୁସ୍ତକ 'ଉତ୍କଳ ଭ୍ରମଣଂ'ରେ ସ୍ୱୀକାର କରନ୍ତି– "ଭଲା ରଥେ କରିଛନ୍ତି ବାମୁଣ ପଣିଆ। ପୁସ୍ତକ ଛପାଇ ଦେଇ ଅଣେ ଦ୍ୱିଅଣିଆ" ଏହି ଅଣେ ଦ୍ୱିଅଣିଆ ପୁସ୍ତକ ଓଡ଼ିଆ ଭାଷାର ଦାରିଦ୍ର୍ୟ ଓ ପାଠ୍ୟପୁସ୍ତକର ଅଭାବକୁ ଦୂରୀଭୂତ କରିଥିଲା।**

ଗୋବିନ୍ଦ ରଥଙ୍କ ରଚିତ ବର୍ଣ୍ଣବୋଧକ, ପଦ୍ୟମଞ୍ଜରୀ, ଆଚାର ଶିକ୍ଷା, କୃଷିପାଠ, କବିତାକଳାପ ପ୍ରଭୃତି ସ୍କୁଲ୍‌ରେ ପାଠ୍ୟପୁସ୍ତକ ଭାବେ ବହୁବର୍ଷ ଧରି ଚଳିଥିଲା। ପାଠ୍ୟପୁସ୍ତକର ଅଭାବମୋଚନ ସହିତ ପ୍ରାଚୀନ ଓଡ଼ିଆ ସାହିତ୍ୟର ପ୍ରତ୍ନଉଦ୍ଧାର ଗୋବିନ୍ଦ ରଥଙ୍କ ଅନ୍ୟତମ ଆଭିମୁଖ୍ୟ। ବଳରାମ ଦାସଙ୍କ ରାମାୟଣ (୧୯୧୨), ଭାବସମୁଦ୍ର, ଜଗନ୍ନାଥ ଦାସଙ୍କ ଭାଗବତ, ତ୍ରିବିକ୍ରମ ଭଞ୍ଜଙ୍କ କନକଲତା, କବିସୂର୍ଯ୍ୟଙ୍କ 'ଚନ୍ଦ୍ରକଳା', ଭରତ ସେଣଙ୍କ 'ସୁଲୋଚନା ପରିଣୟ' ଉପେନ୍ଦ୍ର ଭଞ୍ଜଙ୍କ ରାମଲୀଳାମୃତ (୧୮୯୬), 'ଚଉପହରା' ପ୍ରଭୃତି ପୁସ୍ତକ ସହିତ ବହୁ ଚଉତିଶା, ପ୍ରଶ୍ନୋତ୍ତର, ଶ୍ଳୋକାବଳୀ, ଚିଟାଉ, ଛାନ୍ଦ, ପଦିଆ, ଚଉପଦୀ, ଓଷାବ୍ରତ କଥା ପ୍ରକାଶକରି ସେ ଓଡ଼ିଆ ବାଙ୍ମୟକୁ ସମୃଦ୍ଧ କରିଥିଲେ।

ଗୋବିନ୍ଦ ରଥ ୧୮୪୮ ଅକ୍ଟୋବର ୨୯ ତାରିଖରେ କଟକ ଜିଲା ବାଙ୍କୀ ତହସିଲ ଅନ୍ତର୍ଗତ ପଦ୍ମନାଭପୁର ଶାସନରେ ପିତା ଦୀନବନ୍ଧୁ ରଥ ଏବଂ ମାତା ସତ୍ୟଭାମା (କବିତା ରଚନା ପାଇଁ କବି ବୁଢ଼ୀ ଭାବେ ପରିଚିତା)ଙ୍କ କୋଳରେ ଜନ୍ମଗ୍ରହଣ କରିଥିଲେ। କଟକ ନର୍ମାଲ ସ୍କୁଲ୍‌ରୁ ଇଂରାଜୀ ଶିକ୍ଷା ସମାପ୍ତ କରି ପୁରୀରେ ଶିକ୍ଷକତା କରିଥିଲେ। ସେ ସଂସ୍କାରକ ଓ ଅନ୍ଧବିଶ୍ୱାସ ବିରୋଧୀ ଥିଲେ। ସ୍ୱାଧୀନ ଚିନ୍ତକ ଓ ପ୍ରଚଣ୍ଡ ସ୍ୱାଭିମାନୀ ଗୋବିନ୍ଦ ରଥ ଶିକ୍ଷକତା ବୃତ୍ତି ପରିତ୍ୟାଗ କରି କଟକରେ ୧୮୭୨ରେ ନିଜର ପ୍ରକାଶନ ସଂସ୍ଥା ଓ ପୁସ୍ତକ ବ୍ୟବସାୟ ଆରମ୍ଭ କରିଥିଲେ। ପ୍ୟାରୀମୋହନ ଆଚାର୍ଯ୍ୟ ଓ ଗୌରୀଶଙ୍କର ରାୟଙ୍କ ସହିତ ଗଭୀର ସମ୍ପର୍କ ଯୋଗୁଁ ସେ 'ଉତ୍କଳ ଦୀପିକା' ଓ 'ଉତ୍କଳ ପୁତ୍ର'ର ନିୟମିତ ଲେଖକ ଥିଲେ। ସରକାରଙ୍କ ଜନ ବିରୋଧୀ ନୀତି, ଭ୍ରଷ୍ଟାଚାରୀ କର୍ମଚାରୀଙ୍କ ବିରୋଧରେ ସେ ନିର୍ଭୀକ ଓ ବ୍ୟଙ୍ଗାତ୍ମକ ଲେଖାମାନ ପ୍ରକାଶ କରୁଥିଲେ। ସ୍ୱନାମ ଓ 'ଗୋଥ' ଛଦ୍ମନାମରେ ସେ 'ଦୀପିକା' ଓ 'ପୁତ୍ର'ରେ ଅନେକ ରଚନା ପ୍ରକାଶ କରିଛନ୍ତି। ମଧୁ ରାଓଙ୍କ ବର୍ଣ୍ଣବୋଧର ବହୁ ପୂର୍ବରୁ ସେ ବର୍ଣ୍ଣବୋଧକ, ରାଧାନାଥଙ୍କ 'ଦରବାର' ଓ ଫକୀରମୋହନଙ୍କ 'ଉତ୍କଳ ଭ୍ରମଣଂ'ର ବହୁ ପୂର୍ବରୁ 'ଘୋଡ଼ାଡିମ୍ବ' (୧୮୮୫), ଫିଉଚର ସାହେବ (୧୮୮୬) ପରି ବ୍ୟଙ୍ଗ ଓ ହାସ୍ୟରସାତ୍ମକ କାବ୍ୟ ରଚନା କରିଛନ୍ତି। କଳିକତା ବର୍ଣ୍ଣନ (୧୮୭୫) ଓଡ଼ିଆ ଭାଷାର ଅନ୍ୟତମ ପ୍ରାରମ୍ଭିକ ଭ୍ରମଣ ବୃତ୍ତାନ୍ତ। ରାଧାନାଥଙ୍କ ଚିଲିକା (୧୮୯୧) କାବ୍ୟର ବହୁ ପୂର୍ବରୁ 'କବିତାକଳାପ' (୧୮୭୮)ରେ ସଂକଳିତ କବିତାଗୁଡ଼ିକରେ ପ୍ରକୃତି ବର୍ଣ୍ଣନାର ସୁମଧୁର ଚିତ୍ର ପ୍ରଦର୍ଶିତ।

'କବିତାକଳାପ' ପାଠ୍ୟପୁସ୍ତକର ଅଭାବମୋଚନ ପାଇଁ ଲେଖାଯାଇଥିଲା। ଏହା ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ ରୂପେ ପ୍ରକାଶ ପାଇଥିଲା। 'କବିତାକଳାପ' ପ୍ରଥମ ଭାଗରେ ପୂର୍ଣ୍ଣିମାର ନିଶାକାଳ, ପଞ୍ଜୁରୀବଦ୍ଧ ଶୁକପକ୍ଷୀ ପ୍ରତି, ପ୍ରକୃତିର ଶୋଭା, ଆଶା, ସ୍ୱଦେଶ, ଦ୍ୱୀପାନ୍ତରିତ ବ୍ୟକ୍ତିର ଖେଦ, ପୁରୁଷୋତ୍ତମର କେତେକ ଦୃଶ୍ୟ, ଇନ୍ଦୁମତୀ ସ୍ୱୟମ୍ବର, ଧ୍ରୁବଙ୍କ ପଳାୟନ ଜନିତ ସୁନୀତିଙ୍କର ରୋଦନ, ଶମନ ପ୍ରତି, ପ୍ରଭାତ, ନୀତି ପ୍ରଭୃତି ୧୨ଟି କବିତା ସଂକଳିତ।





KABITAKALAP.

PART I.

BY

GOBINDA RATH,

THIRD EDITION.

କବିତାକଳାପ ।

ପ୍ରଥମ ଖଣ୍ଡ

ଶ୍ରୀ ଗୋବିନ୍ଦରଥଙ୍କ ବିରଚିତ

CUTTACK,

Printed by the Cuttack Printing Company.

1885.

'ପ୍ରକୃତିର ଶୋଭା' କବିତାରେ ପ୍ରକୃତିର ବିଭିନ୍ନ ବିଭାଗକୁ ଗୋବିନ୍ଦ ରଥ ସାବଲୀଳ ଭଙ୍ଗୀରେ ବର୍ଣ୍ଣନା କରିଛନ୍ତି। "ପ୍ରକୃତିର ଶୋଭା କି ଚମତ୍କାର/ ଦେଖିଲେ ଆନନ୍ଦ ହୁଏ ଅପାର/ ପ୍ରକାଣ୍ଡ ଗଗନ କର ବିଲୋକନ/ ଅସୀମ ଅନନ୍ତ ଅଟେ ଅମ୍ବର/ ନୀଳ ପୀତ ବର୍ଣ୍ଣେ ତା' କଳେବର/ ଧନ୍ୟ ଚିତ୍ରିଅଛି ଯେ ଚିତ୍ରକର।"

ସ୍ୱଦେଶ ଓ ସ୍ୱଜାତିର ଉନ୍ନତି ପାଇଁ ଓଡ଼ିଆ କବିତାରେ ସେ ପ୍ରଥମେ ଆହ୍ୱାନ ଦେଇଛନ୍ତି। ଜାତୀୟବାଦୀ ଚେତନାର ଏ ସ୍ଫୁରଣ ଓଡ଼ିଆତ୍ୱର ଅଗ୍ନି ସ୍ଫୁଲିଙ୍ଗ ଭାବରେ ପରବର୍ତ୍ତୀ ସମୟରେ ପରିବ୍ୟାପ୍ତ ହୋଇଥିଲା। "ସ୍ୱଜାତି ଉନ୍ନତି ଚିନ୍ତି ଦିନ ରାତି ସାଧନେ ହୁଅ ତତ୍ପର, ସ୍ୱଦେଶ ଗୌରବ କରି ଅନୁଭବ ଜନମ ସାର୍ଥକ କର।"

'କବିତାକଳାପ' ଗୋବିନ୍ଦ ରଥଙ୍କର ଏକ ବହୁପଠିତ କବିତା ପୁସ୍ତକ। ଏହାର ଅନେକ ସଂସ୍କରଣ ପ୍ରକାଶିତ। ପ୍ରଥମ ଭାଗର ପ୍ରଥମ ସଂସ୍କରଣ ୧୮୭୮ ଓ ତୃତୀୟ ସଂସ୍କରଣ ୧୮୮୫ରେ ପ୍ରକାଶିତ। ଇଂରେଜ ଶାସନକୁ ତୀବ୍ର ବ୍ୟଙ୍ଗ କରିଥିବା ତାଙ୍କର ରଚନା ସେ ସମୟର ବିରାଟ ବିସ୍ମୟ। ଇଂରେଜ ସରକାରର ପ୍ରଶସ୍ତି ସୂଚକ ବର୍ଣ୍ଣନା ଭିତରେ ଜାତୀୟ ଜୀବନର ବ୍ୟଙ୍ଗାତ୍ମକ ବୀଜରୋପଣ ତାଙ୍କର ଅନେକ କବିତାକୁ ଦେଇଛି ଅଭାବନୀୟ ଲୋକପ୍ରିୟତା। ଫ୍ୟୁଚର ସାହେବ ପୁସ୍ତକର ଗୋଟିଏ ପଂକ୍ତି ପ୍ରତିଟି ଓଡ଼ିଆଙ୍କର ସ୍ମରଣୀୟ– "ଏଥର ମଲେ ସାହେବ ହେବି/ ଲାଲ ମୁଣ୍ଡରେ କେପ୍ ଦେବି/ କିର୍କିଟ ଫ୍ଲାନେଲ ପିଣ୍ଟିଲୁନ କରି ନାଇଟ୍ ଡେ ପିନ୍ଧୁଥିବି/ ଗିନିଫାଉଲଙ୍କ ବଂଶ ମାରିବି/ ଟେବୁଲ୍ ଉପରେ ଖାନା ଖାଇବି/ ନେଟିବ୍ ଦେଖିଲେ ନିକଟେ ଆସିଲେ ଡର୍ଟୀ ବୋଲି ଦୂରୁଦୂରୁ କରିବି।" ସାମଗ୍ରିକ ଭାବେ ପ୍ରାରମ୍ଭିକ ପର୍ଯ୍ୟାୟର ଓଡ଼ିଆ କବିତାର ଏକ ପ୍ରତିନିଧି ଶ୍ରେଣୀୟ କବିତା ସଂକଳନ ଭାବରେ 'କବିତାକଳାପ'କୁ ଗ୍ରହଣ କରାଯାଇ ପାରେ।

ମୋ-୯୪୩୭୨୫୬୧୭୬

## ଦୁଇଟି ମିନିଗଳ୍ପ

ଗଣେଶ୍ୱର ନାୟକ

### ମହୀୟସୀ

**ସେ**ମାନେ କେତେ ମହୀୟସୀ ? ବିଳମ୍ବରେ ହେଉ ପଛେ ସେମାନେ ବୁଝିଲେ ନାରୀର ସତ୍ତକ। ସମ୍ବିଧାନ ସେମାନଙ୍କୁ ଅଧିକାର ଦେଇଛି, ସମାଜ ବି ଗ୍ରହଣ କରିନେଇଛି। ସେଥିପାଇଁ ତ ଏଇ ସୂକ୍ଷ୍ମ ବେପାର। ମୁହଁ ଘୋଡ଼ାଇ ଅଭିଯୋଗ କରନ୍ତି କାଷ୍ଟିଂ କାଉଚ୍‌ର କଥା। ଶଙ୍ଖା, ସିନ୍ଦୂରର ଅଧିକାରିଣୀ ସବୁ କରି ବସନ୍ତି ଯୌତୁକ ନିର୍ଯାତନାର କଥା। କେତେ ବଡ଼ବଡ଼ ମରଦ ହୋଇ ଯାଆନ୍ତି ଧରାଶାୟୀ। ଛାର୍‌ଙ୍କ କଥା ଛାଡ଼।

ସେମାନଙ୍କର ଲାଭ ହେଲେ ଭଲ, ନ ହେଲେ ବି ଭଲ, କିନ୍ତୁ କିଛି କ୍ଷତି ନାହିଁ। ମିଛ ଅଭିଯୋଗ ପାଇଁ ତ କିଛି ସଜା ନାହିଁ। କାରଣ ସେମାନେ ଦୁର୍ବଳା। ଅଭିଯୁକ୍ତ ବାଉଳାହୁଏ, ନିର୍ଦ୍ଦୋଷ ହେବା ପାଇଁ ଖୋଜିବୁଲେ ପ୍ରମାଣ। ବିଳମ୍ବରେ ହେଉ ପଛେ ମାନ୍ୟବର ନ୍ୟାୟାଳୟ ପାଇଲେ ବ୍ୟତିକ୍ରମ। ନିର୍ଦ୍ଦେଶ ହେଲା ଯୌତୁକ ନିର୍ଯାତନା ଅଭିଯୋଗ ହେଲେ ସଙ୍ଗେ ସଙ୍ଗେ ଗିରଫ କରିପାରିବନି ପୋଲିସ। ତଦନ୍ତ କରିବ, ସତ୍ୟ ପାଇଲେ କରିବ କାର୍ଯ୍ୟାନୁଷ୍ଠାନ। ଅଭିଯୁକ୍ତ ଦଣ୍ଡ ପାଉ, ଘଟଣା ଘଟିଲେ ସଙ୍ଗେ ସଙ୍ଗେ ଅଭିଯୋଗ ହେଉ। ଯେ ମହୀୟସୀ ସେ ତ ସ୍ୱାର୍ଥ ପାଇଁ କରି ପାରେନା ଅଭିଯୋଗ, ସତ୍ୟ ପ୍ରତିଷ୍ଠା ପାଇଁ ତା'ର ଜନ୍ମ... !

### କାଷ୍ଟିଂ କାଉଚ୍

**ସେ**ମାନେ ସମସ୍ତେ ଜାଣନ୍ତି ମ! ମା' ଜାଣେ, ବାପା ଜାଣେ, ପୁଅ ଜାଣେ, ଝିଅ ବି ଜାଣେ। ଯେ ବି କହିବ ଅଭିନେତ୍ରୀ ଆଗରୁ ଜାଣିଥାଏ, ନିର୍ଦ୍ଦେଶକ, ପ୍ରଯୋଜକ ବି! ନ ଜାଣିଲେ କେମିତି ରିଲ୍‌ଟା ରିଅଲ୍ ହେବ ଯେ! ରିହର୍‌ସାଲ୍‌ଟା ବି ତ ସେମିତି ହୁଏ। ସେଇଠୁ ଅପସରି ଆସିଲେ କ'ଣ ଅସୁବିଧା ଯେ! ଅଭିଯୋଗ କରି କାଠଗଡ଼ାକୁ ଟଣାଇ ନେବାରେ ଏତେ କୃପଣତା କାହିଁକି? କାହିଁକି ଏତେ ସହାନୁଭୂତି?


ମନ ଚାହେଁ ଲାଭ, ବଢ଼ିଯାଏ ଲୋଭ। ଲୋଭଟା ହୁଏ ବେପାର, ବେପାରରେ ବ୍ୟାଘାତ ହେଲେ ଉଭୟ କରନ୍ତି ଅଭିଯୋଗ। ଅଭିଯୋଗ ବେଳେବେଳେ ସ୍ତ୍ରୀଲିଙ୍ଗକୁ କଳାକାର ବନାଇ ଦିଏ ତ, ପୁଲିଙ୍ଗକୁ କରିଦିଏ ମହିଷାସୁର। ଆଉ ବେଳେବେଳେ କଳାକାର ଶିକାର ହୁଏ କାଷ୍ଟିଂ କାଉଚ୍‌ର, ଆଉ କଳାର ଧାର୍ ଧାରୁ ନ ଥିବା ମଣିଷ ହୋଇଯାଏ କଳାର ପୂଜାରୀ...।

ମୋ- ୯୭୭୭୭୪୯୭୨୭

## ପୁସ୍ତକ ପରିଚୟ

ପୂଜା ପତ୍ରିକା-୨୦୨୦

### ଓଡ଼ିଆ ପର୍ବ



**ସମ୍ପାଦକ:** ସନ୍ତୋଷ କୁମାର ସାହୁ

ସାଇଜ୍: ଡବଲ ଡିମାଇ, ପୃ: ୧୨୦, ମୂଲ୍ୟ: ଟ.୫୦/-

କାଳିପୂଜା ବିଶେଷାଙ୍କ ଭାବେ ପ୍ରକାଶ ପାଇଛି 'ଓଡ଼ିଆ ପର୍ବ', ଯାହାର ଉପଦେଷ୍ଟା ରହିଛନ୍ତି ଆଶୁତୋଷ ପରିଡ଼ା ଓ କମଳାକାନ୍ତ ପଣ୍ଡା। ମୁଖ୍ୟ ସମ୍ପାଦକ ପ୍ର. ବ୍ରଜେନ୍ଦ୍ର ପ୍ରସାଦ ଦାସ। କରୋନାକୁ ନେଇ ପତ୍ରିକାର ସମ୍ପାଦକୀୟ ପରିକଳ୍ପିତ, ଯେଉଁଥିରେ କରୋନାକୁ ଆଳ କରି ସମ୍ପନ୍ନ ବିଜ୍ଞାପନଦାତାମାନେ କିପରି ଓଡ଼ିଆ ପତ୍ରପତ୍ରିକା ପ୍ରତି ପରାଙ୍ମୁଖ, ତା'ର ଉଲ୍ଲେଖ ରହିଛି। ପ୍ରମୋଦ କୁମାର ମହାନ୍ତି, ଶ୍ରୀହରି ଧଳ, ସୁରେନ୍ଦ୍ର ପାଣିଗ୍ରାହୀ ଓ ଅରୁଣ କୁମାର ସାହୁ ଆଦି କବିତାରେ, କ୍ଷୁଦ୍ର କାବ୍ୟରେ ସନ୍ତୋଷ କୁମାର ସାହୁ, ପ୍ରବନ୍ଧରେ ରମାକାନ୍ତ ରଥ, ଦେବାଶିଷ ପାତ୍ର ରହିଛନ୍ତି ଏବଂ 'କବି କଲମରେ ମା' ଓ ମାଟି' ଶୀର୍ଷକରେ ଏକ ସ୍ୱତନ୍ତ୍ର ବିଭାଗ ସ୍ଥାନିତ ହୋଇଛି।

### ପଲକ




**ସମ୍ପାଦକ:** ଶଶିକାନ୍ତ ଦାସ

ସାଇଜ୍: ଡବଲ ଡିମାଇ, ପୃ: ୧୦୬, ମୂଲ୍ୟ: ଟ.୫୦/-

ମହାପୂଜା ବିଶେଷାଙ୍କ ଭାବେ ପ୍ରକାଶ ପାଇଛି 'ପଲକ'। ସାହିତ୍ୟର ବିକାଶରେ ପୁସ୍ତକର ଭୂମିକାକୁ ନେଇ ସମ୍ପାଦକୀୟ ଏବଂ ଏଥିସହିତ ସ୍ଥାନିତ ହୋଇଛି କବିତା, ଲଳିତ ନିବନ୍ଧ, କାହାଣୀ, ଅନୁବାଦ ଓ ଆଲେଖ୍ୟ ଆଦି ବିଭାଗ। ବହୁ ବରିଷ୍ଠ ଓ ନୂତନ ଲେଖିକା ଲେଖକଙ୍କ ରଚନାରେ ପତ୍ରିକାଟି ସମୃଦ୍ଧ। ପ୍ରଚ୍ଛଦରେ 'କରୋନା' ହୋଇଛି ପ୍ରସଙ୍ଗ।

### ଶିଳାଶ୍ରୀ



**ସମ୍ପାଦିକା:** ବାସନ୍ତୀ ଦାସ

ସାଇଜ୍: ଡବଲ ଡିମାଇ, ପୃ: ୯୬, ମୂଲ୍ୟ: ଟ.୧୦୦/-

ମହିଷାସୁର ନିଧନ ପତ୍ରିକାର ପ୍ରଚ୍ଛଦ ହୋଇଥିବାବେଳେ ଏଥିରେ ଶିଳ୍ପୀଙ୍କର ସୃଜନଶୀଳ ଅନନ୍ୟତା ପ୍ରଶଂସନୀୟ। ପତ୍ରିକାଟି ପାର୍ବଣ ବିଶେଷାଙ୍କ ଭାବେ ପ୍ରକାଶ ପାଇଛି। ପ୍ରବନ୍ଧ, କବିତା ଓ ଗଳ୍ପ ସାଙ୍ଗକୁ ଏଥିରେ ଏକ ଏକାଙ୍କିକା ଲେଖିଛନ୍ତି ଦେବେନ୍ଦ୍ର ନାଥ ଦାଶ। ନିରୁପମା ରାୟଙ୍କ ସହ ରହିଛି ସାକ୍ଷାତ୍କାର।

### ଶ୍ୱେତ ସଂକେତ




**ସମ୍ପାଦକ:** ଦେବେନ୍ଦ୍ର ନାଥ ଦାଶ

ସାଇଜ୍: ଡବଲ ଡିମାଇ, ପୃ: ୧୪୮, ମୂଲ୍ୟ: ଟ.୧୦୦/-

ପ୍ରବନ୍ଧ, କବିତା, ଗଳ୍ପ, ଅନୁବାଦ, ଭ୍ରମଣ କାହାଣୀ, ଫିଚର, ଶିଶୁ ସାହିତ୍ୟ ଓ ସମୀକ୍ଷା ଆଦି ବିଭାଗରେ ସମୃଦ୍ଧ ଏହି ପତ୍ରିକାଟିରେ ଅନୁବାଦକ ଜୟକୃଷ୍ଣ ସାମଲ ଓ ଶଙ୍କର୍ଷଣ ପଣ୍ଡା ଦୁଇଟି ବଙ୍ଗଳା ଗପର ଅନୁବାଦ କରିଛନ୍ତି। ଭ୍ରମଣ କାହାଣୀ ଲେଖିଛନ୍ତି ଇଂ. ଗୌରଚନ୍ଦ୍ର ମହାପାତ୍ର ଓ ଅମରେଶ ବିଶ୍ୱାଳ। ଫିଚରରେ ଅଛନ୍ତି ଡ. ନିଖିଳାନନ୍ଦ ପାଣିଗ୍ରାହୀ। 'ସର୍ଜନା ଓ ରଚନା' ଶୀର୍ଷକ ସମ୍ପାଦକୀୟ ଚିନ୍ତା ଉଦ୍ରେକକାରୀ।

### ସୃଜନ ସ୍ୱପ୍ନ



**ସମ୍ପାଦିକା:** ଦେବଶ୍ରୀ ଧଳ

ସାଇଜ୍: କ୍ରାଉନ୍, ପୃ: ୨୪୦, ମୂଲ୍ୟ: ଟ.୭୦/-

'ସମସ୍ୟା ଓ ସମାଧାନର ସୂତ୍ର' ଶୀର୍ଷକ ସମ୍ପାଦକୀୟରେ ସମ୍ପାଦିକା କରୋନାକୁ ନେଇ ନିଜ ବିଚାରର ଭିନ୍ନତା ଦେଖାଇଛନ୍ତି। 'ସୃଜନ ସଂସ୍କୃତି', 'ସୃଜନ ବିଚାର', 'ସୃଜନ ଜୀବନାୟନ', 'ସୃଜନ ଅନୁଭୂତି', 'କାବ୍ୟ ସୃଜନ', 'କଥା ସୃଜନ', 'ଗୀତି ସୃଜନ', 'ସୃଜନ ଅନୁସୃଜନ', 'ସୃଜନ ସମୀକ୍ଷା' ଓ 'ସୃଜନ ଧାରାବାହିକ ଉପନ୍ୟାସ' ଆଦି ବିଭାଗରେ ପତ୍ରିକାଟି ପାଠକୀୟ ଚାହିଦା ଅନୁରୂପ ହୋଇପାରିଛି।

ଗଳ୍ପ

## ଫଟୋ

ଡ. ଯଶୋବନ୍ତ ସାମଲ

ଦୁଇଟା ମାସ୍କ ଧରି ଘଂଟାଏ ହେଲାଣି ଗେଟ୍ ସାମ୍ନାରେ ଏପଟ ସେପଟ ହେଉଛନ୍ତି ଆର୍ତ୍ତବାବୁ। ଅପେକ୍ଷା କରିକରି ବିରକ୍ତ ହେଲେଣି– ଏ ମେଢ଼ିଆ ଦି'ଟା କୁଆଡ଼େ ଗଲେ! ସବୁଦିନ ଆଠଟାରେ ଆସନ୍ତି, ଆଜି ନ'ଟା ପର୍ଯ୍ୟନ୍ତ ଦେଖା ନାହିଁ। ୟୁସ୍‌ଲେସ୍ କୋଉଠିକାର।

ଅଫିସ୍ ସାରା ପ୍ରାୟ ସମସ୍ତେ ଫଟୋ ଅପ୍‌ଲୋଡ଼ କରି ସାରିଲେଣି, ବଡ଼ବାବୁ ଆର୍ତ୍ତବଲ୍ଲଭଙ୍କୁ ଛାଡ଼ି। ହାକିମଙ୍କ ନିର୍ଦ୍ଦେଶ– କରୋନା ମହାବିପତ୍ତି ସମୟରେ ଆପଣମାନେ ମାନବିକତାର ପରିଚୟ ଦିଅନ୍ତୁ, ସାମାଜିକ ଉତ୍ତରଦାୟିତ୍ୱ ନିଭାନ୍ତୁ ଏବଂ ଆପଣଂକର ଏହି ମହତ୍‌କାର୍ଯ୍ୟର ଫଟୋ ଅଫିସ୍ ହ୍ୱାଟ୍‌ସଆପ୍‌ରେ ପୋଷ୍ଟ କରନ୍ତୁ!

ଆର୍ତ୍ତବାବୁ ଅଭିଜ୍ଞ, ସଚେତନ ଏବଂ ଦକ୍ଷ ବି। ତରତରରେ କାମ କରିବା ତାଙ୍କ ଜାତକରେ ନାହିଁ। ଏମିତି କଟିଗଲାଣି ପଚିଶ ବର୍ଷ। ନଥିକୁ ଭଲଭାବେ ପଢ଼ି, ବୁଝି, ତର୍ଜମା କରି ହିତାଧିକାରୀଙ୍କ ସହ ଆଲୋଚନା କରି ଧୀରେସୁସ୍ଥେ ଫାଇଲ ଛାଡ଼ନ୍ତି, ତାଙ୍କ କଚ୍ଛପ ଗତିକୁ କେହି ପ୍ରଶ୍ନ କଲେ ସେ ବୁଝାନ୍ତି– ଲୋକଟିର ଜୀବନ ଜୀବିକା କଥା, ତରତର ହେଲେ ଭୁଲ୍ ହୋଇଯାଇପାରେ।

ଏଣୁ ସ୍ୱାଭାବବଶତଃ ଫଟୋ ଛାଡ଼ିବା ପାଇଁ ସେ ସପ୍ତାହେ ଗଡ଼ାଇ ଦେଲେ। ଏପଟେ ଦେଖିଲାବେଳକୁ ଅଫିସ୍ ହ୍ୱାଟ୍‌ସ ଆପ୍‌ରେ ଫଟୋ ଭିଡିଓ ଖୁନ୍ଦି ହୋଇଗଲାଣି। ଖଣ୍ଡଗିରି ପାତିଙ୍କୁ ଖାଦ୍ୟ– ଫଟୋ, ଲିଙ୍ଗରାଜ ଷଣ୍ଢଙ୍କୁ ପାଣି – ଫଟୋ, ଗାଈଙ୍କୁ ନଡ଼ା – ଫଟୋ, ତାରିଣୀ ବସ୍ତିରେ ସାବୁନ ବଣ୍ଟା – ଫଟୋ, ଷ୍ଟେସନ ଛକରେ ଭିକାରୀଙ୍କୁ ଆଖି ଛଳଛଳ କରି ମଧ୍ୟାହ୍ନଭୋଜନ ଅର୍ପଣ – ଫଟୋ। ...ଉଦାର ହୃଦୟ ହାକିମ କର୍ମଚାରୀଙ୍କୁ ଉତ୍ସାହିତ କରିବା ପାଇଁ ଫଟୋରେ ମନ୍ତବ୍ୟ ଦେଉଛନ୍ତି– ଥ୍ୟାଙ୍କ୍ ୟୁ, ୱେଲଡନ୍, କିପ୍ ଇଟ୍ ଅପ୍ ଓ ବୃଦ୍ଧାଙ୍ଗୁଠି ଚିହ୍ନ...। କିଛି ଯୁବ ଉତ୍ସାହୀ କର୍ମଚାରୀ ଚାରି ପାଞ୍ଚଟା ଫଟୋ ବି ଛାଡ଼ିଲେଣି।

ଆର୍ତ୍ତବାବୁ ସବୁ ଦେଖୁଥା'ନ୍ତି, ପଢୁଥା'ନ୍ତି, ତଥାପି ଜାକିଜୁକି ଥା'ନ୍ତି, ସରକାରୀ କଥା ଚକେ ଗଲେ ବାର ହାତ, ଏତେ ତରତର କାହିଁକି! କିନ୍ତୁ ସହକର୍ମୀ ବନ୍ଧୁ ପ୍ରବୀର ସବୁ ବିଗାଡ଼ି ଦେଲା। ଲେଖିଲା ଆର୍ତ୍ତ ସାର୍, ହାଓ ଆର୍ ୟୁ, ଷ୍ଟେ ଆଟ୍ ହୋମ୍, ଷ୍ଟେ ସେଫ୍। ଗ୍ରୁପ୍‌ରେ ଏସବୁ ଲେଖିବା କ'ଣ ଦରକାର ଥିଲା। ବଦମାସ୍, ଚୁଗୁଲିଆଟାଏ।

ଏ କାଳୁ-ଭୋଳା କୁଆଡ଼େ ଗଲେ! ତାଙ୍କ ମୁହଁରେ ମାସ୍କ ପିନ୍ଧେଇ ଫଟୋ ଅପ୍‌ଲୋଡ଼ କରିଦେଲେ ସବୁ ଝିନ୍‌ଝଟ୍‌ରୁ ମୁକ୍ତି, ଚୁଗୁଲିଆଙ୍କ ଦାଉରୁ ରକ୍ଷା, ହାକିମ ବି ଖୁସ୍।

କାଳୁ-ଭୋଳାଙ୍କ ସହ ଆର୍ତ୍ତବାବୁଙ୍କର କେବେ ପଡ଼େ ନାହିଁ। ସବୁଦିନ ଖେଟ୍‌ଖାଟ୍, ଝଗଡ଼ା। ଆର୍ତ୍ତବାବୁ ତ ନିଷ୍ଠାବାନ ଲୋକ ପୁଣି ସଚେତନ ନାଗରିକ କମିଟିର ସଭ୍ୟ, ତେଣୁ କାଳୁ-ଭୋଳାଙ୍କୁ ସେ ଗୋଡ଼େଗୋଡ଼େ ଜଗିଥାନ୍ତି– ...ଏ...ଏ...ଟିକେ ଟାଣକରି ଝାଡୁ ମାରୁନା... ରାସ୍ତାକୁ କାଟୁଚି ନା ତୁମକୁ କାଟୁଚି... ସେଠି ପତ୍ରଗୁଡ଼ା ଗଦା କରୁଛ, କିଏ ନିଆଁ ଲଗେଇବ... ଆଁ ... ସେ ନଡ଼ିଆ ଗଛ ଗଣ୍ଡି କେବେ ଉଠେଇବ... ବାତ୍ୟା ଗଲାଣି ଛ' ମାସ ହେଲା... ସେ ନାଳି ସଫାବାଲା କୁଆଡ଼େ ଗଲା, ସପ୍ତାହେ ହେଲା ଦେଖା ନାହିଁ, ତାକୁ କ'ଣ ଗୁଆ ନିମନ୍ତ୍ରଣ ଦରକାର?

ଭୋଳା କିଛି କୁହେନା, କାଳୁ ଉତ୍ତର ଦିଏ, ସେ ଡରିବା ପିଲା ନୁହଁ। ଶୁଣ ଆଜ୍ଞା, ଆମ କାମ ହେଲା ଝାଡୁ ମାରିବା, ଗଛ ଉଠେଇବା, ନାଳି ସଫା କରିବା ଆମ କାମ ନୁହଁ, ତୁମେ ଠିକାଦାରକୁ କୁହ, ସେ ତ ଆମକୁ ଆହୁରି ଦୁଇଟା ରାସ୍ତା ଝାଡୁ ମାରିବାକୁ କହିଲାଣି। ଆମେ ମଣିଷ ନା ଯନ୍ତ୍ର!

କାଳୁର ଉତ୍ତରରେ ଚିହିଁକି ଉଠନ୍ତି ଆଜ୍ଞା– ଏଇ, କ'ଣ ଜବାବ ଦଉଚୁ, ଯୁକ୍ତି କରୁଚୁ! ତୁ ଆର୍ତ୍ତତ୍ରାଣ ଶତପଥୀଙ୍କୁ ଜାଣିଚୁ? ଚିହ୍ନିଚୁ? ରହ ତୋ' ନାଁରେ ଆଜି କମ୍ପ୍ଲେନ୍ କରୁଛି, ତୁ ଏଠୁ ବିଦା ହବୁ ରହ... ଆ'ରେ! ହକ ଆମେ ଟ୍ୟାକ୍ସ ଦଉଚୁ, କହିବୁନି! ତୁମେ ଠକିବ! ଆଁ... ?

ମାସର ପ୍ରଥମ ସପ୍ତାହରେ ପୁଣି ଝଗଡ଼ା। କିଛିକିଛି ବକ୍ସିସ୍ ପ୍ରାୟ ସମସ୍ତେ ଦିଅନ୍ତି ଦୁଇ ଝାଡୁଦାରଙ୍କୁ– ଦଶ, କୋଡ଼ିଏ। ଆର୍ତ୍ତବାବୁ ତ ସଚେତନ ନାଗରିକ, ସେ କିଛି ଟଙ୍କା ଦିଅନ୍ତି ନାହିଁ, ବୁଦ୍ଧି ଦିଅନ୍ତି –



ତୁମକୁ ଠିକାଦାର ଯଦି ଝାଡୁ ଚପଲ ଦଉନି, ତୁମେ ମ୍ୟୁନିସିପାଲିଟିରେ କମ୍ପ୍ଲେନ୍ କର, ତା' ଲାଇସେନ୍ସ କଟିଯିବ। ତୁମର ସଂଘ ଅଛି ନା ନାହିଁ? କ'ଣ ବୁଝିଲଟି!

ଆଜି ସେହି କାଳୁ-ଭୋଳାଙ୍କୁ କୁଣିଆ ଭଳି ସଙ୍ଖୋଳିବାକୁ ଲଟର୍‌ପଟର୍ ହେଉଛନ୍ତି ସଚେତନ ନାଗରିକ ଆର୍ତ୍ତବଲ୍ଲଭ ଓ ବନ୍ଦାପନା କଲାଭଳି ଧରିଛନ୍ତି ମାସ୍କ ଦୁଇଟାକୁ। ଖସର୍ ଖସର୍ ଶବ୍ଦ ଶୁଭିବାରୁ ବେକ ଟେକି ରାସ୍ତାର ବୁଲାଣି ଆଡ଼କୁ ଚାହିଁଲେ ସେ। ଶୂନ୍‌ଶାନ୍ ରାସ୍ତା। ଦୁଇଚାରିଟା କୁକୁର ସେମାନଙ୍କ ସୀମା ମଧ୍ୟରେ ପଇଁତରା ମାରୁଥିଲେ, ସେମାନେ ବି ଦ୍ୱନ୍ଦ୍ୱ, ଆଶଙ୍କାରେ, ତାଙ୍କ ଖାଉନ୍ଦମାନେ ଗଲେ କୁଆଡ଼େ? କେବଳ କୋଇଲିର କୁହୁତାନ, ଚଢ଼େଇମାନଙ୍କ କିଚିରିମିଚିରି ଶବ୍ଦ। ମଣିଷମାନଙ୍କ ସୋର୍ ଶବ୍ଦ ନାହିଁ। ଖସର୍ ଖସର୍ କରି ରାସ୍ତାର ବାଁ ଓ ଡାହାଣପଟୁ ଝାଡୁ ମାରିମାରି ଆସୁଥିଲେ କାଳୁ-ଭୋଳା, ସୈନିକମାନଙ୍କର କଦମ୍‌ତାଲ୍ ପରି ସମାନ ପଦପାତରେ ସେମାନେ ଆଗକୁ ବଢୁଥିଲେ, ସତେ ଅବା ଯୁଦ୍ଧକୁ ଯାଉଛନ୍ତି!

'ଆରେ ଭୋଳାନାଥ, କାଳନ୍ଦୀ – ଆସ ଆସ!' ଆର୍ତ୍ତବାବୁଙ୍କ ସହାସ୍ୟ ସମ୍ଭାଷଣ ସେ ଦୁଇଙ୍କୁ ସନ୍ଦେହରେ ପକାଇଲା, ସେମାନେ ବିଶ୍ୱାସ କରିପାରିଲେ ନାହିଁ, ଏପଟ ସେପଟ ଚାହିଁଲେ। ସାଧାରଣତଃ, ଝାଡୁଦାରଙ୍କୁ ଦେଖିଲେ ଆର୍ତ୍ତବାବୁ ଭ୍ରୂକୁଞ୍ଚନ କରି ସନ୍ଦେହ ଦୃଷ୍ଟି ନିକ୍ଷେପ କରିବା କଥା। ଆଜି ସୂର୍ଯ୍ୟ କେଉଁ ଦିଗରେ ଉଦୟ ହେଲେ କି!

ବାବୁଙ୍କ ହାତରେ ଦୁଇଟା ମାସ୍କ ଓ ସେଲ୍‌ଫି ନେବାପାଇଁ ମୋବାଇଲ୍ ସଜାଡ଼ିବା ଦେଖି ଭୋଳାନାଥ-କାଳନ୍ଦୀ ସମ୍ଭାଷଣର ଉଦ୍ଦେଶ୍ୟ ପୂରାପୂରି ବୁଝିଗଲେ। ଏଇ ଦୁଇ ସପ୍ତାହ ହେଲା କେତେକେତେ ମୁଣ୍ଡିଆଳ ତାଙ୍କୁ ତୁଣ୍ଡି ପିନ୍ଧେଇ, ଗାମୁଛା ପକେଇ ଫଟୋ ଉଠେଇ ନେଲେଣି। କେହିକେହି ଉତ୍ସାହୀ ତ ତାଙ୍କ ବେକରେ ଗେଣ୍ଡୁମାଳ ବି ପକେଇଛନ୍ତି, ଯେମିତି ବଳିବୋଦା! ଆଜି ଘଂଟାଏ ବିଳମ୍ବର କାରଣ ବି ସେଇ ଫଟୋ। ସେମାନେ କାହାକୁ ମନା କରିପାରନ୍ତିନି। ଯୁବକ ସଂଘ ପିଲା, କର୍ପୋରେଟର, ଠାକୁରାଣୀ ମନ୍ଦିର ଲୋକ, ଯିଏ ଆସିଲେ ପାଖରେ ଠିଆ ହେଲେ ମୁଖା ବାନ୍ଧି ଫଟ ଉଠେଇଲେ। ଅକଳରେ, ଅସୁବିଧାରେ ହେଉ ବରଂ ମିଠା କଥା ତ ପଦେ ଶୁଣିବାକୁ ମିଳୁଛି, ମଣିଷ ଭାବି ପାଖରେ ତ ଠିଆ ହେଉଛନ୍ତି! ଏ ସୁଯୋଗ କେବେ ତାଙ୍କୁ ମିଳି ଥିଲା କି ଏ ଭଦ୍ର ମଣ୍ଡଳୀରୁ?

ଆର୍ତ୍ତବାବୁ ହଠାତ୍ ଧର୍ମସଙ୍କଟରେ ପଡ଼ିଗଲେ! ଏ କଥା ପୂର୍ବରୁ ତାଙ୍କ ମୁଣ୍ଡରେ ପଶି ନ ଥିଲା। ଏବେ ତ ସବୁ ବିଭ୍ରାଟ ହୋଇଯିବ! ମାସ୍କକୁ କ'ଣ ଝାଡୁଦାରଙ୍କୁ ନିଜ ହାତରେ ପିନ୍ଧେଇବାକୁ ପଡ଼ିବ! ... ଏବେ କ'ଣ କରାଯିବ! ଉପାୟ ଶୂନ୍ୟ ହୋଇ ସେ କିଛି ସମୟ ଚୁପ୍‌ଚାପ୍ ଠିଆ ହେଲେ।

ବାବୁ ସଂକଟରେ ଥିବାର ଜାଣି କାଳୁ କହିଲା, ଆଜ୍ଞା, ଆମର ଆଉ ତୁଣ୍ଡି ଦରକାର ନାହିଁ, ଆମେ ତ ପିନ୍ଧିଛୁ, ପାଖରେ ବି ପାଞ୍ଚଟା ଅଛି, ଯଦି ଆପଣଂକର ଦରକାର ଆମଠୁଁ ଦୁଇଟା ନେଇଯା'ନ୍ତୁ। ଦୟାକରି ଶୀଘ୍ର ଫଟ ଉଠାଇ ଆମକୁ ଛାଡ଼ନ୍ତୁ, ଆଗକୁ ଢେର୍ ରାସ୍ତା ରହିଲାଣି। ଏହା କହି ବନ୍ଧୁକ ଭଳି ପହଁରାର ଲମ୍ବା ବେଣ୍ଟକୁ ବାଁ ହାତରେ ଧରି ସାବଧାନ ମୁଦ୍ରାରେ ସେମାନେ ଠିଆ ହେଲେ।

ଆର୍ତ୍ତବାବୁଙ୍କୁ ଯେମିତି ମୁକ୍ତି ମିଳିଗଲା। ସେଲ୍ଫି ନେବାପାଇଁ ଛ' ଫୁଟ ସାମାଜିକ ଦୂରତ୍ୱ ରକ୍ଷାକରି କାଳୁର ଡାହାଣ ପଟେ ସେ ଠିଆ ହେଲେ ଓ ମୋବାଇଲ କ୍ୟାମେରା ସଜାଡ଼ିଲେ– ହଁ... ଟିକେ ଝାଡୁ ଉପରକୁ... ବାସ୍... ମାସ୍କରେ ଡାହାଣ ହାତ... କାନ ପାଖରେ... ସ୍ମାଇଲ୍... କ୍ଲିକ୍। ଏବଂ କାଳବିଳମ୍ବ ନ କରି ଫଟୋଟିକୁ ଅପଲୋଡ଼ କରି ଲେଖିଦେଲେ– 'ସଚେତନତା ପାଇଁ ଏକ ପ୍ରୟାସ'। ତାଙ୍କ ଭାଗ୍ୟ ତ ଉଜ୍ଜ୍ୱଳ, ସେପଟୁ ହାକିମ ମହୋଦୟ ତତ୍କାଳ ମନ୍ତବ୍ୟ ଦେଲେ– ଥ୍ୟାଙ୍କ୍ ୟୁ, ୱେଲ୍‌ଡନ୍, କିପ୍ ଇଟ୍ ଅପ୍...।

ଓହୋଃ...। ଏକ ଦୀର୍ଘଶ୍ୱାସ ବାହାରି ଆସିଲା ନିଷ୍ଠାବାନ, ସଚେତନ ଆର୍ତ୍ତବଲ୍ଲଭଙ୍କ ଛାତି ଭିତରୁ।

ମୋ: ୯୪୩୭୧୫୪୨୨୪



ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲାରେ ରହିଛି ଲେପାକ୍ଷୀ ମନ୍ଦିର। ଏହି ମନ୍ଦିରରେ ସମୁଦାୟ ୭୦ଟି ଖମ୍ବ ରହିଛି, ଯେଉଁଥିରୁ ଗୋଟିଏ ଖମ୍ବ ଭୂମି ସହିତ ସଂଲଗ୍ନ ହୋଇନାହିଁ। ସେ ରହସ୍ୟମୟ ଭାବରେ ଆକାଶରେ ଝୁଲୁଛି। ଲେପାକ୍ଷୀ ମନ୍ଦିରର ଅନନ୍ୟ ଖମ୍ବଗୁଡ଼ିକ ଆକାଶ ଖମ୍ବ ଭାବରେ ମଧ ଜଣାଶୁଣା। ଏଥିରେ ଏକ ଖମ୍ବ ଭୂମିରୁ ପ୍ରାୟ ଅଧା ଇଞ୍ଚ ଉପରକୁ ଉଠିଥାଏ। ବିଶ୍ୱାସ କରାଯାଏ ଯେ ଖମ୍ବ ତଳୁ କିଛି ବାହାର କରିବା ଦ୍ୱାରା ଘରେ ସୁଖ ଏବଂ ସମୃଦ୍ଧତା ଆସିଥାଏ।

# ଛିଣ୍ଡାଲାଞ୍ଜ ଯୋଡ଼ିପାରେ ଆଲିଗେଟର

**ରହସ୍ୟମୟ ସରୀସୃପଙ୍କ ଭିତରେ ଝିଟିପିଟି ଅନ୍ୟତମ। ଘରେ ଘରେ ପରିଚିତ ଏହି ଜୀବର ଲାଞ୍ଜ ଅତି କୋମଳ। ଏହା ଅତି ସହଜରେ ଛିଣ୍ଡିଯାଏ। ହେଲେ ଛିଣ୍ଡି ଯାଇଥିବା ଲାଞ୍ଜ କିଛି ଦିନ ପରେ ପୁଣି କଅଁଳି ଉଠେ। କେବଳ ଝିଟିପିଟି ନୁହେଁ, ଆଲିଗେଟର (କୁମ୍ଭୀର ପ୍ରଜାତିର ଉଭୟଚର) ମଧ୍ୟ ଏଭଳି କ୍ଷମତାର ଅଧିକାରୀ। ଏ ବିଷୟରେ ଅଧିକ ଗବେଷଣା ହେଲେ ଚିକିତ୍ସା ବିଜ୍ଞାନରେ ନୂଆ ଫର୍ଦ୍ଦ ଯୋଡ଼ିହେବ। ଆର୍ଥ୍ରାଇଟ୍ସ ଚିକିତ୍ସା ଲାଗି ଏହା ଆଶାର କିରଣ ବୋଲି ବୈଜ୍ଞାନିକ ଆଶାବାଦୀ ଅଛନ୍ତି।**



## ଆର୍ଥ୍ରାଇଟ୍ସ ଚିକିତ୍ସା ପାଇଁ ନୂଆ ଆଶା

**ନୂଆଦିଲ୍ଲୀ:** ଝିଟିପିଟି ଭଳି ମଧ୍ୟବୟସ୍କ ଆଲିଗେଟର ଶ୍ରେଣୀର ସରୀସୃପ ନିଜର ଖଣ୍ଡିଆ ଲାଞ୍ଜକୁ ପୁଣିଥରେ ଅଭିବୃଦ୍ଧି କରିବାରେ ସକ୍ଷମ। ଏହାକୁ 'ଏବିଲିଟି ଟୁ ରିଗ୍ରୋ' ବୋଲି କୁହାଯାଏ। ପ୍ରକୃତି ସେମାନଙ୍କୁ ଏହି ସ୍ୱତନ୍ତ୍ର କ୍ଷମତା ଦେଇଛି। ଏହାକୁ ଉପଯୋଗ କରି ସେମାନେ ଛିଣ୍ଡି ଯାଇଥିବା ଲାଞ୍ଜର ହାରାହାରି ୧୮% ଯାଏ ଅଭିବୃଦ୍ଧି କରିପାରନ୍ତି। ଆରିଜୋନା ଷ୍ଟେଟ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ଆଲିଗେଟରଙ୍କ ଶରୀରରେ ଥିବା ଟିସ୍ୟୁ ଉପରେ ଉନ୍ନତ ଧରଣର ପରୀକ୍ଷାନିରୀକ୍ଷା କରି ଏହା ଜାଣିପାରିଛନ୍ତି।

ଥରେ ଛିଣ୍ଡି ଯିବା ପରେ ଆଲିଗେଟର ଶରୀରରେ ପୁନର୍ବାର ଲାଞ୍ଜ କଅଁଳିବା ଆରମ୍ଭ ହୋଇଥାଏ। ତେବେ ଦ୍ୱିତୀୟ ଥର ସୃଷ୍ଟି ହେଉଥିବା ଲାଞ୍ଜ ପୂର୍ବାପେକ୍ଷା ଜଟିଳ ସଂରଚନା ବିଶିଷ୍ଟ। ଏହାର ପ୍ରମୁଖ ଢାଞ୍ଚା କନେକ୍ଟିଭ୍ ଟିସ୍ୟୁ ପରିବେଷ୍ଟିତ ନରମ ହାଡ଼ରେ ତିଆରି ହୋଇଥାଏ। ଏହା ରକ୍ତ ସୂକ୍ଷ୍ମ ରକ୍ତବାସୀ ଶିରାପ୍ରଶିରା ଏବଂ ତନ୍ତୁ ସହ ଯୋଡ଼ି ହୋଇଥାଏ। ପାଣିରେ ସନ୍ତୁଳନ କରି ପହଁରିବା, ଶିକାର କରିବା ଲାଗି କୁମ୍ଭୀର ପ୍ରଜାତିର ଜୀବଙ୍କ ଲାଗି ଲାଞ୍ଜ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କୌଣସି କାରଣରୁ ଏହା ଛିଣ୍ଡିଗଲେ ସମସ୍ୟା ବଢ଼ିଥାଏ। ତେବେ ନୂତନ ଲାଞ୍ଜ ସୃଷ୍ଟି ହେବା ଦ୍ୱାରା ସେମାନେ ସମସ୍ୟାରୁ ମୁକ୍ତି ପାଇଥାନ୍ତି।

ବିଶ୍ୱବିଦ୍ୟାଳୟର ପି.ଏଚ୍‌ଡି. ସ୍ନାତକ ତଥା ଏହି ଅଧ୍ୟୟନରେ ସାମିଲ ହୋଇଥିବା ପ୍ରମୁଖ ଲେଖିକା ସିଣ୍ଡି ଜୁ କହିଛନ୍ତି, ବିଶାଳ ଆକାର ଲାଗି ଆଲିଗେଟରକୁ ଜଳଦସ୍ୟୁ ବୋଲି ବିବେଚନା କରାଯାଏ। ପ୍ରକୃତିରେ ଅତ୍ୟଧିକ ହିଂସ୍ର ଏହି ଉଭୟଚର ଜୀବ ହାବୁଡ଼ରେ ପଡ଼ିଗଲେ ବର୍ତ୍ତିବା କାଠିକର ପାଠ। ପାଣି ଭିତରେ ଅମାପ ଶକ୍ତିର ଅଧିକାରୀ ଏଲିଗେଟର ହାତୀ ଭଳି ପ୍ରାଣୀଙ୍କ ଶିକାର କରିବା ନଜିର ରହିଛି। ତେବେ ଲାଞ୍ଜ ବୃଦ୍ଧି କରିବାର କ୍ଷମତା ସେମାନଙ୍କୁ ଅନ୍ୟ ଜଳଚର ପ୍ରାଣୀଙ୍କଠାରୁ ସ୍ୱତନ୍ତ୍ର କରିଛି। ତେବେ ଲାଞ୍ଜ କଅଁଳିବା ପ୍ରକ୍ରିୟାରୁ ଦୁଇଟି ସଙ୍କେତ ମିଳିଛି। ଏହାଦ୍ୱାରା କ୍ଷତିଗ୍ରସ୍ତ ମୂଳ ସରଞ୍ଜନାରେ ସୁଧାର ଆସେ ଏବଂ କ୍ଷତ ଶୁଖିବାରେ ସହାୟତା କରେ।

ସବୁଠାରୁ ବଡ଼ କଥା ଆଲିଗେଟରଙ୍କ ନୂତନ ଲାଞ୍ଜ ହାଡ଼ ସହ ସଂଯୁକ୍ତ ମାଂସପେଶୀ ପରିବର୍ତ୍ତେ ସୂତା ଭଳି ସଂଯୋଗୀ ଟିସ୍ୟୁ ମାଧ୍ୟମରେ ସୃଷ୍ଟି ହୋଇଥାଏ, ଯାହା ବୈଜ୍ଞାନିକଙ୍କୁ ଆଶ୍ଚର୍ଯ୍ୟ କରିଛି। ସରୀସୃପ ଏବଂ ଅନ୍ୟ କେତେକ ପ୍ରଜାତିର ପ୍ରାଣୀ ଅଙ୍ଗ ଗଠନ ଭଳି ସ୍ୱତନ୍ତ୍ର କ୍ଷମତାର ଅଧିକାରୀ। ଏହା ଉପରେ ଅଧିକ ଗବେଷଣା ଅତ୍ୟାବଶ୍ୟକ। ଲାଓସିଆନା ଡିପାର୍ଟମେଣ୍ଟ ୱାଇଲ୍ଡ ଲାଇଫ୍ ଆଣ୍ଡ ଫିଶେରିଜ୍‌ର ବାୟୋଲୋଜିଷ୍ଟ ମ୍ୟାନେଜର ରୁଥ ଏମ୍. ଏଲ୍‌ସେ ଏ ସମ୍ପର୍କରେ ଅଧିକ ସୂଚନା ଦେଇ କହିଛନ୍ତି, କେତେକ ଏଲିଗେଟରଙ୍କ ନିକଟରେ ପୁନର୍ବାର ଲାଞ୍ଜ ବଢ଼ାଇବା କ୍ଷମତା ଥିବା ତାଙ୍କ ଟିମ୍ ସଦସ୍ୟଙ୍କ ନଜରକୁ ଆସିଛି। କେବଳ ଏତିକି ନୁହେଁ, ଏହି ପ୍ରଜାତିର ପ୍ରାଣୀ ନିଜ ଶରୀରର କ୍ଷତ ଭରଣା କରିବାରେ ମଧ୍ୟ ସମର୍ଥ। ଏ ବିଷୟରେ ଅଧିକ ଗବେଷଣା କରାଗଲେ ଆର୍ଥ୍ରାଇଟ୍ସ ଭଳି ଅନ୍ୟ କେତେକ ଜଟିଳ ରୋଗ ଚିକିତ୍ସାର ମହୌଷଧି ମିଳିପାରିବ। ଅଧ୍ୟୟନର ସହ ଲେଖିକ ତଥା ଆରିଜୋନା ଷ୍ଟେଟ୍ ୟୁନିଭର୍ସିଟି ସ୍କୁଲ ଅଫ୍ ଲାଇଫ୍ ସାଇନ୍ସର ନିର୍ଦ୍ଦେଶକ ପ୍ରଫେସର କେନେରୋ କୋସୁମୀ କହିଛନ୍ତି, ଆଲିଗେଟରଙ୍କ ନିକଟରେ କ୍ଷୟ ହୋଇଯାଇଥିବା ଲାଞ୍ଜକୁ ପୁନର୍ବାର ତିଆରି କ୍ଷମତା ଆଜି ବି ତିଷ୍ଠି ରହିଛି। ଆଧୁନିକ ପକ୍ଷୀଙ୍କ ପୂର୍ବବଂଶଜ ମଧ୍ୟ ଏଭଳି କ୍ଷମତାର ଅଧିକାରୀ ଥିଲେ। ହେଲେ ସମୟକ୍ରମେ ପକ୍ଷୀମାନେ ଏହି କ୍ଷମତା ହରାଇ ସାରିଲେଣି।

# ହନିମୁନ୍ ଫଟୋ ଶେୟାର କଲେ କାଜଲ



କାଜଲ ଅଗ୍ରୱାଲ

**ମୁମ୍ବାଇ:** ଉଭୟ ସାଉଥ୍ ଇଣ୍ଡଷ୍ଟ୍ରି ଏବଂ ବଲିଉଡ୍‌ରେ କାଜଲ ଅଗ୍ରୱାଲ ଏକ ଜଣାଶୁଣା ନାମ। କାଜଲ ବିବାହ ପରେ ମାଳଦ୍ୱୀପରେ ହନିମୁନ ପାଳନ କରୁଛନ୍ତି। କିଛି ଦିନ ପୂର୍ବରୁ ସେ ବ୍ୟବସାୟୀ ଗୌତମ କିଚଲୁଙ୍କୁ ବିବାହ କରିଥିଲେ। କାଜଲ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍। ଏଥିରେ ସେ ତାଙ୍କ ସ୍ୱାମୀ ଗୌତମଙ୍କ ସହ ସମୁଦ୍ରରେ ସ୍ୱିମିଂ କରୁଥିବାର ନଜର ଆସିଛନ୍ତି। ପହଁରିବା ସମୟରେ ଦୁହେଁ ପରସ୍ପରର ହାତଧରି ଚାହିଁ ରହିଥିଲେ। ଦୁହେଁ ବହୁତ ଖୁସି ଥିବା ଫଟୋରୁ ଜଣାପଡୁଛି। ତାଙ୍କର ଫଟୋଗୁଡ଼ିକୁ ଫ୍ୟାନ୍‌ମାନେ ଖୁବ୍ ପସନ୍ଦ କରିଛନ୍ତି। ଏହି ଫଟୋଗୁଡ଼ିକୁ କାଜଲ ତାଙ୍କ ଅଫିସିଆଲ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। ସେ ଲେଖିଛନ୍ତି ଯେ 'ମୁଁ ସମୁଦ୍ରକୁ ଭଲ ପାଏ। ଫଟୋଗୁଡ଼ିକୁ ବହୁ ପରିମାଣରେ ଲାଇକ୍ ଏବଂ କମେଣ୍ଟ ମିଳିବାରେ ଲାଗିଛି। ସୂଚନାଯୋଗ୍ୟ ଯେ, କାଜଲ ମୁମ୍ବାଇର ଏକ ପଞ୍ଚତାରକା ହୋଟେଲରେ କିଛିଦିନ ପୂର୍ବରୁ ଏକ ବ୍ୟକ୍ତିଗତ ବିବାହ ସମାରୋହ କରିଥିଲେ। ୱାର୍କ ଫ୍ରଣ୍ଟ କଥା କହିବାକୁ ଗଲେ କାଜଲ ଖୁବ ଶୀଘ୍ର କମଲ ହାସନଙ୍କ ଅଭିନୀତ ଆଗାମୀ ଫିଲ୍ମ 'ଇଣ୍ଡିଆନ୍ ୨'ରେ ନଜର ଆସିବେ। ତେବେ ଫ୍ୟାନ୍‌ମାନେ ତାଙ୍କ ଫିଲ୍ମକୁ ଅପେକ୍ଷା କରିଛନ୍ତି।

# ଇସ୍ରାଏଲ୍‌ରେ ଯିଶୁଖ୍ରୀଷ୍ଟଙ୍କ ପିଲାଦିନ ଘର

**ଲଣ୍ଡନ:** ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ପିଲାଦିନ ଘର ଇସ୍ରାଏଲ୍‌ର ନଜାରେଥ୍‌ରେ ବୋଲି ବ୍ରିଟେନ୍‌ର ଜଣେ ପ୍ରତ୍ନତତ୍ତ୍ୱବିତ୍ ଦାବି କରିଛନ୍ତି। ନଜାରେଥ୍‌ରେ ଖନନ ବେଳେ ଏଭଳି ଘଟଣା ସାମ୍ନାକୁ ଆସିଥିଲା ବୋଲି ରିଡିଂ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ବିଶିଷ୍ଟ ପ୍ରତ୍ନତତ୍ତ୍ୱବିତ୍ କେନ୍ ଡାର୍କ ପ୍ରକାଶ କରିଛନ୍ତି। ସେ ନିଜ ପୁସ୍ତକରେ ଏଭଳି ଘଟଣା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ନଜାରେଥ୍ ମଠରେ ସିଷ୍ଟରଙ୍କ ସହ ସେ ୧୪ ବର୍ଷ ରହି ଯିଶୁଙ୍କ ପିଲାଦିନ ଘର ସମ୍ପର୍କରେ ଗବେଷଣା କରିଥିବା କେନ୍ ଡାର୍କ ଉଲ୍ଲେଖ କରିଛନ୍ତି। ଏହି ମଠ ପ୍ରଥମ ଶତାବ୍ଦୀର ହୋଇଥିବାବେଳେ ଏହାକୁ ଯୀଶୁଙ୍କ ବାପା ସେଣ୍ଟ୍ ଜୋଶେଫ୍ ଓ ମା' ଭିର୍ଜିନ୍ ମ୍ୟାରୀ ନିର୍ମାଣ କରିଥିବା ଅନୁମାନ କରାଯାଉଛି।

ରିପୋର୍ଟ ମୁତାବକ ଏହି ମଠ ଏକ ଚର୍ଚ୍ଚ ନିକଟରେ ଅବସ୍ଥିତ। ୧୮୮୦ରେ ଏହାର ପ୍ରଥମ ସନ୍ଧାନ ମିଳିଥିଲା। ଡାର୍କଙ୍କ ପୁସ୍ତକ 'ଦ ସିଷ୍ଟର୍ସ ଅଫ୍ ନଜାରେଥ୍ କନ୍‌ଭେଣ୍ଟ'ରେ ସିଷ୍ଟରଙ୍କ ନନ୍‌ମାନଙ୍କ କଥା ମଧ୍ୟ ଉଲ୍ଲେଖ କରାଯାଇଛି। ମଠର ଖନନ କାର୍ଯ୍ୟ ଓ ରୂପଚର୍ଚ୍ଚା ସମ୍ପର୍କରେ ମଧ୍ୟ ଏଥିରେ ରହିଛି। ୧୯୩୦ ପର୍ଯ୍ୟନ୍ତ ଏହି ରହସ୍ୟର ସନ୍ଧାନ ଲାଗି ପ୍ରୟାସ କରାଯାଇଥିଲା। ନନ୍‌ମାନଙ୍କ ଦ୍ୱାରା ପ୍ରଭୁ ଯିଶୁଖ୍ରୀଷ୍ଟଙ୍କୁ ପିଲାଦିନେ ଏଠାରେ ଲାଳନପାଳନ କରାଯାଉଥିଲା। ବାଇବେଲ୍ ବିଦ୍ୱାନ୍ ଭିକ୍ଟୋର ଗୁଇରିନ୍ ୧୮୮୮ ମସିହାରେ ମଧ୍ୟ ଏଭଳି ଦାବି କରିଥିଲେ। ୧୯୩୬ରୁ ୧୯୬୪ ମସିହା ମଧ୍ୟରେ ସେଠାରେ ଅନେକ ଖନନ କାର୍ଯ୍ୟ କରାଯାଇଛି। ପ୍ରଫେସର ଡାର୍କ ଏସବୁକୁ ନେଇ ଏକ ସନ୍ଦର୍ଭ ଲେଖି ଚର୍ଚ୍ଚାକୁ ଆସିଛନ୍ତି।



**ଏମ ଜନ୍ମଦିନ ଶୁଭେଚ୍ଛା**



(ପ୍ରାଚୀ)
କ୍ରିଷ୍ଣା କୁମାରୀ ସାହୁ
ମାତା: ଅନୁସୂୟା ସାହୁ, ପିତା: ପଙ୍କଜ ସାହୁ
କଂସାରୀସାହି ପାଟଣା, କଂଟିଲୋ
ଶ୍ରୀ ନୀଳମାଧବ ଓ ଜଗତରନାଥ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଓ ଦୀର୍ଘାୟୁ କରନ୍ତୁ, ଏତିକି କାମନା ।
-:ଆଶୀର୍ବାଦ ସହ:-
ଜେଜେମା', ପିଉସା, ପିଉସୀ, ବଡ଼ବାପା, ବଡ଼ ମାମା, ଓମ୍ ଭାଇ, ଆୟୁଷ, ସୋଫିଆ, ସୌମ୍ୟା, ଲିସା, ଗୁଡୁଲ୍ ।
ଧ-୧୯୦୪୯

**ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା**



(ନାନୁ)
ସାଇଶ୍ରୀ
ଭଙ୍ଗିମୁଣ୍ଡା, କଟକ
ସ୍ୱପ୍ନ ଆଉ ବାସ୍ତବତାର ଛାଇ ଆଲୁଅରେ କେବେ ବି ମଉଳୁ ନଥିବା ତୁ ଏକ ଅମ୍ଳାନ ଫୁଲ। ଯେତେ ପଛରେ ଛାଡି ଆସିଲେ ବି ଚାହିଁଲା ବେଳକୁ ଆଗେ ଆଗେ ଚାଲୁଥାଏ ସୁନାରଙ୍ଗୀ ନୀଳପରୀ ଝଲମଲ। ୩ବର୍ଷ ଜନମ ଦିନରେ ତୋ' ପାଇଁ ଆକାଶେ ଭଲପାଇବା ଓ ଗେଲ। ମା' ନାରାୟଣୀ ଓ ପ୍ରଭୁ ଶ୍ରୀନୀଳମାଧବଙ୍କ ଦୟାର ଦୟଣା ଝରୁଥାଉ ସାରା ଜୀବନେ ତୋର।
-:ଆଶୀର୍ବାଦ ସହ:-
ପାପା, ମାମା, ମାମାଲି ଦିଦି, କଂଟିଲୋରୁ ଅଜା, ଆଈ, ନାନୀମାନେ, ସାନୁ, ଗୁଡୁ ଓ ଡୁଡୁ ମାମୁ, ଲିଟିଲ ମାଇଁ ।
ଧ-୧୯୦୪୫

**Happy Birthday**



(Pravu)
Many many happy returns of the day happy birthday pravu.God bless you.....Jayguru.....
-:Best wishes:-
Bapuni & family relatives
D-19051

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ମନେ ପଡ଼ନ୍ତି**

**ଏକାଦଶତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା କନକଲତା ଶତପଥୀ
ମାଛୁଆତି, ସାଲେପୁର, କଟକ
ଆବିର୍ଭାବ: ୧୯।୦୭।୧୯୪୨
ତିରୋଧାନ: ୩୦।୧୦।୨୦୦୯
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: ପୂର୍ଣ୍ଣଚନ୍ଦ୍ର ଶତପଥୀ, ପୁତ୍ର: ଗୋପବନ୍ଧୁ, ହରିବନ୍ଧୁ, ସୁଜିତ୍, ଅଜିତ୍, ଅନିଲ୍, ପୁତ୍ରବଧୂ: ସ୍ୱର୍ଣ୍ଣପ୍ରଭା, ଶୁଭଶ୍ରୀ, ଶୈଳବାଳା, ବୈଜୟନ୍ତୀମାଳା, ସସ୍ମିତା, ଝିଅ: ପ୍ରଭାସିନୀ, ଜୟଶ୍ରୀ, ଜ୍ୱାଇଁ: ପ୍ରଦୀପ, ଅମରେନ୍ଦ୍ର, ନାତି-ନାତୁଣୀ: ମାମୁନି, ସାଇ ।
ଧ-୧୯୦୫୦

**ଏକାଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ହରେକୃଷ୍ଣ ସାହୁ
ଗ୍ରାମ: ବାଲିହୁଡା, ଶଣ୍ଢରା ଶାସନ, ସାକ୍ଷୀଗୋପାଳ
ଆବିର୍ଭାବ: ୧୯୪୬
ତିରୋଧାନ: ୧୬।୧୧।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମକୁ ଆଗକୁ ବାଟ କଢ଼ାଉଥିଲା। ଆପଣ ଆମ ହୃଦୟରେ ଚିର ଅମର ରହିବେ। ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୬୬୬୨୮

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ସୁବାଶ ଚନ୍ଦ୍ର ପଟ୍ଟନାୟକ
ଅଯୋଧ୍ୟା ନଗର, ବ୍ରହ୍ମପୁର
ଆବିର୍ଭାବ: ୨୮।୦୮।୧୯୪୨
ତିରୋଧାନ: ୧୪।୧୧।୨୦୨୦
ତୁମେ ଆମକୁ ଶୋକସାଗରରେ ଭସାଇ ଦେଇ ଇହଲୀଳା ସମ୍ବରଣ କଲ। ତୁମର ଆଦର୍ଶ, ତ୍ୟାଗ, ନିଷ୍ଠା, ଧର୍ମପରାୟଣତା, ସଚ୍ଚୋଟ, ସ୍ନେହ, ସମସ୍ତଙ୍କ ପାଇଁ ଅଭୁଲା ହୋଇ ରହିବ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଦେବୀ ପ୍ରସାଦ (ଆମେରିକା ବାସିନ୍ଦା), ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୬୬୬୫୧

# ହାର୍ ମାନିଛି ପ୍ରତିକୂଳ ପରିସ୍ଥିତି

**ଚଣ୍ଡିଗଡ଼:** ଦୃଢ଼ ମନୋବଳ ଆଉ ଲକ୍ଷ୍ୟ ସ୍ଥିର ଥିଲେ ସବୁ ପ୍ରତିକୂଳ ପରିସ୍ଥିତି ବି ହାର୍ ମାନେ। ଏହାକୁ ପ୍ରମାଣ କରିଛନ୍ତି ହରିୟାଣାର ମହିଳା ବକ୍ସର ମଞ୍ଜୁ ରାଣୀ। ଆର୍ଥିକ ଅଭାବ ଅନଟନ ସତ୍ତ୍ୱେ ଆଜି ସେ ଅନ୍ତର୍ଜାତୀୟ ସ୍ତରରେ ବି ସଫଳତା ହାସଲ କରିପାରିଛନ୍ତି।

ହରିୟାଣା ରୋହତକ୍‌ର ରିଠାଲ ଫଗୋଟ ଗାଁର ମଞ୍ଜୁ ଏବେ ଅନ୍ତର୍ଜାତୀୟ ସ୍ତରର ବକ୍ସରଙ୍କ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଅଲିମ୍ପିକ୍ ଖେଳରେ ଭାଗ ନେବା ପାଇଁ ସେ ଏବେ ଜୋରଦାର ଅଭ୍ୟାସ କରୁଛନ୍ତି। ମାତ୍ର ୨୦ ବର୍ଷ ବୟସରେ ସେ ଏହି ସଫଳତା ହାସଲ କରି ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଗତ ବର୍ଷ ସେ ବିଶ୍ୱ ବକ୍ସିଂ ଚମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। ଆଉ ଏଥର ୨୦୨୪ରେ ହେବାକୁ ଥିବା ଅଲିମ୍ପିକ୍‌ରେ ଭାଗ ନେଇ ସଫଳତା ହାସଲ କରିବା ପାଇଁ ସେ କଠିନ ଅଭ୍ୟାସ ଜାରି ରଖିଛନ୍ତି। ତେବେ ୨୮ କିଲୋଗ୍ରାମ୍‌ର ଭାର ଉତ୍ତୋଳନ କ୍ଷେତ୍ରରେ ମଞ୍ଜୁ ଅନ୍ତର୍ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। କିନ୍ତୁ ଏବେ ସେ ୫୧ କିଲୋଗ୍ରାମ୍‌ରେ ଭାଗ ନେବା ପାଇଁ ଇଚ୍ଛା ରଖିଛନ୍ତି।



ମଞ୍ଜୁ ରାଣୀ

**RIDHI FINANCE**
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
ଯାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତି ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
BALAJI FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉ, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
08763569043

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole, Sambalpur
9438082179
8480403308

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W
(Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

**ଟିକସଦାତାଙ୍କୁ ୧.୩୬ ଲକ୍ଷ କୋଟି ଟଙ୍କାର ରିଫଣ୍ଡ**

ଚଳିତ ଆର୍ଥିକ ବର୍ଷ ବର୍ତ୍ତମାନ ସୁଦ୍ଧା ଆୟକର ବିଭାଗ ୪୧.୨୫ ଲକ୍ଷ ଟିକସଦାତାଙ୍କୁ ୧.୩୬ ଲକ୍ଷ କୋଟି ଟଙ୍କାର ରିଫଣ୍ଡ ଜାରି କରିଛି। ବ୍ୟକ୍ତିଗତ ଆୟକର ରିଫଣ୍ଡ ଭାବେ ୩୬,୦୨୮ କୋଟି ଏବଂ ୧ ଲକ୍ଷ କୋଟି ଟଙ୍କାର କର୍ପୋରେଟ ଟିକସ ବାବଦ ରିଫଣ୍ଡ ଜାରି କରାଯାଇଛି। ଆୟକର ବିଭାଗ ପକ୍ଷରୁ ଟୁଇଟ ଯୋଗେ ଏଭଳି ସୂଚନା ଦିଆଯାଇଛି।

# ନିବେଶକଙ୍କ କ୍ଷତି ୨.୨୨ ଲକ୍ଷ କୋଟି



ମୁମ୍ବାଇ,୨୫।୧୧

ଗତ କିଛିଦିନ ଧରି ଦେଶର ପୁଞ୍ଜିବଜାରରେ କାରବାର ବଢ଼ି ଚାଲିଥିଲା। ବୁଧବାର ଏଥିରେ ଝଟକା ଲାଗିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ) କାରବାର ଖସିଥିବା ନଜରକୁ ଆସିଛି। ଫଳରେ ନିବେଶକ ୨.୨୨ ଲକ୍ଷ କୋଟି ଟଙ୍କା କ୍ଷତି ସହିଛନ୍ତି। ୩୦ ଶେୟାର ବିଶିଷ୍ଟ ସେନ୍ସେକ୍ସ ୬୯୫

**ସେନ୍ସେକ୍ସ ୬୯୫ ପଏଣ୍ଟ ଖସିଲା**

ପଏଣ୍ଟ (୧.୫୬%) ଖସିଛି। ବ୍ୟାଙ୍କିଙ୍ଗ୍, ରିୟଲିଟି, ଫାର୍ମା ଏବଂ ଆଇଟି କ୍ଷେତ୍ରର ଷ୍ଟକ୍ କାରବାର ବୁଧବାର ପ୍ରଭାବିତ ହୋଇଥିବା ଜଣାପଡିଛି। ସେନ୍ସେକ୍ସ ୧.୫୬% ଖସିବା ଯୋଗୁ ଏହା ୪୩,୮୨୮ ପଏଣ୍ଟ ସ୍ତରକୁ ଖସିଆସିଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ) ନିଫ୍ଟି କାରବାର ୧୯୭ ପଏଣ୍ଟ (୧.୫୧%) ନିମ୍ନରେ ରହି ୧୨,୮୫୮ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି।

କେବଳ ଓଏନ୍ଜିସି ଏବଂ ପାୱାର ଗ୍ରୀଡ୍ ଭଲ କାରବାର ହାସଲ କରିଛନ୍ତି। ଏନ୍ଏସ୍ଇ ପ୍ଲାଟ୍ଫର୍ମରେ ରିୟଲିଟି ଫାର୍ମା ଏବଂ ଘରୋଇ ବ୍ୟାଙ୍କ ଏବଂ ବ୍ୟାଙ୍କ ଶେୟାର କାରବାର ପ୍ରାୟ ୨.୨୫% ହ୍ରାସ ହୋଇଛି। ବଜାର ବିଶେଷଜ୍ଞଙ୍କ ମୁତାବକ, କରୋନା ଭାକ୍ସିନ ଆଶା ଏବଂ ବିଦେଶୀ ନିବେଶକଙ୍କ ମଧ୍ୟରେ ଉତ୍ସାହ ଯୋଗୁ ଭାରତୀୟ ଶେୟାର ବଜାର କାରବାର ବେଶ୍ ଉନ୍ନତ ହେଉଥିଲା। ମାତ୍ର ଦିନର ଦ୍ୱିତୀୟ ଭାଗରେ ନିବେଶକ ପ୍ରଫିଟ ବୁକିଂ କରିବା ଯୋଗୁ ବଜାରରେ ଅଚାନକ ହ୍ରାସ ପରିଲକ୍ଷିତ ହୋଇଛି। ସ୍ୱଳ୍ପ ମିଆଦୀ ଭିତ୍ତିରେ ପ୍ରଫିଟ ବୁକିଂ ଘଟଣା ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ବିଶେଷଜ୍ଞ କହିଛନ୍ତି।

ଅପରପକ୍ଷରେ ରାଷ୍ଟ୍ରପତି ଭାବେ ନିର୍ବାଚିତ ବାଇଡେନ୍ଙ୍କ ଟ୍ରାଞ୍ଜିଶନ ଖବର ଆସିବା ପରେ ଆମେରିକାର ଶେୟାର ବଜାର ରେକର୍ଡ ସ୍ତରରେ ବନ୍ଦ ହୋଇଛି। ବର୍ତ୍ତମାନର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବାଇଡେନ୍ଙ୍କୁ ଶୀଘ୍ର କ୍ଷମତା ହସ୍ତାନ୍ତର କରିବେ ବୋଲି ଜଣାପଡିଛି। ଏହି ଖବର ଆସିବା ପରେ ୱାଲ୍ଷ୍ଟ୍ରିଟ୍ର ପ୍ରମୁଖ ସୂଚକାଙ୍କରେ କାରବାର ବେଶ୍ ଉନ୍ନତ ରହିଛି। ବ୍ଲୁଚିପ୍ ଡାଓ ରେକର୍ଡ ଉଚ୍ଚ ସ୍ତରରେ ରହିଛି। ସେହିଭଳି ଏସ୍ଆଣ୍ଡପିର ସମସ୍ତ ୧୧ ସୂଚକାଙ୍କ ଊର୍ଦ୍ଧ୍ୱଗାମୀ ରହିଛି। ଏହି ସମୟରେ ଟେସ୍ଲା କମ୍ପାନୀର ଶେୟାର କାରବାର ୩.୩% ବୃଦ୍ଧି ହୋଇଥିବା ନଜରକୁ ଆସିଛି। ୟୁଏସ୍ ଶେୟାର ବଜାରରେ ବ୍ୟାଙ୍କ, ଶକ୍ତି ଏବଂ ଶିଳ୍ପ କ୍ଷେତ୍ର ଶେୟାର କାରବାର ଉନ୍ନତ ରହିଛି।

## ଆଦର୍ଶ ରେଣ୍ଟାଲ ଆଇନ ଆଣିବେ ସରକାର



**ନୂଆଦିଲ୍ଲୀ, ୨୫।୧୧:** ସରକାର ଆଗାମୀ ଦିନରେ ଏକ ରେଣ୍ଟାଲ ବା ଭଡା ସଂକ୍ରାନ୍ତ ଆଇନ ଆଣିବାକୁ ଯୋଜନା ରଖିଛନ୍ତି। ଆବାସ ଏବଂ ସହରୀ ବ୍ୟାପାର ସଚିବ ଦୁର୍ଗା ଶଙ୍କର ମିଶ୍ର ଗୁରୁବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ଅବସରରେ ସୂଚନା ଦେଇ ସେ କହିଛନ୍ତି, ଏହା ଦ୍ୱାରା ରିୟଲ ଇଷ୍ଟେଟ କ୍ଷେତ୍ର ଏବଂ ଭଡାରେ ପ୍ରଦାନ କରାଯାଉଥିବା ଘର କ୍ଷେତ୍ରକୁ ପ୍ରୋତ୍ସାହନ ମିଳିବ। ନାରେଡକୋ ପକ୍ଷରୁ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ସେ ଏଭଳି କହିଛନ୍ତି। ଜୁଲାଇ ୨୦୧୯ରେ ସରକାର ମଡେଲ ଟେନାନ୍ସି ଆଇନର ଡ୍ରାଫ୍ଟ କରିଥିଲେ। ପ୍ରବାସୀଙ୍କ ଲାଗି ଆରମ୍ଭ କରାଯାଇଥିବା ସୁଲଭ ଘରଭଡା କମ୍ପ୍ଲେକ୍ସ ସ୍କିମର ଅଗ୍ରଗତି ଉନ୍ନତ ରହିଛି। ଏହା ଆଗାମୀ ଦିନରେ ସହରଗୁଡିକରେ ବସ୍ତିକୁ କମାଇବା ଦିଗରେ ସହାୟକ ହେବ। ଦେଶରେ ହାଉସିଂ ସେଲ୍କୁ ବଢାଇବା ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଉଥିବା ସେ ମତ ରଖିଛନ୍ତି। ସେହିଭଳି ଲକଡାଉନର ବିଭିନ୍ନ କଟକଣାକୁ ଧୀରେ ଧୀରେ ହଟାଯାଉଛି। ଘର ବିକ୍ରିକୁ ବଢାଇବା ଲାଗି ପଞ୍ଜୀକରଣ ବେଳେ ଲାଗୁ ହେଉଥିବା ଷ୍ଟାମ୍ପ ଡ୍ୟୁଟିକୁ ମହାରାଷ୍ଟ୍ର ଏବଂ କର୍ନାଟକ ଭଳି ରାଜ୍ୟ ବାଦ ଦେଇଛନ୍ତି। ହାଉସିଂ କ୍ଷେତ୍ରକୁ ଉତ୍ସାହିତ କରିବା ଲାଗି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଷ୍ଟାମ୍ପ ଡ୍ୟୁଟି କୋହଳ କରିବା ଲାଗି ସେ ନିବେଦନ କରିଛନ୍ତି।

## ୪୩ ଆପ୍ ବ୍ୟାନ୍କୁ ଚାଇନାର ବିରୋଧ



**ନୂଆଦିଲ୍ଲୀ, ୨୫।୧୧:** ଦେଶର ସଂହତି ଏବଂ ସାର୍ବଭୌମତ୍ୱକୁ ବିପଦ ଥିବା ଆଶଙ୍କା କରି ଭାରତ ସରକାର ୪୩ ଚାଇନା ମୋବାଇଲ ଆପ୍କୁ ବ୍ୟାନ କରିଛନ୍ତି। ଭାରତର ଏଭଳି ନିଷ୍ପତ୍ତିକୁ ଚାଇନା ବିରୋଧ କରିଛି। ଏହା ବିଶ୍ୱ ବାଣିଜ୍ୟ ସଙ୍ଗଠନ(ଡବ୍ଲ୍ୟୁଟିଓ)ର ନିୟମକୁ ଉଲ୍ଲଘଂନ କରିଥିବା ଚାଇନା ଅଭିଯୋଗ କରିଛି। ଭାରତର ଏହି କାର୍ଯ୍ୟାନୁଷ୍ଠାନକୁ ନେଇ ଚାଇନାର ବିଦେଶ ମନ୍ତ୍ରଣାଳୟ ପ୍ରବକ୍ତା ଝାଓ ଲିଜିଆନ ଏକ ଖବରଦାତା କାର୍ଯ୍ୟକ୍ରମରେ ଗମ୍ଭୀର ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି, ଜୁନଠାରୁ ବର୍ତ୍ତମାନ ଯାଏ ରାଷ୍ଟ୍ରୀୟ ସୁରକ୍ଷା ନାମରେ ଚାଇନାର ସ୍ମାର୍ଟଫୋନ ଆପ୍ଗୁଡିକ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଭାରତର ଏଭଳି ନୀତି ବିଶ୍ୱ ବାଣିଜ୍ୟ ସଙ୍ଗଠନ ନୀତି ବିରୋଧୀ। ଏହା ବଜାର ସିଦ୍ଧାନ୍ତକୁ ଉଲ୍ଲଂଘନ କରୁଥିବାବେଳେ ଏଥିରେ ଚାଇନା କମ୍ପାନୀଗୁଡିକର ହିତକୁ ଅଣଦେଖା କରାଯାଇଥିବା ସେ କହିଛନ୍ତି।

## ୟୁନିୟନ ଆସେଟ୍ ମ୍ୟାନେଜମେଣ୍ଟର ନୂଆ ଫଣ୍ଡ୍

**ନୂଆଦିଲ୍ଲୀ,୨୫।୧୧:** ୟୁନିୟନ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ(ୟୁନିୟନ ଏଏମ୍ସି) ୟୁନିୟନ ହାଇବ୍ରିଡ୍ ଇକ୍ୱିଟି ଫଣ୍ଡ ପ୍ରଚଳନ ସମ୍ପର୍କରେ ଘୋଷଣା କରିଛି। ଏହା ଏକ ଓପନ ଏଣ୍ଡେଡ ହାଇବ୍ରିଡ୍ ସ୍କିମ୍, ଯାହା ମୁଖ୍ୟତଃ ଇକ୍ୱିଟି ଏବଂ ଇକ୍ୱିଟି ସମ୍ପର୍କିତ କ୍ଷେତ୍ରରେ ନିବେଶ କରୁଛି। ଏହି ସ୍କିମ୍ ଇକ୍ୱିଟିରେ ସର୍ବନିମ୍ନ ୬୫% ଓ ଡେଟ୍ରେ ସର୍ବାଧିକ ୩୫% ନିବେଶ କରିବା ନେଇ ସୂଚନା ଦେଇଛି। ସ୍କିମ୍ର ନ୍ୟୁ ଫଣ୍ଡ ଅଫର (ଏନ୍ଏଫ୍ଓ) ୨୭ ନଭେମ୍ବର ୨୦୨୦ ଉନ୍ମୁକ୍ତ ହୋଇ ୧୧ ଡିସେମ୍ବର ୨୦୨୦ରେ ବନ୍ଦ ହେବ। ଏହାର ଆବଣ୍ଟନ ୧୮ ଡିସେମ୍ବର ୨୦୨୦ରୁ କରାଯିବ ଏବଂ ୨୮ଡିସେମ୍ବର ୨୦୨୦ରୁ ଏହାର ନିରନ୍ତର ବିକ୍ରି ଓ କ୍ରୟ ନିମନ୍ତେ ପୁନଃ ଉନ୍ମୁକ୍ତ ହେବ।

## ଓଡ଼ିଶାରେ ୧୫୦୦ କୋଟି ନିବେଶ କରିବ ଶିବା ସିମେଣ୍ଟ

ଭୁବନେଶ୍ୱର,୨୫।୧୧

ଜେଏସ୍ଡବ୍ଲ୍ୟୁ ସିମେଣ୍ଟ ଲିମିଟେଡ୍ର ସହଯୋଗୀ ସଂସ୍ଥା ଶିବା ସିମେଣ୍ଟ ଓଡ଼ିଶାରେ ୧୫୦୦ କୋଟି ଟଙ୍କା ନିବେଶ ଯୋଜନା ରଖିଛି। ଜେଏସ୍ଡବ୍ଲ୍ୟୁ ସିମେଣ୍ଟର ପରିଚାଳନା ନିର୍ଦ୍ଦେଶକ ପାର୍ଥ ଜିନ୍ଦଲ ବୁଧବାର ଏକ ଭର୍ଚୁଆଲ କାର୍ଯ୍ୟକ୍ରମରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଶିବା ସିମେଣ୍ଟ ପକ୍ଷରୁ ନୂଆ କ୍ଲିଙ୍କର ୟୁନିଟ ସ୍ଥାପନ ଯୋଜନା ଜରିଆରେ ପୁଞ୍ଜିନିବେଶ ଯୋଜନା ରଖାଯାଇଛି।

- ସୁନ୍ଦରଗଡ଼ରେ ସ୍ଥାପନ କରିବ ନୂଆ କ୍ଲିଙ୍କର ୟୁନିଟ
- ୫୦୦ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ

ସୁନ୍ଦରଗଡ଼ ଜିଲାରେ ସ୍ଥାପନ ହେବାକୁ ଥିବା ୧.୩୬ ନିୟୁତ ଟନ୍ କ୍ଷମତା ବିଶିଷ୍ଟ କ୍ଲିଙ୍କର ୟୁନିଟରେ ଏହି ପୁଞ୍ଜିନିବେଶ କରାଯିବ। ଏଥିରେ ବାର୍ଷିକ ୧ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଗ୍ରାଇଣ୍ଡିଂ ୟୁନିଟ, ୮ ମେଗାୱାଟ୍ ହେଭିହିଟ୍ ରିକଭରି ପାୱାର ପ୍ଲାଣ୍ଟ, ଡୋଲାମାଇଟ ଚୂନପଥର ଖଣିଗୁଡିକରେ ବାର୍ଷିକ ୪ ନିୟୁତ ଟନ୍ କ୍ରସିଂ ୟୁନିଟ ସ୍ଥାପନ କରାଯିବ। ସେହିଭଳି ଚୂନପଥର ଖଣିରୁ କାରଖାନାକୁ ପରିବହନ ନିମନ୍ତେ ୧୦ କିଲୋମିଟର ଦୀର୍ଘ ଓଭରଲାଣ୍ଡ ବେଲ୍ଟ କନଭେୟର ଏବଂ ନିଜସ୍ୱ ୧୨ କି.ମି.ରେ ରେଳ ଟ୍ରାକ୍ ଭଳି ବିଭିନ୍ନ କାର୍ଯ୍ୟ କମ୍ପାନୀ ହାତକୁ ନେବ। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଜିନ୍ଦଲ ସ୍ପଷ୍ଟ କରିଛନ୍ତି।

ଶିବା ସିମେଣ୍ଟର କ୍ଲିଙ୍କର ପ୍ରକଳ୍ପର କାର୍ଯ୍ୟକାରିତା ଠିକା ଥାଇସେନକ୍ରୁପ ଇଣ୍ଡଷ୍ଟ୍ରିଜ ଏବଂ ଲାର୍ସନ ଟୁବ୍ରୋକୁ ପ୍ରଦାନ କରାଯାଇଛି। ଦୈନିକ ୪ ହଜାର ଟନ୍ କ୍ଷମତା ବିଶିଷ୍ଟ କ୍ଲିଙ୍କରାଇଜେଶନ ୟୁନିଟର ଡିଜାଇନ ଯୋଗାଣର ଠିକା



କାମ ଥାଇସେନକ୍ରୁପ କରୁଛି। ନୂଆ କ୍ଲିଙ୍କର ୟୁନିଟର ସିଭିଲ, ମେକାନିକାଲ ଏବଂ ରିଫ୍ରାକ୍ଟରି କାମ ଲାର୍ସନ ଏବଂ ଟୁବ୍ରୋକୁ ପ୍ରଦାନ କରାଯାଇଛି। ଆସନ୍ତା ଆର୍ଥିକ ବର୍ଷ ଶେଷ ସୁଦ୍ଧା ନୂଆ କ୍ଲିଙ୍କର ୟୁନିଟ ସ୍ଥାପନ କରିବାକୁ ଯୋଜନା ରଖାଯାଇଛି। ୨୦୨୫ ସୁଦ୍ଧା ବାର୍ଷିକ ୨୫ ନିୟୁତ ଟନ୍ କ୍ଷମତା ହାସଲ ଏବଂ ୨୦୨୨ ସୁଦ୍ଧା ଆଇପିଓ ଆଣିବା ଲାଗି ଜେଏସ୍ଡବ୍ଲ୍ୟୁ ସିମେଣ୍ଟ ଲକ୍ଷ୍ୟ ରଖିଥିବା ଜିନ୍ଦଲ ସ୍ପଷ୍ଟ କରିଛନ୍ତି।

## ସୋନିର ନୂଆ କ୍ୟାମେରା

**ନୂଆଦିଲ୍ଲୀ,୨୫।୧୧:** ସୋନି ଇଣ୍ଡିଆ ପକ୍ଷରୁ ୨ଟି ଅତ୍ୟାଧୁନିକ ଓ ଦାମୀ କ୍ୟାମେରାର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅତ୍ୟାଧୁନିକ କ୍ୟାମେରା ଆଲ୍ଫା ୭ସି ଫୁଲ୍ ଫ୍ରେମ୍ କ୍ୟାମେରା (ମଡେଲ ଆଇଏଲ୍ସିଇ-୭ସି) ଏବଂ ଏଫ୍ଇ୨୮-୬୦ଏମ୍ଏମ୍ ଏଫ୍୪-୫.୬ (ଏସ୍ଇଏଲ୍୨୮୬୦) ଜୁମ୍ ଲେନ୍ସ ସୁବିଧା ସହ ଆସିଛି। ଆଲ୍ଫା ୭ସି ହେଉଛି ପୃଥିବୀର ସବୁଠାରୁ ଛୋଟ ଏବଂ ହାଲୁକା ଫୁଲ୍ ଫ୍ରେମ୍ ବଡି ସୁବିଧା ରହିଛି। ଏଥିରେ ଉନ୍ନତ ଏଏଫ୍ (ଅଟୋଫୋକସ), ହାଇ ରିଜୋଲ୍ୟୁସନ ୪କେ ଭିଡିଓ ସାମର୍ଥ୍ୟ ଏବଂ ଆହୁରି ଅନେକ କିଛି ସୁବିଧା ରହିଛି। ଉନ୍ନତ ଇମେଜିଂ ଟେକ୍ନୋଲୋଜି ଏବଂ ସହଜ ବ୍ୟବହାରଯୋଗ୍ୟ ଉପଯୋଗିତା ସହିତ ବ୍ଲଗର ଏବଂ ଭିଡିଓ କ୍ରିଏଟରମାନଙ୍କ ପାଇଁ ପରିକଳ୍ପିତ । ସେହିଭଳି ଦୀର୍ଘ ଚଳଚ୍ଚିତ୍ର ରେକର୍ଡିଂ ପାଇଁ ଏହା ବ୍ୟାଟେରି ସ୍ଥାୟିତ୍ୱ ପ୍ରଦାନ କରିଥାଏ। ଆଲ୍ଫା ୭ସି (କେବଳ ବଡି) ୧,୬୭,୯୯୦ ଟଙ୍କା ରହିଥିବା ବେଳେ ଆଲ୍ଫା ୭ସିଏଲ୍ (ନୂତନ କିଟ୍ ଲେନ୍ସ ଏସ୍ଇଏଲ୍୨୮୬୦ ସହିତ) ୧,୯୬,୯୯୦ ଟଙ୍କା ରହିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।















ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଗୁରୁବାର, ନଭେମ୍ବର ୨୬/୨୦୨୦ Thursday, November 26/ 2020

# ଗୋଆକୁ ହରାଇଲା ମୁମ୍ବାଇ

**ମାର୍ଗାଓ, ୨୫।୧୧**

ଆଡାମ ଲି ଫନ୍‌ଡ୍ରେଙ୍କ ଇଞ୍ଜୁରି ଟାଇମ୍ ପେନାଲ୍ଟି ଗୋଲ ବଳରେ ମୁମ୍ବାଇ ସିଟି ଏଫ୍‌ସି ବୁଧବାର ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍) ମ୍ୟାଚରେ ଗତ ସଂସ୍କରଣର ଲିଗ୍ ପର୍ଯ୍ୟାୟ ବିଜେତା ଏଫ୍‌ସି ଗୋଆକୁ ୧-୦ ଗୋଲରେ ପରାସ୍ତ କରିଛି। ଫଳରେ ମୁମ୍ବାଇ ପୁରା ୩ ପଏଣ୍ଟ ପାଇଥିବାବେଳେ ଗୋଆକୁ ନିରାଶ ହେବାକୁ ପଡ଼ିଛି। ନିଜ ପ୍ରଥମ ମ୍ୟାଚରେ ନର୍ଥଇଷ୍ଟ ୟୁନାଇଟେଡ ନିକଟରୁ ପରାଜିତ ହୋଇଥିବା ମୁମ୍ବାଇର ଏହା ପ୍ରଥମ ବିଜୟ। ଅନ୍ୟ ପକ୍ଷରେ ବେଙ୍ଗାଲୁରୁ ଏଫ୍‌ସି

### ଇଣ୍ଡିଆନ ସୁପରଲିଗ୍

ବିପକ୍ଷରେ ମ୍ୟାଚ ଡ୍ର ରଖି ଅଭିଯାନ ଆରମ୍ଭ କରିଥିବା ଗୋଆ ଏଠାରେ ମଧ୍ୟ ନିରାଶ ହୋଇଛି। ବିଶେଷ କରି ମ୍ୟାଚକୁ ଡ୍ର ଦ୍ୱାରରେ ଦଳ ପହଞ୍ଚିଥିବାବେଳେ ପରାଜୟ ବରଣ ଅଧିକ ନୈରାଶ୍ୟ ଆଣିଛି। ମୁମ୍ବାଇର ସି.ଓ୍ୱାଇ. ଗୋଡାର୍ଡ ପାସ୍ ଅଫ୍ ଦି ମ୍ୟାଚ ଏବଂ ଫନ୍‌ଡ୍ରେ ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି।

ମ୍ୟାଚର ପ୍ରଥମାର୍ଦ୍ଧ ସଂଘର୍ଷପୂର୍ଣ୍ଣ ରହିଥିଲା। ଗତ ସଂସ୍କରଣର ଲିଗ୍ ବିଜେତା ଏଫ୍‌ସି ଗୋଆକୁ କଡ଼ା ଟକ୍କର ଦେଇଥିଲା ମୁମ୍ବାଇ ସିଟି। ଉଭୟ ଦଳ ଅନେକ ସୁଯୋଗ ପାଇଥିଲେ ହେଁ ଉପଯୁକ୍ତ ଫିନିଶିଂ ଅଭାବରୁ ଗୋଲ ହୋଇପାରି ନ ଥିଲା। ୩୯ତମ ମିନିଟରେ ଗୋଆର ରିଡିମ ଟ୍ଲାଙ୍ଗ୍



ଇଞ୍ଜୁରି ଟାଇମ୍‌ରେ ମୁମ୍ବାଇ ସିଟି ଏଫ୍‌ସି ପକ୍ଷରୁ ଗୋଲ୍ ଦେଉଛନ୍ତି ଆଡାମ ଲି ଫନ୍‌ଡ୍ରେ।

ବିପଜ୍ଜନକଭାବେ ପ୍ରତିପକ୍ଷ ଦଳର ହେର୍ନାନ ସାଣ୍ଟାନାଙ୍କୁ ଚ୍ୟାଲେଞ୍ଜ କରିଥିଲେ। ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ ଟ୍ଲାଙ୍ଗ୍ ମୁମ୍ବାଇ ଖେଳାଳିଙ୍କୁ ଆଣ୍ଠୁରେ ଆଘାତ କରିଥିବା ରେଫରିଙ୍କ ନଜରକୁ ଆସିଥିଲା। ଫଳରେ ସେ ୪୦ତମ ମିନିଟରେ ରେଡ୍‌କାର୍ଡ ଦେଖାଇଥିଲେ। ଫଳରେ ଗୋଆ ମ୍ୟାଚର ଅର୍ଦ୍ଧାଧିକ ସମୟ ୧୦ ଜଣିଆ ହୋଇ ଯାଇଥିଲା। ମ୍ୟାଚରେ ଗୋଆ ପ୍ରଭାବୀ ଥିବାବେଳେ ଟ୍ଲାଙ୍ଗଙ୍କ ପ୍ରଦର୍ଶନରେ ଅସନ୍ତୁଷ୍ଟ ହୋଇଥିଲେ କୋଚ୍ ଜୁଆନ ଫର୍ନାଣ୍ଡୋ।

ପ୍ରଥମାର୍ଦ୍ଧ ପରି ଦ୍ୱିତୀୟାର୍ଦ୍ଧ ମଧ୍ୟ ଉତ୍ତେଜନାପୂର୍ଣ୍ଣ ରହିଥିଲା। ତେବେ ସମକକ୍ଷ ପ୍ରଦର୍ଶନ ଯୋଗୁ ୯୦ ମିନିଟ ପର୍ଯ୍ୟନ୍ତ ଗୋଲ ହୋଇପାରି ନ ଥିଲା। ଶେଷ ୫ ମିନିଟ ଇଞ୍ଜୁରି ଟାଇମ୍ ମ୍ୟାଚରେ ରୋମାଞ୍ଚ ଆଣିଥିଲା। ୯୦+୩ ମିନିଟରେ ମୁମ୍ବାଇର ଇଂଲଣ୍ଡ ଜନ୍ମିତ ଜାପାନୀ ମିଡ୍‌ଫିଲ୍ଡର ସି.ଓ୍ୱାଇ. ଗୋଡାର୍ଡ ଡାହାଣପଟରୁ ବଲ୍‌କୁ ନେଇ ଗୋଆର ଦୁଇ ଡିଫେଣ୍ଡରଙ୍କୁ ଚକ୍‌ମା ଦେଇ କ୍ରସ ଶଟ୍ ମାରିଥିବାବେଳେ ବିପିନ ସିଂ ହେଡ୍ ଜରିଆରେ ଏହାକୁ ଗୋଲରେ ପରିଣତ କରିବାକୁ ଉଦ୍ୟମ କରିଥିଲେ। ମାତ୍ର ବଲ୍‌ଟି ବକ୍ସ ଏରିଆ ମଧ୍ୟରେ ଲେନି ରୋଡ୍ରିଗ୍ସେଜଙ୍କ ହାତରେ ବାଜିଥିଲା। ହ୍ୟାଣ୍ଡବଲ ହେବାରୁ ରେଫରି ମୁମ୍ବାଇକୁ ପେନାଲ୍ଟି ସୁଯୋଗ ଦେଇଥିଲେ। ୯୦+୪ତମ ମିନିଟରେ ଆଡାମ ଲି ଫନ୍‌ଡ୍ରେ ଏହାକୁ ଗୋଲରେ ପରିଣତ କରି ମୁମ୍ବାଇକୁ ବିଜୟୀ କରାଇଥିଲେ। ଚଳିତ ଆଇଏସ୍‌ଏଲ୍‌ରେ ଫନ୍‌ଡ୍ରେଙ୍କର ଏହା ପ୍ରଥମ ଗୋଲ ଥିଲା।

# ଗ୍ରେଗ୍ ବାର୍କଲେ ଆଇସିସି ନୂଆ ଅଧ୍ୟକ୍ଷ

**ଦୁବାଇ,୨୫।୧୧(ପି.ଟି.):** ନ୍ୟୁଜିଲାଣ୍ଡ କ୍ରିକେଟ ମୁଖ୍ୟ ଗ୍ରେଗ୍ ବାର୍କଲେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)ର ନୂଆ ସ୍ୱତନ୍ତ୍ର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସିଙ୍ଗାପୁରର ଇମ୍ରାନ ଖ୍ୱାଜାଙ୍କୁ ଅତି ସହଜରେ ପରାସ୍ତ କରି ସେ ଏହି ହାଇପ୍ରୋଫାଇଲ ପଦକୁ ନିର୍ବାଚିତ ହୋଇଛନ୍ତି। ଭାରତ ଶଶାଙ୍କ ମନୋହରଙ୍କ ପରେ ସେ ଏହି ଗୁରୁଦାୟିତ୍ୱ ସମ୍ଭାଳିବେ। ମଙ୍ଗଳବାର ଆଇସିସିର ବାର୍ଷିକ ତ୍ରୈମାସିକ ବୈଠକରେ ମତଦାନ ଅନୁଷ୍ଠିତ ହୋଇଥିଲା। ଏହି ଇଲେକଟ୍ରୋନିକ ଭୋଟିଂ ପ୍ରକ୍ରିୟାରେ ୧୬ଜଣ ବୋର୍ଡ ଅଫ୍ ଡାଇରେକ୍ଟର ଯୋଗ ଦେଇଥିଲେ। ଏଥିରେ ଟେଷ୍ଟ ଖେଳୁଥିବା ଫୁଲ୍ ମେମ୍ବର ଦେଶର ୧୨ ଓ ଆସୋସିଏଟ୍ ଦେଶଗୁଡିକର ୩ଜଣ ବୋର୍ଡ ଅଫ୍ ଡାଇରେକ୍ଟର ଏବଂ ଜଣେ ସ୍ୱତନ୍ତ୍ର ମହିଳା ଡାଇରେକ୍ଟର (ଇନ୍ଦ୍ରା ନୁୟି) ସାମିଲ ରହିଥିଲେ। ମତଦାନରେ ନ୍ୟୁଜିଲାଣ୍ଡର ଏହି କ୍ରିକେଟ ପ୍ରଶାସକ ୧୧-୫ ବ୍ୟବଧାନରେ ବିଜୟୀ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡ ଭୋଟିଂରେ କ୍ରିକେଟ ସାଉଥ ଆଫ୍ରିକାର ସମର୍ଥନ ହାସଲ କରିଥିଲେ ଓ ଏହା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ପ୍ରଥମ ରାଉଣ୍ଡ ଭୋଟିଂରେ ଖ୍ୱାଜା ୬ ଖଣ୍ଡ ଭୋଟ୍ ହାସଲ କରିଥିବା ବେଳେ ବାର୍କଲେ ୧୦ ଖଣ୍ଡ ଭୋଟ ପାଇଥିଲେ। ତେବେ ବର୍ତ୍ତମାନର ନିୟମ ଅନୁସାରେ ଦୁଇ-ତୃତୀୟାଂଶ ଭୋଟ ହାସଲ କଲେ ଜଣେ ପ୍ରାର୍ଥୀ ବିଜୟୀ ଘୋଷିତ ହେବେ। ତେଣୁ ବାର୍କଲେଙ୍କୁ ଦ୍ୱିତୀୟ ରାଉଣ୍ଡରେ ଆଉ ଗୋଟିଏ ଭୋଟର ଆବଶ୍ୟକତା ଥିଲା। କାରଣ ଆଇସିସି ବୋର୍ଡର ୧୭ତମ ସଦସ୍ୟ ମୁଖ୍ୟ କାର୍ଯ୍ୟନିର୍ବାହୀ ମନୁ ଶହନେଙ୍କ ମତଦାନର ଅଧିକାର ନ ଥିଲା। ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ବାର୍କଲେଙ୍କୁ ସମର୍ଥନ କରିଥିଲେ ବୋଲି ଜଣାଯାଇଛି। ଅନ୍ୟପଟେ ଖ୍ୱାଜାଙ୍କୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସମର୍ଥନ କରିଥିଲା। ସିଙ୍ଗାପୁର କ୍ରିକେଟ ବୋର୍ଡର ପୂର୍ବତନ ମୁଖ୍ୟ ଖ୍ୱାଜା ଅଧିକରୁ ଅଧିକ ଆଇସିସି ଇଭେଣ୍ଟ ଆୟୋଜନ ଉପରେ ଗୁରୁତ୍ୱ ଦେଇଆସିଛନ୍ତି। ବାର୍କଲେ ଅକଲାଣ୍ଡରେ ଜଣେ କମର୍ସିଆଲ ଆଇନଜୀବୀ ଭାବେ କାର୍ଯ୍ୟକରନ୍ତି ଓ ୨୦୧୨ରୁ ସେ ନ୍ୟୁଜିଲାଣ୍ଡ କ୍ରିକେଟର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଆସୁଛନ୍ତି। ଏବେ ଆଇସିସି ବୋର୍ଡରେ ସେ ନ୍ୟୁଜିଲାଣ୍ଡ କ୍ରିକେଟର ପ୍ରତିନିଧିତ୍ୱ କରୁଛନ୍ତି। ଆଇସିସି ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବା ପରେ ସେ ଏହି ପଦରୁ ଇସ୍ତଫା ଦେବେ। ଏହାପୂର୍ବରୁ ବାର୍କଲେ ୨୦୧୫ ଆଇସିସି ପୁରୁଷ କ୍ରିକେଟ ବିଶ୍ୱକପର ନିର୍ଦ୍ଦେଶକ ଥିଲେ। ସେ ମଧ୍ୟ ନର୍ଦନ ଡିଷ୍ଟ୍ରିକ୍ଟସ କ୍ରିକେଟ ଆସୋସିଏଶନ ଚେୟାରମ୍ୟାନ ଭାବେ କାର୍ଯ୍ୟ କରିଛନ୍ତି। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆର ବିଭିନ୍ନ କମ୍ପାନୀରେ ସେ ଜଣେ ଅଭିଜ୍ଞ ନିର୍ଦ୍ଦେଶକ ଭାବେ ବୋର୍ଡର ବିଭିନ୍ନ ପଦରେ ରହି କାର୍ଯ୍ୟ କରୁଛନ୍ତି। ବିଶ୍ୱ କ୍ରିକେଟର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଆଇସିସିର ଅଧ୍ୟକ୍ଷ ପଦକୁ ନିର୍ବାଚିତ ହେବା ନିଶ୍ଚିତ ଭାବେ ଏକ ଗୌରବର ବିଷୟ ଓ ସମର୍ଥନ ଦେଇଥିବାରୁ ମୋର ସାଥୀ ଆଇସିସି ନିର୍ଦ୍ଦେଶକଙ୍କୁ ଧନ୍ୟବାଦ ଜଣାଉଛି ବୋଲି ବାର୍କଲେ କହିଛନ୍ତି।



ଗ୍ରେଗ୍ ବାର୍କଲେ

# ନର୍ଥଇଷ୍ଟକୁ ଭେଟିବ କେରଳ

**ବାମ୍ବୋଲିମ (ଗୋଆ),୨୫।୧୧(ପି.ଟି.)**

ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ରେ ଗୁରୁବାର ନର୍ଥଇଷ୍ଟ ୟୁନାଇଟେଡ ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଚଳିତ ଲିଗ୍‌ରେ ଏହା ହେବ ଉଭୟଙ୍କର ଦ୍ୱିତୀୟ ମ୍ୟାଚ। ନର୍ଥଇଷ୍ଟ ଏହାର ପ୍ରଥମ ମ୍ୟାଚରେ ୧-୦ ଗୋଲରେ ମୁମ୍ବାଇ ସିଟିକୁ ପରାସ୍ତ କରିଥିଲା। ମାତ୍ର କେରଳ ଉଦ୍‌ଘାଟନୀ ମ୍ୟାଚରେ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଏଟିକେ ମୋହନବାଗାନଠାରୁ ୦-୧ ଗୋଲରେ ହାରି ଯାଇଥିଲା। ତେଣୁ ପ୍ରତିଯୋଗିତାରେ ପ୍ରଥମ ବିଜୟ ଉପରେ କେରଳର ନଜର ରହିଥିବାବେଳେ ବିଜୟଧାରା ଜାରି ରଖିବା ଲକ୍ଷ୍ୟରେ ଖେଳିବ ନର୍ଥଇଷ୍ଟ।

କେରଳ କୋଚ୍ କିବୁ ଭିକୁନା ପ୍ରତିପକ୍ଷ ଦଳର ଚ୍ୟାଲେଞ୍ଜକୁ ମୁକାବିଲା କରିବାନେଇ ବେଶ୍ ଆଶାବାଦୀ। ତାଙ୍କ ଦଳ ପ୍ରଥମ ମ୍ୟାଚରେ ହାରି ଯାଇଥିଲେ ହେଁ ଆଗାମୀ ମ୍ୟାଚରେ ଦଳ ୩ ପଏଣ୍ଟ ପାଇବାନେଇ ସେ ଆଶା ରଖିଛନ୍ତି। ‘‘ନର୍ଥଇଷ୍ଟ ଏକ ଭଲ ଦଳ ଏବଂ ମୁମ୍ବାଇ ସିଟି ବିପକ୍ଷରେ ଆଶାନୁରୂପ ଖେଳିଥିଲା। ଆଗାମୀ ମ୍ୟାଚରେ ମଧ୍ୟ ଏହି ଦଳ ନିକଟରୁ କଡ଼ା ଚ୍ୟାଲେଞ୍ଜ ପାଇବା ଆଶା ରଖିଛୁ’’ ବୋଲି ଭିକୁନା କହିଛନ୍ତି। ନିଜର ପ୍ରଥମ ମ୍ୟାଚରେ ନର୍ଥଇଷ୍ଟର ଡିଫେଣ୍ଡରମାନେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଆଗାମୀ ମ୍ୟାଚରେ ମଧ୍ୟ ସେଭଳି ଜାରି ରହିବ ବୋଲି କୋଚ୍ ଗେରାର୍ଡ ନୁସ୍ ଆଶା ରଖିଛନ୍ତି। ‘‘କେରଳ ବ୍ଲାଷ୍ଟର୍ସ ଆଇଏସ୍‌ଏଲ୍‌ର ଅନ୍ୟତମ ଶ୍ରେଷ୍ଠ ଦଳ। ଏହି ଦଳ ବିପକ୍ଷରେ ଖେଳିବା ସହଜ ନୁହେଁ। ଦଳରେ ଭଲ ସନ୍ତୁଳନ ରହିଥିବାରୁ ସେମାନେ ଏକାଧିକ ବାଟରେ ସୁଯୋଗ ସୃଷ୍ଟି ପାଇଁ ଉଦ୍ୟମ କରିପାରନ୍ତି। ତେଣୁ ଏହା ଏକ କଷ୍ଟସାଧ୍ୟ ମ୍ୟାଚ ହେବ। ତେବେ ଏଟିକେ ମୋହନବାଗାନ ବିପକ୍ଷରେ ସେମାନେ ଗୋଟିଏ ହେଲେ ଶଟ୍ ଟାର୍ଗେଟରେ ପହଞ୍ଚାଇପାରି ନ ଥିଲେ। ତେଣୁ ଆମ ଦଳର ଡିଫେଣ୍ଡରମାନେ ମଧ୍ୟ ପ୍ରତିପକ୍ଷ ଦଳକୁ ରୋକିବାରେ ସକ୍ଷମ ହୋଇପାରିବେ’’ ବୋଲି ନୁସ୍ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଗତବର୍ଷ କେରଳ ଓ ନର୍ଥଇଷ୍ଟର ଡିଫେନ୍ସ ବିଭାଗ ସବୁଠାରୁ ଦୁର୍ବଳ ଥିଲା। ଉଭୟ ଦଳ କେବଳ ୩ ଲେଖାଏ କ୍ଲିନ୍‌ଶିଟ୍ ପାଇଥିଲେ। ଏହା ଉପରେ ଧ୍ୟାନରଖି ନର୍ଥଇଷ୍ଟ ଏଥର ଏହାର ବ୍ୟାକ୍‌ଲାଇନ୍‌କୁ ଶକ୍ତିଶାଳୀ କରିଛି। ମାତ୍ର ସମାନ ତ୍ରୁଟି କେରଳ ପାଇଁ ମହଙ୍ଗା ପଡ଼ିଛି। ଏଟିକେ ମୋହନବାଗାନ ବିପକ୍ଷରେ ଡିଫେନ୍ସବିଭାଗର ତ୍ରୁଟି ଯୋଗୁ ଦଳ ଗୋଲ ବରଣ କରିଥିଲା। ମାତ୍ର ଲିଗ୍ ଆଗେଇବାସହ ଡିଫେନ୍ସବିଭାଗ କ୍ରମେ ଦୃଢ଼ ହେବ ବୋଲି ଭିକୁନା ପ୍ରକାଶ କରିଛନ୍ତି। ‘‘ଡିଫେନ୍ସ ବିଭାଗକୁ ଦୃଢ଼ କରିବା ପାଇଁ ଆମେ କାର୍ଯ୍ୟ କରୁଛୁ। ଟୁର୍ନାମେଣ୍ଟ ଆଗେଇବା ସହ ଏଥିରେ ସୁଧାର ଆସିଯିବ।



ଅଭ୍ୟାସ ଅବସରରେ କେରଳ ବ୍ଲାଷ୍ଟର୍ସ ଦଳର ଖେଳାଳିମାନେ।

# ଡୋପିଂ: ୨ ଭାରୋତ୍ତୋଳକ ଅଲିମ୍ପିକ୍ସ ପଦକ ହରାଇଲେ

**ଲାଉସେନ,୨୫।୧୧(ଏପି):** ଡୋପିଂ କାରଣରୁ ରୋମାନିଆର ଦୁଇଜଣ ଭାରୋତ୍ତୋଳକ ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ପଦକ ହରାଇଛନ୍ତି। ଷ୍ଟେରଏଡ୍ ସେବନ କାରଣରୁ ଡୋପ୍ ଟେଷ୍ଟରେ ଏମାନେ ପଜିଟିଭ ବୋଲି ଜଣାପଡିବା ପରେ ବୁଧବାର ଏହି ଦୁଇ ଆଥଲେଟ୍‌ଙ୍କଠାରୁ ପଦକ କାଢି ନିଆଯାଇଛି। ଲଣ୍ଡନ ଅଲିମ୍ପିକ୍ସରେ ରୋକ୍ସାନା କୋକୋସ ରୌପ୍ୟ ଓ ରାଜଭାନ ମାର୍ଟିନ ବ୍ରୋଞ୍ଜ୍ ପଦକ ଜିତିଥିଲେ। ତେବେ ନମୁନାର ରିଆନାଲିସିସ୍ ପରେ ଏହି ଦୁଇ ଖେଳାଳି ଏକାଧିକ ଷ୍ଟେରଏଡ୍ ସେବନ କାରଣରୁ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସୂଚନା ଦେଇଛି। ରୋମାନିଆର ତୃତୀୟ ଭାରୋତ୍ତୋଳକ ଗାବ୍ରିଏଲ ସିନକ୍ରେଆନ ମଧ୍ୟ ସମ କାରଣ ପାଇଁ ପଜିଟିଭ ଜଣାପଡିଛି। ତୃତୀୟ ଥର ପାଇଁ ଡୋପ୍ ଟେଷ୍ଟରେ ବିଫଳ ହେବା ପରେ ତାଙ୍କୁ ଅନ୍ତର୍ଜାତୀୟ ଓ୍ୱେଟ୍ ଲିଫ୍‌ଟିଂ ଫେଡେରେଶନ ଆଜୀବନ ବାସନ୍ଦ କରିଛି। ଲଣ୍ଡନ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ରୋମାନିଆର ସବୁ ୪ ଜଣ ଭାରୋତ୍ତୋଳକ ଡୋପିଂ ପାଇଁ ଆଇଓସି ଦ୍ୱାରା ଅଯୋଗ୍ୟ ଘୋଷିତ ହୋଇଛନ୍ତି। ମାର୍ଟିନ ପୁରୁଷ ୬୯ କେ.ଜି. ବର୍ଗରେ ବ୍ରୋଞ୍ଜ୍ ଜିତିଥିଲେ। ସେହିପରି କୋକୋସ ମହିଳା ୬୯ କେ.ଜି. ବର୍ଗରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଥିଲେ। ମାର୍ଟିନ ଡିସ୍‌କ୍ୱାଲିଫାଏ ହେବା ପରେ ଉତ୍ତର କୋରିଆର କିମ୍ ମିଅଙ୍ଗ-ହିଓକ ଚତୁର୍ଥ ସ୍ଥାନରୁ ଅପ୍‌ଗ୍ରେଡ ହାସଲ କରି ବ୍ରୋଞ୍ଜ୍ ପଦକ ପାଇବେ। ସେହିପରି କୋକୋସ ଅଯୋଗ୍ୟ ଘୋଷିତ ହେବା ପରେ କାଜାଖସ୍ଥାନର ଆନ୍ନା ନୁରମୁଖାମ୍ବେଟୋଭା ଓ କଲମ୍ବିଆର ଉବାଲଡିନା ଭାଲୋୟେସ ଅପ୍‌ଗ୍ରେଡ୍ ହେବା ସହ ପଦକ ହାସଲ କରିବେ।

# ‘ବିଗ୍ ଥ୍ରୀ’ ଧାରଣାର କୌଣସି ଅସ୍ତିତ୍ୱ ନାହିଁ

**ଦୁବାଇ,୨୫।୧୧(ପି.ଟି.):** ବିଶ୍ୱ କ୍ରିକେଟରେ ‘ବିଗ୍ ଥ୍ରୀ’ ଧାରଣର କୌଣସି ଅସ୍ତିତ୍ୱ ନାହିଁ ବୋଲି ନବ ନିର୍ବାଚିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଅଧ୍ୟକ୍ଷ ଗ୍ରେଗ୍ ବାର୍କଲେ ସ୍ପଷ୍ଟ କରିଛନ୍ତି। ଆଗକୁ ଦ୍ୱିପାକ୍ଷିକ ସିରିଜ ଓ ଆଇସିସି ଇଭେଣ୍ଟଗୁଡିକୁ ଅଧିକ ଗୁରୁତ୍ୱ ଦିଆଯିବ। ଏହା ହେଲେ ବିଶ୍ୱରେ କ୍ରିକେଟର ଉନ୍ନତି ହୋଇପାରିବ ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଆଇସିସି ରାଜସ୍ୱରେ ସିଂହଭାଗ ହାସଲ କରିଥାନ୍ତି। ତେଣୁ ଏହି ୩ଟି ଦେଶକୁ ବିଗ୍ ଥ୍ରୀ ବୋଲି ଅଭିହିତ କରାଯାଇଥାଏ। ବିଶ୍ୱ କ୍ରିକେଟରେ ଏହି ୩ଟି ଦେଶର ପ୍ରଭାବ ଅଧିକ ରହିଛି। ତେବେ ସେ ଏଭଳି ଧାରଣାରେ ବିଶ୍ୱାସ କରନ୍ତି ନାହିଁ ବୋଲି କହିଛନ୍ତି। ବିଶ୍ୱ କ୍ରିକେଟରେ ସବୁ ମେମ୍ବର ସମାନ ଗୁରୁତ୍ୱ ବହନ କରିଥାନ୍ତି ଓ ସମସ୍ତଙ୍କୁ ସମାନ ଭାବେ ସମ୍ମାନ ଦିଆଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

ଦୁଇ ଦେଶ ମଧ୍ୟରେ ନିୟମିତ ଭାବେ ଦ୍ୱିପାକ୍ଷିକ କ୍ରିକେଟ ଖେଳାଯିବା ନିହାତି ଆବଶ୍ୟକ। ଏହା ଦ୍ୱାରା କ୍ରିକେଟରେ ଲୋକପ୍ରିୟତା ବୃଦ୍ଧି ହେବା ସହ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ ବଢ଼ିବ। କିନ୍ତୁ ଏହାର ଅର୍ଥ ନୁହେଁ ଯେ, ଆଇସିସି ଇଭେଣ୍ଟଗୁଡିକର କୌଣସି ଗୁରୁତ୍ୱ ନାହିଁ। ତେଣୁ ଦ୍ୱିପାକ୍ଷିକ ସିରିଜ ସହ ଓ୍ୱାର୍ଲ୍ଡ ଇଭେଣ୍ଟଗୁଡିକ ମଧ୍ୟରେ ସନ୍ତୁଳନ ରକ୍ଷା କରି ସମାନ୍ତରାଳ ଭାବେ ଆୟୋଜନ ହେବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ବାର୍କଲେଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଖୋଲାଖୋଲି ଭାବେ ସମର୍ଥନ

### ଦ୍ୱିପାକ୍ଷିକ ସିରିଜ, ଆଇସିସି ଇଭେଣ୍ଟକୁ ଗୁରୁତ୍ୱ ଦିଆଯିବ

କରିଛି। ଗତବର୍ଷ ଅନୁଷ୍ଠିତ ମହିଳା ଟି୨୦ ବିଶ୍ୱକପ୍ ଓ ଦିନିକିଆ ପୁରୁଷ ବିଶ୍ୱକପ୍ ଲୋକପ୍ରିୟତାର ଶୀର୍ଷକୁ ଛୁଇଁ ଥିଲା ବୋଲି ସେ କହିଛନ୍ତି। ଅତ୍ୟଧିକ କ୍ରିକେଟ ଖେଳାଯିବାକୁ ସେ ଅବଶ୍ୟ ବିରୋଧ କରିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଓ ବିଗ୍ ବାସ ଭଳି ଲିଗ୍ ଖେଳାଯାଉଥିବାରୁ ଅତ୍ୟଧିକ କ୍ରିକେଟ ଖେଳାଯିବା ଉଚିତ ନୁହଁ। ପ୍ରଶଂସକଙ୍କୁ ମଧ୍ୟ ସମପରିମାଣରେ ଗୁରୁତ୍ୱ ଦିଆଯିବା ଉଚିତ ବୋଲି ସେ କହିଛନ୍ତି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ